# ସଂଚାର
THE SANCHAR

Website: sanchar.live mail Id: sancharodisha@gmail.com
RNI NO :ODIODI/2001/04811 Postal Regd No : BN/249/15-17

Vol. 33 | ISSUE 308 ଭାଗ ୩୩ | ସଂଖ୍ୟା ୩୦୮
Saturday 31 January 2026 | Page 8 Rs. 5.00
ଭୁବନେଶ୍ୱର ଶନିବାର ୩୧ ଜାନୁଆରୀ ୨୦୨୬ | ୮ ପୃଷ୍ଠା, ମୂଲ୍ୟ ୫ ଟଙ୍କା





ଜେଲେନସ୍କିଙ୍କୁ ପୁଟିନ୍‌ଙ୍କ ନିମନ୍ତ୍ରଣ ପୃଷ୍ଠା ୫


### ଫେବୃଆରୀ ୧୭ରୁ ବଜେଟ ଅଧିବେଶନ
## ୨୦ରେ ୨୦୨୬-୨୭ ବଜେଟ୍



● ପାରିତ ହେବ ବିଧାୟକଙ୍କ ଦରମା ବୃଦ୍ଧି ସଂଶୋଧନ ବିଲ୍

● ଦୁଇଟି ପର୍ଯ୍ୟାୟରେ ୨୮ କାର୍ଯ୍ୟ ଦିବସ

**ଭୁବନେଶ୍ୱର,୩୦।୧(ସଂଚାର ବ୍ୟୁରୋ):** ଆସନ୍ତା ଫେବୃଆରୀ ୧୭ରୁ ଆରମ୍ଭ ହେବ ଓଡିଶା ବିଧାନସଭାର ବଜେଟ ଅଧିବେଶନ। ରାଜ୍ୟପାଳଙ୍କ ଅଭିଭାଷଣରୁ ଆରମ୍ଭ ହେବାକୁ ଥିବା ବଜେଟ ଅଧିବେଶନ ଦୁଇଟି ପର୍ଯ୍ୟାୟରେ ଚାଲିବ। ପ୍ରଥମ ପର୍ଯ୍ୟାୟ ଅଧିବେଶନ ୧୭ତାରିଖରୁ ଆରମ୍ଭ ହୋଇ ୨୫ ତାରିଖ ପର୍ଯ୍ୟନ୍ତ ଚାଲିବ। ଦ୍ୱିତୀୟ ପର୍ଯ୍ୟାୟ ଅଧିବେଶନ ମାର୍ଚ୍ଚ ୯ ତାରିଖରୁ ଆରମ୍ଭ ହେବ। ଫେବୃଆରୀ ୨୦ ତାରିଖରେ ୨୦୨୬-୨୭ ଆର୍ଥିକ ବର୍ଷ ପାଇଁ ଗୃହରେ ବଜେଟ ଉପସ୍ଥାପିତ ହେବ।

ଦୁଇଟି ପର୍ଯ୍ୟାୟରେ ମୋଟ ୨୮ଟି କାର୍ଯ୍ୟଦିବସ ରହିଛି। ପ୍ରଥମ ଦିନ ରାଜ୍ୟପାଳ ନିଜ ଅଭିଭାଷଣ ରଖିବେ। ଅଭିଭାଷଣ ପରେ ଧନ୍ୟବାଦ ପ୍ରସ୍ତାବ ଆଗତ ହେବ। ୧୭, ୧୮, ୧୯ ତିନି ଦିନ ଧରି ରାଜ୍ୟପାଳଙ୍କ ଅଭିଭାଷଣ ଉପରେ ଆଲୋଚନା ହେବ। ୨୦ ତାରିଖରେ ଅର୍ଥ ବିଭାଗ ଦାୟିତ୍ୱରେ ଥିବା ମୁଖ୍ୟମନ୍ତ୍ରୀ ମୋହନ ମାଝୀ ୨୦୨୬-୨୭ ଆର୍ଥିକ ବର୍ଷ ପାଇଁ ବଜେଟ ଆଗତ କରିବେ। ଫେବୃଆରୀ ୨୩ ଓ ୨୪ ଦୁଇ ଦିନ ଧରି ବଜେଟ ଉପରେ ସାଧାରଣ ଆଲୋଚନା ହୋଇ ଗୃହ ମୁଲତବି ହେବ। ମାର୍ଚ୍ଚ ୯ ତାରିଖରୁ ଦ୍ୱିତୀୟ ପର୍ଯ୍ୟାୟ ଅଧିବେଶନ ଆରମ୍ଭ ➪ପୃଷ୍ଠା-୬

### ଗୋପାଳପୁର ବେଳାଭୂମି ମହୋତ୍ସବରେ ମୁଖ୍ୟମନ୍ତ୍ରୀ
## ୩୨ କୋଟିରେ ବେଳାଭୂମି ସୌନ୍ଦର୍ଯ୍ୟକରଣ

**ଭୁବନେଶ୍ୱର,୩୦।୧(ସଂଚାର ବ୍ୟୁରୋ):** ଗୋପାଳପୁର ମହୋତ୍ସବ ଇତିହାସ, ପରମ୍ପରା, ସଂସ୍କୃତି ଓ ପ୍ରକୃତିର ଏକ ସୁନ୍ଦର ସମନ୍ୱୟ। ଏହି ମହୋତ୍ସବ ମାଧ୍ୟମରେ ଓଡ଼ିଶାର ଅନନ୍ୟତା, ଜିଲ୍ଲା ପାଇଁ ୪୯୨ କୋଟିରୁ ଉର୍ଦ୍ଧ୍ୱ ଟଙ୍କାର ବିଭିନ୍ନ ଉନ୍ନୟନମୂଳକ ପ୍ରକଳ୍ପ ଭେଟି ଦେଇଛନ୍ତି। ଏଥିରେ ୫୦ କୋଟିରୁ ଉର୍ଦ୍ଧ୍ୱ ଟଙ୍କାର ୧୫ଟି ପ୍ରକଳ୍ପର ଉଦ୍‌ଘାଟିତ ହୋଇଥିବା ବେଳେ ୪୪୨ କୋଟି

● ଜିଲ୍ଲାକୁ ୪୯୨ କୋଟିର ପ୍ରକଳ୍ପ ଭେଟି

● ଉପେନ୍ଦ୍ର ଭଞ୍ଜ ଚେୟାର ପୁନଃସ୍ଥାପନ ଘୋଷଣା

● କବି ସମ୍ରାଟଙ୍କ ଜୟନ୍ତୀ ଏବେ ରାଜ୍ୟ ଉତ୍ସବ




ଗଞ୍ଜାମର ଗରିମା ଓ ଆମ ସଂସ୍କୃତିର ଜୀବନ୍ତ ଐତିହ୍ୟକୁ ଉତ୍ସବରେ ପରିଣତ କରୁଛୁ ବୋଲି ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଆଜି ଗୋପାଳପୁର ବେଳାଭୂମି ମହୋତ୍ସବ ୨୦୨୬ର ଉଦ୍‌ଯାପନୀ ଉତ୍ସବରେ ଯୋଗଦେଇ କହିଛନ୍ତି। ଏହି ଅବସରରେ ମୁଖ୍ୟମନ୍ତ୍ରୀ ଟଙ୍କାର ୬୪ ଟି ପ୍ରକଳ୍ପର ଭିତ୍ତିପ୍ରସ୍ତର ସ୍ଥାପନ କରାଯାଇଛି। ଏସବୁ ପ୍ରକଳ୍ପ ମଧ୍ୟରେ ସ୍ୱାସ୍ଥ୍ୟ ଭିତ୍ତିଭୂମି, ହଷ୍ଟେଲ ସୁବିଧା, ସଡ଼କ ନିର୍ମାଣ ଭଳି ଅନେକ ଗୁରୁତ୍ୱପୂର୍ଣ୍ଣ ପ୍ରକଳ୍ପ ରହିଛି। ସେହିପରି ମୁଖ୍ୟମନ୍ତ୍ରୀ ଗୋପାଳପୁର ବେଳାଭୂମିର ଉନ୍ନତିକରଣ ଓ ସୌନ୍ଦର୍ଯ୍ୟକରଣ ପାଇଁ ୩୨ କୋଟି ଖର୍ଚ୍ଚ ହେବ ବୋଲି କହିଛନ୍ତି।

ଏଥିସହ ଓଡ଼ିଆ ସାହିତ୍ୟ ଓ ସଂସ୍କୃତି ପ୍ରତି କବିସମ୍ରାଟଙ୍କ ବହୁମୂଲ୍ୟ ଅବଦାନ ପ୍ରତି ସମ୍ମାନ ଜଣାଇ ମୁଖ୍ୟମନ୍ତ୍ରୀ ବ୍ରହ୍ମପୁର ବିଶ୍ୱବିଦ୍ୟାଳୟରେ ସମ୍ମାନଜନକ 'ଉପେନ୍ଦ୍ର ଭଞ୍ଜ ଚେୟାର'ର ପୁନଃସ୍ଥାପନ କରିବା ପାଇଁ ବିଭାଗକୁ ନିର୍ଦ୍ଦେଶ ଦେଇଛନ୍ତି। ବହୁ ପୂର୍ବରୁ ଏହି ଚେୟାର ପ୍ରତିଷ୍ଠିତ ହୋଇଥିଲେ ମଧ ଦୀର୍ଘ ବର୍ଷ ଧରି ଅଚଳ ଥିଲା। ଏଣିକି କବି ସମ୍ରାଟ ଉପେନ୍ଦ୍ର ଭଞ୍ଜଙ୍କ ଜୟନ୍ତୀକୁ ଚଳିତ ବର୍ଷଠାରୁ ରାଜ୍ୟ ଉତ୍ସବ ଭାବେ ପାଳନ କରାଯିବ ବୋଲି ମଧ ଶ୍ରୀ ମାଝୀ ଘୋଷଣା କରିଛନ୍ତି। ଆସନ୍ତା ମେ' ୧୬ ତାରିଖରୁ କବି ସମ୍ରାଟଙ୍କ ଜୟନ୍ତୀ ୭ ଦିନ ବ୍ୟାପୀ ଉତ୍ସବ ଆକାରରେ ପାଳନ କରାଯିବ।

ଉଦ୍‌ଯାପନୀ ସନ୍ଧ୍ୟାରେ ମୁଖ୍ୟମନ୍ତ୍ରୀ ପ୍ରଥମେ ସମୁଦ୍ର ଆଳତୀ କରିଥିଲେ। ପରେ କାର୍ଯ୍ୟକ୍ରମରେ ଯୋଗଦେଇ ପର୍ଯ୍ୟଟକ ଓ ଗଞ୍ଜାମ ଜିଲ୍ଲାବାସୀଙ୍କୁ ଉଦ୍‌ବୋଧନ ଦେଇ ➪ପୃଷ୍ଠା-୬

### ବାତିଲ ହେବ ଲିଜ୍
## ଖିଲାପୀ ଲିଜଧାରୀଙ୍କୁ ହାଇକୋର୍ଟ ଛାଟ

**କଟକ,୩୦।୧(ସଂଚାର ବ୍ୟୁରୋ):** ବର୍ଷକୁ ଯେତିକି ପରିମାଣର ଖଣି ଉତ୍ତୋଳନ ପାଇଁ ଲିଜ୍ ନେଇଥିଲେ, ସେତିକି ଉତ୍ତୋଳନ କଲେ ନାହିଁ। ଫଳରେ ରାଜ୍ୟ ସରକାର ଏହି ଲିଜ୍‌ଧାରୀଙ୍କ ଉପରେ ଜରିମାନା କଷିଲେ। କିନ୍ତୁ ସେମାନେ ନା ଜରିମାନା ଦେଲେ ନା ଲିଜ୍ ସର୍ତ୍ତ ପୂରଣ କଲେ। ସରକାରଙ୍କୁ ଏଥିପାଇଁ ହଜାର ହଜାର କୋଟି ଟଙ୍କାର କ୍ଷତି ସହିବାକୁ ପଡ଼ିଲା। କିନ୍ତୁ ଏଣିକି ଆଉ ଏହି ଖିଲାପୀ ଖଣି ଲିଜ୍‌ଧାରୀମାନେ ଖସିପାରିବେ ନାହିଁ। କାରଣ ଆଜି ଏହି ଲିଜ୍‌ଧାରୀଙ୍କ ଉପରେ ହାଇକୋର୍ଟଙ୍କ ଛାଟ ବସିଛି। ଚୁକ୍ତି ଖିଲାପକାରୀଙ୍କ ବିରୋଧରେ କଠୋର କାର୍ଯ୍ୟାନୁଷ୍ଠାନ ପାଇଁ ହାଇକୋର୍ଟ ନିର୍ଦ୍ଦେଶ ଦେଇଛନ୍ତି। ମିନେରାଲ୍ କନେକ୍ସନ୍ ରୁଲ୍-୨୦୧୬(୧୨)(ଆଇ)(ଇଇ) ଆଧାରରେ ସମ୍ପୃକ୍ତ ଲିଜ୍‌ଧାରୀଙ୍କ ଲିଜ୍ ବାତିଲ ସହ ସେହି ଖଣି ନିଜ ଅକ୍ତିଆରକୁ ସରକାର ଆଣିପାରିବେ ବୋଲି ହାଇକୋର୍ଟ କହିଛନ୍ତି। ଚୁକ୍ତି ଅନୁସାରେ, ଲିଜ୍‌ଧାରୀ ବାର୍ଷିକ

**କଠୋର କାର୍ଯ୍ୟାନୁଷ୍ଠାନ ପାଇଁ ନିର୍ଦ୍ଦେଶ**




କେତେ ପରିମାଣର ଖଣି ଉତ୍ତୋଳନ କରିବେ ଓ କେତେ ପରିମାଣର ଖଣି ବଜାରକୁ ଛାଡ଼ିବେ, ତାହା ଧାର୍ଯ୍ୟ କରାଯାଇଥାଏ। ଯଦି ଏହି ଚୁକ୍ତିର କେହି ଉଲ୍ଲଂଘନ କରେ, ତା'ହେଲେ ସେମାନଙ୍କୁ ଜରିମାନାର ଡିମାଣ୍ଡ ନୋଟିସ୍ କରାଯାଇଥାଏ। ଯଦି ସେମାନେ ନୋଟିସ୍‌ର କୌଣସି ଜବାବ ନ ରଖନ୍ତି, ତା'ହେଲେ ଉକ୍ତ ଖଣିର ଲିଜ୍‌କୁ ବାତିଲ୍ କରିବା ସହ ଆଇନଗତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଇପାରିବ ବୋଲି ହାଇକୋର୍ଟ ତାଙ୍କ ଆଦେଶରେ ସ୍ପଷ୍ଟ କରିଛନ୍ତି।

ଏପରିକି ରାଜ୍ୟ ସରକାର ଚାହିଁଲେ ନିଜେ ମଧ ଏହିସବୁ ଖଣିକୁ ନିଜ ଅକ୍ତିଆରକୁ ଆଣିପାରିବେ। ନଚେତ୍ କେନ୍ଦ୍ର ସରକାରଙ୍କ ଅଧୀନ ନ୍ୟାସନାଲ୍ ମିନେରାଲ୍ ଡେଭଲପ୍‌ମେଣ୍ଟ କର୍ପୋରେସନ୍ ଜରିଆରେ ଏହିସବୁ ଖଣି ଚଲାଇପାରିବେ ବୋଲି ହାଇକୋର୍ଟ କହିଛନ୍ତି। ସିଟିଜେନ୍ ଆକ୍ସନ୍ ଫୋରମ୍ ପକ୍ଷରୁ ଆଗତ ମାମଲାରେ ଆଜି ରାୟ ପ୍ରକାଶ କରି ହାଇକୋର୍ଟର ମୁଖ୍ୟ ବିଚାରପତି ଜଷ୍ଟିସ୍ ହରିଶ୍ ଟଣ୍ଡନ ଓ ଜଷ୍ଟିସ୍ ➪ପୃଷ୍ଠା-୬

### ଡରାଇଲା ଅକ୍ସଫୋର୍ଡ ଅଧ୍ୟୟନ
## ୨୦୫୦ ସୁଦ୍ଧା ଖରାରେ ସିଝିବେ ୫୦% ଲୋକ

**ସର୍ବାଧିକ ପ୍ରଭାବିତ ଦେଶ ମଧ୍ୟରେ ଭାରତ ଅନ୍ୟତମ**

**ନୂଆଦିଲ୍ଲୀ,୩୦।୧:** ଦିନକୁ ଦିନ ଗ୍ରୀଷ୍ମ ପ୍ରବାହର ଭୟାବହତା ବଢୁଥିବା ବେଳେ ଆଗାମୀ ୨୦୫୦ ବେଳକୁ ସମଗ୍ର ବିଶ୍ୱ ଜନସଂଖ୍ୟାର ପାଖାପାଖି ୫୦ ପ୍ରତିଶତ ଲୋକ ଖରାରେ ସିଝିବେ ବୋଲି ଏକ ରିପୋର୍ଟ ସାମ୍ନାକୁ ଆସିଛି। ଜଳବାୟୁ ପରିବର୍ତ୍ତନ କାରଣରୁ ଭାରତ ସମେତ ବିଶ୍ୱର ପ୍ରମୁଖ ଦେଶଗୁଡ଼ିକ ଗୁରୁତର ଭାବେ ପ୍ରଭାବିତ ହେବେ। ତାପମାତ୍ରା ବୃଦ୍ଧି ଯୋଗୁଁ ଆଗାମୀ ଦଶନ୍ଧିମାନଙ୍କରେ ବିଶ୍ୱର କୋଟି କୋଟି ଲୋକ ପ୍ରଚଣ୍ଡ ଗ୍ରୀଷ୍ମ ପ୍ରବାହର ସମ୍ମୁଖୀନ ହେବେ ବୋଲି ଅକ୍ସଫୋର୍ଡ ବିଶ୍ୱବିଦ୍ୟାଳୟ ପକ୍ଷରୁ ହୋଇଥିବା ଏକ ନୂତନ ଅଧ୍ୟୟନରେ ସ୍ପଷ୍ଟ ହୋଇଛି। ଏହି ଅଧ୍ୟୟନ ଅନୁସାରେ, ଏବେଠାରୁ ➪ପୃଷ୍ଠା-୬

## ତିନି ବାଂଲାଦେଶୀଙ୍କୁ ଦେଶାନ୍ତର
### ୫୬ ବର୍ଷ ପରେ ଦେଶକୁ ଫେରିଗଲେ





**କେନ୍ଦ୍ରାପଡ଼ା,୩୦।୧(ସଂଚାର ବ୍ୟୁରୋ):** କେନ୍ଦ୍ରାପଡ଼ା ସଦର ଥାନା ଅନ୍ତର୍ଗତ ଗରାପୁର ଗ୍ରାମରେ ରହୁଥିବା ୩ ଜଣ ବାଂଲାଦେଶୀଙ୍କୁ ଆଜି ଦେଶାନ୍ତର କରାଯାଇଛି। ସେମାନେ ହେଲେ ଅମୀନା ବିବି (୭୦), ତାଙ୍କ ଭାଇ ମୁନତାଜ ଖାନ୍ (୬୪) ଓ ଇନ୍‌ସାନ୍ ଖାନ୍। ଏମାନେ ପାଖାପାଖି ୫୬ ବର୍ଷ ତଳେ ବାଂଲାଦେଶରୁ ଆସି ଏଠାରେ ବସବାସ କରିଆସୁଥିଲେ। ନିକଟରେ ପ୍ରଶାସନ ପକ୍ଷରୁ ଅନୁପ୍ରବେଶକାରୀ ଯାଞ୍ଚ୍ ଅଭିଯାନ ଚାଲିଥିବା ବେଳେ ଗୋଟିଏ ପରିବାରର ଏହି ୩ ଜଣଙ୍କୁ ଚିହ୍ନଟ କରାଯାଇଥିଲା। ଏଠଶରେ ରହିବା ଭିତରେ ଏହି ତିନି ଜଣ ଭୋଟର କାର୍ଡ ଓ ଆଧାର କାର୍ଡ ହାତେଇଥିଲେ। କିନ୍ତୁ ସେମାନଙ୍କର ଏଠାରେ କୌଣସି ଜମି ପଟ୍ଟା ନଥିଲା। ଏଥିସହ ସେମାନଙ୍କ ପୂର୍ବଜଙ୍କ ଜମିବାଡି ରେକର୍ଡ ଯାଞ୍ଚ କରିବା ପରେ ତାହା ପୂର୍ବ ମେଦିନାପୁରରେ ଥିବା ଜଣାପଡ଼ିଥିଲା। ତେଣୁ ➪ପୃଷ୍ଠା-୬

### କୋଲକାତା ଯାଇଛନ୍ତି ୨୭ ବିଜେପି ବିଧାୟକ
## ବଙ୍ଗରେ ଧରିବେ ପ୍ରଚାର ମଙ୍ଗ !
### ଓଡ଼ିଆ ଭୋଟର୍‌ଙ୍କୁ ଜଗିବେ ଓଡ଼ିଆ ଜନପ୍ରତିନିଧି

**ଭୁବନେଶ୍ୱର,୩୦।୧(ସଂଚାର ବ୍ୟୁରୋ):** ପଶ୍ଚିମବଙ୍ଗ ନିର୍ବାଚନରେ ପ୍ରଚାର କରିବେ ରାଜ୍ୟ ବିଜେପିର ୨୦ରୁ ଅଧିକ ବିଧାୟକ। ସେମାନଙ୍କୁ ପଶ୍ଚିମବଙ୍ଗର ଗୋଟିଏ ଗୋଟିଏ ନିର୍ବାଚନମଣ୍ଡଳୀରେ ପ୍ରଭାରୀ ଦାୟିତ୍ୱ ଦିଆଯିବ। ଏସଆଇଆର ତାଲିମ ନେବା ଆଳରେ ଗତକାଲି ରାତିରେ ରାଜ୍ୟ ବିଜେପିର ୨୭ ଜଣ ବିଧାୟକ ପଶ୍ଚିମବଙ୍ଗ ଯାଇଥିବା ଚର୍ଚ୍ଚା ହେଉଛି।




ରାଜ୍ୟ ବିଜେପିର ୨୭ ଜଣ ବିଧାୟକ ସ୍ୱାଧୀନ ବିଧାୟକ ଲିକୁ ସାହୁଙ୍କ ନେତୃତ୍ୱରେ ପଶ୍ଚିମବଙ୍ଗ ଯାଇଛନ୍ତି। ବିଧାୟକଙ୍କ ଗସ୍ତ ନେଇ ଦଳୀୟ ସୂତ୍ରରୁ ଜଣାପଡ଼ିଛି ଯେ ସେମାନେ ସେଠାରେ ଏସଆଇଆର ସମ୍ପର୍କରେ ତାଲିମ ନେବେ। କିନ୍ତୁ ସୂତ୍ର ଅନୁସାରେ, ଏହି ବିଧାୟକମାନଙ୍କୁ ଦଳ ପକ୍ଷରୁ ପଶ୍ଚିମବଙ୍ଗ ନିର୍ବାଚନ ଦାୟିତ୍ୱ ଦିଆଯିବ। ଆଗକୁ ପଶ୍ଚିମବଙ୍ଗ ନିର୍ବାଚନ ଥିବାରୁ ଏହି ବିଧାୟକମାନେ ସେଠାରେ ଓଡ଼ିଆ ଭୋଟରଙ୍କୁ ବିଜେପି ସହ ଯୋଡ଼ିବା ସକାଶେ ଉଦ୍ୟମ କରିବେ। ପଶ୍ଚିମବଙ୍ଗର ପୂର୍ବ ଓ ପଶ୍ଚିମ ମେଦିନାପୁରରେ ବହୁ ସଂଖ୍ୟାରେ ଓଡ଼ିଆ ଭୋଟର ରହୁଛନ୍ତି। ସେହିଭଳି ବାଲେଶ୍ୱର ଓ ➪ପୃଷ୍ଠା-୬

## ବରିଷ୍ଠ ନାଗରିକ କରିବେ ଜଗା ଦର୍ଶନ

**ଆରମ୍ଭ ହେବ ଶ୍ରୀ ଜଗନ୍ନାଥ ଦର୍ଶନ ଯୋଜନା**

**ଜଗନ୍ନାଥ ଏକ୍ସପ୍ରେସରେ ପଡୁଥିଲା ଭଡ଼ା, ଏବେ ସଂପୂର୍ଣ୍ଣ ମାଗଣା**

**ଭୁବନେଶ୍ୱର,୨୦।୧(ସଂଚାର ବ୍ୟୁରୋ):** ବରିଷ୍ଠ ନାଗରିକଙ୍କୁ ପୁରୀ ବୁଲାଇବେ ରାଜ୍ୟ ସରକାର। ୬୦ ରୁ ୭୫ ବର୍ଷ ବୟସ୍କ ଓ ବିଧବା ମହିଳାଙ୍କୁ ଜଗନ୍ନାଥ ଦର୍ଶନ କରାଇବେ ସରକାର। ଏଥିପାଇଁ ଖୁବଶୀଘ୍ର ଆରମ୍ଭ ହେବ ଶ୍ରୀ ଜଗନ୍ନାଥ ଦର୍ଶନ ଯୋଜନା (ଏସ୍‌ଜେଡିୱାଇ)। ଏନେଇ ସମସ୍ତ ଜିଲ୍ଲାପାଳଙ୍କୁ ପର୍ଯ୍ୟଟନ ବିଭାଗ ପକ୍ଷରୁ ଚିଠି ଲେଖାଯାଇଛି। ୩୫ ହଜାର ଲୋକଙ୍କୁ ଏହି ଯୋଜନାରେ ସାମିଲ କରାଯିବ। ପଞ୍ଚାୟତ ସ୍ତରରେ ହିତାଧିକାରୀ ଚୂଡ଼ାନ୍ତ କରିବା ପାଇଁ ଜିଲ୍ଲାପାଳମାନଙ୍କୁ ନିର୍ଦ୍ଦେଶ ଦିଆଯାଇଛି।



ଆଲୋଚ୍ୟ ଯୋଜନା ଅଧୀନରେ ସମ୍ମତି ଫର୍ମ ସଂଗ୍ରହକୁ ବ୍ୟକ୍ତିଗତ ଭାବେ ତଦାରଖ ଏବଂ ତ୍ୱରାନ୍ୱିତ କରିବାକୁ ପର୍ଯ୍ୟଟନ ବିଭାଗ ପକ୍ଷରୁ ସମସ୍ତ ଜିଲ୍ଲାପାଳଙ୍କୁ ନିର୍ଦ୍ଦେଶ ଦିଆଯାଇଛି। ଆରମ୍ଭ ହେବାକୁ ଯାଉଥିବା ଏହି ଯୋଜନାରେ ଯୋଗ୍ୟ ହିତାଧିକାରୀ ୬୦-୭୫ ବର୍ଷ ବୟସର ବରିଷ୍ଠ ନାଗରିକ ଓ ୭୫ ବର୍ଷ ପର୍ଯ୍ୟନ୍ତ ବିଧବାମାନଙ୍କୁ ପେନସନ ଯୋଜନାରେ ସ୍ୱୟଂଚାଳିତ ଭାବେ ଚିହ୍ନଟ କରାଯାଇଛି। ତେବେ ଅଂଶଗ୍ରହଣ କରିବା ପାଇଁ ସମ୍ମତି ପତ୍ରକୁ ବାଧ୍ୟତାମୂଳକ କରାଯାଇଛି।

ପୂର୍ବରୁ ବିଜେଡି ସରକାର ଅମଳରେ ମଧ ଶ୍ରୀଜଗନ୍ନାଥ ଦର୍ଶନ ପାଇଁ ଆରମ୍ଭ ହୋଇଥିଲା ଜଗନ୍ନାଥ ଏକ୍ସପ୍ରେସ ଯୋଜନା। ପ୍ରତି ଜିଲ୍ଲାରୁ ପୁରୀକୁ ଜଗନ୍ନାଥ ଏକ୍ସପ୍ରେସ ବସ ସେବା ଆରମ୍ଭ ହୋଇଥିଲା। ଏଥିରେ ମହିଳାମାନଙ୍କୁ ଭଡ଼ାରେ ୫୦ ପ୍ରତିଶତ ରିହାତି ଦିଆଯାଉଥିଲା। କିନ୍ତୁ ବର୍ତ୍ତମାନ ବିଜେପି ସରକାର ସମ୍ପୂର୍ଣ୍ଣ ମାଗଣା ସେବା ଆରମ୍ଭ କରିଛନ୍ତି। ଗତ ୧୫ ତାରିଖରେ ପେନସନ ବଣ୍ଟନ ➪ପୃଷ୍ଠା-୬



**କାନ ଡେରିଥା**

ବବିବାବୁ ପୂରା ରାଜ୍ୟକୁ ସମ୍ଭାଳି
ଦମ୍ ଦେଖାଉଥିଲେ
ହାରିଗଲା ପରେ ନିଜ ଅଞ୍ଚଳକୁ
ମାଟିରେ ମିଶାଇ ଦେଲେ
ତାଙ୍କୁ ଏବେ ଘେରିଗଲେ...
ସମ୍ମାନ ବଦଳେ ଗୋଡ଼ମୁହଁ ବାନ୍ଧି
ଦଳରୁ କୋଣ ଠେସା କଲେ ।

■ ଦେବାଶିଷ

### କୋଇଲା ଚୋରା ଚାଲାଣ ଅଭିଯୋଗ
## ଏମ୍‌ସିଏଲ୍‌ରେ ସିବିଆଇ ଟିମ୍‌ର ଚଢ଼ାଉ

**ସୁନ୍ଦରଗଡ଼,୩୦।୧(ସଂଚାର ବ୍ୟୁରୋ):** ସୁନ୍ଦରଗଡ଼ସ୍ଥିତ ଦେଶର ଅନ୍ୟତମ ପ୍ରମୁଖ କୋଇଲା ଉତ୍ପାଦନକାରୀ କମ୍ପାନୀ ମହାନଦୀ କୋଲ୍ ଫିଲ୍ଡ (ଏମସିଏଲ) କାର୍ଯ୍ୟାଳୟ ସହ କେତେକ ଖଣି ଅଞ୍ଚଳରେ ଆଜି ସିବିଆଇ ପକ୍ଷରୁ ଚଢ଼ାଉ କରାଯାଇଛି। ଦିଲ୍ଲୀ ସିବିଆଇର ଏକ ୩ଜଣିଆ ଟିମ୍ ଏହି ଚଢ଼ାଉ କରିଛି। ସୁନ୍ଦରଗଡ଼ ଏମସିଏଲ ଅଧୀନସ୍ଥ ଖଣି ଅଞ୍ଚଳରୁ ବେଆଇନ ଭାବେ ୭୫ ହଜାର ଟନ୍ କୋଇଲା ରେଲୱେ ସାଇଡିଂକୁ



ପରିବହନ କରାଯାଇଥିବା ନେଇ ଅଭିଯୋଗ ରହିଛି। କିପରି ଭାବେ ଏହି କୋଇଲା ରେଲୱେ ସାଇଡିଂରେ ପହଞ୍ଚିଲା ଓ ସେଠାରେ କେଉଁମାନେ ଏହି କୋଇଲା ଗ୍ରହଣ କରିଛନ୍ତି, ତା' ଜାଣିବା ସକାଶେ ସିବିଆଇ ଟିମ୍ ଖୋଳତାଡ଼ କରୁଛି। ମାମଲାର ତଦନ୍ତ ସମୟରେ ସିବିଆଇ ଅଧିକାରୀମାନେ କନିକା ରେଲୱେ ସାଇଡିଂର ଭାରପ୍ରାପ୍ତ ଅଧିକାରୀ ଶାରଦା ପ୍ରସାଦ ନାୟକଙ୍କୁ ସାଥୀରେ ନେଇ ସାଇଡିଂରେ ଖୋଳତାଡ଼ କରିଛନ୍ତି। ଏହାଛଡ଼ା ସିବିଆଇ ଗର୍ଜନବାହାଲ ମାଇନ୍ସର କେତେକ କର୍ମଚାରୀଙ୍କୁ ଅଟକ ରଖିବା ସହ ପଚରାଉଚରା କରୁଛି। ଏହି ବେଆଇନ ଚାଲାଣ ମାମଲା ସାମ୍ନାକୁ ଆସିବା ପରେ ଏହାର ଯାଞ୍ଚ୍ ଭିଜିଲାନ୍ସ ଦ୍ୱାରା କରାଯିବା ସକାଶେ ରାଜ୍ୟ ସରକାର ➪ପୃଷ୍ଠା-୬

## ନବୀନଙ୍କୁ ଘାଇଲା କରୁଛି ଭକ୍ତଙ୍କ ରଣନୀତି

**ଭୁବନେଶ୍ୱର,୩୦।୧(ସଂଚାର ବ୍ୟୁରୋ):** ରାଜ୍ୟସଭା ରାଜନୀତି ସରଗରମ ହେଉଥିବାବେଳେ ପ୍ରଦେଶ କଂଗ୍ରେସ ସଭାପତି ଭକ୍ତ ଚରଣ ଦାସଙ୍କ ଗୋଟି ଚାଳନା ଏବେ ବିଜେଡି ମୁଖ୍ୟ ନବୀନ ପଟ୍ଟନାୟକଙ୍କୁ ଅଡୁଆରେ ପକାଇଛି। କଂଗ୍ରେସ ପ୍ରାର୍ଥୀଙ୍କ ଲାଗି ବିଜେଡି ସମର୍ଥନ ପାଇଁ ଭକ୍ତ ନବୀନଙ୍କୁ ଭେଟିବାକୁ ସମୟ ମାଗିଥିବା ବେଳେ ବର୍ତ୍ତମାନ ସୁଦ୍ଧା ନବୀନ କୌଣସି ସୂଚନା ଦେଇନାହାନ୍ତି। ତେବେ ଭକ୍ତଙ୍କୁ ଭେଟିବା ଓ ନ ଭେଟିବା ଉଭୟ ନବୀନଙ୍କ ପାଇଁ ଅଡୁଆ ପରିସ୍ଥିତି ସୃଷ୍ଟି କରିବାର ସମ୍ଭାବନା ରହିଛି।

ଆସନ୍ତା ଏପ୍ରିଲରେ ୪ଟି ରାଜ୍ୟସଭା ଆସନ ପାଇଁ ନିର୍ବାଚନ ହେବାକୁ ଯାଉଥିବା ବେଳେ ବିଧାନସଭାର ସଂଖ୍ୟା ଗଣିତ ଦୃଷ୍ଟିରୁ ବିଜେପି ୨ଟି ଓ ବିଜେଡି ଗୋଟିଏ ଆସନରେ ସହଜରେ



**ପୁଣି ଅନାସ୍ଥା ଷ୍ଟାଇଲ୍‌ରେ ରାଜ୍ୟସଭା ଗୁଗ୍‌ଲି**

**ସଭାପତିଙ୍କ ନିଷ୍ପତ୍ତି ଉପରେ ସମସ୍ତଙ୍କ ନଜର**



ବିଜୟୀ ହେବେ। କିନ୍ତୁ ଚତୁର୍ଥ ଆସନକୁ ନେଇ ଅଡୁଆ ବଢ଼ିବାରେ ଲାଗିଛି। ଚତୁର୍ଥ ଆସନ ପାଇଁ ବିଜେପି କିମ୍ବା ବିଜେଡି କିଏ ପ୍ରାର୍ଥୀ ଦେବ, ତାହାକୁ ନେଇ ଚର୍ଚ୍ଚା ଚାଲିଥିବା ବେଳେ ଏଥିରେ ପଶିଛନ୍ତି ଭକ୍ତ। ବିଧାନସଭାରେ ମାତ୍ର ୧୪ ଜଣ ବିଧାୟକ ଥିବା ସତ୍ତ୍ୱେ କଂଗ୍ରେସ ଚତୁର୍ଥ ପ୍ରାର୍ଥୀ ଦେବ ବୋଲି ଭକ୍ତ ଘୋଷଣା କରିବା ସହ ଦଳୀୟ ପ୍ରାର୍ଥୀଙ୍କୁ ଜିତାଇବା ପାଇଁ ନବୀନଙ୍କ ସହାୟତା ଲୋଡ଼ିଛନ୍ତି।

ତେବେ ବିଜେଡି କେତେଦୂର ଭକ୍ତଙ୍କୁ ସହାୟତା ଦେବ, ତାହା ସମୟ ହିଁ କହିବ। କାରଣ ଯଦି ବିଜେଡି ଓ କଂଗ୍ରେସ ହାତ ମିଳାନ୍ତି, ତା'ହେଲେ ଦୁଇ ଦଳର ସମର୍ଥନରେ ଚତୁର୍ଥ ପ୍ରାର୍ଥୀ ବିଜୟୀ ହେବେ। ସେହିଭଳି ବିଜେଡି ସହାୟତା କଲେ ବିଜେପି ତା'ର ତୃତୀୟ ପ୍ରାର୍ଥୀଙ୍କୁ ଜିତାଇବା ପାଇଁ ଆଶା କରି ବସିଥିବା ବେଳେ ବିଜେପି କିମ୍ବା କଂଗ୍ରେସ ସହାୟତାରେ ବିଜେଡି ତା'ର ଦ୍ୱିତୀୟ ପ୍ରାର୍ଥୀଙ୍କୁ ବିଜୟୀ କରାଇବ ବୋଲି ଦଳୀୟ ନେତାମାନେ ଅଙ୍କ କଷୁଛନ୍ତି।

ଏଭଳି ସ୍ଥିତିରେ ଭକ୍ତଙ୍କ ଗୁଗ୍‌ଲି ଏବେ ନବୀନଙ୍କୁ ଅଡୁଆରେ ପକାଇଛି। କଂଗ୍ରେସକୁ ସମର୍ଥନ କଲେ ନବୀନ ➪ପୃଷ୍ଠା-୬


SIKSHA 'O' ANUSANDHAN

SAAT-2026

Empowering students for a brighter future

B.TECH PROGRAMMES IN CORE COMPUTING
- Computer Science and Engineering
- Computer Science and Information Technology

APPROVAL & RECOGNITIONS
- Approved by UGC and AICTE
- Re-accredited by NAAC with A++ Grade
- Granted with Category-1 Graded Autonomy by UGC
- NBA Accredited Programmes

NIRF INDIA RANKINGS 2025
- 15th Best in University Category
- 22nd Best in Engineering Category

INTERNATIONAL RANKINGS 2026
- Ranked in QS World Rankings 2026
- Ranked in Times World Rankings 2026

To apply for admission through SAAT, Please visit: www.soa.ac.in

# ବନବିଭାଗ ପକ୍ଷରୁ ପ୍ଲାଷ୍ଟିକ ମୁକ୍ତ ପାଇଁ ସଚେତନତା



**ରାଜନଗର,୩୦।୧(ସଂଚାର ବ୍ୟୁରୋ):** ରାଜନଗର ବନଖଣ୍ଡ ଅଧିନସ୍ଥ କନିକା ବନାଞ୍ଚଳ ତରଫରୁ ପ୍ଲାଷ୍ଟିକ ମୁକ୍ତ ଭିତରକନିକା ସଚେତନତା ନିମନ୍ତେ ଏକ ବିଶାଳ ବାଇକ୍ ରାଲି ସହିତ ସଫେଇ କାର୍ଯ୍ୟକ୍ରମ ଆୟୋଜନ କରାଯାଇଥିଲା। ଏହି ସଚେତନତା ରାଲି ଭିତରକନିକା ଜାତୀୟ ଉଦ୍ୟାନ ଠାରୁ ଆରମ୍ଭ ହୋଇ ଖୋଲା ବୋଟିଂ ପଏଣ୍ଟ ପର୍ଯ୍ୟନ୍ତ ଚାଲିଥିଲା। ଏହି କାଯ୍ୟକ୍ରମକୁ କନିକା ବନାଞ୍ଚଳର ସହକାରୀ ବନ ସଂରକ୍ଷକ ମାନସ କୁମାର ଦାସ ସବୁଜ ପତାକା ପ୍ରଦର୍ଶନ କରି ଶୁଭାରମ୍ଭ କରିଥିଲେ। ଏହି ସଚେତନତା ଆଗାମୀ ପିଢ଼ିକୁ ଏକ ସବୁଜ, ସୁନ୍ଦର, ସୁରକ୍ଷିତ ପୃଥିବୀ ଗଠନ କରିବାକୁ ବାର୍ତ୍ତା ପ୍ରଦାନ କରାଯାଇଥିଲା। ସେସ୍ବାସେବୀ ଓ ବନ କର୍ମଚାରୀ ମାନେ ବିଭିନ୍ନ ପ୍ଲେ କାର୍ଡ ଧରି ପ୍ଲାଷ୍ଟିକ ମୁକ୍ତ ପାଇଁ ବିଭିନ୍ନ ସ୍ଲୋଗାନ ଦେଇଥିଲେ। ଏହି କାର୍ଯ୍ୟକ୍ରମରେ କନିକା ବନାଞ୍ଚଳର ସମସ୍ତ ବନ କର୍ମଚାରୀ, ନିକଟସ୍ଥ ବୁଦ୍ଧି ଜୀବୀ ଓ ଯୁବଗୋଷ୍ଠୀ ପ୍ରମୁଖ ସାମିଲ ହୋଇଥିଲେ।

## କଲେଜରେ ବାର୍ଷିକ କ୍ରୀଡ଼ା ଉତ୍ସବ ଉଦ୍‌ଯାପିତ



**କେନ୍ଦ୍ରାପଡ଼ା,୩୦।୧(ସଂଚାର ବ୍ୟୁରୋ):** କେନ୍ଦ୍ରାପଡା ସ୍ୱୟଂଶାସିତ ମହାବିଦ୍ୟାଳୟର ୬୨ତମ କ୍ରୀଡା ପ୍ରତିଯୋଗିତା ଶୁକ୍ରବାର ଉଦଯାପିତ ହୋଇଯାଇଛି। ୩ଦିନ ଧରି ଚାଲିଥିବା ଏହି ପ୍ରତିଯୋଗିତାରେ ଯୁକ୍ତ ୨ ଓ ଯୁକ୍ତ ୩ ବିଭାଗର ୧୦୦, ୨୦୦ ଓ ୧୫ଶହ ମିଟର ଦୌଡ, ଲଙ୍ଗଜମ୍ପ, ହାଇଜମ୍ପ ପ୍ରଭୃତି ପ୍ରତିଯୋଗିତା ମାନ ଅନୁଷ୍ଠିତ ହୋଇଥିଲା। ଏହି ଉପଲକ୍ଷେ ମହାବିଦ୍ୟାଳୟ ଅଧକ୍ଷ ପ୍ରଫେସର ଶାନ୍ତନୁ କୁମାର ଜେନାଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଉଦଯାପନୀ ଉତ୍ସବରେ ଭୁବନେଶ୍ୱର ଶାରିରୀକ ଶିକ୍ଷା ମହାବିଦ୍ୟାଳୟର ଅଧକ୍ଷ ଡ. ଅଶୋକ କୁମାର ନାୟକ ମୁଖ୍ୟଅତିଥି, ଜିଲ୍ଲା କ୍ରୀଡା ସଂସଦ ସାଧାରଣ ସମ୍ପାଦକ ସୟଦ ଅକମଲ ଅଲ୍ଲୀ, କଲେଜ କ୍ରୀଡା ସଂସଦ ଉପସଭାପତି ଡ. ଗୌର ପ୍ରସାଦ ଷଡଙ୍ଗୀ ଯୋଗଦେଇ ରାଜ୍ୟ ଓ ଆନ୍ତର୍ଜାତୀୟ ସ୍ତରରେ ଖେଳୁଥିବା କେନ୍ଦ୍ରାପଡାର ପିଲାମାନଙ୍କୁ ପ୍ରଶଂସା କରିଥିଲେ। ଯୁକ୍ତ ୩ ବାଳକ ବିଭାଗ ଚମ୍ପିୟନ ସ୍ମୃତିରଞ୍ଜନ ପ୍ରଧାନ, ବାଳିକା ବିଭାଗ ଚମ୍ପିୟନ ସରିତା ପଲେଇ, ଯୁକ୍ତ ୨ ବାଳକ ବିଭାଗ ଚମ୍ପିୟନ ଜାମସେଦ ଖାନ୍, ବାଳିକା ବିଭାଗ ଚମ୍ପିୟନ ପ୍ରଜ୍ଞାସିନୀ ନାୟକଙ୍କୁ ଚମ୍ପିୟନ୍ସ ଟ୍ରଫି ଏବଂ ବିଭିନ୍ନ ପ୍ରତିଯୋଗିତାରେ ପ୍ରଥମ, ଦ୍ୱିତୀୟ ଓ ତୃତୀୟ ହୋଇଥିବା ଛାତ୍ରଛାତ୍ରୀମାନଙ୍କୁ ଟ୍ରଫି ସହ ପ୍ରମାଣପତ୍ର ପ୍ରଦାନ କରାଯାଇଥିଲା। ବାଣିଜ୍ୟ ବିଭାଗ ପ୍ରାଧାପିକା ଡ. ୱାଇ. ପଦ୍ମାବତୀ ସ୍ୱାଗତ ଭାଷଣ ପ୍ରଦାନ କରିଥିଲେ। ଶାରିରୀକ ଶିକ୍ଷା ବିଭାଗ ଅଧାପିକା ପ୍ରତିମାରାଣୀ ଦ୍ୱିବେଦୀ ଧନ୍ୟବାଦ ଅର୍ପଣ କରିଥିଲେ।

## ଭତ୍ତା ୩ ହଜାର ପ୍ରଦାନ ଦାବିରେ ହିତାଧିକାରୀଙ୍କ ସମାବେଶ

**ମାର୍ଶାଘାଇ,୩୦।୧(ସଂଚାର ବ୍ୟୁରୋ):** ମାର୍ଶାଘାଇ ବ୍ଲକ ପଡ଼ିଆରେ ଶୁକ୍ରବାର ଶହ ଶହ ଭତ୍ତା ହିତାଧିକାରୀ ଏକତ୍ରିତ ହୋଇ ଭତ୍ତା ରାଶି ବୃଦ୍ଧି କରି ୩ ହଜାର ଟଙ୍କା ସରକାର ତୁରନ୍ତ ପ୍ରଦାନ କରିବାକୁ ଦାବୀ କରିଥିଲେ। ସରକାରୀ କର୍ମଚାରୀଙ୍କ ସମେତ ବିଧାୟକ ମାନଙ୍କ ଦରମା ଓ ଭତ୍ତା ବୃଦ୍ଧି କରାଯାଉଥିବା ବେଳେ ଅସହାୟ ବୃଦ୍ଧ ବୃଦ୍ଧା ଦିବ୍ୟାଙ୍ଗ ଏବଂ ବିଧବା ମାନଙ୍କ କ୍ଷେତ୍ରରେ ସରକାର ଟାଳଟୁଳ ନୀତି ଅବଲମ୍ବନ କରୁଛନ୍ତି ବୋଲି ଅଭିଯୋଗ କରିଥିଲେ। ସରକାର ନିର୍ବାଚନ ସମୟରେ ଦେଇଥିବା ପ୍ରତିଶ୍ରୁତି ରକ୍ଷା କରି ଏହି ଅସହାୟମାନଙ୍କୁ ଭତ୍ତା ଟଙ୍କା ୩ ହଜାର ଲେଖାଏଁ ପ୍ରଦାନ



କରିବାକୁ ଏକ ଦାବିପତ୍ର ବିଡିଓ ଙ୍କ ଜରିଆରେ ସରକାରଙ୍କୁ ପ୍ରଦାନ କରିଥିଲେ। ବିଡିଓ ପଞ୍ଚାନନ ମଲିକ ଅନୁପସ୍ଥିତ ଥିବାରୁ ହେଡ଼କ୍ଲର୍କ ରାଜେନ୍ଦ୍ର ପ୍ରସାଦ ସାହୁ ଦାବିପତ୍ର ଗ୍ରହଣ କରିଥିଲେ। ବିଦ୍ୟାଧର ମଲିକ, ରାଜେନ୍ଦ୍ର ରାଉତ, ଦେବବ୍ରତ ଲେଙ୍କା, ବାନାମ୍ବର ନାୟକ, ପ୍ରଫୁଲ୍ଲ ରାଉତ ପ୍ରମୁଖ ହିତାଧିକାରୀ ଙ୍କ ପ୍ରତିନିଧି ଭାବରେ ଦାବିପତ୍ର ପ୍ରଦାନ କରିଥିଲେ ।

## କୁଦାନଗରୀ ଥାନା ପ୍ରତିଷ୍ଠା ଓ ଗୃହ ପ୍ରବେଶ

**ଗରଦପୁର,୩୦।୧(ସଂଚାର ବ୍ୟୁରୋ):** କେନ୍ଦ୍ରାପଡା ଜିଲ୍ଲାର ଗରଦପୁର ବ୍ଲକ ଅନ୍ତର୍ଗତ କୁଦାନଗରୀ ସ୍ଥିତ କୁଦାନଗରୀ ନୂତନ ଥାନା ପ୍ରତିଷ୍ଠା ହୋଇଯାଇଛି। ହିନ୍ଦୁ ରୀତିନୀତିରେ ବହୁ ଆଡ଼ମ୍ବର ସହକାରେ ଘୃତ ଜଜ୍ଞ ଦ୍ୱାରା ସମ୍ପନ୍ନ ହୋଇଯାଇଛି। ଏହି ପୂଜାରେ କର୍ତ୍ତା କର୍ତ୍ତୀ ଭାବେ କୁଦାନଗରୀ ଥାନାର ଭାରପ୍ରାପ୍ତ ଅଧିକାରୀ ଜଗନ୍ନାଥ ପାଣିଗ୍ରାହୀ ଓ ତାଙ୍କ ସହଧର୍ମିଣୀ ପୂଜା ମଣ୍ଡପରେ ଉପସ୍ଥିତ ରହି ପୂଜକଙ୍କ ସହ ଯଜ୍ଞା ଆହୁତି ଦେଇଥିଲେ। ଏହି ନୂତନ ଥାନା ଗୃହ ପ୍ରବେଶରେ ଅଞ୍ଚଳର ବହୁ ରାଜନେତା ବହୁ ପ୍ରତିଷ୍ଠିତ ବ୍ୟକ୍ତି, ସମାଜସେବୀ ଓ ଗଣମାଧମର ପ୍ରତିନିଧି ଯୋଗଦେଇଥିଲେ। ଗରଦପୁରର ତହସିଲଦାର, ଗରଦପୁର ବିଡ଼ିଓ ଙ୍କ ସମେତ କେନ୍ଦ୍ରାପଡା ଜିଲ୍ଲାର ଅନେକ ଥାନର ଥାନା ଅଧିକାରୀ ଓ କର୍ମଚାରୀ ମାନେ ନୂତନ କୁଦାନଗରୀ ଥାନା ଗୃହ ପ୍ରବେଶରେ ସମସ୍ତେ ଉପସ୍ଥିତ ରହି ପ୍ରସାଦ ସେବନ କରିଥିଲେ।

## ସକ୍ରିୟ ଜାତୀୟ ରାଜପଥ ଲୁଟେରା

# ୧୦ ଲକ୍ଷ ଟଙ୍କାର ମେଟାଲ ପ୍ଲେଟ୍ ଲୁଟ୍

**କେନ୍ଦ୍ରାପଡା,୩୦।୧(ସଂଚାର ବ୍ୟୁରୋ):** ଚଣ୍ଡିଖୋଲ- ପାରାଦ୍ୱୀପ ଜାତୀୟ ରାଜପଥ ସଂପ୍ରସାରଣ କାମ ଦୃତ ଗତିରେ ଚାଲୁଥିବା ବେଳେ ଚୋର ମାନଙ୍କ ଉତ୍ପାତ ବଢ଼ିଯାଇଛି। ଏହି ସମସ୍ୟା ଗୁଡିକ ଭିତରୁ ମୁଖ୍ୟ ସମସ୍ୟା ଗୁଡିକ ହେଲା ଜାତୀୟ ରାଜପଥ ର ଦୁଇ କଡ଼ରେ ଯାତ୍ରୀ ମାନଙ୍କ ସୁରକ୍ଷା ପାଇଁ ମୋଟା ମେଟାଲ ପ୍ଲେଟ୍ ଲଗା ଯାଉଥିବା ବେଳେ ଏହି ଲୁଟେରା ମାନେ ତାକୁ କାଟି ନେଇ ଯାଉଥିବାରୁ ସଂପ୍ରସାରଣ କାର୍ଯ୍ୟରେ ବାଧା ଉପୁଜୁଛି। ଲୁଟେରମାନେ ପୋଲିସକୁ ଖୋଲା ଚ୍ୟାଲେଂଚ କରି ୨୪ ଘଣ୍ଟା ନ ପୁରୁଣୁ ପୁଣି କାଟିନେଲେ ୧୦ ଲକ୍ଷ ଟଙ୍କାର ମେଟାଲ ସୁରକ୍ଷାବାଡ। ମିଳିଥିବା ସୂଚନା ଅନୁଯାୟୀ ବାଲିଚନ୍ଦ୍ରପୁର ଠାରୁ ଗୋପଛକ ପର୍ଯ୍ୟନ୍ତ ପିଏସକେ ଠିକାଦାର ସଂସ୍ଥା ଜାତୀୟ ରାଜପଥ ସଂପ୍ରସାରଣ କାମ କରୁଥିବା



ବେଳେ ରାସ୍ତା କଡରେ ଦୁର୍ଘଟଣାରୁ ସୁରକ୍ଷା ଦେବା ପାଇଁ ସାଇଡରେ ମେଟାଲ ପ୍ଲେଟ୍‌ର ବାଡ ଦିଆଯାଉଛି। ଏହି ମେଟାଲ ପ୍ଲେଟ୍‌ର ବାଡ ମୂଲ୍ୟବାନ ହୋଇଥିବାରୁ ଡେରାବିଶ ଥାନା ଅନ୍ତର୍ଗତ ଅଁଳାବାଙ୍କ ଠାରେ ଚୋର ମାନେ ରାତିରେ ପ୍ଲେଟ ଗୁଡିକୁ କାଟି ନେଇ ଯାଉଥିବାର ଅଭିଯୋଗ ହେବାପରେ ଥାନା ଅଧିକାରୀ ମେଟାଲ ପ୍ଲେଟ୍ ଜବତ କରିବା ସହିତ ୪ ଜଣ ଚୋରଙ୍କୁ କୋର୍ଟ ଚାଲାଣ କରିଛନ୍ତି। ଏହାର ୨୪ ଘଣ୍ଟା ନ ପୁରୁଣୁ ଗତକାଲି ରାତିରେ ସଦର ଥାନା ଅନ୍ତର୍ଗତ ଆରଟିଓ ଅଫିସ ନିକଟରେ ପ୍ରାୟ ୧୦ ଲକ୍ଷ ଟଙ୍କାର ସେହି ମୂଲ୍ୟବାନ ମେଟାଲ ପ୍ଲେଟ୍‌କୁ ଚୋରମାନେ କାଟି ନେଇ ଯାଇଛନ୍ତି। ଜାତୀୟ ରାଜପଥ ଲୁଟେରା ୨ ଥାନା ଅଧିକାରୀଙ୍କୁ ଖୋଲାଖୋଲି ଚ୍ୟାଲେଂଚ କରି ୨୪ ଘଣ୍ଟା ଭିତରେ ପୁନର୍ବାର ପ୍ଲେଟ୍ କାଟି ବିକି ଦେଇଛନ୍ତି। ବାରମ୍ବାର ଚୋରୀ ହେବା ଫଳରେ ପିଏସକେ କମ୍ପାନୀ ଲକ୍ଷ ଲକ୍ଷ ଟଙ୍କାର କ୍ଷତି ସହୁଛି। ଜାତୀୟ ରାଜପଥ ସଂପ୍ରସାରଣ ଦାୟିତ୍ୱରେ ଥିବା ଅଧିକାରୀ ଏ ବିଷୟରେ ଜିଲ୍ଲା ଆରକ୍ଷୀ ଅଧିକ୍ଷକଙ୍କୁ ଜଣାଇବା ସହିତ ତୁରନ୍ତ ଦୃଢ ପଦକ୍ଷେପ ନେବାକୁ ଦାବି କରିଛନ୍ତି।

# ଜାତୀୟ ସଡ଼କ ସୁରକ୍ଷା ସଚେତନତା ଅଭିଯାନ




**ମାର୍ଶାଘାଇ, ୩୦।୧(ସଂଚାର ବ୍ୟୁରୋ):** କେନ୍ଦ୍ରାପଡା ଜିଲ୍ଲା ଶିକ୍ଷା ବିଭାଗର ପରାମର୍ଶକ୍ରମେ ଜାତୀୟ ସଡ଼କ ସୁରକ୍ଷା ମାର୍ଶାଘାଇ ବ୍ଲକ ଅନ୍ତର୍ଗତ ଆଖୁଆ ଓଡ଼ଙ୍ଗ ସରକାରୀ ଉଚ୍ଚ ବିଦ୍ୟାଳୟ ଆଖୁଆ ଓଡ଼ଙ୍ଗ ସ୍ଥିତ ହାଇସ୍କୁଲର କନିଷ୍ଠ ରେଡକ୍ରସ୍ ୟୁନିଟ୍ ପକ୍ଷରୁ ଶୁକ୍ରବାର ଏକ ସଡ଼କ ସୁରକ୍ଷା ସଚେତନତା ଅଭିଯାନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ପ୍ରଧାନ ଶିକ୍ଷୟିତ୍ରୀ ମଧୁମିତା ମହାପାତ୍ରଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଅନୁଷ୍ଠିତ ହୋଇଥିବା କାର୍ଯ୍ୟକ୍ରମରେ ବିଦ୍ୟାର୍ଥୀମାନେ ଏକ ରାଲିରେ ଶିକ୍ଷାନୁଷ୍ଠାନ ନିକଟରୁ ବାହାରି ଆଖୁଆ ଗ୍ରାମ ଛକ ଦେଇ ଓଡ଼ଙ୍ଗ ଗ୍ରାମ ଓ ଜୋକିଆ ଗ୍ରାମ ସମେତ ବିଭିନ୍ନ ଅଞ୍ଚଳ ପରିକ୍ରମା କରି ଲୋକଙ୍କୁ ସଡ଼କ ସୁରକ୍ଷା ସଂକ୍ରାନ୍ତରେ ସଚେତନତା ବାର୍ତ୍ତା ଦେଇଥିଲେ। ଦୁଇ ଚକିଆ ଗାଡି ଚଳାଇବା ସମୟରେ ହେଲମେଟ ପରିଧାନ କରିବା, ଟ୍ରାଫିକ ନିୟମ ମାନି ଗାଡି ଚଳେଇବା, ମଦ୍ୟପାନ ନକରି ଗାଡି ଚଳେଇବା, ଗାଡି ଚଳେଇବା ସମୟରେ ମୋବାଇଲେ କଥା ନହେବା ସମେତ ଟ୍ରାଫିକର ନିୟମାବଳୀ ଉପରେ ଲୋକଙ୍କୁ ସଚେତନ କରିଥିଲେ। ଏହି ଅବସରରେ ହେଲମେଟ୍ ପିନ୍ଧି ବାଇକ୍ ଚଳାଉଥିବା ଚାଳକମାନଙ୍କୁ ଗୋଲା ଫୁଲ ଦେଇ ପ୍ରୋତ୍ସାହିତ କରିବା ସହ ସେମାନଙ୍କ ନିରାପଦ ଯାତ୍ରା କାମନା କରିଥିଲେ। ଭାରତୀୟ ରେଡକ୍ରସ୍ ସୋସାଇଟି ଓଡିଶା ରାଜ୍ୟ ଶାଖା ଅଧୀନସ୍ଥ ଆଖୁଆ ଓଡ଼ଙ୍ଗ ସରକାରୀ ଉଚ୍ଚ ବିଦ୍ୟାଳୟର ଜୁନିୟର୍ ରେଡକ୍ରସ୍‌ର ସଂଯୋଜୋକ ତଥା ବରିଷ୍ଠ ଶିକ୍ଷକ ଶାନ୍ତନୁ କୁମାର ବିଶ୍ୱାଳଙ୍କ ସଂଯୋଜନାରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ଅନୁଷ୍ଠାର ପ୍ରଧାନଶିକ୍ଷୟିତ୍ରୀ ଶ୍ରୀମତୀ ମଧୁମିତା ମହାପାତ୍ର ସହକାରୀ ଶିକ୍ଷକ ଶିକ୍ଷୟିତ୍ରୀ ମେନକା ପ୍ରଧାନ, ଦିପ୍ତିରେଖା ବରାଳ, ରଶ୍ମି ରଞ୍ଜନ ପରିଡ଼ା, ସାଧନା ବେହେରା, ମମତା ବେହେରା, କାଦମ୍ବିନୀ ସାହୁ, ସୋନାଲି ଖୁଣ୍ଟିଆ ସମେତ ବହୁ ବିଦ୍ୟାର୍ଥୀ ଉପସ୍ଥିତ ଥିଲେ।

## ଜିଲ୍ଲାସ୍ତରୀୟ ସିଙ୍ଗିଲ ୱିଣ୍ଡୋ କମିଟି ବୈଠକ

**କେନ୍ଦ୍ରାପଡା,୩୦।୧(ସଂଚାର ବ୍ୟୁରୋ):** କେନ୍ଦ୍ରାପଡା ଜିଲ୍ଲା ସ୍ତରୀୟ ସିଙ୍ଗିଲ ଉଇଣ୍ଡୋ କ୍ଲିୟରାନ୍ସ କମିଟିର ଏକ ବୈଠକ ଅତିରିକ୍ତ ଜିଲ୍ଲାପାଳ ରାଜସ୍ୱ ରବିନ୍ଦ୍ର କୁମାର ମଲିକଙ୍କ ଅଧକ୍ଷତାରେ ଜିଲ୍ଲା କାର୍ଯ୍ୟାଳୟ ସମ୍ମିଳନୀ କକ୍ଷରେ ଅନୁଷ୍ଠିତ ହୋଇ ଯାଇଛି। ନୂତନ ପ୍ରକଳ୍ପ ପ୍ରତିଷ୍ଠା କରିବା ପାଇଁ ଅନଲାଇନ ମାଧମରେ ଆବେଦନ ଆହ୍ୱାନ କରା ଯାଇଥିଲା। ଏଥିରେ ନିଳରାଜ ଫେବ୍ରିକେଶନ୍ ନାମକ ସଂସ୍ଥାଟି ଆବେଦନ କରିଥିଲା। ଏହି ସଂସ୍ଥା ମଡୁଲାର ଫର୍ଣ୍ଣିଚର ସିଷ୍ଟମ ସ୍ଥାପନ ପାଇଁ ଆବେଦନ କରିଥିବା ବେଳେ ଏଥିରେ ମୋଟ୍ ୮ କୋଟି ୨୩ ଲକ୍ଷ ଟଙ୍କା ବିନିଯୋଗ ହେବ। ଏହି ପ୍ରକଳ୍ପରେ ଦକ୍ଷତା ଥିବା ୧୦୦ ଜଣ ଶିକ୍ଷିତ ଯୁବକ, ଯୁବତୀ ନିଯୁକ୍ତି ପାଇପାରିବେ। କମିଟିର ଏହି ବୈଠକରେ ସଂପୃକ୍ତ ସଂସ୍ଥାର ଆବେଦନକୁ ମଞ୍ଜୁର ଦିଆଯାଇଥିବା ଜଣାପଡ଼ିଛି। ବୈଠକରେ ଉପ ଜିଲ୍ଲାପାଳ ଅରୁଣ କୁମାର ନାୟକ, ଜିଏମଡିଆସି ପ୍ରଦିପ କୁମାର ସାହୁ, ଦିପା ଟିମ୍‌ର ସୌଭାଗ୍ୟ ରଂଜନ ମଲିକ, ବଳରାମ ସାହୁଙ୍କ ସମେତ କମିଟିର ସମସ୍ତ ସଭ୍ୟ, ସଭ୍ୟା ଉପସ୍ଥିତ ଥିଲେ।

## ଜାତିର ପିତାଙ୍କୁ କଂଗ୍ରେସ ପକ୍ଷରୁ ଶ୍ରଦ୍ଧାଞ୍ଜଳି



**ରାଜନଗର,୩୦।୧(ସଂଚାର ବ୍ୟୁରୋ):** ରାଜନଗର ବ୍ଲକ କଂଗ୍ରେସ କମିଟି ପକ୍ଷରୁ ଜାତିର ପିତା, ଅହିଂସା ଓ ସତ୍ୟର ପଥପ୍ରଦର୍ଶକ, ମହାତ୍ମା ଗାନ୍ଧୀଙ୍କ ପୁଣ୍ୟତିଥିରେ ରାଜନଗର ବ୍ଲକ ପରିସରରେ ଥିବା ପ୍ରତିମୂର୍ତ୍ତିରେ ପୁଷ୍ପମାଲ୍ୟାର୍ପଣ ପୂର୍ବକ ଶ୍ରଦ୍ଧାଞ୍ଜଳି ଅର୍ପଣ କରିବା ସହ ସ୍ୱାଧୀନତା ସଂଗ୍ରାମୀମାନଙ୍କୁ ସ୍ମରଣ କରି ଗଭୀର ଶ୍ରଦ୍ଧାଞ୍ଜଳି ଜ୍ଞାପନ କରିଛନ୍ତି। ବ୍ଲକ କଂଗ୍ରେସ ସଭାପତି ପ୍ରଶାନ୍ତ କୁମାର ରାଉତଙ୍କ ନେତୃତ୍ୱରେ କଂଗ୍ରେସ କର୍ମୀମାନେ ଗାନ୍ଧୀଜୀଙ୍କ ପ୍ରତିମୂର୍ତ୍ତିରେ ଶ୍ରଦ୍ଧାଞ୍ଜଳି ଅର୍ପଣ କରିବା ସହ ଗାନ୍ଧୀଜୀଙ୍କ ଆଦର୍ଶ, ସତ୍ୟ, ଅହିଂସା, ସମତା, ସାମ୍ପ୍ରଦାୟିକ ସଦ୍ଭାବ ଓ ସର୍ବୋଦୟ ଭାବକୁ ପାଥେୟ କରି ନ୍ୟାୟ, ଶାନ୍ତି ଓ ମାନବିକତା ଆଧାରରେ ସମାଜର ପ୍ରତ୍ୟେକ ବ୍ୟକ୍ତିର ସ୍ୱରକୁ ଶାଣିତ କରିବା ପାଇଁ ସଂକଳ୍ପ ନେଇଥିଲେ। ଏହି କାର୍ଯ୍ୟକ୍ରମରେ ଜିଲ୍ଲା କଂଗ୍ରେସ ସାଧାରଣ ସମ୍ପାଦକ ଦାମୋଦର ବିଶ୍ୱାଳ ଜିଲ୍ଲା ସମ୍ପାଦକ ନାଗେଶ୍ୱର ସାହୁ ଯୁବ ନେତା ସୁଶୀଲ କୁମାର ପ୍ରଧାନ ଦଳିତ ନେତା ବାବନ କୁମାର ଜେନା, ଲକ୍ଷ୍ମନ ସେଠୀ, ରମାକାନ୍ତ ପ୍ରଧାନ, ନିରଞ୍ଜନ ବାରିକ, ରମାକାନ୍ତ ଜେନା ପ୍ରମୁଖ ଯୋଗ ଦେଇଥିଲେ।

# ଜାତୀୟ ସଡ଼କ ସୁରକ୍ଷା ମାସ ଉଦ୍‌ଯାପିତ



**କେନ୍ଦ୍ରାପଡ଼ା,୩୦।୧(ସଂଚାର ବ୍ୟୁରୋ):** ଚଳିତ ମାସ ୧ ତାରିଖରୁ ଆରମ୍ଭ ହୋଇଥିବା ସଡ଼କ ସୁରକ୍ଷା ସମ୍ପର୍କିତ ସଚେନତା କାର୍ଯ୍ୟକ୍ରମ ଆଜି ଉଦଯାପିତ ହୋଇଯାଇଛି। ଏହି ମାସେ ବ୍ୟାପି ସଡକ ସୁରକ୍ଷା ସମ୍ପର୍କିତ ବିଭିନ୍ନ ସଚେତନତା ଶିବିର, ଆଖି ପରୀକ୍ଷା ଶିବିର, ରକ୍ତଦାନ ଶିବିର, କର୍ମଶାଳା, ଲୋକନୃତ୍ୟ ଆୟୋଜନ ସହିତ ବିଭିନ୍ନ ସ୍କୁଲ ଏବଂ କଲେଜ ମାନଙ୍କରେ ପ୍ରତିଯୋଗିତାମାନ ଆୟୋଜିତ ହୋଇଥିଲା। ଆଜି ସ୍ଥାନୀୟ ସଂସ୍କୃତି ଭବନରେ ଅନୁଷ୍ଠିତ ଉଦଯାପନୀ କାର୍ଯ୍ୟକ୍ରମରେ ଜିଲ୍ଲାପାଳ ରଘୁରାମ ଆର. ଆୟାର ମୁଖ୍ୟଅତିଥି ଭାବେ ଯୋଗଦେଇଥିଲେ। ଅନ୍ୟ ଅତିଥିମାନଙ୍କ ମଧ୍ୟରେ ଅତିରିକ୍ତ ଆରକ୍ଷୀ ଅଧୀକ୍ଷକ ସୁଧାକର ସାହୁ ଓ ପ୍ରଭାତ ବିଶ୍ୱାଳ, ଉପଖଣ୍ଡ ଆରକ୍ଷୀ ଅଧୀକ୍ଷକ ଜ୍ୟୋତିରଞ୍ଜନ ଗୌଡ଼, ଆଳିକ ପରିବହନ ଅଧିକାରୀ ଲୋକନାଥ ମେହେର, ଆନ୍ତର୍ଜାତୀୟ ସାଇକେଲ ଆରୋହୀ ସନ୍ତୋଷ ମିଶ୍ର ପ୍ରମୁଖ ମଂଚାସୀନ ଥିଲେ। କାର୍ଯ୍ୟକ୍ରମରେ ଜୀବନ ରକ୍ଷା ଏବଂ ସଡ଼କ ସୁରକ୍ଷା ସଚେତନତାକୁ ପ୍ରୋତ୍ସାହିତ କରିବାରେ ଅନୁକରଣୀୟ ଏବଂ ନିସ୍ୱାର୍ଥପର ସେବା ପାଇଁ ଛଅ(୬) ଜଣଙ୍କୁ ସମାରିଟାନ୍ ସମ୍ମାନରେ ସମ୍ମାନିତ କରାଯାଇଛି। ଏହା ବ୍ୟତୀତ କେନ୍ଦ୍ରାପଡ଼ା ସ୍ୱୟଂଶାସିତ ମହାବିଦ୍ୟାଳୟ ଯୁବ ରେଡକ୍ରସର ଛାତ୍ରଛାତ୍ରୀମାନଙ୍କ ଦ୍ୱାରା ପ୍ରଦର୍ଶିତ ସଡ଼କ ସୁରକ୍ଷା ଉପରେ ଏକ ନୁକ୍କଡ଼ ନାଟକ ମାଧ୍ୟମରେ ଲୋକମାନଙ୍କୁ ସଚେତନ କରିଥିଲେ। ନାଗରିକମାନଙ୍କ ମଧ୍ୟରେ ସଚେତନତା ପ୍ରସାର ଏବଂ ଦାୟିତ୍ୱପୂର୍ଣ୍ଣ ସଡ଼କ ସୁରକ୍ଷା ଆଚରଣକୁ ଉତ୍ସାହିତ କରିବା ଉଦ୍ଦେଶ୍ୟରେ ମାସେ ବ୍ୟାପି ଆୟୋଜିତ ବିଭିନ୍ନ ପ୍ରତିଯୋଗିତାର ବିଜେତାମାନଙ୍କୁ ଅତିଥି ମାନେ ପୁରସ୍କୃତ କରିଥିଲେ।

## ଭିକ୍ଷା ବୃତ୍ତି ଅର୍ଥରେ ପଦ୍ମାବତୀ ଗଢ଼ିଲେଣି ୧୫ ମନ୍ଦିର

# ସମ୍ବର୍ଦ୍ଧନା ଜଣାଇଲା ଜଗନ୍ନାଥ ଚାରିଟେବୁଲ ଟ୍ରଷ୍ଟ



**କେନ୍ଦ୍ରାପଡ଼ା, ୩୦।୧ (ସଂଚାର ବ୍ୟୁରୋ):** ଭୁବନେଶ୍ୱର ଉପକଣ୍ଠ ବାଲିଅନ୍ତା ନିକଟରେ ଥିବା ଧବଳହାର ଗ୍ରାମ ରେ ରୁହନ୍ତି ଶତାୟୁ ମହିଳା ପଦ୍ମାବତୀ ଦାସ। ସ୍ୱାମୀ ଇନ୍ଦ୍ରମଣି ନାଥ ଆରପାରିକୁ ଚାଲିଗଲା ପରେ ସେ ଭିକ୍ଷା ବୃତ୍ତି କରି ନିଜର ପରିବାର ପ୍ରତିପୋଷଣ କରନ୍ତି। ପରିବାର ଚଳାଇବା ସହିତ ବଳକା ଅର୍ଥ ସଞ୍ଚୟ କରି ତାଙ୍କ ଜୀବନ କାଳ ମଧ୍ୟରେ ସେ ୧୫ ରୁ ଉର୍ଦ୍ଧ୍ୱ ମନ୍ଦିର ତୋଳି ସାରିଲେଣି। ଯାହା ତାଙ୍କୁ ଆଜି ସ୍ୱତନ୍ତ୍ର ପରିଚୟ ଦେଇଛି। ସାମାଜିକ ଗଣ ମାଧମରେ ଏହି ମା ଙ୍କ ବିଷୟରେ ଜାଣିବା ପରେ କେନ୍ଦ୍ରାପଡ଼ା ଜିଲ୍ଲାର ଅଗ୍ରଣୀ ସ୍ୱେଚ୍ଛାସେବୀ ଅନୁଷ୍ଠାନ ଶ୍ରୀ ଜଗନ୍ନାଥ ଚାରିଟେବୁଲ ଟ୍ରଷ୍ଟ ର କର୍ମକର୍ତ୍ତାମାନେ ପଦ୍ମାବତୀଙ୍କ ବାସଭବନରେ ପହଞ୍ଚି ତାଙ୍କର ମନୋବଳ ବଢାଇବା ଓ ସମ୍ମାନ ଜଣାଇବା ତାଙ୍କ ପାଇଁ ମହାପ୍ରଭୁ ଙ୍କ ପଟଚିତ୍ର, ମହାପ୍ରଭୁ ଙ୍କ ବାନା, ଶୁଭ କଳସ, ଶାଢ଼ୀ ଓ ଉତ୍ତରୀୟ ପ୍ରଦାନ କରିଥିଲେ।

## ରେଞ୍ଜ କାର୍ଯ୍ୟାଳୟରେ ଏସିଏଫଙ୍କୁ ଆଇଆଇସିଙ୍କ ଧମକ ଘଟଣା

# ସଚିବଙ୍କୁ ଭେଟି କାର୍ଯ୍ୟାନୁଷ୍ଠାନ ଓ ସୁରକ୍ଷା ଦାବିକଲା ଓଡ଼ିଶା ବନ ସେବା ସଂଘ

**ରାଜନଗର,୩୦।୧(ସଂଚାର ବ୍ୟୁରୋ):** ପଟାମୁଣ୍ଡାଇ ଥାନା ଅଞ୍ଚଳରୁ ସିଡ୍ୟୁଲ ୱାନ ପ୍ରଜାତିର ବିରଳ ବଜ୍ରକାପ୍ଟା କାତି ଜବତ ହେବା ପରେ ପୋଲିସର ଆଚରଣ ସାରା ରାଜ୍ୟରେ ଚର୍ଚ୍ଚା ସୃଷ୍ଟି କରିଛି। ଏଭଳି ଏକ ସଂବେଦନଶୀଳ ଘଟଣାରେ ପୋଲିସ ବନବିଭାଗକୁ ସହଯୋଗ କରିବା ବଦଳରେ ଅଭିଯୁକ୍ତ ମନୋବଳ ବଢ଼ାଇବା ପାଇଁ ଉଚ୍ଚ ପଦସ୍ଥ ଅଧିକାରୀ ଏସିଏଫଙ୍କ ଉପରେ ବର୍ଷିବା ଓ ଧମକ ଦେବା ଘଟଣା ସବୁ ମହଲକୁ ଚକିତ କରିଛି। ଏହି ଘଟଣାରେ ସରକାରୀ ବିଧି ବ୍ୟବସ୍ଥାକୁ ପାଳନ ନକରି ପୋଲିସ ବିଭାଗ ପାଇଁ ଅପବାଦ ଆଣିଥିବା ଆଇଆଇସି ବିରୁଦ୍ଧରେ ଆଜି ଯାଏଁ କାର୍ଯ୍ୟନୁଷ୍ଠାନ ନିଆନଯିବା ସନ୍ଦେହ ବଢାଇଛି। ଘଟଣାକୁ ନେଇ ନନ ଗେଜେଟେଡ ଫରେଷ୍ଟ ସର୍ଭିସ ଆସୋସିଏସନ ଲିଖିତ ଭାବେ କାର୍ଯ୍ୟନୁଷ୍ଠାନ ଦାବି କରିଥିଲେ। ଡିଏଫଓ ମଧ ପିସିସିଏଫ, କେନ୍ଦ୍ରାପଡା ଏସପି ଓ ପୋଲିସ ଡିଜିଙ୍କୁ ଲିଖିତ ଭାବେ ଜଣାଇଥିଲେ।ଏବେ ଘଟଣାକୁ ଗମ୍ଭୀର ଭାବେ ନେବା ସହ ଓଡ଼ିଶା ବନ ସେବା ସଂଘ ଆଜି ଜଙ୍ଗଲ, ପରିବେଶ ଓ ଜଳବାୟୁ ପରିବର୍ତ୍ତନ ବିଭାଗର ସଚିବଙ୍କୁ ଭେଟି ଲିଖିତ ଭାବେ ଜଣାଇବା ସହ କାର୍ଯ୍ୟନୁଷ୍ଠାନ ଓ ସୁରକ୍ଷା ଦାବି କରିଛନ୍ତି। ଜଙ୍ଗଲ, ପରିବେଶ ଓ ଜଳବାୟୁ ପରିବର୍ତ୍ତନ ବିଭାଗର ସଚିବଙ୍କୁ ଓଡ଼ିଶା ବନ ସେବା ସଂଘ ପକ୍ଷରୁ ଦିଆଯାଇଥିବା ଦାବିପତ୍ରରେ ଏକ ସମ୍ବେଦନଶୀଳ ବନ୍ୟପ୍ରାଣୀ ଅପରାଧର ଆଇନଗତ ତଦନ୍ତ ସମୟରେ, ସୂଚୀ-୧ ପ୍ରଜାତିର ବଜ୍ରକାପ୍ଟା ଅବୈଧ ଭାବେ ରଖିବା ଏବଂ ବାଣିଜ୍ୟ ସହିତ ଜଡ଼ିତ ଘଟଣାରେ ତଦନ୍ତ ଓ ଅଭିଯୁକ୍ତଙ୍କୁ ପଚରାଉଚରା ସମୟରେ ପଟାମୁଣ୍ଡାଇ ଆଦର୍ଶ ଥାନା ଆଇଆଇସି ବନ୍ଦନା ପାତ୍ର କୌଣସି ପୂର୍ବ ସୂଚନା ବିନା ବନ କାର୍ଯ୍ୟାଳୟରେ ପ୍ରବେଶ କରି ଆକ୍ରମଣାତ୍ମକ ଏବଂ ଅଣପେଶାଦାର ଆଚରଣ କରିଥିଲେ। ସେ ସାଧାରଣରେ ବନ ଅଧିକାରୀମାନଙ୍କୁ ଚିତ୍କାର କରିଥିଲେ ଏବଂ ମିଥ୍ୟା 'ମାଓବାଦୀ' ଅଭିଯୋଗରେ ଏସିଏଫ ଏବଂ କର୍ମଚାରୀମାନଙ୍କୁ ଫସାଇବା ପାଇଁ ଏକ ଆଶ୍ଚର୍ଯ୍ୟଜନକ ଧମକ ଦେଇଥିଲେ।

# ୧୦ ହଜାରରୁ ଉର୍ଦ୍ଧ୍ୱ ଟ୍ୟୁବୱେଲରୁ ବାହାରୁଛି ଲୁଣାପାଣି

**କେନ୍ଦ୍ରାପଡ଼ା,୩୦।୧(ସଂଚାର ବ୍ୟୁରୋ):** କେନ୍ଦ୍ରାପଡ଼ା ଜିଲାରେ ୯ଟି ମେଗା ପାନୀୟ ଜଳ ପ୍ରକଳ୍ପ ନିର୍ମାଣ ଅବଧି ବହୁ ପୂର୍ବରୁ ସରିଛି। ମାତ୍ର ଗୋଟିଏ ବି ପ୍ରକଳ୍ପ ଅଦ୍ୟାବଧି ସମ୍ପୂର୍ଣ୍ଣ ହୋଇପାରିନାହିଁ। ପ୍ରଶାସନିକ ଅଭିଯୋଗ ଶୁଣାଣି ଶିବିରରେ ଅଧିକାଂଶ ସାମୂହିକ ଅଭିଯୋଗ ଭାବେ ପାନୀୟ ଜଳ ସମସ୍ୟା ନିରାକରଣ ପାଇଁ ଆବେଦନପତ୍ର ଆସୁଛି। ଜିଲାରେ ଥିବା ୧୦ ହଜାରରୁ ଉର୍ଦ୍ଧ୍ୱ ଟ୍ୟୁୱେଲରୁ ଲୁଣାପାଣି ବାହାରୁଛି। ଖରାଦିନ ଆରମ୍ଭରୁ ଏହି ସମସ୍ୟା ଦେଖା ଦେଇଥିବାବେଳେ ଆସନ୍ତା ମାସଗୁଡ଼ିକ ଜିଲାବାସୀଙ୍କ ପାଇଁ ଏକ ସଙ୍କଟମୟ ପରିସ୍ଥିତି ସୃଷ୍ଟି କରିବ ବୋଲି ମତ ପ୍ରକାଶ ପାଇଛି। ଏ ସମ୍ପର୍କରେ ସୂଚନା ଅଧିକାର ଅଭିଯାନର ଜିଲା ଆବାହକ ପ୍ରତାପ ଚନ୍ଦ୍ର ମହାନ୍ତି କହିଛନ୍ତି, କେନ୍ଦ୍ରାପଡ଼ା ଜିଲାରେ ମହାନଦୀ, ବ୍ରାହ୍ମଣୀ ଓ ବୈତରଣୀ ସିଷ୍ଟମ୍‌ରେ ଥିବା ୭ ନଦୀ ପ୍ରବାହିତ ହେଉଛି। ଏଥିସହ ୨୭ଟି ଶାଖା ନାଳ ଜଳପଥ ଏହି ଜିଲାରେ ଅଛି । ଉପକୂଳବର୍ତ୍ତୀ ଏହି ଜିଲାରେ ୧୭,୨୩୮ଟି ଟ୍ୟୁବ୍‌ୱେଲ, ୩୩୧ ପାନୀୟ ଜଳ ପ୍ରକଳ୍ପ, ୧୮୧ ଓଭରହେଡ ଟାଙ୍କି ଜିଲାବାସୀଙ୍କ ପାନୀୟ ଜଳ ଯୋଗାଣ ପାଇଁ ରହିଥିବା ଗ୍ରାମ୍ୟ ଜଳ ଯୋଗାଣ ଓ ପରିମଳ ବିଭାଗର ତଥ୍ୟରେ ଉଲ୍ଲେଖ ଅଛି। ଏହାସତ୍ତ୍ୱେ ଜିଲାବାସୀଙ୍କ ଶୋଷ ମେଣ୍ଟୁନାହିଁ। ରାଜ୍ୟର ଏକମାତ୍ର ଜଳ ସଙ୍କଟ ଜିଲା ଭାବେ କେନ୍ଦ୍ରାପଡ଼ାକୁ କେନ୍ଦ୍ର ସରକାରଙ୍କ ପକ୍ଷରୁ ଚିହ୍ନଟ କରାଯାଇ ଜଳଶକ୍ତି ଅଭିଯାନ ମାଧ୍ୟମରେ ଭୂତଳ ଜଳ ରିଚାର୍ଜ ବ୍ୟବସ୍ଥା ହୋଇଥିଲେ ମଧ ଏହାର ସୁଫଳ ଜିଲାବାସୀ ଅନୁଭବ କରୁନାହାନ୍ତି। କେନ୍ଦ୍ର ସରକାରଙ୍କ ୨୦୨୪ ସୁଦ୍ଧା ଦେଶର ସମସ୍ତ ଘରକୁ ନଳ ଭିତରେ ଜଳ ଯୋଜନା ଏହି ଜିଲାରେ ଏବେ ବି ସ୍ୱପ୍ନ ହୋଇ ରହିଛି।

● ଅବଦୁଲ କରିମଖାନ ମେମୋରିଆଲ ଟ୍ରଫି ଫୁଟବଲ୍ ଟୁର୍ଣ୍ଣାମେଣ୍ଟ

## ଚାନ୍ଦ କ୍ଲବକୁ ହରାଇ ଲେବର ସ୍ପୋର୍ଟିଂ ଚମ୍ପିୟାନ



**କେନ୍ଦ୍ରାପଡା,୩୦।୧(ସଂଚାର ବ୍ୟୁରୋ):** ଜାତୀୟ ସ୍ତରୀୟ ଷଷ୍ଠ ଅବଦୁଲ କରିମ ଖାନ ମେମୋରିଆଲ ଟ୍ରଫି ଫୁଟବଲ ଟୁର୍ଣ୍ଣାମେଣ୍ଟ ଫାଇନାଲ ମ୍ୟାଚରେ କେନ୍ଦ୍ରାପଡାର ଲେବର ସ୍ପୋର୍ଟିଂ କ୍ଲବ ଚାନ୍ଦ କ୍ଲବକୁ ୧-୦ଗୋଲରେ ରେ ହରାଇ ଚମ୍ପିୟନ ହୋଇଛି। ଫକିରାବାଦ ଲକି ସ୍ପୋର୍ଟିଂ କ୍ଲବ ଆନୁକୂଲ୍ୟରେ ଶୁକ୍ରବାର ଅପରାହ୍ନରେ କେନ୍ଦ୍ରାପଡା ସରକାରୀ ହାଇସ୍କୁଲ ଖେଳପଡ଼ିଆରେ କ୍ଲବର ସଭାପତି ମହମ୍ମଦ ସଲିମ ଖାନ୍‌ଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଉତ୍ସବରେ କେନ୍ଦ୍ରାପଡା ଏସପି ସିଦ୍ଧାର୍ଥ କଟ୍ଟାରିଆ ମୁଖ୍ୟଅତିଥି ଭାବେ ଯୋଗଦେଇ ଏହି ମ୍ୟାଚକୁ ଉଦଘାଟନ କରିଥିଲେ। ସମ୍ମାନିତ ଅତିଥି ଭାବେ ଉପଜିଲ୍ଲାପାଳ ଅରୁଣ କୁମାର ନାୟକ ଓ ସମାଜସେବୀ ରଞ୍ଜିତ କୁମାର ସାହୁ ପ୍ରମୁଖ ଯୋଗଦେଇଥିଲେ। ଏଥିସହିତ ଅତିଥିମାନେ ଖେଳପଡ଼ିଆକୁ ଯାଇ ଉଭୟ ଦଳର ଖେଳାଳୀମାନଙ୍କ ସହ ହାତମିଳାଇ ସେମାନଙ୍କୁ ଶୁଭେଚ୍ଛା ଜଣାଇଥିଲେ। ଫାଇନାଲ ମ୍ୟାଚରେ କେନ୍ଦ୍ରାପଡାର ଲେବର ସ୍ପୋର୍ଟିଂ କ୍ଲବ ୧-୦ ଗୋଲରେ କେନ୍ଦ୍ରାପଡାର ଚାନ୍ଦ କ୍ଲବକୁ ହରାଇ ଚମ୍ପିୟନ ହୋଇଛି। ମ୍ୟାନ ଅଫଦି ମ୍ୟାଚ ଭାବେ ରାକେଶ, ମ୍ୟାନ ଅଫଦି ଟୁର୍ଣ୍ଣାମେଭାବେ ଡୁଙ୍ଗା, ଶ୍ରେଷ୍ଠ ଶୃଙ୍ଖଳିତ ଦଳ ଭାବରେ ଓଡିଶା ପୋଲିସ ଦଳକୁ ଟ୍ରଫି ପ୍ରଦାନ କରାଯାଇଥିବା ବେଳେ ଜୀବନବ୍ୟାପି ସାଧନା ପାଇଁ ପୂର୍ବତନ ଆଜାଦ କ୍ଲବର ଖେଳାଳୀ ଜ୍ୟୋତିରଞ୍ଜନ ସାମନ୍ତରାୟଙ୍କୁ ଟ୍ରଫି, ପୁଷ୍ପଗୁଚ୍ଛ ଓ ଉରୀୟ ପ୍ରଦାନ ପୂର୍ବକ ସମ୍ବର୍ଦ୍ଧିତ କରାଯାଇଥିଲା।

# କୋଟି କୋଟି ଟଙ୍କାରେ ନିର୍ମିତ ହୋଇଛି ପଥପ୍ରାନ୍ତ ସୁବିଧା କେନ୍ଦ୍ର

## ଯାତ୍ରୀ ହନ୍ତସନ୍ତ, ସତ୍ତା ହରାଉଛି ସୁବିଧା କେନ୍ଦ୍ର




**ଡେରାବିଶ,୩୦।୧(ସଂଚାର ବ୍ୟୁରୋ):** ଡେରାବିଶ ବ୍ଲକ ଅନ୍ତର୍ଗତ କଟକ-ଚାନ୍ଦବାଲି ରାଜ୍ୟ ରାଜ୍ୟପଥର ସଲାରୋ ମଠ ନିକଟରେ ଥିବା ପଥପ୍ରାନ୍ତ ସୁବିଧା କେନ୍ଦ୍ରରୁ ସୁବିଧା ମିଳିବା ପରିବର୍ତ୍ତେ ଅଚଳାବସ୍ଥା ସୃଷ୍ଟି ହୋଇ ଦୀର୍ଘଦିନ ହେବା। ସୁବିଧା କେନ୍ଦ୍ରରେ ଥିବା ଶୌଚାଳୟରେ ତାଲା ଝୁଲୁଥିବା ବେଳେ ଏକମାତ୍ର ପାନୀୟ ଜଳ ପ୍ରକଳ୍ପ ମେସିନ ଅଚଳ ହୋଇପଡ଼ିଛି। ଆଶ୍ଚର୍ଯ୍ୟର ବିଷୟ ଦୀର୍ଘ ମାସ ଧରି କାର୍ଯ୍ୟରତ କର୍ମଚାରୀ ପ୍ରାପ୍ୟ ନ ପାଇ କାମ ଛାଡି ଦେଇଥିବା ସ୍ଥଳେ ଜଣେ ମାତ୍ର କର୍ମଚାରୀ ଜଗି ବସିଛନ୍ତି। ଫଳରେ ଏହା ଉପରେ ନିର୍ଭର କରୁଥିବା ଶତାଧିକ ପଥଚାରି ଙ୍କୁ ନିରାଶ ରେ ଫେରୁଥିବା ଦେଖିବାକୁ ମିଳୁଛି। ସୂଚନାଥାଉ କି, କଟକ ରୁ କେନ୍ଦ୍ରାପଡ଼ା ମାତ୍ର ୫୫ କି.ମି. ମଧ୍ୟରେ ଏକମାତ୍ର ପଥପ୍ରାନ୍ତ ସୁବିଧା କେନ୍ଦ୍ର ହୋଇଥିବାରୁ ଏହା ଉପରେ ପଥଚାରୀ ନିର୍ଭର କରିଥାନ୍ତି।କେନ୍ଦ୍ରାପଡ଼ାକୁ ଆସୁଥିବା ବହୁ ସଂଖ୍ୟାରେ ପର୍ଯ୍ୟଟକ ଏହି ସୁବିଧା କେନ୍ଦ୍ରରେ ସ୍ନାନ ଓ ଶୌଚ ସାରି ନିଜ ନିଜର ଗନ୍ତବ୍ୟ ସ୍ଥଳକୁ ଯାଇଥାନ୍ତି। କିଛି ମାସ ହେବ ଏହି ସୁବିଧା କେନ୍ଦ୍ରରେ ଥିବା ପାନୀୟ ଜଳ ପ୍ରକଳ୍ପଟି ଅଚଳ ହୋଇ ପଡ଼ିଥିବାବେଳେ କେଉଁ ମୁହୂର୍ତ୍ତରେ ଏହା ଭୁଶୁଡି ପଡ଼ିବ ତାହା କହିହେଉନାହିଁ। ଦୀର୍ଘଦିନ ହେବ ସୁବିଧା କେନ୍ଦ୍ରର ଶୌଚାଳୟରେ ତାଲା ଝୁଲୁଥିବା ବେଳେ କିଛି ଦିନ ହେବ କେନ୍ଦ୍ରର ବାରଣ୍ଡାରେ ପଡୁଥିବା ଚେୟାର ମଧ ଦେଖିବାକୁ ମିଳୁନାହିଁ। ଏହାଫଳରେ ଦୈନିକ ଶତାଧିକ ପଥଚାରୀ ଶୌଚ ହେବାକୁ ଆସି ନିରାଶରେ ଫେରୁଛନ୍ତି। ଧିରେ ଧିରେ ସୁବିଧା କେନ୍ଦ୍ରଟି ଏଭଳି ଅବେବସ୍ଥାକୁ ଚାଲି ଯାଇଛି କେଉଁ ମୁହୂର୍ତ୍ତରେ ସମ୍ପୂର୍ଣ୍ଣ ତାଲା ପଡ଼ିବାର ମଧ ଆଶଙ୍କା ଦେଖାଦେଇଛି। ଆରମ୍ଭରୁ ସରକାରଙ୍କ ପକ୍ଷରୁ ନିଯୁକ୍ତ ଏକ ଏଜେନ୍ସି ଏହାର ରକ୍ଷଣାବେକ୍ଷଣ ଦାୟିତ୍ୱ ନେଇ ଆସୁଥିବା ବେଳେ ପ୍ରାୟ ଏକ ବର୍ଷ ହେବ କେନ୍ଦ୍ରାପଡ଼ା ପୂର୍ତ୍ତ ବିଭାଗ ଦ୍ୱାରା ଏହାର ରକ୍ଷଣାବେକ୍ଷଣ ହୋଇ ଆସୁଥିଲା। ତେବେ ଛଅ ମାସ ହେବ ଏହା ଓଟିଡିସି ଅଧୀନକୁ ଯାଇଛି ମାତ୍ର ଏହାର ରକ୍ଷଣାବେକ୍ଷଣ ପାଇଁ ଓଟିଡିସି କୌଣସି ପଦକ୍ଷେପ ନେଇନଥିବା ଅଭିଯୋଗ ହୋଇଛି। ପ୍ରାପ୍ୟ ନ ପାଇ ବହୁ କର୍ମଚାରୀ କାମ ଛାଡ଼ି ପଳାଇ ଯାଇ ଥିବାରୁ ପରିଚାଳନାଗତ ତ୍ରୁଟି ଦେଖାଦେଇଛି। ଏ ସମ୍ପର୍କରେ କର୍ମଚାରୀ ମାନଙ୍କୁ ପଚାରିବାରୁ କେନ୍ଦ୍ରରେ ଥିବା ଶୌଚାଳୟ ପରିଚାଳନା ପାଇଁ ଆବଶ୍ୟକୀୟ ସରଞ୍ଜାମ ନଥିବାରୁ ବାଧ ହୋଇ ଶୌଚାଳୟରେ ତାଲା ପକାଯାଇଛି। ତେବେ ଦୀର୍ଘ ବର୍ଷ ହେବ ଏଠାରେ ଆମେ କାର୍ଯ୍ୟ କରିଆସୁଥିବା ବେଳେ ଭବିଷ୍ୟତକୁ ଲକ୍ଷ୍ୟ ରଖି କେବଳ ଏହି କେନ୍ଦ୍ରକୁ ଜଗି ରହିଛୁ ବୋଲି କର୍ମଚାରୀ ହରମୋହନ ଭୂୟାଁ କହିଛନ୍ତି। ଜିଲ୍ଲାପାଳ ଓ ସ୍ଥାନୀୟ ବିଧାୟକ ଅରବିନ୍ଦ ମହାପାତ୍ରଙ୍କ ଦୃଷ୍ଟି ଆକର୍ଷଣ କରିଥିଲେ ମଧ ଏଯାବତ ସୁଫଳ ମିଳିପାରି ନାହିଁ। ଓଟିଡିସି କର୍ତ୍ତୃପକ୍ଷ ଏହାର କିଛି ପ୍ରତିକାର ବ୍ୟବସ୍ଥା ନକଲେ କୋଟି କୋଟି ଟଙ୍କା ବ୍ୟୟରେ ନିର୍ମିତ ଏହି କେନ୍ଦ୍ରଟି ସତ୍ତା ହରାଇବ ବୋଲି ସାଧାରଣରେ ମତ ପ୍ରକାଶ ପାଇଛି। ଅପରପକ୍ଷରେ ଏ ସଂକ୍ରାନ୍ତରେ ଓଟିଡିସି କର୍ତ୍ତୃପକ୍ଷଙ୍କ ପ୍ରତିକ୍ରିୟା ମିଳିପାରି ନାହିଁ।



ସହିଦ ଦିବସ ଅବସରରେ ଶୁକ୍ରବାର ଗୃହ ନିର୍ମାଣ ଓ ନଗର ଉନ୍ନୟନ ବିଭାଗ ପକ୍ଷରୁ ସ୍ୱାଧୀନତା ସଂଗ୍ରାମୀଙ୍କ ପ୍ରତି ଗଭୀର ଶ୍ରଦ୍ଧାଞ୍ଜଳି ଅର୍ପଣ କରାଯାଇଛି। ବିଭାଗୀୟ ପ୍ରମୁଖ ଶାସନ ସଚିବ ଉଷା ପାଢ଼ୀଙ୍କ ନେତୃତ୍ୱରେ ବିଭାଗର ସମସ୍ତ ପଦାଧିକାରୀ ଓ କର୍ମଚାରୀମାନେ ନୀରବ ପ୍ରାର୍ଥନା କରିଥିଲେ।

# ଏବେ ବି ସନ୍ଦେହରେ ନବ ଦାସଙ୍କ ହତ୍ୟା

- ହତ୍ୟାର ସମୟକୁ ନେଇ ଦୂର ହେଉନି ଦ୍ୱନ୍ଦ୍ୱ
- ତିନି ବର୍ଷ ପରେ ସମୟକୁ ନେଇ ପ୍ରଶ୍ନ ଉଠାଇଲେ ଦୀପାଳି

**ଝାରସୁଗୁଡ଼ା,୧୩୦।୧(ସଂଚାର ବ୍ୟୁରୋ):** ପୂର୍ବତନ ମନ୍ତ୍ରୀ ନବ ଦାସଙ୍କ ହତ୍ୟାକାଣ୍ଡକୁ ଇତିମଧ୍ୟରେ ପୂରିଛି ତିନି ବର୍ଷ। ହେଲେ ଏବେବି ରହସ୍ୟରେ ନବ ଦାସଙ୍କ ହତ୍ୟାକାଣ୍ଡ। ନବ ଦାସଙ୍କୁ କାହିଁକି ମାରିଥିଲା ଗୋପାଳ? କ'ଣ ଥିଲା ତାଙ୍କ ଉଦ୍ଦେଶ୍ୟ? ହତ୍ୟାକାଣ୍ଡ ପାଇଁ ଗୋପାଳକୁ କିଏ ଉସକାଇଥିଲା ? ଏବେ ବି ଏମିତି ଅନେକ ଅସମାହିତ ପ୍ରଶ୍ନ। ନବ ଦାସଙ୍କ ହତ୍ୟାକାଣ୍ଡ ସାରା ଦେଶକୁ ଦୋହଲାଇ ଦେଇଥିବା ବେଳେ ହତ୍ୟା ପଛର କାରଣ ଏବେ ବି ରହସ୍ୟରେ।

ଏସବୁ ଭିତରେ ଝାରସୁଗୁଡାରେ ପାଳନ ହୋଇଛି ନବ ଦାସଙ୍କ ତୃତୀୟ ଶ୍ରାଦ୍ଧ ବାର୍ଷିକୀ। ଏହି ଅବସରରେ ଆୟୋଜିତ ଶ୍ରାଦ୍ଧ ସଭାରେ ଭାବବିହ୍ୱଳ ହୋଇ କହୁ କହୁ କିଛି ଏମିତି କଥା କହି ପକାଇଲେ ଝିଅ ଦୀପାଳି ଦାସ, ଯାହା ଏବେ ଏହି ହତ୍ୟାକାଣ୍ଡକୁ ଆହୁରି ରହସ୍ୟଘେରକୁ ଟାଣିଛି। ବାପାଙ୍କ ଶେଷ କଲ ପାଇଥିଲେ ବୋଲି କହିଥିଲେ ଝିଅ ଦୀପାଳି। ଘଟଣା ଦିନ ୧୨ଟା ୨୭ ମିନିଟ୍‌ରେ ତାଙ୍କ ଫୋନକୁ ଏକ ମିସ୍‌ଡ କଲ ଆସିଥିଲା। ଆଉ ୧୨ଟା ୪୫ ମିନିଟ୍‌ରେ ବାପାଙ୍କ ମୃତ୍ୟୁ ହୋଇଯାଇଥିଲା। ତେବେ ପୋଲିସ ରେକର୍ଡରେ ନବ ଦାସଙ୍କ ଡେଥ ଟାଇମ ରହିଛି ୧୨ଟା ୧୫ ମିନିଟ। ପ୍ରକୃତରେ ନବ ଦାସଙ୍କର ମୃତ୍ୟୁ କେଉଁ ସମୟରେ ହୋଇଥିଲା ତାହା



ଏବେ ଆହୁରି ରହସ୍ୟ ଘେରକୁ ଟାଣିହୋଇଯାଇଛି। ହତ୍ୟା ଘଟଣାର ସଠିକ୍ ସମୟକୁ ନେଇ ପୋଲିସ ରେକର୍ଡ ଓ ପରିବାର ପକ୍ଷରୁ ଆସୁଥିବା ନୂତନ ତଥ୍ୟ ମଧ୍ୟରେ ସ୍ପଷ୍ଟ ପାର୍ଥକ୍ୟ ଦେଖାଯାଉଛି। ଯାହା ତଦନ୍ତର ପ୍ରାରମ୍ଭିକ ଧାରାକୁ ନେଇ ପ୍ରଶ୍ନବାଚୀ ସୃଷ୍ଟି କରିଛି।

ପୁଲିସ ଏତଲାରେ ଗତ ୨୦୨୩ ଜାନୁଆରୀ ୨୯ ତାରିଖ ଦ୍ୱିପ୍ରହର ୧୨ଟା ୧୫ ମିନିଟ୍ ସମୟରେ ଗୁଳିକାଣ୍ଡ ଘଟିଥିବା ଦର୍ଶାଯାଇଛି। କିନ୍ତୁ ଝିଅ ଦୀପାଳି ଦାସଙ୍କ ନୂତନ ବୟାନ ଏହି ସମୟକୁ ପୁନଃବିଚାରର ଦାବି କରୁଛି। ତାଙ୍କ କହିବାନୁସାରେ, ଦିନ ୧୨ଟା ୨୭ ମିନିଟ୍‌ରେ ତାଙ୍କ ମୋବାଇଲକୁ ଏକ ମିସ୍ କଲ୍ ଆସିଥିଲା ଏବଂ ପ୍ରକୃତ ଗୁଳିକାଣ୍ଡ ୧୨ଟା ୪୫ ମିନିଟ୍‌ରେ ଘଟିଥିଲା। ଏହି ୩୦ ମିନିଟ୍‌ର ତଫାତ ମାମଲାକୁ ଗୁରୁତର ଭାବେ ପ୍ରଭାବିତ କରିପାରେ ବୋଲି ଚର୍ଚ୍ଚା ହେଉଛି।

ଯଦି ଦୀପାଳି ଦାସଙ୍କ ଦାବି ଫୋନ କଲ ରେକର୍ଡ (ସିଡିଆର) ଓ ଟେଲିକମ ତଥ୍ୟ ଦ୍ୱାରା ପ୍ରାମାଣିତ ହୁଏ, ତେବେ ପୁଲିସର ପ୍ରାରମ୍ଭିକ ତଦନ୍ତ, ଘଟଣାସ୍ଥଳରେ ପହଞ୍ଚିବା ସମୟ, ଆମ୍ବୁଲାନ୍ସ ଓ ମେଡିକାଲ୍ ସହାୟତାର ଟାଇମଲାଇନ୍‌ର ପୁନଃ ତଦନ୍ତର ଆବଶ୍ୟକତା ପଡ଼ିପାରେ। ସମସ୍ତ ଚିତ୍ରକୁ ଦେଖିଲେ, ଗୁଳିକାଣ୍ଡର ସମୟର ପାର୍ଥକ୍ୟ, ସାକ୍ଷ୍ୟ ଗ୍ରହଣର ଧୀମା ଗତି ଓ ତଦନ୍ତର ନିରପେକ୍ଷତା ଉପରେ ସନ୍ଦେହ ସୃଷ୍ଟି କରିଛି।

ସେପଟେ ଏହା ଉପରେ ପ୍ରତିକ୍ରିୟା ରଖି ଆଇନ ମନ୍ତ୍ରୀ ପୃଥ୍ୱୀରାଜ ହରିଚନ୍ଦନ କହିଛନ୍ତି। ସେ କହିଛନ୍ତି ଯେ ଦୀପାଳିଙ୍କ ମନ୍ତବ୍ୟ ଗଣମାଧ୍ୟମରେ ଦେଖିଲି। ପରିବାର ଲୋକଙ୍କ ସନ୍ଦେହକୁ ନେଇ ପୁଣି ଥରେ କ୍ରାଇମବ୍ରାଞ୍ଚ ତଦନ୍ତ ଆରମ୍ଭ ହୋଇଛି। ମାମଲାର ସତ୍ୟତା, ଷଡ଼ଯନ୍ତ୍ର ଓ ସମ୍ପୃକ୍ତି ନେଇ ଆମୂଳଚୂଳ ତଦନ୍ତ କ୍ରାଇମବ୍ରାଞ୍ଚ କରୁଛି। ତଦନ୍ତକୁ ବନ୍ଦ କରିବାକୁ ଗତ ସରକାର ଚେଷ୍ଟା କରିଥିଲେ। ତାଙ୍କ ପରିବାର ମୁଖ୍ୟମନ୍ତ୍ରୀଙ୍କୁ ଭେଟିବା ପରେ ପୁନଃ ତଦନ୍ତ ଆରମ୍ଭ ହୋଇଛି। ଖୁବଶୀଘ୍ର ଖୁଲାସା ହୋଇ ନିର୍ଯାସ ବାହାରିବ ବୋଲି ଆଇନ ମନ୍ତ୍ରୀ କହିଛନ୍ତି।

---

## ରାଷ୍ଟ୍ରୀୟ ମଜଦୁର କଂଗ୍ରେସର ରାଜ୍ୟ ସମ୍ମିଳନୀ

# ଦ୍ୱାଦଶ ଥର ପାଇଁ ରାମଚନ୍ଦ୍ର ଖୁଣ୍ଟିଆ ସଭାପତି




**ଭୁବନେଶ୍ୱର,୩୦।୧(ସଂଚାର ବ୍ୟୁରୋ):** ରାଷ୍ଟ୍ରୀୟ ମଜଦୁର କଂଗ୍ରେସ କାର୍ଯ୍ୟାଳୟଠାରେ ଆଜି ତ୍ରିବାର୍ଷିକ ରାଜ୍ୟ ସମ୍ମିଳନୀ ଅନୁଷ୍ଠିତ ହୋଇଛି। ଏହି ସମ୍ମିଳନୀରେ ରାଜ୍ୟର ରାଷ୍ଟ୍ରୀୟ ମଜଦୁର କଂଗ୍ରେସ ଅନୁବନ୍ଧିତ ସଂଗଠନମାନଙ୍କର ୫୦୦ରୁ ଅଧିକ ପ୍ରତିନିଧି ଯୋଗଦେଇଥିଲେ। ପୂର୍ବାହ୍ନ ଅଧିବେଶନରେ ଜାତୀୟ ସଭାପତି ଡ. ଜି. ସଞ୍ଜୀବା ରେଡ୍ଡୀ, ଆଇଏଲଓ ସଦସ୍ୟ ସତ୍ୟଜିତ ରେଡ୍ଡୀ, ସମ୍ମାନିତ ଅତିଥି ଭାବେ ଓ ଅଖିଳ ଭାରତ କଂଗ୍ରେସ କମିଟିର ଓଡ଼ିଶା ପ୍ରଭାରୀ ଅଜୟ ଲଲ୍ଲୁ ମୁଖ୍ୟ ଅତିଥି ଭାବେ ଯୋଗଦେଇ ଉଦ୍‌ବୋଧନ ଦେଇଥିଲେ। ଅପରାହ୍ନ ଅଧିବେଶନରେ ୧୯ଟି ଗୁରୁତ୍ୱପୂର୍ଣ୍ଣ ପ୍ରସ୍ତାବ ଉପରେ ଆଲୋଚନା କରାଯାଇ ସର୍ବସମ୍ମତିକ୍ରମେ ଗ୍ରହଣ କରାଯାଇଥିଲା ଓ ଶେଷରେ ଆଇଏନ୍‌ଟିୟୁସି ସମ୍ବିଧାନ ଅନୁଯାୟୀ ନିର୍ବାଚନ ସମ୍ପନ୍ନ ହୋଇଥିଲା। ସର୍ବସମ୍ମତି କ୍ରମେ ଉପସ୍ଥିତ ପ୍ରତିନିଧିମାନେ ଡଃ ରାମଚନ୍ଦ୍ର ଖୁଣ୍ଟିଆଙ୍କୁ ଦ୍ୱାଦଶ ଥର ପାଇଁ ରାଜ୍ୟ ସଭାପତି ଭାବେ ନିର୍ବାଚିତ କରିଥିଲେ।

## ବାରୁଆଁରେ ଗୁଳିକାଣ୍ଡ, ଯୁବକ ଗୁରୁତର

**ଭୁବନ,୩୦।୧(ସଂଚାର ବ୍ୟୁରୋ):** ଭୁବନ ଥାନା ଅର୍ନ୍ତଗତ ବାରୁଆଁରେ ଗୁଳିକାଣ୍ଡ ଘଟି ଜଣେ ଯୁବକଙ୍କ ଆଖି ନଷ୍ଟ ହୋଇଥିବା ଜଣାପଡିଛି। ପ୍ରାପ୍ତ ଖବରରୁ ପ୍ରକାଶ ଯେ, ବାରୁଆଁ ( ବି) ଗ୍ରାମର ପଞ୍ଚାନନ ରାଉତ (୪୫) କଂସରଗୋଡା ଗ୍ରାମ ଟିଣ କଲୋନୀର ମହେଶ୍ୱର ଦେହୁରୀଙ୍କ ପୁଅ ନଣ୍ଡା ଦେହୁରୀଙ୍କ ଠାରୁ ଧାନ ଆଣିବା ପାଇଁ ୩ ହଜାର ଟଙ୍କା ଦେଇଥିଲେ। ଧାନ ଦେବା ବଦଳରେ ବାରମ୍ବାର ଦିନ ଗଡ଼ାଇ ଠକିବାରୁ ଗତକାଲି ସନ୍ଧ୍ୟାରେ ପଞ୍ଚାନନ ଟିଣ କଲୋନୀର ନଣ୍ଡା ଦେହୁରୀଙ୍କ ଘରକୁ ଯାଇ ତାଙ୍କୁ ପଇସା ମାଗିଥିଲେ। ଏଥିରେ ଉତକ୍ଷିପ୍ତ ହୋଇ ନଣ୍ଡା ଗାଳି ଗୁଲଜ କରିବା ସହ ଏକ ଛୋଟ ବନ୍ଧୁକ ଆଣି ତାଙ୍କୁ ଗୁଳି କରିଥିଲେ । ଗୁଳିଟି ପଞ୍ଚାନନଙ୍କ ଡାହାଣ ଆଖିରେ ବାଜିଥିଲା। ଗୁରୁତର ଆହତଙ୍କୁ ପ୍ରଥମେ ଭୁବନ ଓ ପରେ ଭୁବନେଶ୍ୱର ସ୍ଥିତ ଏଲ.ଭି. ପ୍ରସାଦ ଚକ୍ଷୁ ଚିକିତ୍ସାଳୟକୁ ସ୍ଥାନାନ୍ତର କରାଯାଇଥିଲା। ପଞ୍ଚାନନଙ୍କ ଭାଉଜ କବିତା ରାଉତ ଘଟଣା ସଂପର୍କରେ ଶୁକ୍ରବାର ସକାଳେ ଭୁବନ ଥାନାରେ ଲିଖିତ ଅଭିଯୋଗ କରିବା ପରେ ପୁଲିସ ମାମଲା ରୁଜୁ କରି ତଦନ୍ତ ଚଳାଇଛି ।

---

# ଓଡ଼ିଶା କୃଷି ମରୁଡ଼ି ପ୍ରଶମନ କାର୍ଯ୍ୟକ୍ରମ ଆରମ୍ଭ



**ଭୁବନେଶ୍ୱର,୩୦।୧(ସଂଚାର ବ୍ୟୁରୋ):** ରାଜ୍ୟ କୃଷି ଓ କୃଷକ ସଶକ୍ତିକରଣ ବିଭାଗ ପକ୍ଷରୁ ଜାତୀୟ ବିପର୍ଯ୍ୟୟ ପ୍ରଶମନ ପାଣ୍ଠି (ଏନ୍‌ଡିଏମ୍‌ଏଫ୍) ଅନ୍ତର୍ଗତ ଓଡ଼ିଶା କୃଷି ମରୁଡ଼ି ପ୍ରଶମନ କାର୍ଯ୍ୟକ୍ରମ (ଓଏଡିଏମ୍‌ପି) ଆରମ୍ଭ ହୋଇଛି। ଏହି କାର୍ଯ୍ୟକ୍ରମର ଲକ୍ଷ୍ୟ ମରୁଡ଼ିପ୍ରବଣ ଜିଲ୍ଲାଗୁଡ଼ିକରେ ଜଳବାୟୁ ସ୍ଥିରତା ଆଣିବା, ଉତ୍ପାଦନରେ ବୃଦ୍ଧି ଓ ଫସଲ ବିବିଧିକରଣକୁ ପ୍ରୋତ୍ସାହିତ କରିବା। ନିକଟରେ ଶେଷ ହୋଇଥିବା କୃଷି ଓଡ଼ିଶା-୨୦୨୬ ଅବସରରେ ଏ ନେଇ ଏକ ବୁଝାମଣାପତ୍ର ସ୍ୱାକ୍ଷରିତ ହୋଇଥିଲା। କୋମନା (ନୂଆପଡ଼ା), କୋଷାଗୁମୁଡା (ନବରଙ୍ଗପୁର) ଓ ରରୁଆଁ (ମୟୂରଭଞ୍ଜ) ବ୍ଲକରେ କାର୍ଯ୍ୟକାରୀ ହୋଇଥିବା ଓଏଡିଏମ୍‌ପି କ୍ଷୁଦ୍ର ଓ ନାମମାତ୍ର ଚାଷୀ, ଆଦିବାସୀ, ମହିଳା ଏବଂ ଯୁବ ଚାଷୀଙ୍କୁ ସଶକ୍ତ କରିବା ପାଇଁ ଲକ୍ଷ୍ୟ ରଖିଛି। ଆଇସିଆର୍‌ଆଇଏସ୍‌ଏଟି, ଆଇସିଏଆର୍-ସିଆର୍‌ଆଇଡିଏ ଏବଂ ଆଇଆର୍‌ଆର୍‌ଆଇର ବୈଷୟିକ ସହାୟତାରେ ୧୪୧.୫୦ କୋଟିର ଏହି ପଦକ୍ଷେପ ପ୍ରାୟ ୨୪ ହଜାର ପରିବାରକୁ ଫାଇଦା ଦେବା ସହ ସେମାନଙ୍କ ଜୀବିକାକୁ ସୁଦୃଢ଼ କରିବ।

ଉପମୁଖ୍ୟମନ୍ତ୍ରୀ କନକ ବର୍ଦ୍ଧନ ସିଂହଦେଓ ସକ୍ରିୟ ମରୁଡ଼ି ପରିଚାଳନା ଉପରେ ଗୁରୁତ୍ୱାରୋପ କରି କହିଛନ୍ତି ଯେ ଜୀବନଜୀବିକା ସୁରକ୍ଷା ଓ ଗ୍ରାମୀଣ ଅର୍ଥନୀତିକୁ ସୁଦୃଢ଼ କରିବା ପାଇଁ ଜଳବାୟୁ ସ୍ଥିରତା ନିହାତି ଜରୁରୀ। ଏହାବ୍ୟତୀତ ଉପମୁଖ୍ୟମନ୍ତ୍ରୀ ସମସ୍ତ ଅଂଶୀଦାରଙ୍କୁ ସମନ୍ୱୟ ରକ୍ଷା ପୂର୍ବକ କାମ କରିବାକୁ ଆହ୍ୱାନ ଦେଇଛନ୍ତି। ଏଥିସହ ଉପମୁଖ୍ୟମନ୍ତ୍ରୀ ଶ୍ରୀ ସିଂହଦେଓ ତୃଣମୂଳ ସ୍ତରରେ ସମନ୍ୱୟ ରକ୍ଷା କରି ପ୍ରଭାବଶାଳୀ କାର୍ଯ୍ୟାନ୍ୱୟନରେ ପରିଣତ କରିବା ସକାଶେ ବି ନିର୍ଦ୍ଦେଶ ଦେଇଛନ୍ତି। କୃଷି ବିଭାଗ ଅତିରିକ୍ତ ମୁଖ୍ୟ ଶାସନ ସଚିବ ଡକ୍ଟର ଅରବିନ୍ଦ କୁମାର ପାଢ଼ୀ ଅଭିଭାଷଣ ଦେଇଥିଲେ। ଓଡ଼ିଶା କୃଷି ଓ ବୈଷୟିକ ବିଶ୍ୱବିଦ୍ୟାଳୟ କୁଳପତି ଡକ୍ଟର ପ୍ରଭାତ କୁମାର ରାଉଳ, ଅତିରିକ୍ତ ଶାସନ ସଚିବ ଶୁଭ୍ରାଂଶୁ ମିଶ୍ର ପ୍ରମୁଖ ଉପସ୍ଥିତ ଥିଲେ। ଶେଷରେ କୃଷି ବିଭାଗ ଯୁଗ୍ମ ନିର୍ଦ୍ଦେଶକ ସଂଗ୍ରାମ କେଶରୀ ପଟ୍ଟନାୟକ ଧନ୍ୟବାଦ ଦେଇଥିଲେ।

---

# ସଂସ୍କୃତି ଓ ବିକାଶ ପରସ୍ପର ପରିପୂରକ: ରାଜ୍ୟପାଳ

## ରାଜଧାନୀରେ ମୟୂରଭଞ୍ଜ ଉତ୍ସବ ଉଦ୍‌ଘାଟିତ



**ଭୁବନେଶ୍ୱର,୩୦।୧(ସଂଚାର ବ୍ୟୁରୋ):** ସଂସ୍କୃତି ଓ ବିକାଶ ପରସ୍ପର ବିରୋଧୀ ନୁହନ୍ତି, ବରଂ ପରସ୍ପର ପରିପୂରକ। ଆଜି ମୟୂରଭଞ୍ଜ ସାଂସ୍କୃତିକ ସଂଘ ପକ୍ଷରୁ ସ୍ଥାନୀୟ ଉତ୍କଳ ମଣ୍ଡପଠାରେ ତିନିଦିନିଆ ମୟୂରଭଞ୍ଜ ଉତ୍ସବକୁ ମୁଖ୍ୟ ଅତିଥି ଭାବେ ଉଦ୍‌ଘାଟନ କରିବା ଅବସରରେ ରାଜ୍ୟପାଳ ଏହା କହିଛନ୍ତି । ଏଥିରେ ଉଦ୍‌ବୋଧନ ଦେଇ ରାଜ୍ୟପାଳ କହିଥିଲେ ଯେ ମୟୂରଭଞ୍ଜ ଉତ୍ସବ ଭଳି ଉତ୍ସବଗୁଡ଼ିକ ଅତୀତ ଓ ଭବିଷ୍ୟତ ମଧ୍ୟରେ ଏକ ସୁଦୃଢ଼ ସେତୁ ଭାବରେ କାର୍ଯ୍ୟ କରିଥାଏ। ଏହା ସାଂସ୍କୃତିକ ମୂଳକୁ ଜୀବନ୍ତ ରଖିବା ସହିତ ସନ୍ତୁଳିତ ଓ ସମାବେଶୀ ବିକାଶକୁ ପ୍ରୋତ୍ସାହନ ଦେଇଥାଏ। ଆଜିର ଦ୍ରୁତ ପରିବର୍ତ୍ତନଶୀଳ ବିଶ୍ୱରେ ଯେଉଁଠାରେ ପ୍ରଯୁକ୍ତିବିଦ୍ୟା ପରମ୍ପରାଠାରୁ ଅଧିକ ଦ୍ରୁତଗତିରେ ଆଗକୁ ବଢୁଛି, ଏଭଳି ସାଂସ୍କୃତିକ ମଞ୍ଚଗୁଡ଼ିକର ଆହୁରି ଅଧିକ ଆବଶ୍ୟକ ହୋଇପଡୁଛି। ଉତ୍ସବକୁ ବିବିଧତାରେ ଏକତା, ପରମ୍ପରାରେ ଶକ୍ତି ଏବଂ ଐତିହ୍ୟର ନିରନ୍ତରତାର ଉତ୍ସବ ବୋଲି ରାଜ୍ୟପାଳ କହିଥିଲେ।

---

## କୁଷ୍ଠ ନିବାରଣ ଦିବସ—୨୦୨୬ ପାଳିତ

# ରାଜ୍ୟରେ କମିଛି ନୂଆ ରୋଗୀଙ୍କ ସଂଖ୍ୟା

**ଭୁବନେଶ୍ୱର,୩୦।୧(ସଂଚାର ବ୍ୟୁରୋ):** କୁଷ୍ଠରୋଗ ସହଜରେ ଚିହ୍ନଟ ହେବା ସହ ସହଜରେ ଚିକିତ୍ସା ବି ହୋଇପାରୁଛି। କୁଷ୍ଠ ରୋଗକୁ ଠିକ୍ ସମୟରେ ଚିହ୍ନଟ ଓ ଚିକିତ୍ସା କରାଗଲେ କୌଣସି ରୋଗୀ ସହଜରେ ସୁସ୍ଥ ହୋଇପାରିବେ। ସାମାଜିକ ସହଯୋଗ ଓ ସଚେତନତା ମାଧ୍ୟମରେ କୁଷ୍ଠ ରୋଗକୁ ହରାଯାଇପାରିବ। ସମ୍ବର୍ଦ୍ଧିତ ଡାକ୍ତର ଓ ଆଶା କର୍ମୀମାନେ କଠିନ ପରିଶ୍ରମ ବଳରେ ଅନ୍ୟମାନଙ୍କ ପାଇଁ ପ୍ରେରଣା ସାଜିବା ସହ ଏହି ମହତ୍ୱ ଉଦ୍ଦେଶ୍ୟରେ ଅନ୍ୟକୁ ସାମିଲ କରିବାକୁ ପ୍ରୋତ୍ସାହିତ କରିବେ। ରାଜ୍ୟର ୧୫ ଜିଲ୍ଲାରେ କୁଷ୍ଠ ରୋଗୀ ସଂଖ୍ୟା ଖୁବ କମ୍। ଏଥିସହ ଆଗାମୀ ଦିନରେ ଏହି ରୋଗ ସମ୍ପୂର୍ଣ୍ଣ ନିରାକରଣ ପାଇଁ ନିଜକୁ ପ୍ରସ୍ତୁତ କରିବାକୁ କୁଷ୍ଠ ନିବାରଣ ଦିବସ—୨୦୨୬ ପାଳନ ଅବସରରେ ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ବିଭାଗ ସଚିବ ତଥା କମିଶନର ଅଶ୍ୱତି ଏସ୍. ପରାମର୍ଶ ଦେଇଛନ୍ତି। ଏହି କାର୍ଯ୍ୟକ୍ରମ ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ବିଭାଗ ପକ୍ଷରୁ ଅନୁଷ୍ଠିତ ହୋଇଛି। ଏହି ଅବସରରେ ଶ୍ରୀପୁରା ପ୍ରାଥମିକ ସ୍ୱାସ୍ଥ୍ୟ କେନ୍ଦ୍ରର ଆୟୁଷ ମେଡିକାଲ ଅଫିସର ଡାକ୍ତର ଦିବ୍ୟେନ୍ଦୁ କୁମାର ସାହୁ , ଦାନଗଦି ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରର ମେଡିକାଲ ଅଫିସର ଡାକ୍ତର ମନୀଷ ସାହୁ, ଖଜୁରିଆକଟା ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରର ଆୟୁଷ ମେଡିକାଲ ଅଫିସର ଡାକ୍ତର ତପସ୍ୱିନୀ ମିଶ୍ର, ଆଶା କର୍ମୀ ପ୍ରତିମା ମଲ୍ଲିକ, ରଜନୀ ଭୋଇ, ମଞ୍ଜୁଲତା ଲେଙ୍କା, ୱାଇ ମଞ୍ଜୁ, ମନୋରମା ମଲ୍ଲିକଙ୍କୁ ସମ୍ମାନିତ କରାଯାଇଛି। ୨୦୨୪-୨୫ ବର୍ଷରେ ରାଜ୍ୟରେ ୭୩୪୯ଟି ମାମଲା ଚିହ୍ନଟ ହୋଇଛି। ସେହିପରି କୁଷ୍ଠ ରୋଗୀ (ଗ୍ରେଡ୍-୨) ସଂଖ୍ୟାରେ ୯୨ ପ୍ରତିଶତ ହ୍ରାସ ଘଟି ୧୦୬ରେ ପହଞ୍ଚିଛି। ସେହିପରି ୩୯୫ ଜଣ କୁଷ୍ଠ ଆକ୍ରାନ୍ତ ଶିଶୁ ରୋଗୀ ଚିହ୍ନଟ ହୋଇଛନ୍ତି। ଶଲ୍ୟ ବିଶେଷଜ୍ଞ ତଥା ଅତିରିକ୍ତ ନିର୍ଦ୍ଦେଶକ (କୁଷ୍ଠ) ଡାକ୍ତର ଲକ୍ଷ୍ମଣ କୁମାର କର୍ମି କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ସ୍ୱତନ୍ତ୍ର ସଚିବ ଡାକ୍ତର ବିଜୟ କୁମାର ମହାପାତ୍ର, ଜନସ୍ୱାସ୍ଥ୍ୟ ନିର୍ଦ୍ଦେଶକ ଡା. ନୀଳକଣ୍ଠ ମିଶ୍ର, ସ୍ୱାସ୍ଥ୍ୟ ସେବା ନିର୍ଦ୍ଦେଶକ ଡାକ୍ତର ପ୍ରଦୀପ ଗୁରୁ ଓ ବରିଷ୍ଠ ବିଭାଗୀୟ ଅଧିକାରୀ ଯୋଗଦେଇଥିଲେ।

**୩ ଡାକ୍ତର ଓ ୫ ଆଶା କର୍ମୀ ସମ୍ବର୍ଦ୍ଧିତ**
**ସ୍ପର୍ଶ କୁଷ୍ଠ ସଚେତନତା ଶପଥ ପାଠ**



---

## ବିଶ୍ୱ ବ୍ୟାଙ୍କକୁ ଭୁଲ୍ ତଥ୍ୟ ଦେଇଛନ୍ତି ସରକାର



**ଭୁବନେଶ୍ୱର,୩୦।୧(ସଂଚାର ବ୍ୟୁରୋ):** ରାଜ୍ୟ ବିଜେପି ସରକାର ବିଶ୍ୱ ବ୍ୟାଙ୍କ ଟିମ୍ ସମ୍ମୁଖରେ ଭୁଲ ତଥ୍ୟ ଉପସ୍ଥାପନ କରି ଏକ ଗୋଲାପୀ ଚିତ୍ର ପ୍ରଦର୍ଶନ କରିଛନ୍ତି ବୋଲି ବିଜେଡି ପକ୍ଷରୁ ଅଭିଯୋଗ କରାଯାଇଛି। ଆଜି ଶଙ୍ଖ ଭବନଠାରେ ଅନୁଷ୍ଠିତ ଏକ ସାମ୍ବାଦିକ ସମ୍ମିଳନୀରେ ଦଳର ବରିଷ୍ଠ ସାଧାରଣ ସମ୍ପାଦକ ତଥା ପୂର୍ବତନ ମନ୍ତ୍ରୀ ପ୍ରୀତିରଞ୍ଜନ ଘଡ଼ାଇ ଗତ ୧୮ ମାସରେ ଅଧିକାଂଶ କ୍ଷେତ୍ରରେ ରାଜ୍ୟ କିପରି ପଛକୁ ଯାଇଛି, ସେନେଇ ସବିଶେଷ ସୂଚନା ଦେଇଛନ୍ତି। ସେ କହିଛନ୍ତି ଯେ ଗତକାଲି ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ବିଶ୍ୱ ବ୍ୟାଙ୍କ ସମୂହ ସଭାପତି ଅଜୟ ବଙ୍ଗାଙ୍କୁ ଭେଟି ରାଜ୍ୟର ଦୀର୍ଘକାଳୀନ ବିକାଶ ଅଗ୍ରାଧିକାର, ଅର୍ଥନୈତିକ ସଂସ୍କାର ଓ ନିଯୁକ୍ତି ସୃଷ୍ଟି ଉପରେ ଆଲୋଚନା କରିଥିଲେ। କିନ୍ତୁ ଏହି ଆଲୋଚନା ସମୟରେ ବିଜେପି ସରକାର ବିଶ୍ୱ ବ୍ୟାଙ୍କ ଟିମ୍ ଓ ୪.୫ କୋଟି ଓଡ଼ିଆଙ୍କ ଆଗରେ ଏକ ଗୋଲାପୀ ଚିତ୍ର ଉପସ୍ଥାପନ କରିଥିଲେ ହେଁ ଏହା ବିଭ୍ରାନ୍ତ କରୁଛନ୍ତି। ପୂର୍ବତନ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ସମୟରେ ନୀତି ଆୟୋଗଙ୍କ ଆର୍ଥିକ ପରିଚାଳନା ସୂଚକାଙ୍କରେ ଓଡ଼ିଶା ଦେଶରେ ପ୍ରଥମ ସ୍ଥାନ ହାସଲ କରିଥିଲା। ଦେଶରେ ଓଡ଼ିଶାର ଋଣ ଭାର ମଧ୍ୟ ସର୍ବନିମ୍ନ ଥିଲା। ଫଳତଃ ବିଶ୍ୱ ବ୍ୟାଙ୍କ, ଆର୍‌ବିଆଇ ଓ ଆଇଏମ୍‌ଏଫ୍ ବିଜେଡି ସରକାରଙ୍କ ଆର୍ଥିକ ପରିଚାଳନା ମଡେଲ୍‌କୁ ପ୍ରଶଂସା କରିଥିଲେ। କିନ୍ତୁ ବିଜେପି କ୍ଷମତାକୁ ଆସିବା ପରଠାରୁ ଆର୍ଥିକ ପରିଚାଳନା ବିପରୀତ ଦିଗରେ ଗତି କରୁଛି। ଓଡ଼ିଶାର ଅର୍ଥନୀତି ବିପର୍ଯ୍ୟସ୍ତ ଅବସ୍ଥାରେ ରହିଛି ଓ ପରିସ୍ଥିତି ଏପରି ହୋଇଛି ଯେ ନବେ ଦଶକ ସ୍ଥିତି ମନେ ପଡ଼ିଯାଉଛି। ବୋଲି ଶ୍ରୀ ଘଡ଼ାଇ କହିଛନ୍ତି।

---



## ପିସିସି ପାଳିଲା ମହାତ୍ମା ଗାନ୍ଧୀଙ୍କ ଶ୍ରାଦ୍ଧ ଦିବସ

**ଭୁବନେଶ୍ୱର,୩୦।୧(ସଂଚାର ବ୍ୟୁରୋ):** ଆଜି ଓଡ଼ିଶା ପ୍ରଦେଶ କଂଗ୍ରେସ କମିଟି ପକ୍ଷରୁ ଜାତିର ଜନକ ମହାତ୍ମା ଗାନ୍ଧୀଙ୍କ ଶ୍ରାଦ୍ଧ ଦିବସ ସ୍ଥାନୀୟ କଂଗ୍ରେସ ଭବନଠାରେ ପାଳିତ ହୋଇଛି। ଏହି ଉପଲକ୍ଷେ କଂଗ୍ରେସ ନେତାମାନେ ଚନ୍ଦ୍ରଶେଖରପୁର ନାଲକୋ ଛକସ୍ଥିତ ଗାନ୍ଧୀ ପାର୍କରେ ଥିବା ମହାତ୍ମା ଗାନ୍ଧୀଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ କରିଥିଲେ। ପରେ କଂଗ୍ରେସ ଭବନସ୍ଥିତ ମହାତ୍ମା ଗାନ୍ଧୀଙ୍କ ପ୍ରତିମୂର୍ତ୍ତିରେ ଶ୍ରଦ୍ଧାସୁମନ ଅର୍ପଣ କରାଯାଇଛି। ଏଥିରେ ଜଗନ୍ନାଥ ପଟ୍ଟନାୟକ, ସୁରେଶ କୁମାର ରାଉତରାୟ, ଶିବାନନ୍ଦ ରାୟ, ସମୀର କୁମାର ରାଉତରାୟ, ଡ. ଦେବାଶିଷ ପଟ୍ଟନାୟକ, ମୀନାକ୍ଷି ବାହିନୀପତି, ପ୍ରକାଶ ଜେନା, ଅଭୟ ସାହୁ, ମାନସ ଆଚାର୍ଯ୍ୟ, ଚିନ୍ମୟ ସୁନ୍ଦର ଦାସପ୍ରମୁଖ ବହୁ କଂଗ୍ରେସ ନେତା ଓ କର୍ମୀ ଉପସ୍ଥିତ ଥିଲେ।

---

## ରାଜ୍ୟସ୍ତରୀୟ ସହିଦ ଦିବସ

# ଜାତିର ଜନକଙ୍କୁ ଶ୍ରଦ୍ଧାଞ୍ଜଳି



**ଭୁବନେଶ୍ୱର,୩୦।୧(ସଂଚାର ବ୍ୟୁରୋ):** ମହାତ୍ମା ଗାନ୍ଧିଙ୍କ ନାମ କାନରେ ବାଜିଲେ, ମନ ଓ ହୃଦୟରେ ସତ୍ୟ ଓ ଅହିଂସା ଭାବ ସ୍ୱତଃ ଉଦ୍ରେକ ହୋଇଥାଏ। ଗାନ୍ଧିଜୀ ଥିଲେ ସତ୍ୟ ଓ ଅହିଂସାର ନିଷ୍ଠାପର ପୂଜାରୀ ଓ ସାଧକ, ଖୁବ୍ ଉଚ୍ଚମନା, ଦେଶପ୍ରେମୀ, ସେବକ ଓ ତ୍ୟାଗୀ। ରାମ ନାମ ସ୍ମରଣ ଓ ସତ୍ୟ ଏବଂ ଅହିଂସାକୁ ଆନ୍ଦୋଳନର ପ୍ରଧାନ ଅସ୍ତ୍ର ରୂପେ ବ୍ୟବହାର କରି ସେ ଭାରତକୁ ସ୍ୱାଧୀନତା ଦେଇଥିଲେ। ତାଙ୍କ ମହାପ୍ରୟାଣ ଦିବସକୁ ଆଜି ପୂର୍ବାହ୍ନରେ ବିଧାନସଭା ପରିସରରେ ରାଜ୍ୟସ୍ତରୀୟ ସହିଦ ଦିବସ ପାଳିତ ହୋଇଛି। ଏହି ଅବସରରେ ରାଜ୍ୟପାଳ ଡ. ହରି ବାବୁ କମ୍ଭମ୍ପାଟି, ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ, ଉପମୁଖ୍ୟମନ୍ତ୍ରୀ କନକ ବର୍ଦ୍ଧନ ସିଂହଦେଓ, ବାଚସ୍ପତି ସୁରମା ପାଢ଼ୀ, ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ମନ୍ତ୍ରୀ ସୁରେଶ ପୂଜାରୀ, ବିଦ୍ୟାଳୟ ଓ ଗଣଶିକ୍ଷା ମନ୍ତ୍ରୀ ନିତ୍ୟାନନ୍ଦ ଗଣ୍ଡ, ଉପବାଚସ୍ପତି ଭବାନୀ ଶଙ୍କର ଭୋଇ, ସରକାରୀ ଦଳ ମୁଖ୍ୟ ସଚେତକ ସରୋଜ କୁମାର ପ୍ରଧାନ, ଉପମୁଖ୍ୟ ସଚେତକ ଗୋବିନ୍ଦ ଚନ୍ଦ୍ର ଦାସ, ବିଧାୟକ ବାବୁ ସିଂ, ଭାସ୍କର ଚନ୍ଦ୍ର ମଢ଼େଇଙ୍କ ସମେତ ପୂର୍ବତନ ମନ୍ତ୍ରୀ, ବିଧାୟକ ପ୍ରମୁଖ ଉପସ୍ଥିତ ଥିଲେ।

---

# ତମାଖୁ ବିଜ୍ଞପ୍ତି ନେଇ ଦ୍ୱନ୍ଦ୍ୱରେ ଚଢ଼ାଉକାରୀ

**ଭୁବନେଶ୍ୱର,୩୦।୧:** ଗୁଟ୍‌ଖା ନିଷିଦ୍ଧ ପାଇଁ ରାଜ୍ୟ ସରକାର ନିଜ ବିଜ୍ଞପ୍ତିକୁ ନିଜେ ସଂଶୋଧନ କରିବାପରେ ଚଢ଼ଉ ଆରମ୍ଭ କରିଥିବା ସଂସ୍ଥାଗୁଡିକ ଭିତରେ ଦ୍ୱନ୍ଦ ସୃଷ୍ଟି ହୋଇଛି। କାହାକୁ ସେମାନେ ଏବେ ଜବତ କରିବେ ଓ କାହାକୁ ଛାଡିବେ, ସେଥିନେଇ ସମସ୍ୟାରେ ପଡିଛନ୍ତି। କେବଳ ସେତିକି ନୁହେଁ, ଯେଉଁ ବ୍ରାଣ୍ଡ୍‌ରେ ଗୁଟ୍‌ଖା ଓ ନିକୋଟିନ୍‌ଯୁକ୍ତ ପାନମସଲାମାନ ପ୍ରସ୍ତୁତ ହେଉଛି ସେହି ବ୍ରାଣ୍ଡ୍‌ରେ ସାଧା ମୁଖବାସ ପ୍ରସ୍ତୁତ କରି ଖୋଲାଖୋଲି ଭାବେ ଗଣମାଧ୍ୟମରେ ଓ ରାସ୍ତାଘାଟରେ ସରକାରଙ୍କ ଆଖିଆଗରେ ମାଳ ମାଳ ବିଜ୍ଞାପନ ଓ ହୋର୍ଡିଂ ମଧ୍ୟ ରହିଛି। ଏହାକୁ ହଟାଇବାପାଇଁ କାହାର ହାତ ଯାଉନାହିଁ।



ଏଠାରେ ଉଲ୍ଲେଖନୀୟ ଯେ ୨୦୦୬ରେ କେନ୍ଦ୍ର ସରକାର ଖାଦ୍ୟ ନିରାପତ୍ତା ମାନ ଆଇନ୍ ପ୍ରଣୟନ କରିଥିଲେ। ଏହାପରେ ୨୦୧୧ ମସିହାରେ ଆପତ୍ତିଜନକ ଖାଦ୍ୟ ଓ ନିଶା ସାମଗ୍ରୀଗୁଡିକର ବ୍ୟବହାରକୁ ନିଷିଦ୍ଧ କରିବାଲାଗି ରେଗୁଲେସନ୍ସ ଜାରି କରାଯାଇଥିଲା। ଏହି କେନ୍ଦ୍ରୀୟ ଆଇନ୍ ଆଧାରରେ ଓଡିଶା ସରକାରଙ୍କ ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ବିଭାଗ ରାଜ୍ୟପାଳଙ୍କ ଆଦେଶକ୍ରମେ ୨୦୧୩ ଜାନୁଆରୀ ୩ତାରିଖରେ ଏକ ବିଜ୍ଞପ୍ତି ପ୍ରକାଶ କରିଥିଲେ। ସେହି ଦିନଠାରୁ ଗୁଟ୍‌ଖା, ପାନମସଲା ଆଦିର ଉତ୍ପାଦନ, ମହଜୁଦ, ବିପଣନ ଓ ବିକ୍ରି ଆଦି ଉପରେ କଡା କଟକଣା ଜାରି କରାଯାଇଥିଲା ବୋଲି କୁହାଗଲା। ଏ ସଂକ୍ରାନ୍ତରେ ମଧ ଆଇନ୍ ଅଦାଲତଙ୍କର ସବୁଜ ସଙ୍କେତ ଥିଲା।

ଏଭଳି ନିଷିଦ୍ଧାଦେଶ ସତ୍ତ୍ୱେ ଗତ ୧୩ ବର୍ଷ ମଧ୍ୟରେ ଖୋଦ୍ ରାଜ୍ୟ ସରକାର ଏହି ଆପତ୍ତିଜନକ ସାମଗ୍ରୀରୁ ହଜାର ହଜାର କୋଟି ଟଙ୍କାର ରାଜସ୍ୱ ସଂଗ୍ରହ କରି ପ୍ରକାରାନ୍ତରେ ଗୁଟ୍‌ଖା, ପାନମସଲା ଆଦିର ପ୍ରସାରଣକୁ ଏକପ୍ରକାର ନିରବ ସମର୍ଥନ ଦେଇଥିଲେ ବୋଲି ନିଶା ବିରୁଦ୍ଧରେ ଅଭିଯାନ ଚଳାଉଥିବା ବିଭିନ୍ନ ସଂସ୍ଥା ଓ ବ୍ୟକ୍ତିବିଶେଷ ଅଭିଯୋଗ କରୁଛନ୍ତି। ଇତି ମଧ୍ୟରେ ରାଜ୍ୟ ସରକାର ୨୦୨୬ ଜାନୁଆରୀ ୨୧ରେ ରାଜ୍ୟପାଳଙ୍କ ଆଦେଶକ୍ରମେ ଅନ୍ୟଏକ ବିଜ୍ଞପ୍ତି ପ୍ରକାଶ କରି ତମାଖୁ ଓ ନିକୋଟିନ୍‌ଯୁକ୍ତ ସମସ୍ତ ପଦାର୍ଥର ଉତ୍ପାଦନ, ବିପଣନ, ପରିବହନ ଆଦି ଉପରେ ଆଉ ଥରେ କଟକଣା ଜାରି କରିଛନ୍ତି। ଏହି କଟକଣା ଜାରି ହେବା ପରେ କେତେକ ସ୍ଥାନରେ ଚଢ଼ାଉ ହୋଇଛି। ଏମିତିକି ଖୋଦ୍ ରାଜଧାନୀରେ କୋଟିଏରୁ ଉର୍ଦ୍ଧ୍ୱ ଟଙ୍କାର ଆପତ୍ତିଜନକ ଗୁଟ୍‌ଖା ଓ ପାନମସଲା ଜବତ କରାଯାଇଛି। ରାଜ୍ୟ ସରକାରଙ୍କ ଏହି ବିଜ୍ଞପ୍ତିକୁ ବିଭିନ୍ନ ମହଲରୁ ସ୍ୱାଗତ କରାଯାଉଥିବାବେଳେ ଏବେ ପୁଣି ଜାନୁଆରୀ ୨୯ତାରିଖରେ ସ୍ୱାସ୍ଥ୍ୟ ବିଭାଗ ଅନ୍ୟଏକ ସ୍ପଷ୍ଟିକରଣ ଜାରି କରିଛି। ଏଥିରେ ଯେଉଁ ପାନମସଲାରେ ତମାଖୁ ଓ ନିକୋଟିନ୍ ଆଦି ନାହିଁ ସେଗୁଡିକୁ କଟକଣାରୁ ବାଦ୍ ଦିଆଯାଇଛି। ତେବେ ବିଧି ବିଶେଷଜ୍ଞମାନେ କହୁଛନ୍ତି ଯେ ପୂର୍ବ ବିଜ୍ଞପ୍ତିଟି ରାଜ୍ୟପାଳଙ୍କ ଆଦେଶ କ୍ରମେ ସରକାରଙ୍କ ପକ୍ଷରୁ ପ୍ରକାଶ ପାଇଥିବାବେଳେ ସଦ୍ୟତମ ସ୍ପଷ୍ଟିକରଣଟି ସ୍ୱାସ୍ଥ୍ୟ ବିଭାଗର ଶାସନ ସଚିବ ଦେଇଛନ୍ତି। ପ୍ରଥମ ଦୁଇଟି ବିଜ୍ଞପ୍ତି ରାଜ୍ୟ ଗେଜେଟରେ ପ୍ରକାଶ ପାଇଥିବାବେଳେ ସ୍ପଷ୍ଟିକରଣଟି କିନ୍ତୁ ଗେଜେଟରେ ପ୍ରକାଶ କରାଯାଇନାହିଁ।

ଏଠାରେ ଉଲ୍ଲେଖନୀୟ ଯେ ତମାଖୁ, ଗୁଟ୍‌ଖା, ଜର୍ଦ୍ଦା, ଖଇନି ଆଦି ଯୋଗୁଁ ମୁଖଗହ୍ୱର କର୍କଟ ଠାରୁ ଆରମ୍ଭ କରି ପାକସ୍ଥଳୀ, ଯକୃତ, ଗଳା, ଲିଭର, ହାର୍ଟ, ସ୍ନାୟୁ ଆଦି କ୍ଷତିଗ୍ରସ୍ତ ହେଉଛି। ଦ୍ୱିତୀୟ ରାଉଣ୍ଡର ବିଶ୍ୱ ତମାଖୁ ସର୍ଭେ ରିପୋର୍ଟ ଅନୁଯାୟୀ ଓଡିଶାର ୪୨ ପ୍ରତିଶତ ବୟସ୍କ ବ୍ୟକ୍ତି ଧୂମବିହୀନ ତମାଖୁ ସେବନ କରୁଛନ୍ତି, ଯାହା ଜାତୀୟ ହାରର ପ୍ରାୟ ଦୁଇଗୁଣ। ୪୦ବର୍ଷ ତଳେ ଓଡିଶାରେ ଗୋଟିଏ ମାତ୍ର କ୍ୟାନସର ହସ୍ପିଟାଲ ଥିବାବେଳେ ଏବେ ରାଜ୍ୟରେ ୪୦ରୁ ଅଧିକ କ୍ୟାନସର ଚିକିତ୍ସାକେନ୍ଦ୍ର ଥାଇ ମଧ ରୋଗୀଙ୍କ ପାଇଁ ଶଯ୍ୟା ନିଅଣ୍ଟ ପଡୁଛି। ଏ ପରିପ୍ରେକ୍ଷୀରେ ୨୦୧୬ ମସିହାର ସୁପ୍ରିମକୋର୍ଟଙ୍କ ରାୟ ଏବଂ କେନ୍ଦ୍ର ସରକାରଙ୍କ ମାର୍ଗନିର୍ଦ୍ଦେଶିକା ଓ ଆଇନ୍ ଆଧାରରେ ରାଜ୍ୟ ସରକାର ଯେଉଁ ନିଷିଦ୍ଧାଦେଶ ଜାରି କରିଥିଲେ ତାହାକୁ କାହିଁକି କୋହଳ କରାଯାଉଛି ସେଥିନେଇ ଏବେ ସର୍ବସାଧାରଣରେ ବିତର୍କ ଆରମ୍ଭ ଚାଲିଛି। (ତଥ୍ୟ)

---

## ଖଣ୍ଡଗିରି ମେଳାରେ ବିବାଦ ପିଛା ଛାଡୁନି

# କ୍ଷୀତିଶଙ୍କୁ ଚେତାବନୀ ଦେଲେ ମୀରା

**ଭୁବନେଶ୍ୱର,୩୦।୧(ସଂଚାର ବ୍ୟୁରୋ):** ଖଣ୍ଡଗିରି ମେଳାରେ ବିଭିନ୍ନ ଯାତ୍ରା ପାର୍ଟି ଯାତ୍ରା ପରିବେଷଣ କରୁଛନ୍ତି। ଲୋକମାନଙ୍କ ଭିଡ଼ ବି ଖଚାଖଚ ରହିଛି। ହେଲେ ଏହାରି ଭିତରେ ପୁଣି ଏକ ବିବାଦ ମୁଣ୍ଡ ଟେକିଛି। ଯେମିତି ଖଣ୍ଡଗିରି ମେଳାରେ ବିବାଦ ପିଛା ଛାଡୁନି। ଏହାରି ମଧ୍ୟରେ କାହ୍ନାଙ୍କ ପରେ ଯାତ୍ରା ଅଭିନେତା କ୍ଷୀତିଶ ବିଶ୍ୱାଳଙ୍କୁ ମୀରା ପରିଡ଼ା ଚେତାବନୀ ଦେଇଛନ୍ତି। ଯାତ୍ରା ସିଂହବାହିନୀର 'ତୁ ମୋ ବଜରଙ୍ଗୀ' ନାଟକକୁ ନେଇ ବିବାଦ



ଦେଖାଦେଇଛି। କିନ୍ନରଙ୍କ ପ୍ରତି ଅପମାନସୂଚକ ଶବ୍ଦ ବ୍ୟବହାରକୁ ନେଇ ମୀରା ଚେତାବନୀ ଦେଇଛନ୍ତି। କ୍ଷମା ମାଗିବା ସହ ଅପଶବ୍ଦକୁ ପ୍ରତ୍ୟାହାର କରିବା ପାଇଁ ଦାବି କରିଛନ୍ତି ମୀରା। ସୂଚନାଯୋଗ୍ୟ, କାହ୍ନାଙ୍କ ଅଭିନୀତ 'ଜାନୁଆର' ନାଟକକୁ ନେଇ ବିବାଦ ଦେଖିବାକୁ ମିଳିଥିଲା। କାହ୍ନାଙ୍କ କିଛି ଡାଇଲଗକୁ କିନ୍ନର ମହାସଂଘ ବିରୋଧ ମଧ୍ୟ କରିଥିଲା। କିନ୍ନରଙ୍କ ପ୍ରତି ବ୍ୟବହୃତ ହୋଇଥିବା ଅପମାନଜନକ ସଂଳାପ ପ୍ରତ୍ୟାହାର ଲାଗି ଦାବି କରାଯାଇଛି। ଏହି ମାମଲାରେ କାହ୍ନା ସର୍ବସମ୍ମୁଖରେ କ୍ଷମା ନ ମାଗିଲେ ଖଣ୍ଡଗିରିରେ ମଞ୍ଚ ଚଢ଼ାଇ ଦିଆଯିବନାହିଁ ବୋଲି ମୀରା ଚେତାବନୀ ଦେଇଥିଲେ। ପରେ ରାଣୀ ପଣ୍ଡାଙ୍କ ହସ୍ତକ୍ଷେପ ପରେ କାହ୍ନା କ୍ଷମା ମାଗିଥିଲେ। ତେବେ ଏବେ କ୍ଷୀତିଶଙ୍କୁ ଚେତାବନୀ ଦେଇଛନ୍ତି ମୀରା। ଏଭଳି ବାରମ୍ବାର କିନ୍ନରଙ୍କ ପ୍ରତି ଅପମାନଜନକ ଶବ୍ଦ ବ୍ୟବହାର କରାଯିବା ଘଟଣାକୁ ସାଧାରଣରେ ମଧ ବିରୋଧ କରାଯାଇଛି।

ଜୀବନ ଅମୃତ ଅନୁଚିନ୍ତା

ପ୍ରକୃତ ଧନ-ଆଜି ପର୍ଯ୍ୟନ୍ତ କେହି ପାର୍ଥିବ ଧନ ସଂସାରରୁ ନେଇ ଆର ପାରିକୁ ଯାଇ ନାହାନ୍ତି। ଯାହା ନେଇଛନ୍ତି ତାହା ସତ କର୍ମ ବା ପୁଣ୍ୟର ଫଳ। ଏହା ହିଁ ପ୍ରକୃତ ଧନ ଯାହା ଆର ପାରିରେ ସହାୟକ ହୋଇଥାଏ।

sanchar.live

ସମ୍ପାଦକୀୟ

SANCHAR
ସଂଚାର

୪
ଶନିବାର ୩୧ ଜାନୁଆରୀ ୨୦୨୬, ଭୁବନେଶ୍ୱର
Saturday 31 January 2026, Bhubaneswar

# ନୂଆ ମୋଡ଼ ନେଉଛି ମହାରାଷ୍ଟ୍ର ରାଜନୀତି



ମହାରାଷ୍ଟ୍ରର ରାଜନୈତିକ କ୍ଷେତ୍ରରେ ଅଜିତ ପାୱାରଙ୍କ ଅକାଳ ବିୟୋଗ ପରେ ଏକ ନୂଆ ଅଧ୍ୟାୟର ଆରମ୍ଭ ହୋଇଛି। ଜାନୁଆରୀ ୨୮, ୨୦୨୬ରେ ବାରାମତିରେ ହେଲିକପ୍ଟର ଦୁର୍ଘଟଣାରେ ତାଙ୍କର ମୃତ୍ୟୁ ମହାରାଷ୍ଟ୍ରର ରାଜନୀତିକୁ ଏକ ବଡ଼ ଧକ୍କା ଦେଇଛି। ଅଜିତ ପାୱାର, ଯିଏ ମହାରାଷ୍ଟ୍ରର ସବୁଠାରୁ ଲମ୍ବା ସମୟ ଧରି ଉପମୁଖ୍ୟମନ୍ତ୍ରୀ ଥିଲେ, ତାଙ୍କର ଅନୁପସ୍ଥିତିରେ ରାଜ୍ୟର କ୍ଷମତା ସମୀକରଣ ପୁନର୍ବାର ବଦଳିବାର ସମ୍ଭାବନା ରହିଛି। ତେଣୁ ସମୟ ଆସିଛି ତାଙ୍କର ରାଜନୈତିକ ଯାତ୍ରା, ଏନସିପିର ବିଭାଜନ ଏବଂ ଭବିଷ୍ୟତର ସମ୍ଭାବନାକୁ ପୁଣି ଥରେ ବିଶ୍ଳେଷଣ କରିବାର।

ଅଜିତ ପାୱାରଙ୍କ ରାଜନୈତିକ ଜୀବନ ଶରଦ ପାୱାରଙ୍କ ଛାୟାରେ ଆରମ୍ଭ ହୋଇଥିଲା। ୧୯୯୯ରେ ଏନସିପିର ଗଠନ ପରେ ସେ ରାଜ୍ୟର ରାଜନୀତିରେ ଏକ ପ୍ରମୁଖ ଭୂମିକା ନିର୍ବାହ କରିଥିଲେ। କିନ୍ତୁ ୨୦୨୩ରେ ଏନସିପିର ବିଭାଜନ ତାଙ୍କର ସବୁଠାରୁ ବଡ଼ ରାଜନୈତିକ ଚାଲ ଥିଲା। ଜୁଲାଇ ୨ରେ ସେ ଶରଦ ପାୱାରଙ୍କ ନେତୃତ୍ୱରୁ ବିଚ୍ଛିନ୍ନ ହୋଇ ବିଜେପି-ଶିବସେନା (ଶିନ୍ଦେ) ମହାୟୁତି ମେଣ୍ଟରେ ଯୋଗ ଦେଇଥିଲେ। ଏହି ବିଭାଜନରେ ସେ ଅଧିକାଂଶ ବିଧାୟକଙ୍କୁ ନିଜ ସହିତ ନେଇଥିଲେ ଏବଂ ନିର୍ବାଚନ ଆୟୋଗ ତାଙ୍କ ଦଳକୁ ଆଧିକାରିକ ଏନସିପି ଭାବେ ମାନ୍ୟତା ଦେଇଥିଲା। ଏହା ଶରଦ ପାୱାରଙ୍କ ପାଇଁ ଏକ ବଡ଼ ଧକ୍କା ଥିଲା, ଯାହାର ଫଳସ୍ୱରୂପ ତାଙ୍କ ଦଳ ଏନସିପି (ଏସପି) ନାମରେ ପରିଚିତ ହେଲା।

୨୦୨୪ର ବିଧାନସଭା ନିର୍ବାଚନରେ ମହାୟୁତିର ବିଜୟ ଅଜିତ ପାୱାରଙ୍କ ରାଜନୈତିକ ଚାତୁର୍ଯ୍ୟର ପ୍ରମାଣ ଥିଲା। ସେ ଷଷ୍ଠ ଥର ପାଇଁ ଉପମୁଖ୍ୟମନ୍ତ୍ରୀ ହୋଇଥିଲେ ଏବଂ ଅର୍ଥ ବିଭାଗ ସମ୍ଭାଳିଥିଲେ। ବାରାମତିରେ ତାଙ୍କର ବିଜୟ ଏହି ବିଭାଜନର ପରିଣାମକୁ ସ୍ଥିର କରିଥିଲା। କିନ୍ତୁ ତାଙ୍କର ମୃତ୍ୟୁ ପରେ ଏହି ସମୀକରଣ ବଦଳିଯାଇଛି। ଏବେ ଏନସିପିରେ ନେତୃତ୍ୱର ଶୂନ୍ୟତା ସୃଷ୍ଟି ହୋଇଛି। କିଏ ତାଙ୍କର ଉତ୍ତରାଧିକାରୀ ହେବେ? ସୁପ୍ରିୟା ସୁଲେ, ଯିଏ ଶରଦ ପାୱାରଙ୍କ ଝିଅ ଏବଂ ଦିଲ୍ଲୀରେ ଦଳର ମୁଖ୍ୟ ପ୍ରତିନିଧି, ସେ ରାଜ୍ୟ ରାଜନୀତିରେ ଅଧିକ ସକ୍ରିୟ ହୋଇପାରନ୍ତି। ରୋହିତ ପାୱାର ଭଳି ଯୁବ ନେତାମାନେ ମଧ ଉଭା ହେବାର ସମ୍ଭାବନା ରହିଛି, କିନ୍ତୁ ତାଙ୍କର ଅନୁଭବର ଅଭାବ ଏକ ଚ୍ୟାଲେଞ୍ଜ ହୋଇପାରେ।

ସମ୍ପ୍ରତି ନାଗରିକ ନିର୍ବାଚନରେ ଉଭୟ ଏନସିପି ଦଳର ପରାଜୟ ପରେ ଏକୀକରଣର ଚର୍ଚ୍ଚା ଜୋର ଧରିଛି। ଜାନୁଆରୀରେ ପୁଣେ ଏବଂ ପିମ୍ପ୍ରି-ଚିଞ୍ଚୱାଡର ନିର୍ବାଚନରେ ମେଣ୍ଟର ଆଲୋଚନା ହୋଇଥିଲା। ଅଜିତଙ୍କ ମୃତ୍ୟୁ ପରେ ଏହି ଏକୀକରଣ ଅଧିକ ସମ୍ଭବ ହୋଇପଡ଼ିଛି। ଶରଦ ପାୱାରଙ୍କ ନେତୃତ୍ୱରେ ଏକ ଏକୀକୃତ ଏନସିପି ମହାୟୁତିରେ ରହିବ କି ବିରୋଧୀ ମହାବିକାଶ ଅଘାଡ଼ିରେ ଯୋଗ ଦେବ, ଏହା ଏକ ବଡ଼ ପ୍ରଶ୍ନ। କେତେକ ରିପୋର୍ଟ ଅନୁଯାୟୀ, ଏନସିପି ଏନଡିଏରେ ଯୋଗ ଦେଇପାରେ ଏବଂ ସୁପ୍ରିୟା ସୁଲେ ଉପମୁଖ୍ୟମନ୍ତ୍ରୀ ହୋଇପାରନ୍ତି। ଏହା ବିଜେପିର ରାଜ୍ୟରେ ଆଧିପତ୍ୟକୁ ଆହୁରି ମଜବୁତ କରିବ।

ମହାରାଷ୍ଟ୍ରର ରାଜନୀତି ସର୍ବଦା ଅସ୍ଥିର ରହିଛି। ୨୦୨୨ରେ ଶିବସେନାର ବିଭାଜନ ପରେ ଏନସିପିର ବିଭାଜନ ବିଜେପିର ରଣନୀତିର ଫଳ ଥିଲା। ଅଜିତଙ୍କ ଅନୁପସ୍ଥିତିରେ ଏହି ମେଣ୍ଟର ସ୍ଥିରତା ପ୍ରଭାବିତ ହୋଇପାରେ। ଦେବେନ୍ଦ୍ର ଫଡନାଭିସଙ୍କ ନେତୃତ୍ୱରେ ବିଜେପି ନୂଆ ସହଯୋଗୀ ଖୋଜିବ କି? ଏହା ରାଜ୍ୟର ବିକାଶ ଏବଂ ଜନସାଧାରଣର ସମସ୍ୟାକୁ ପ୍ରଭାବିତ କରିବ। ଅଜିତ ପାୱାରଙ୍କ ଯାତ୍ରା ଏକ ଉଦାହରଣ ଯେ ରାଜନୀତିରେ କ୍ଷମତା ଅସ୍ଥାୟୀ ଏବଂ ପରିବର୍ତ୍ତନ ଅନିବାର୍ଯ୍ୟ। ଏବେ ମହାରାଷ୍ଟ୍ରର ରାଜନୀତି ଏକ ନୂଆ ଦିଗକୁ ମୋଡ଼ିବାର ସମୟ।

# ମହାତ୍ମାଙ୍କ ଶେଷଦିନ ଓ ପରମପିତା ଶ୍ରୀଶ୍ରୀ ଠାକୁର ଅନୁକୂଳଚନ୍ଦ୍ର

**ପ୍ରଫେସର ଡାକ୍ତର ଉମେଶ ଚନ୍ଦ୍ର ପାତ୍ର**



ସତ୍ୟ, ଅହିଂସା, ସର୍ବୋଦୟ ଓ ସତ୍ୟାଗ୍ରହର ମୂର୍ତ୍ତିମନ୍ତ ଚିନ୍ତନ ପ୍ରତୀକ ଥିଲେ ଜାତିର ପିତା ପରମପୂଜ୍ୟ ମହାତ୍ମା ଗାନ୍ଧୀ। ଏହି ସାବରମତୀର ସନ୍ଥ ସମଗ୍ର ବିଶ୍ୱବାସୀଙ୍କ ପାଇଁ ଚିରସ୍ମରଣୀୟ ଓ ପରମ ପୂଜନୀୟ ବ୍ୟକ୍ତିତ୍ୱ। ପୂଜ୍ୟ ଗାନ୍ଧିଜୀଙ୍କ ପାଇଁ ପ୍ରେମିକ କବି ଡକ୍ଟର ମାୟାଧର ମାନସିଂହଙ୍କ ତାଙ୍କ ଗ୍ରନ୍ଥାବଳୀର ପ୍ରଥମ ଖଣ୍ଡରେ ସ୍ଥାନ ଦେଇଥିଲେ, ଯେବେହେ ଆସିବ ଫେରି, ଏ ଧରାରେ ଦେବ ପୁଣି ପଦ, କୁତ୍ସିତ ମାଟିରେ ପୁଣି ପ୍ରବାହିତ କରି ପୁଣ୍ୟ ନଦ, ଧରାମୁଖୁ ପୋଛି ପୋଛି ନେବ ପୁଣି ଯେତେ ଦୈନ୍ୟ, ବ୍ୟାଧି, ଯେତେ ମିଥ୍ୟା, ଯେତେ ପାପ, କୁସଂସ୍କାର, ବର୍ବରତା ଆଦି ଅଗାଧ କରୁଣା ସ୍ପର୍ଶେ, ଆପଣାରେ କ୍ଷୟି ତିଳେ ତିଳେ, ମାନବ ସେବାରେ କୃଚ୍ଛ୍ର ତପସ୍ୟାର ପବିତ୍ର ସଲିଳେ ଉଜ୍ଜୀବିତ କରି ମୃତ, ଜଡ଼ୀଭୂତ, କଳୁଷିତ ନର, କୋଟି କୋଟି ସ୍ୱାର୍ଥପ୍ରାଣେ ଅଙ୍କୁରାଇ ବୀଜ ପଦାର୍ଥର।

ବିନା ମେଘରେ ବଜ୍ରପାତ ଭଳି ମହାତ୍ମାଜୀଙ୍କର ମୃତ୍ୟୁ ସମ୍ବାଦରେ ପରମପିତା ଓ ଯୁଗାବତାର ଶ୍ରୀ ଶ୍ରୀ ଠାକୁର ଅନୁକୂଳଚନ୍ଦ୍ର ଅତ୍ୟନ୍ତ ଉଦବିଗ୍ନ, ବିଷର୍ଣ୍ଣ ଓ ଭାରାକ୍ରାନ୍ତ ହୋଇପଡ଼ିଲେ। ସ୍ୱତଃବ୍ୟକ୍ତ କଲେ - କି ଯେ କାଣ୍ଡ ଘଟିଲା, ଜାତି, ଧର୍ମ, ବର୍ଣ୍ଣ ଓ ଦଳ ନିର୍ବିଶେଷରେ ସମସ୍ତେ ଅନ୍ତରର ସହିତ ଶ୍ରଦ୍ଧା କରୁଥିବା ଜଣେ ବ୍ୟକ୍ତିଙ୍କୁ ଆଜି ଆଉ ଦେଖିବାକୁ ମିଳିବନାହିଁ। ଭିନ୍ନ ମତାବଲମ୍ବୀ ଲୋକମାନେ ମଧ ମହାତ୍ମାଜୀଙ୍କୁ ଆନ୍ତରିକ ଭାବେ ଶ୍ରଦ୍ଧା କରୁଥିଲେ। ଯେଉଁ କ୍ଷତି ହୋଇଗଲା ତାହାର ଆଉ ତୁଳନା ନାହିଁ, ଅପୂରଣୀୟ। ମହାତ୍ମାଜୀଙ୍କର ଦେଶ ପ୍ରତି ଏତେ ଅବଦାନ - ଆଉ ତାର କଣ ଏହି ପ୍ରତିଦାନ? ଏହା ଅତ୍ୟନ୍ତ ବେଦନା ଦାୟକ। ଦୁଃଖରେ ମ୍ରିୟମାଣ ହୋଇ ଛଳ ଛଳ ନେତ୍ରରେ ଶ୍ରୀ ଶ୍ରୀ ଠାକୁର ସ୍ୱଗତୋକ୍ତି ପ୍ରକାଶ କରି କହିଲେ - ଯେଉଁମାନେ ମହାତ୍ମାଙ୍କୁ ମୃତ୍ୟୁବିଦ୍ଧ କରିଛନ୍ତି, ସେମାନେ ସତ୍ତାନୁରାଗୀ ସମସ୍ତଙ୍କ ହୃଦୟକୁ ବିଦ୍ଧ କରିଛନ୍ତି, ବିଦୀର୍ଣ୍ଣ କରି ଉଠାଇଛନ୍ତି। ହେ ମହାତାପସ, ତୁମର ଆଶୀର୍ବାଦ ଯେପରି ସମସ୍ତଙ୍କର ଅନ୍ତର୍ନିହିତ ଅମଙ୍ଗଳକୁ ଚିରଦିନ ପାଇଁ ଅବଲୁପ୍ତ କରି ତୋଳୁ। ହେ ଦୟାଳ ପରମପିତଃ! ମନୁଷ୍ୟର ଏହି ଆବେଦନକୁ ତୁମେ ମଙ୍ଗଳପୂର୍ଣ୍ଣ କରିତୋଳ। (୩୧.୧.୧୯୪୮, ଅପରାହ୍ନ ୩ଘଣ୍ଟା) ମହାତ୍ମାଜୀ ଯାହା ସତ୍ୟ ବୁଝୁଥିଲେ ତାହା ନିଜ ଜୀବନରେ କଠୋର ଭାବରେ ପାଳନ କରୁଥିଲେ। ସମଗ୍ର ପରିବେଶକୁ ସେହି ପଥରେ ଚଳାଇବା ନିମିତ୍ତ ଚେଷ୍ଟା କରୁଥିଲେ। କାୟମନୋବାକ୍ୟରେ ଏକମୁଖୀ ଚଳନର ଫଳ ସ୍ୱରୂପ ତାଙ୍କର ବ୍ୟକ୍ତିତ୍ୱ ଓ ଇଚ୍ଛାଶକ୍ତି ଏତେ ପ୍ରବଳ ହୋଇଥିଲା ଯେ ସମଗ୍ର ଦେଶକୁ ତାଙ୍କ ପରି ଜାଗ୍ରତ କରି ଉଠାଇଥିଲେ। ମହାତ୍ମାଙ୍କର ଆବେଷ୍ଟନୀ ଶକ୍ତ ହୋଇଥିଲେ ଏହିପରି ଭାବରେ ତାଙ୍କର ଜୀବନ ଯାଇ ନଥାନ୍ତା। ମହାତ୍ମାଜୀ ଯେପରି ଭାବରେ ମୃତ୍ୟୁବରଣ କଲେ, ଆମେ ଏତେ ଲୋକ ତାଙ୍କୁ ଭଲ ପାଉ, ଅଥଚ ପୂର୍ବରୁ ସାବଧାନ ପାଇବା ସତ୍ତ୍ୱେ ମଧ ନିଜ ଦାୟିତ୍ୱରେ ତାଙ୍କୁ ରକ୍ଷା କରିବାର ବ୍ୟବସ୍ଥା କଲୁନାହିଁ, ଏହା ଆମର ଭଲ ପାଇବା ପକ୍ଷେ ଘୋର ଅପମାନ ଓ ସନ୍ଦେହଜନକ। ମରନା, ମାରନା, ଯଦିପାର ମୃତ୍ୟୁକୁ ଅବଲୁପ୍ତ କର, ଏହା ହିଁ ପରମପିତା ଶ୍ରୀ ଶ୍ରୀ ଠାକୁର ଅନୁକୂଳଚନ୍ଦ୍ରଙ୍କର ଆହ୍ୱାନ।

ଜାତିର ଜନକ ଭାବେ ମହାତ୍ମା ଗାନ୍ଧୀ କେବଳ ଭାରତ ନୁହେଁ ସମଗ୍ର ପୃଥିବୀରେ ଏକ ସମ୍ମାନସ୍ପଦ ବ୍ୟକ୍ତିତ୍ୱ, ତାଙ୍କ ଅହିଂସା ନୀତି ଆଜି ପୃଥିବୀରେ ସମସ୍ତ ରାଷ୍ଟ୍ରର ଜାତୀୟ ବାର୍ତ୍ତା ଭାବେ ପ୍ରମାଣ ସିଦ୍ଧ ହୋଇଛି। ସଶସ୍ତ୍ର ଗୋରା ଫଉଜଙ୍କୁ ଜଣେ ଆଣ୍ଠୁ ଲୁଚୁ ନଥିବା ପୋଷାକ ପରିହିତ ବାପୁଜୀ ଭାରତମାତାରୁ ବିତାଡ଼ିତ କରିବାକୁ ସକ୍ଷମ ହୋଇଥିଲେ। ସମଗ୍ର ଭାରତର ଯେଉଁ ଅହିଂସା ନୀତିକୁ ଆଜି ସମଗ୍ର ବିଶ୍ୱ ସମ୍ମାନର ସହିତ ମଥାପାତ କରୁଛି ତାହା ପଛର ଘଟଣାଟି ହେଉଛି ସେହି ମହାନ ନାୟକଙ୍କ କୃତୀ। ପୃଥିବୀରେ ମହାତ୍ମା ଗାନ୍ଧୀ ଏପରି ଜଣେ ବିରଳ ବ୍ୟକ୍ତିତ୍ୱ ଯାହାଙ୍କ ନାମରେ ସାରା ପୃଥିବୀର ବିଭିନ୍ନ ଭାଷାରେ ଅନେକ ଚଳଚ୍ଚିତ୍ର ଓ ପୁସ୍ତକ ମଧ ଲେଖା ହୋଇଛି। କୁହାଯାଏ ଗାନ୍ଧିଜୀଙ୍କ ନାମରେ ଯେ କୌଣସି ପୁସ୍ତକ ତାହା ନିଶ୍ଚିତ ପ୍ରଚୁର ପାଠକୀୟ ଆଦୃତ୍ତ ପାଇଥାଏ। ଆଜିର ଦିନରେ ଆମେ ଜାତିର ପିତାଙ୍କୁ ହରାଇ ଥିଲୁ। ସମଗ୍ର ବିଶ୍ୱ ମଧ ସ୍ତବ୍ଧ ହୋଇଯାଇଥିଲା ସେ ଦିନର ଏହି ଅଭାବନୀୟ ଘଟଣାକୁ ନେଇ। କିନ୍ତୁ ଗାନ୍ଧିଜୀଙ୍କ ଆଦର୍ଶ, ଚିନ୍ତା ଓ ଚେତନା ଯୁଗ ଯୁଗ ପାଇଁ କେବଳ ପ୍ରତିଟି ଭାରତୀୟଙ୍କ ହୃଦୟରେ ନୁହେଁ ସମଗ୍ର ବିଶ୍ୱବାସୀଙ୍କ ହୃଦୟରେ ଚିର ଜାଜ୍ୱଲ୍ୟମାନ ହୋଇ ରହିବ। ନୋବେଲ କମିଟି ଏହିପରି ଜଣେ କୃତୀ ଅମୃତ ପୁରୁଷଙ୍କୁ ଯଥାର୍ଥ ଭାବେ ମୂଲ୍ୟାୟନ କରି 'ନୋବେଲ' ସମ୍ମାନରେ ସମ୍ମାନିତ କରିବା ଉଚିତ। କେବଳ ଜାତିର ଜନକ ଭାବେ ନୁହେଁ ନିଜେ ଜୀବନ ତମାମ ଆଦର୍ଶ ଓ ମୂଲ୍ୟବୋଧକୁ ପାଥେୟ କରିଥିବା ସେହି ପୂଜ୍ୟପ୍ରିୟ ବାପୁଜୀଙ୍କୁ ମୁଁ ଶ୍ରଦ୍ଧାଞ୍ଜଳୀ ଅର୍ପଣ କରୁଛି।

**ଅବସର ପ୍ରାପ୍ତ ପ୍ରଫେସର ଓ ପ୍ରତିରତ୍ୱିକ, ହେପାଟୋଲୋଜି ବିଭାଗ, ଶ୍ରୀରାମଚନ୍ଦ୍ର ଭଞ୍ଜ ମେଡ଼ିକାଲ କଲେଜ, କଟକ, ମୋବାଇଲ୍: ୯୪୩୭୦୫୧୯୫୭**

# ଆମ ପରମ୍ପରାରେ ମାଘ ସପ୍ତମୀର ମାହାତ୍ମ୍ୟ

**ଡକ୍ଟର ଅମୂଲ୍ୟ କୁମାର ପଣ୍ଡା**



ପୌରାଣିକ ମତାନୁସାରେ, ଏହି ପବିତ୍ର ମାଘ ସପ୍ତମୀ ଦିନ ହେଉଛି ସୂର୍ଯ୍ୟ ଭଗବାନଙ୍କ ଜନ୍ମଦିନ। ସୂର୍ଯ୍ୟ ପୂଜାକୁ ଆଧାର କରି ଚନ୍ଦ୍ରଭାଗା ତୀର୍ଥରେ ଏହି ବୁଡ ଅନୁଷ୍ଠିତ ହୋଇଥାଏ। ଏହି ଦିନରେ କୃଷ୍ଣଙ୍କ ପୁତ୍ର ଶାମ୍ବ ଚନ୍ଦ୍ରଭାଗା ନଦୀ ତଟରେ ତପସ୍ୟା କରି ଶ୍ରାପ ଜନିତ ରୋଗରୁ ମୁକ୍ତ ହୋଇଥିଲେ। ଏହି ଦିନରେ ଲାଙ୍ଗୁଳା ନରସିଂହଦେବ ସୂର୍ଯ୍ୟ ମନ୍ଦିର ପ୍ରତିଷ୍ଠା କରିଥିଲେ। ତେଣୁ ନିଜ ପରିବାରକୁ ରୋଗ ଶୋକ ଭୟରୁ ମୁକ୍ତ ରଖିବା ପାଇଁ ହିନ୍ଦୁ ଧର୍ମାଲମ୍ବୀମାନେ ଏହି ପବିତ୍ର ଦିନରେ ଏହି ତୀର୍ଥରେ ବୁଡ ପକାଇ ସୂର୍ଯ୍ୟୋଦୟ ଦର୍ଶନ କରିଥାନ୍ତି। ମାଘ ଶୁକ୍ଳ ସପ୍ତମୀ ଦିନଟି ରଥ ସପ୍ତମୀ ଭାବେ ପାଳନ କରାଯାଏ। ସୂର୍ଯ୍ୟ ଦେବତାଙ୍କର ଉପାସନା ଏଇ ଦିନ କରାଯାଏ। ଓଡିଶାର କୋଣାର୍କର ଚନ୍ଦ୍ରଭାଗା ବେଳାଭୂମି ଏହି ପର୍ବର ମୁଖ୍ୟ ଆକର୍ଷଣ। ସୂର୍ଯ୍ୟଙ୍କୁ ସମର୍ପିତ ବିଶ୍ୱବିଖ୍ୟାତ କୋଣାର୍କ ସୂର୍ଯ୍ୟ ମନ୍ଦିର ଯାହା କୃଷ୍ଣ ପାଗୋଡା ଭାବେ ଖ୍ୟାତ ଏହିଠାରେ ଅବସ୍ଥିତ। ଏହା ଓଡ଼ିଶାର ଏକ ପ୍ରମୁଖ ପର୍ବ। ଏଥିରେ ଓଡ଼ିଶା ତଥା ଭାରତର ବିଭିନ୍ନ ଦେଶରୁ ଭକ୍ତମାନେ ଏକତ୍ରିତ ହୋଇଥାନ୍ତି। ତା'ଛଡା ବିଦେଶରୁ ମଧ ଅନେକ ପର୍ଯ୍ୟଟକ ଏମିତି ମନୋରମ ଉତ୍ସବର ଆନନ୍ଦ ନେବାପାଇଁ ଆସିଥାନ୍ତି। ଏଇ ଦିନ ମହୋଦଧିରେ ସ୍ନାନ ପୂର୍ବକ ଭକ୍ତମାନେ ଉଦିତ ସୂର୍ଯ୍ୟଙ୍କୁ ଦର୍ଶନ ଓ ପ୍ରଣାମ କରନ୍ତି।

ପଦ୍ମପୁରାଣର ପ୍ରାଚୀ ମାହାତ୍ମ୍ୟରେ ଅର୍କ ତୀର୍ଥର ମାହାତ୍ମ୍ୟ ବର୍ଣ୍ଣନା କରାଯାଇଛି। ସେହି ଅର୍କ ତୀର୍ଥ ପରବର୍ତ୍ତୀ କାଳରେ ' ଚନ୍ଦ୍ରଭାଗା ତୀର୍ଥ ' ନାମରେ ପ୍ରସିଦ୍ଧ ହୋଇଛି। ସ୍ୱର୍ଗର ପୁଣ୍ୟତୋୟା ସରସ୍ୱତୀ ମର୍ତ୍ତ୍ୟଲୋକରେ ପ୍ରାଚୀ ନାମରେ ପ୍ରବାହିତ ହୋଇଥିଲେ। ତା'ପରେ ଏହା ଚିତ୍ରୋତ୍ପଳା, କାଦୁଆ ଓ ଶେଷରେ ଚନ୍ଦ୍ରଭାଗା ନାମରେ କୋଣାର୍କ ନିକଟରେ ସମୁଦ୍ରରେ ପଡ଼ିଥିଲା। ଶାମ୍ବ ଏହି ଚନ୍ଦ୍ରଭାଗା ନଦୀକୂଳରେ ସୂର୍ଯ୍ୟ ଉପାସନା କରି କୁଷ୍ଠରୋଗରୁ ମୁକ୍ତିଲାଭ କରିଥିଲେ। ଏହି ଚନ୍ଦ୍ରଭାଗା ନଦୀରେ ସ୍ନାନ କରୁଥିବା ସମୟରେ ଶାମ୍ବ ସୂର୍ଯ୍ୟଙ୍କର ମଣିବିଗ୍ରହ ପାଇଥିଲେ ଏବଂ ସ୍ୱୟଂ ସୂର୍ଯ୍ୟଦେବ ତାଙ୍କର ସେହି ମୂର୍ତ୍ତିକୁ ଚନ୍ଦ୍ରଭାଗା ନଦୀ ତୀରରେ ମନ୍ଦିର ନିର୍ମାଣ ପାଇଁ ଶାମ୍ବଙ୍କୁ ନିର୍ଦ୍ଦେଶ ଦେଇଥିଲେ। ତେଣୁ ପ୍ରାଚୀନ କାଳରୁ ଚନ୍ଦ୍ରଭାଗା ଏକ ପୁଣ୍ୟତୀର୍ଥ ରୂପେ ଖ୍ୟାତି ଅର୍ଜନ କରିଆସିଛି। ସାରଳା ଦାସଙ୍କ ମହାଭାରତର ବନ ପର୍ବରେ ଅର୍କକ୍ଷେତ୍ର ବିଷୟରେ ଉଲ୍ଲେଖ ଅଛି ଯେ ମକର ମାସ ଅର୍ଥାତ ପବିତ୍ର ମାଘ ସପ୍ତମୀ ତିଥିରେ ସୂର୍ଯ୍ୟଦେବ ' ଅର୍କ ' ନାମକ ଏକ ଦୈତ୍ୟକୁ ପାତାଳକୁ ଚାପି ତୀର୍ଥ ଅର୍କତୀର୍ଥ ସୃଷ୍ଟି କରିଥିବାରୁ ପ୍ରତିବର୍ଷ ମାଘ ଶୁକ୍ଳ ସପ୍ତମୀ ଦିନ ଏହିତୀର୍ଥରେ ପବିତ୍ର ସ୍ନାନ ଉତ୍ସବ ଅନୁଷ୍ଠିତ ହୁଏ। ତେଣୁ 'କୋଣାର୍କ' ସୂର୍ଯ୍ୟକ୍ଷେତ୍ର ନାମରେ ପ୍ରସିଦ୍ଧି ଲାଭ କରିଛନ୍ତି। ତେଣୁ ଏହିଦିନରେ ସୂର୍ଯ୍ୟପୂଜା କରାଯାଏ। ପଦ୍ମ ପୁରାଣରେ ପ୍ରାଚୀ ମହାତ୍ମ୍ୟରେ ବର୍ଣ୍ଣନା କରାଯାଇଛି ଯେ ସୂର୍ଯ୍ୟଦେବ ନିଜର ପାପ ମୋଚନ ନିମନ୍ତେ ଅର୍କତୀର୍ଥରେ ତପସ୍ୟା କରି ମୁକ୍ତିଲାଭ କରିଥିଲେ। ମହାଦେବ ମଧ ଏଠାରେ ତପସ୍ୟା କରି ବ୍ରହ୍ମାଶିର ଛେଦନ ଜନିତ ପାପରୁ ମୁକ୍ତି ପାଇଥିଲେ। ସଂପ୍ରତି ଶାମ୍ବ ଦଶମୀ ଦିନ ଏକ ଛୋଟ ରଥରେ ଅନନ୍ତ ଅବଧୂତ ମଠରେ ସୂର୍ଯ୍ୟଙ୍କ ଉତ୍ତରାୟଣ ଓ ଦକ୍ଷିଣାୟନ ଦୁଇ ବୀଜ ପ୍ରତିମାକୁ ରଥରେ ବସାଇ ଚନ୍ଦ୍ରଭାଗା ତୀର୍ଥ ନିକଟରେ ସ୍ନାନ କରାଇଥାନ୍ତି। ଏହାପରେ ସୂର୍ଯ୍ୟଙ୍କର ପୂଜାର୍ଚ୍ଚନା ଓ ଗାୟତ୍ରୀ ଯଜ୍ଞ ସମ୍ପାଦନା ହେବାପରେ ସୂର୍ଯ୍ୟରଥ ଛୋଟବାବା ମଠସ୍ଥିତ ବିରଞ୍ଚି ନାରାୟଣ ମନ୍ଦିରରେ ସତାଇଶ ଦିନ ରହି



ସତାଇଶଟି ନକ୍ଷତ୍ରରେ ପୂଜାର୍ଚ୍ଚନା ପରେ ପବିତ୍ର ମାଘ ସପ୍ତମୀ ଦିନ ପୁଣିଥରେ ଅନନ୍ତ ଅବଧୂତ ମଠକୁ ବାହୁଡି ଆସନ୍ତି। ଏହି ଯାତ୍ରାରେ ଅନନ୍ତ ଅବଧୂତ ମଠ, ସୌର ବ୍ରାହ୍ମଣ ପରିବାର, ଗାୟତ୍ରୀ ପରିବାର ଏବଂ ବିଭିନ୍ନ ସ୍ଥାନୀୟ କମିଟିଦ୍ୱାରା ରଥଯାତ୍ରା ପରିଚାଳନା କରାଯାଏ। ଏହି ସମୟରେ କୋଣାର୍କଠାରେ ବିଭିନ୍ନ ଅନୁଷ୍ଠାନଦ୍ୱାରା ସୌର ମହାଯଜ୍ଞମାନ ଅନୁଷ୍ଠିତ ହୋଇଥାଏ।

ମାଘ ଶୁକ୍ଳ ସପ୍ତମୀରେ ସୂର୍ଯ୍ୟଦେବ ଜନ୍ମଗ୍ରହଣ କରିଥିଲେ। ଏହି ତିଥିରେ ଅର୍କ ତୀର୍ଥରେ ସ୍ନାନ କଲେ ମନୁଷ୍ୟ ବୀତରୋଗ ବିକଳ୍ମଷ ହୋଇ ମନୁଷ୍ୟ ଜନ୍ମରୁ ମୁକ୍ତି ମିଳିଥାଏ। ପ୍ରତିବର୍ଷ ମାଘ ସପ୍ତମୀରେ ସୂର୍ଯ୍ୟ ମନ୍ଦିର କୋଣାର୍କ ନିକଟସ୍ଥ ଚନ୍ଦ୍ରଭାଗାରେ ପବିତ୍ର ବୁଡ ଅନୁଷ୍ଠିତ ହୋଇଥାଏ। ଭାରତର ବିଭିନ୍ନ ଅଞ୍ଚଳରୁ ଆସିଥିବା ଲକ୍ଷ ଲକ୍ଷ ଭକ୍ତ ସମାଗମ ହୋଇ ବ୍ରାହ୍ମ ମୁହୂର୍ତ୍ତରେ ଚନ୍ଦ୍ରଭାଗାରେ ବୁଡ ପକାଇ ତୀର୍ଥଜଳରେ ସକଳ ଶକ୍ତିର ଆଧାର ସୂର୍ଯ୍ୟଙ୍କୁ ଅର୍ଘ୍ୟ ଦେଇ ଦାନଧର୍ମ କରି ପୁଣ୍ୟ ଅର୍ଜନ କରିଥାନ୍ତି। ଏହା ଚନ୍ଦ୍ରଭାଗା ଯାତ୍ରା ବା ଚନ୍ଦ୍ରଭାଗା ମେଳା ନାମରେ ପ୍ରସିଦ୍ଧ। ଏହିମେଳା ଉପଲକ୍ଷେ ପୂର୍ବେ କୋଣାର୍କ ସୂର୍ଯ୍ୟ ମନ୍ଦିରରେ ପ୍ରତିଷ୍ଠିତ ସୂର୍ଯ୍ୟ ଓ ଚନ୍ଦ୍ର ଏକ ବିମାନରେ ଚନ୍ଦ୍ରଭାଗା ତୀର୍ଥକୁ ଯାତ୍ରା କରୁଥିଲେ। ଏହି ପ୍ରତିମାଙ୍କ ସହ କୋଣାର୍କର ଅଷ୍ଟଶମ୍ଭୁ ଓ ଅଷ୍ଟଚଣ୍ଡୀ ମଧ ଚନ୍ଦ୍ରଭାଗା ତୀର୍ଥକୁ ଯାତ୍ରା କରିଥାନ୍ତି। ସୂର୍ଯ୍ୟଦେବଙ୍କର ଏଇ ରଥଯାତ୍ରା ଅତ୍ୟନ୍ତ ବିରଳ। ବ୍ରହ୍ମ ପୁରାଣରେ ଏହା ସୌର ଗୁଣ୍ଡିଚା ନାମରେ ଖ୍ୟାତିଲାଭ କରିଛି। ତେବେ ପ୍ରଥମେ ଏଇ ଦେବଗଣମାନେ ପ୍ରଦକ୍ଷଣ କରିସାରିବା ପରେ ଭକ୍ତଗଣ ହରିବୋଲ ହୁଳହୁଳିର ପ୍ରକମ୍ପିତ ଧ୍ୱନିରେ ବୁଡପକାଇଥାନ୍ତି। କୋଣାର୍କ ମନ୍ଦିର ଭାଙ୍ଗିଯିବା ପରେ ସୂର୍ଯ୍ୟ ଓ ଚନ୍ଦ୍ରଙ୍କ ପ୍ରତିମା ଦ୍ୱୟକୁ ପୁରୀ ନିଆଯାଇ ଶ୍ରୀ ମନ୍ଦିର ବେଢାରେ ସ୍ଥାପନ କରାଯାଇଛି। ଚନ୍ଦ୍ରଭାଗା ନଦୀଟି ପୋତି ହୋଇ ତାର ସତ୍ତା ହଜାଇ ବସିଲାଣି। ତଥାପି ଏଠାରେ ପ୍ରତିବର୍ଷ ମାଘ ସପ୍ତମୀ ଚନ୍ଦ୍ରଭାଗା ବୁଡ ପାଳିତ ହୋଇଆସୁଛି। ମାଘସପ୍ତମୀ ତିଥିରେ ଭୁବନେଶ୍ୱରସ୍ଥିତ ଖଣ୍ଡଗିରିଠାରେ ନଅଦିନ ବ୍ୟାପୀ ଏକ ଯାଗଯଜ୍ଞ ଓ ବିରାଟମେଳାର ଆୟୋଜନ ହୋଇଥାଏ। ପୌରାଣିକ ତଥ୍ୟାନୁସାରେ କୃଷ୍ଣପୁତ୍ର ଶାମ୍ବ ମାଘସପ୍ତମୀ ତିଥିରେ ସୂର୍ଯ୍ୟଭଳି ପ୍ରତିଷ୍ଠା କରି ପୂଜାର୍ଚ୍ଚନା ପୂର୍ବକ ଭୁବନେଶ୍ୱରରେ ଥିବା କପିଳମୁନିଙ୍କ ଆଶ୍ରମରେ ଅବସ୍ଥାନ କରିଥିଲେ। ମହାମୁନି କପିଳ ଶାମ୍ବଙ୍କୁ ' ଖଣ୍ଡଖିରୀ ' ଖାଇବା ପାଇଁ ଦେଇ ସନ୍ତୁଷ୍ଟ କରିଥିଲେ। ଖଣ୍ଡଖିରୀ ନାମର ଅପଭ୍ରଂଶ ହୋଇ ଏହା ଖଣ୍ଡଗିରି ନାମଧାରଣ କରିଥିବା ଜନଶ୍ରୁତିରୁ ଜଣାଯାଏ। ଅଦ୍ୟାପି ଏଠାରେ କପିଳମୁନୀଙ୍କ ପୂଜିତ ଶିବଲିଙ୍ଗ ' କପିଳେଶ୍ୱର ' ନାମରେ ଖ୍ୟାତି ଲାଭ କରିଛନ୍ତି। ଏଇ ମାଘସପ୍ତମୀ ତିଥିରେ ସାଧୁସନ୍ଥମାନେ ଏକତ୍ର ହୋଇ ବିଭିନ୍ନ ଧର୍ମାଲୋଚନା ଓ ଯାଗଯଜ୍ଞରେ ଭାଗନେଇ ବିଭିନ୍ନ ଧାର୍ମିକ ପରିବେଶ ସୃଷ୍ଟି କରିଥାନ୍ତି। ଏଇ ମାଘସପ୍ତମୀ ଯାଜପୁରରେ ପୁଣ୍ୟତୋୟା ଦଶାଶ୍ୱମେଧ ଘାଟରେ ମଧ ବୁଡପକାଇ ପୁଣ୍ୟ ଅର୍ଜନ କରିବାର ଦେଖାଯାଏ। ଏହାଛଡା ବେଦବ୍ୟାସ (ରାଉରକେଲା )ରେ ଶଙ୍ଖ, କୋଏଲର ମିଶ୍ରଣ ସ୍ଥାନରେ ମଧ ବୁଡ ଦିଆଯାଇ ଅଶେଷ ପୁଣ୍ୟ ଅର୍ଜନ କରାଯାଇଥାଏ। ଏହାଛଡା ଆହୁରି ଅନେକ ସ୍ଥଳୀରେ ସପ୍ତମୀ ବୁଡ ଦେଇ ବ୍ରତଧାରୀମାନେ ମହାପୁଣ୍ୟର ଅଧିକାରୀ ହୋଇଥାନ୍ତି। ସୂର୍ଯ୍ୟଙ୍କର ଉତ୍ତରାୟଣ ଗତି ମାଘ ମାସ ଏକ ପୁଣ୍ୟର ମାସ। ତ୍ରିବେଣୀ ଅମାବାସ୍ୟା ଶ୍ରୀପଞ୍ଚମୀ, ମାଘସପ୍ତମୀ ଇତ୍ୟାଦି ପୁଣ୍ୟଦିବସ ମାନ ମାଘମାସର ତାତ୍ପର୍ଯ୍ୟକୁ ବଢ଼ାଇ ଦେଇଥାଏ। ଇତିହାସରୁ ଜଣାଯାଏ ପ୍ରାଚୀନ କାଳରେ ପୂର୍ବ ଭାରତରେ ପ୍ରମୁଖ ବନ୍ଦର କୋଣ – କମଣ – କୋଣାର୍କକୁ ବିଶ୍ୱର ବାଣିଜ୍ୟ ଦ୍ୱାର ବୋଲି କୁହାଯାଉଥିଲା। ସେଥିପାଇଁ ଆଜିର ବଙ୍ଗୋପସାଗର କଳିସାଗର ନାମରେ ପ୍ରସିଦ୍ଧ ଥିଲା। ଆଜିର ଗବେଷକମାନେ କହନ୍ତି ପ୍ରାଚୀନ ଚିତ୍ରୋତ୍ପଳା ନଦୀ ହିଁ ଆଜିର ଚନ୍ଦ୍ରଭାଗା ସ୍ଥାନ ନେଇଛି। ମାଘସପ୍ତମୀ ଖଣ୍ଡଗିରି ମେଳା ଆରମ୍ଭ ହୋଇ ପୂର୍ଣ୍ଣିମା ପର୍ଯ୍ୟନ୍ତ ଚାଲେ। ମାଘସପ୍ତମୀ ଏକ ପବିତ୍ର ତିଥି ଓ ପ୍ରାଚୀନ ସ୍ମୃତିର ସଂସ୍କୃତିପୂର୍ଣ୍ଣ ଦିବସ। ସାଧୁସନ୍ଥମାନଙ୍କ ସହ ଖଣ୍ଡଗିରିର ମାହାତ୍ମ୍ୟ ଅନେକ ବଢ଼ିଯାଏ ଏଇ ମାଘ ସପ୍ତମୀର ଆରମ୍ଭରୁ। ଏଇ ମାଘ ସପ୍ତମୀ ଆମ ପରମ୍ପରାର ପ୍ରତୀକ।

**ଅରଙ୍ଗାବାଦ, ବରୀ, ଯାଜପୁର**
**ମୋବାଇଲ: ୮୨୪୯୫୦୨୭୭୬**

# ପ୍ରାଚୀ ଉପତ୍ୟକାର ଦୁର୍ଗାମାଧବ ମନ୍ଦିର ଓ ଭୌମ୍ୟ ଏକାଦେଶୀ ମେଳା



**ସନ୍ତୋଷ କୁମାର ଦାଶ**

ପୁଣ୍ୟତୋୟା ପ୍ରାଚୀ ଉପତ୍ୟକା ରେ ରହିଛି ପ୍ରସିଦ୍ଧ ଦ୍ୱାଦଶ ମାଧବ ମନ୍ଦିର। ତା ମଧରୁ କଟକ ଜିଲ୍ଲା ନିଆଳି ବ୍ଲକ ର ମାଧବ ଗ୍ରାମ ରେ ପୂଜା ପାଇଆସୁଥିବା ଦୂର୍ଗା ମାଧବ ମନ୍ଦିର ଅନ୍ୟତମ। ଏହି ମନ୍ଦିର ମହାପ୍ରଭୁ ଶ୍ରୀ ଜଗନ୍ନାଥ ଙ୍କ ମାମୁଁ ଘର ଭାବେ ପରିଚିତ। ପ୍ରତିବର୍ଷ ପ୍ରଥମାଷ୍ଟମୀ କୁ ଶ୍ରୀ ମନ୍ଦିର ପୁରୀ କୁ ଏହି ମନ୍ଦିର ରୁ ପ୍ରଥମାଷ୍ଟମୀ ଭାର ଓ ନବବସ୍ତ୍ର ଭାର ରେ ପଠାଯାଇଥାଏ। ପୁରୀ ଶ୍ରୀ ମନ୍ଦିର ପରି ଏହି ମନ୍ଦିର ରେ ଦୂର୍ଗା ମାଧବ ଉପାସନା ରହି ଥିବାବେଳେ ମନ୍ଦିର ରେ ଅତୀତ ରେ ଦେବଦାସୀ ପ୍ରଥା ଓ ମାଦଳା ପାଞ୍ଜି ଲେଖା ପରମ୍ପରା ରହିଥିଲା।ପବିତ୍ର ମାଘ ମାସ ଶୁକ୍ଳ ଏକାଦେଶୀ ତିଥି କୁ ଭୌମ୍ୟ ଏକାଦେଶୀ କୁହା ଯାଇଥାଏ। ଏ ନେଇ ପ୍ରାଚୀ ମାହାତ୍ମ୍ୟ ରେ ଏକ ସୁନ୍ଦର କିମ୍ବଦନ୍ତୀ ରହିଛି। ଏହି ଦିନ ମାଧବ ଗ୍ରାମ ର ଆରାଧ ଦୂର୍ଗାମାଧବଙ୍କ ପ୍ରତିଷ୍ଠା ଦିବସ। ଦ୍ୱାପର ଯୁଗରେ ପଞ୍ଚୁ ପାଣ୍ଡବ, ମା କୁନ୍ତୀ ଓ ପତ୍ନୀ ଦୌପଦୀ ଙ୍କ ସହିତ ଅଜ୍ଞାତବାସ ସମୟରେ ପ୍ରାଚୀ ଉପତ୍ୟକା ର ଘଞ୍ଚ ଜଙ୍ଗଲ ପରିଭ୍ରମଣ କରିଥିଲେ। ସେମାନେ ବୁଲି ବୁଲି ଆସି ଗୋଟିଏ ଦିନ ମାଧବ ଠାରେ ପହଞ୍ଚି ରାତ୍ରୀ ଯାପନ କରିଥିଲେ। ପ୍ରତିଦିନ ପ୍ରାତଃ ରେ ଜ୍ୟେଷ୍ଠ ପାଣ୍ଡବ ଯୁଧିଷ୍ଠିର ଶ୍ରୀ ନାରାୟଣ (ବିଷ୍ଣୁ) ଙ୍କୁ ପୂଜା କରିସାରିବା ପରେ ଭୋଜନ ଗ୍ରହଣ କରୁଥିଲେ। ମାଧବ ଠାରେ ଘଞ୍ଚ ଜଙ୍ଗଲ ମଧରେ ବିଷ୍ଣୁଙ୍କ ପ୍ରତିମା କେଉଁଠି ମିଳିବ ଯେ, ଯୁଧିଷ୍ଠିର ପୂଜା କରିବେ ? ଏ ସଂପର୍କ ରେ ମଧମ ପାଣ୍ଡବ ଅର୍ଜୁନ ତାଙ୍କ ତ୍ରିକାଳଦର୍ଶୀ ଅନୁଜ ଭାଇ ସହଦେବଙ୍କୁ ପ୍ରଶ୍ନ କରିଥିଲେ। ସହଦେବ ସାଧନାରେ ବସି ଜାଣିବାକୁ ପାଇଥିଲେ ଯେ, ମାଧବ ଗ୍ରାମରେ ଆହାର ପୋଖରୀ ନାମରେ ଏକ ବଡ଼ ପୁଷ୍କରିଣୀ ରହିଛି। ସେହି ପୋଖରୀର ଗଣ୍ଡରେ ଏକ ଅସୁର ସୁନ୍ଦର କମନୀୟ ନାରାୟଣ ବିଷ୍ଣୁ ପ୍ରତିମାକୁ ଲୁଚାଇ ରଖି ପୂଜାର୍ଚ୍ଚନା କରିଆସୁଛି। ଏ କଥା ଜାଣି ଅର୍ଜୁନ ତାଙ୍କ ଭାଇ ଭୀମଙ୍କୁ ଆହାର ପୋଖରୀ ନିକଟକୁ ଯାଇ ଅସୁରଠାରୁ ବିଷ୍ଣୁ ପ୍ରତିମାକୁ ଆଣିବାକୁ ଆଦେଶ ଦେଇଥିଲେ। ତଦନୁସାରେ ଭୀମ ନିଜ ଗଦାକୁ ନେଇ ଯାଇ ଆହାର ପୋଖରୀ ନିକଟରେ ପହଁଚି ଅସୁରକୁ ସେ ପୂଜା କରୁଥିବା ବିଷ୍ଣୁ ପ୍ରତିମାକୁ ଦେଇ ଦେବାକୁ କହିଥିଲେ। ଅସୁର ଭୀମଙ୍କ କଥାରେ ରାଜି ନ ହେବାରୁ ଉଭୟଙ୍କ ମଧରେ ବଚସା ଓ ପରେ ଯୁଦ୍ଧ ହୋଇଥିଲା। ଭୀମ ନିଜ ଗଦାରେ ଅସୁରକୁ ଆକ୍ରମଣ କରିଥିଲେ। ତାଙ୍କ ପ୍ରଥମ ଗଦା ପ୍ରହାର ଅସୁର ଦେହରେ ନ ବାଜି ଭୂମିରେ ବାଜିଥିଲା। ସେଠାରେ ଏକ ଗର୍ତ୍ତ ସୃଷ୍ଟି ହୋଇ ପାତାଳରୁ ପାଣି ବାହାରିଥିଲା। ସେହି ଗର୍ତ୍ତ ଏବେ ବି ଆହାର ପୋଖରୀ ନିକଟରେ ଦେଖିବାକୁ ମିଳେ। ଯେଉଁ ଗର୍ତ୍ତରୁ ବର୍ଷକ ବାରମାସ ପାଣି ସ୍ୱତଃ ବାହାରୁ ଥିବା ଦେଖାଯାଏ। ଭୀମଙ୍କ ଦ୍ୱିତୀୟ ଗଦା ପ୍ରହାରରେ ଅସୁରର ମୃତ୍ୟୁ ଘଟିଥିଲା। ଆହାର ପୋଖରୀ ଗଣ୍ଡରୁ ବିଷ୍ଣୁ ପ୍ରତିମାଙ୍କୁ ଉଦ୍ଧାର କରି ଭୀମ ଫେରିଥିଲେ। ତହିଁ ଆର ଦିନ ପ୍ରାତଃ ରେ ଯୁଧିଷ୍ଠିର ବିଷ୍ଣୁ ପ୍ରତିମାଙ୍କୁ ପୂଜା କରି ଭୋଜନ ଗ୍ରହଣ କରିଥିଲେ। ବିଷ୍ଣୁ ପ୍ରତିମା ଙ୍କ ଉଦ୍ଧାର କଥା ଓ ଅସୁରର ମୃତ୍ୟୁ ଘଟଣା ଜାଣି ସେ ମନ ଦୁଃଖ କରିଥିଲେ। ଯେହେତୁ ଅସୁର ଜଣଙ୍କ ବିଷ୍ଣୁ ଭକ୍ତ ଥିଲା ସେହେତୁ ତାର ଅନ୍ତିମ ସଂସ୍କାର କରିବାକୁ ନିଷ୍ପତ୍ତି ନେଇଥିଲେ। ଯଥାବିଧି ହିନ୍ଦୁ ଧର୍ମ ପରମ୍ପରା ଅନୁସାରେ ପାଣ୍ଡବ ପାଞ୍ଚଭାଇ ଉକ୍ତ ଅସୁର ର ଅନ୍ତ୍ୟେଷ୍ଟିକ୍ରିୟା ଶେଷ କରିଥିଲେ। ସଂସ୍କାର କାର୍ଯ୍ୟ ଶେଷ କରିବା ପରେ ପାଣ୍ଡବ ମାନେ ଯେଉଁଠି ପିତା ଖାଇ ଥିଲେ ଏବେ ସେ ସ୍ଥାନ କୁ ପିତାପଡା କୁହା ଯାଇ ଆସୁଛି। ଭୀମ ଙ୍କ ଦ୍ୱାରା ଅସୁର ର ମୃତ୍ୟୁ ଘଟିଥିବାରୁ ଅସୁରର ନାମ ଭୈମାସୁର ବୋଲି ନାମିତ କରାଯାଇଥିଲା। ଆହାର ପୋଖରୀ ରୁ ଉଦ୍ଧାର ବିଷ୍ଣୁ ପ୍ରତିମା ଙ୍କୁ ଯୁଧିଷ୍ଠିର ପ୍ରାଚୀ ନଦୀ କୂଳରେ ମାଘ ମାସ ଶୁକ୍ଳ ଏକାଦେଶୀ ତିଥି ରେ ସ୍ଥାପନା କରିଥିଲେ। ଏଣୁ ଏହି ମାଧବ ଙ୍କୁ ଯୁଧିଷ୍ଠି ମାଧବ ବୋଲି ମଧ କୁହାଯାଇ ଥାଏ।ଭୈମାସୁର ବିଷ୍ଣୁ ଭକ୍ତ ଥିବାରୁ ଠାକୁର ଙ୍କ ପ୍ରତିଷ୍ଠା ଦିବସ କୁ ତାରି ନାମ ରେ ଏହି ଏକାଦେଶୀ କୁ ଭୌମ୍ୟ ଏକାଦେଶୀ ନାମ ରେ ନାମିତ କରାଯାଇଛି । ପରବର୍ତ୍ତୀ ସମୟରେ ଦ୍ୱାଦଶ ଶତାବ୍ଦୀ ରେ ଗଜପତି ଦ୍ୱିତୀୟ ଅନଙ୍ଗଭୀମ ଦେବ ବର୍ତ୍ତମାନ ର ମନ୍ଦିର ନିର୍ମାଣ କରି ଠାକୁର ଙ୍କ ପୂଜା ନୀତି ପାଇଁ ନଅ ଶହ ନଅ ବାଟି ସମ୍ପତ୍ତି ଖଞ୍ଜା କରି ଦେଇଥିଲେ। ମାଧବ ଠାକୁର ଏଠାରେ ପୂଜା ପାଉଥିବାରୁ ଗାଁ ର ନାଁ ଠାକୁର ଙ୍କ ନାମ ଅନୁସାରେ ମାଧବ ହୋଇଛି। ଏହି ମାଧବ ଙ୍କୁ ପୂଜା କରି କବି ଜୟଦେବ ରଚନା କରିଥିଲେ କାଳଜୟୀ ଗ୍ରନ୍ଥ ଶ୍ରୀ ଗୀତ ଗୋବିନ୍ଦ। ଏହି ମନ୍ଦିର ରେ କେବଳ ପ୍ରଭୁ ନାରାୟଣ ଙ୍କ ଦଶ ଅବତାର ମୂର୍ତ୍ତୀ ଖୋଦିତ ହୋଇଥିବା ଦେଖିବାକୁ ମିଳେ। ଠାକୁର ଙ୍କ ବାହନ ଗରୁଡ ଙ୍କୁ ଏଠାରେ ଗରୁଡ଼ ଗୋସାଇଁ ବୋଲି ଭକ୍ତ ମାନେ କହିଥାନ୍ତି। ଏଠାରେ ପୂଜା ପାଉଥିବା ଗରୁଡ ମୂର୍ତ୍ତି ଟି ଅତ୍ୟନ୍ତ କମନୀୟ, ସୁନ୍ଦର ଓ ଆକର୍ଷଣୀୟ ଅଟେ। ସ୍ଥାନୀୟ ଅଞ୍ଚଳ ର ଭକ୍ତ ଓ ଶ୍ରଦ୍ଧାଳୁ ମାନେ ସର୍ପ ଭୟ ରୁ ରକ୍ଷା ପାଇବା ପାଇଁ ଗରୁଡ଼ ଗୋସାଇଁ ଙ୍କ ନାମ ନେଇଥାନ୍ତି।ମନ୍ଦିର ର ମୁଖଶାଳା ରେ ଦୂର୍ଗା ଙ୍କ ସ୍ୱତନ୍ତ୍ର ମନ୍ଦିର ରହିଥିବା ବେଳେ ଚକ୍ର ନାରାୟଣ ମଧ ପୂଜା ପାଉଥିବା ଦେଖିବାକୁ ମିଳେ। ଭୌମ୍ୟ ଏକାଦେଶୀ ଦିନ ମାଧବ ଠାକୁର ଙ୍କ ସୁନା ବେଶ ଅନୁଷ୍ଠିତ ହୋଇଥାଏ। ବିଳମ୍ବିତ ରାତିରେ ଠାକୁର ସ୍ୱ ବିମାନ ରେ ପ୍ରାଚୀ ନଦୀ କୁ ଯାଇ ଯମୁନା ସ୍ନାନ କରି ମନ୍ଦିର କୁ ଫେରିବା ପରେ ମନ୍ଦିର ଚୁଡ଼ା କୁ ମହାଦୀପ ଉଠିଥାଏ। ଦୂର୍ଗାମାଧବ ଙ୍କ ଜନ୍ମଦିନ ଉତ୍ସବ ପାଇଁ ସମଗ୍ର ପ୍ରାଚୀ ଉପତ୍ୟକା ଉତ୍ସବ ମୁଖର ହୋଇପଡ଼ିଥାଏ ଓ ମନ୍ଦିର ଚତୁଃ ପାଶ୍ୱ ରେ ମେଳା ଲାଗିଥାଏ। ଲକ୍ଷ ଲକ୍ଷ ଭକ୍ତ ଓ ଶ୍ରଦ୍ଧାଳୁ ମାନେ ଠାକୁର ଙ୍କ ନିକଟରେ ଚୁଡ଼ାଘସା, କଦଳୀ ଓ ଦହି ଭୋଗ ଲାଗି କରିଥାଆନ୍ତି। ପୁରୀ ଶ୍ରୀ ମନ୍ଦିର ପରି ଏହି ମନ୍ଦିର ରେ ଛତିଶା ନିଯୋଗ ରହିଛନ୍ତି। ସମସ୍ତ ସେବକ ଠାକୁର ଙ୍କ ପ୍ରତିଷ୍ଠା ଦିବସ କୁ ଆନନ୍ଦ ଉଲ୍ଲାସ ର ସହିତ ପାଳନ କରିଥାନ୍ତି। ଜୟ ଶ୍ରୀ ଦୂର୍ଗା ମାଧବ।।

**ତୁଳସୀପୁର, ପୁରୀ, ମୋବାଇଲ୍: ୯୪୩୯୩୬୮୮୮**





ଆହାର ପୋଖରୀ ଗଣ୍ଡରୁ ବିଷ୍ଣୁ ପ୍ରତିମାଙ୍କୁ ଉଦ୍ଧାର କରି ଭୀମ ଫେରିଥିଲେ। ତହିଁ ଆର ଦିନ ପ୍ରାତଃ ରେ ଯୁଧିଷ୍ଠିର ବିଷ୍ଣୁ ପ୍ରତିମାଙ୍କୁ ପୂଜା କରି ଭୋଜନ ଗ୍ରହଣ କରିଥିଲେ। ବିଷ୍ଣୁ ପ୍ରତିମା ଙ୍କ ଉଦ୍ଧାର କଥା ଓ ଅସୁରର ମୃତ୍ୟୁ ଘଟଣା ଜାଣି ସେ ମନ ଦୁଃଖ କରିଥିଲେ। ଯେହେତୁ ଅସୁର ଜଣଙ୍କ ବିଷ୍ଣୁ ଭକ୍ତ ଥିଲା ସେହେତୁ ତାର ଅନ୍ତିମ ସଂସ୍କାର କରିବାକୁ ନିଷ୍ପତ୍ତି ନେଇଥିଲେ। ଯଥାବିଧି ହିନ୍ଦୁ ଧର୍ମ ପରମ୍ପରା ଅନୁସାରେ ପାଣ୍ଡବ ପାଞ୍ଚଭାଇ ଉକ୍ତ ଅସୁର ର ଅନ୍ତ୍ୟେଷ୍ଟିକ୍ରିୟା ଶେଷ କରିଥିଲେ। ସଂସ୍କାର କାର୍ଯ୍ୟ ଶେଷ କରିବା ପରେ ପାଣ୍ଡବ ମାନେ ଯେଉଁଠି ପିତା ଖାଇ ଥିଲେ ଏବେ ସେ ସ୍ଥାନ କୁ ପିତାପଡା କୁହା ଯାଇ ଆସୁଛି।

### କେନ୍ଦ୍ରଶାସିତ ଅଞ୍ଚଳ ଓ ରାଜ୍ୟ ସରକାରଙ୍କୁ ସୁପ୍ରିମକୋର୍ଟଙ୍କ ନିର୍ଦ୍ଦେଶ

# ସ୍କୁଲ ଛାତ୍ରୀଙ୍କୁ ମାଗଣା ସାନିଟାରୀ ପ୍ୟାଡ୍ ଦିଅ



**ଅଲଗା ଶୌଚାଳୟ ତିଆରି କରିବାକୁ ପରାମର୍ଶ**

**୩ ମାସ ମଧ୍ୟରେ ଏହାକୁ ପାଳନ କରିବାକୁ କହିଲେ**

ନୂଆଦିଲ୍ଲୀ,୩୦।୧: ଶୁକ୍ରବାର ସୁପ୍ରିମକୋର୍ଟ ସ୍କୁଲରେ ଝିଅମାନଙ୍କ ପାଇଁ ଅଲଗା ଶୌଚାଳୟ ଏବଂ ସାନିଟାରୀ ପ୍ୟାଡ୍ ସମ୍ପର୍କରେ ଏକ ଗୁରୁତ୍ୱପୂର୍ଣ୍ଣ ରାୟ ଶୁଣାଇଛନ୍ତି। ସ୍କୁଲରେ ଝିଅମାନଙ୍କ ପାଇଁ ଅଲଗା ଶୌଚାଳୟ ତିଆରି କରିବାକୁ କେନ୍ଦ୍ର ଶାସିତ ଅଞ୍ଚଳ ଓ ସମସ୍ତ ରାଜ୍ୟ ସରକାରଙ୍କୁ ନିର୍ଦ୍ଦେଶ ଦେଇଛନ୍ତି ସର୍ବୋଚ୍ଚ ଅଦାଲତ। ତିନି ମାସ ମଧ୍ୟରେ ଏହା ପାଳନ କରିବାକୁ କୋର୍ଟ ନିର୍ଦ୍ଦେଶ ଦେଇଛନ୍ତି।

ସ୍କୁଲରେ ମାସିକ ଋତୁସ୍ରାବ ସମୟରେ ଝିଅମାନେ ସମ୍ମୁଖୀନ ହେଉଥିବା ସମସ୍ୟା ସମ୍ପର୍କରେ ସୁପ୍ରିମକୋର୍ଟରେ ଏକ ଆବେଦନ ଦାଖଲ ହୋଇଥିଲା। ଏହି ମାମଲାରେ ଶୁଣାଣି କରି ଗୁରୁତ୍ୱପୂର୍ଣ୍ଣ ରାୟ ଶୁଣାଇଛନ୍ତି କୋର୍ଟ। ରାୟ ଶୁଣାଇଲା ବେଳେ ସୁପ୍ରିମକୋର୍ଟ କହିଛନ୍ତି ଯେ, ସମ୍ବିଧାନର ଧାରା ୨୧ ଅନୁଯାୟୀ ଯାହା ଜୀବନର ଅଧିକାର ବର୍ଗରେ ରହିଛି, ସେଥିରେ ଋତୁସ୍ରାବ ସହ ଜଡ଼ିତ ସ୍ୱାସ୍ଥ୍ୟର ଅଧିକାର ବି ସାମିଲ ରହିଛି। ତେଣୁ ଝିଅଟିର ଏହି ଅଧିକାର ସୁବ୍ୟବସ୍ଥିତ ହେବା ଦରକାର ବୋଲି ସୁପ୍ରିମକୋର୍ଟ କହିବାକୁ ଚାହିଁଛନ୍ତି।

ସୁପ୍ରିମକୋର୍ଟ କହିଛନ୍ତି ଯେ, ଏହି ନିଷ୍ପତ୍ତି କେବଳ ଏହି ବ୍ୟବସ୍ଥାରେ ଜଡିତ ଲୋକଙ୍କ ପାଇଁ ନୁହେଁ, ବରଂ ସେହି ଶ୍ରେଣୀଗୃହ ପାଇଁ ବି, ଯେଉଁଠାରେ ଝିଅମାନେ ସାହାଯ୍ୟ ମାଗିବାକୁ ସଂକୋଚ କରନ୍ତି। ଏହା ସେହି ଶିକ୍ଷକମାନଙ୍କ ପାଇଁ ମଧ୍ୟ ପ୍ରଯୁଜ୍ୟ ଯେଉଁମାନେ ସାହାଯ୍ୟ କରିବାକୁ ଚାହାଁନ୍ତି କିନ୍ତୁ ସମ୍ବଳ ଅଭାବରୁ ତାହା କରିପାରନ୍ତି ନାହିଁ। ଏହି ଆଦେଶ ସେହି ପିତାମାତାଙ୍କ ପାଇଁ ମଧ ଯେଉଁମାନେ ହୁଏତ ସେମାନଙ୍କର ନୀରବତାର ପ୍ରଭାବକୁ ଅନୁଭବ କରିପାରନ୍ତି ନାହିଁ, ସମାଜ ପାଇଁ ମଧ ଏହି ଆଦେଶ ଦିଆଯାଇଛି ବୋଲି ସୁପ୍ରିମକୋର୍ଟ କହିଛନ୍ତି।

କୋର୍ଟ ତାଙ୍କ ଆଦେଶରେ କହିଛନ୍ତି ଆମେ ପ୍ରତ୍ୟେକ ଝିଅଙ୍କୁ ଏହି ବାର୍ତ୍ତା ପଠାଇବାକୁ ଚାହୁଁଛୁ ଯେଉଁମାନେ ବୋଧହୁଏ ଏଥିପାଇଁ ସ୍କୁଲ ଆସିପାରନ୍ତି ନାହିଁ, କାରଣ ତାଙ୍କ ଶରୀରକୁ ଏକ ବୋଝ ବୋଲି ବିଚାର କରାଯାଏ। କିନ୍ତୁ ଏହା ତାଙ୍କର ଦୋଷ ନୁହେଁ। ଆମର ଏହି ବାର୍ତ୍ତା ସମାଜ ପାଖରେ ପହଞ୍ଚିବା ଦରକାର ବୋଲି କହିଛନ୍ତି ସର୍ବୋଚ୍ଚ ଅଦାଲତ।



### ମହାରାଷ୍ଟ୍ର ମୁଖ୍ୟମନ୍ତ୍ରୀଙ୍କୁ ଭେଟିଲେ ଏନ୍‌ସିପି ନେତା

# ସୁନେତ୍ରା ହେବେ ଉପମୁଖ୍ୟମନ୍ତ୍ରୀ ଓ ବିଧାୟକ ଦଳ ନେତା

**ଦଳର ଗୁରୁତ୍ୱପୂର୍ଣ୍ଣ କ୍ୟାବିନେଟ ପଦବି ବଜାୟ ରଖିବା ଉପରେ ହେଲା ଆଲୋଚନା**

**ମୁମ୍ବାଇ,୩୦।୧:** ଅଜିତ ପାୱାରଙ୍କ ଆକସ୍ମିକ ବିୟୋଗ ପରେ ତାଙ୍କ ପତ୍ନୀ ସୁନେତ୍ରାଙ୍କୁ ଦଳ ଗୁରୁତ୍ୱ ଦେଇଛି। ଏନ୍‌ସିପି ନେତାମାନେ ଶୁକ୍ରବାର ମହାରାଷ୍ଟ୍ର ମୁଖ୍ୟମନ୍ତ୍ରୀ ଦେବେନ୍ଦ୍ର ଫଡନାଭିସ୍‌ଙ୍କୁ ଭେଟି ବିଭିନ୍ନ ପ୍ରସଙ୍ଗରେ ଆଲୋଚନା କରିଛନ୍ତି। ଏନସିପିର ବରିଷ୍ଠ ନେତା ପ୍ରଫୁଲ୍ଲ ପଟେଲ, ସୁନିଲ ତଟକରେ ଓ ଛଗନ ଭୁଜବଲ ଫଡନାଭିସ୍‌ଙ୍କୁ ତାଙ୍କ ବାସଭବନରେ ଭେଟି ଦଳର ଗୁରୁତ୍ୱପୂର୍ଣ୍ଣ କ୍ୟାବିନେଟ ପଦବି ବଜାୟ ରଖିବା ଉପରେ ଆଲୋଚନା କରିଥିଲେ। ଏହି ଆଲୋଚନା ବେଳେ ଉପମୁଖ୍ୟମନ୍ତ୍ରୀ ଏକନାଥ ସିନ୍ଦେ ଓ ବିଜେପି ରାଜ୍ୟ ସଭାପତି ରବୀନ୍ଦ୍ର ଚୌହାନ ମଧ ଉପସ୍ଥିତ ଥିଲେ। ସୁନେତ୍ରାଙ୍କୁ ଉପମୁଖ୍ୟମନ୍ତ୍ରୀ ପଦ ମିଳିବା ସହ ଦଳର ବିଧାୟକ ନେତା କରାଯିବାକୁ ଏକପ୍ରକାର ସ୍ଥିର କରାଯାଇଛି। ଆସନ୍ତା କାଲି ସେ ଉପମୁଖ୍ୟମନ୍ତ୍ରୀ ଭାବେ ଶପଥ ନେବାର ସମ୍ଭାବନା ରହିଛି।

ଅଜିତ ପାୱାରଙ୍କ ପାଖରେ ଅର୍ଥ, ଅବକାରୀ ଏବଂ କ୍ରୀଡା ପରି ଗୁରୁତ୍ୱପୂର୍ଣ୍ଣ ବିଭାଗ ରହିଥିଲା। ଏହି ସମସ୍ତ ବିଭାଗ ଦଳର କୋଟା ମଧ୍ୟରେ ରଖିବାକୁ ଦାବି କରି ଏନସିପି ଏକ ଚିଠି ଦାଖଲ କରିବାକୁ ଯାଉଛି। ଅନ୍ୟପକ୍ଷରେ ଏନ୍‌ସିପି ବିଧାୟକ ଦଳ ବୈଠକ ଡାକିଛି। ବୈଠକରେ ଅଜିତଙ୍କ ପତ୍ନୀ ତଥା ରାଜ୍ୟସଭା ସାଂସଦ ସୁନେତ୍ରା ପାୱାରଙ୍କୁ ବିଧାୟକ ଦଳ ନେତା ଘୋଷଣା କରାଯାଇପାରେ। ଏନ୍‌ସିପି ବର୍ତ୍ତମାନ ବିଜେପି ଓ ଶିବସେନା ସହିତ ଶାସକ ମହାୟୁତି ମେଣ୍ଟରେ ରହିଛି। ଶନିବାର ବୈଠକରେ ଦଳର ନୂଆ ଅଧ୍ୟକ୍ଷ କିଏ ହେବ ସେ ନେଇ ମଧ ନିଷ୍ପତ୍ତି ନିଆଯାଇପାରେ। ଅନ୍ୟପକ୍ଷରେ ଏନ୍‌ସିପି ଶରଦ ପାୱାରଙ୍କ ଏନ୍‌ସିପି ଏସ୍‌ପି ସହିତ ମିଶିଯିବା ନେଇ ମଧ କଳ୍ପନାଜଳ୍ପନା ଜୋର ଧରିଛି।

# ପିଟି ଉଷାଙ୍କ ସ୍ୱାମୀଙ୍କ ପରଲୋକ

ନୂଆଦିଲ୍ଲୀ, ୩୦।୧ ; ଭାରତୀୟ ଅଲିମ୍ପିକ୍ ଆସୋସିଏସନର ଅଧ୍ୟକ୍ଷା ଏବଂ ରାଜ୍ୟସଭା ସଦସ୍ୟ ପିଟି ଉଷାଙ୍କ ସ୍ୱାମୀ ଭି. ଶ୍ରୀନିବାସନଙ୍କ ଦେହାନ୍ତ ହୋଇଛି। ଏନେଇ ପରିବାର ପକ୍ଷରୁ ଶ୍ରୀନିବାସନଙ୍କ ମୃତ୍ୟୁ ଘୋଷଣା କରାଯାଇଛି। ମୃତ୍ୟୁ ବେଳକୁ ତାଙ୍କୁ ପାଖାପାଖି ୬୭ ବର୍ଷ ବୟସ ହୋଇଥିଲା। ଶ୍ରୀନିବାସନ ଶୁକ୍ରବାର ସକାଳେ ତାଙ୍କ ବାସଭବନରେ ଚେତାଶୂନ୍ୟ ପଡ଼ିଥିଲେ। ତାଙ୍କୁ ତୁରନ୍ତ ନିକଟସ୍ଥ



ହସ୍ପିଟାଲକୁ ନିଆଯାଇଥିଲା। ସେଠାରେ ଡ଼ାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ଏଭଳି ଦୁଃଖ ସମୟରେ ପରିବାରକୁ ସମବେଦନା ଜଣାଇଛନ୍ତି ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି। ଶୋକ ପ୍ରକାଶ କରି ପ୍ରଧାନମନ୍ତ୍ରୀ ଏକ୍ସରେ ଲେଖିଛନ୍ତି, ଏହି କଷ୍ଟକର ସମୟରେ ଶୋକସନ୍ତପ୍ତ ପରିବାରକୁ ମୋର ସମବେଦନା । ସ୍ୱର୍ଗତ ଆତ୍ମାର ଶାନ୍ତି ପାଇଁ ପ୍ରାର୍ଥନା କରୁଛି। କେନ୍ଦ୍ରମନ୍ତ୍ରୀ କିରନ ରିଜିଜୁ ମଧ୍ୟ ଭି. ଶ୍ରୀନିବାସନଙ୍କ ବିୟୋଗରେ ଶୋକ ପ୍ରକାଶ କରି କହିଛନ୍ତି। ୧୯୯୧ରେ ପିଟି ଉଷା ଏବଂ ଶ୍ରୀନିବାସନଙ୍କ ବିବାହ ହୋଇଥିଲା। ଶ୍ରୀନିବାସନ ପୋନାନିର ଭେଙ୍ଗାଲି ଥରାଭାଡର ବାସିନ୍ଦା ଥିଲେ। କେନ୍ଦ୍ରୀୟ ଶିଳ୍ପ ସୁରକ୍ଷା ବଳରେ ଡେପୁଟି ସୁପରିଣ୍ଟେଣ୍ଡେଣ୍ଟ ଭାବରେ କାର୍ଯ୍ୟ କରିଥିଲେ ଶ୍ରୀନିବାସନ। ସେ ପି.ଟି. ଉଷାଙ୍କ ଚମତ୍କାର କ୍ରୀଡା କ୍ୟାରିୟର ଠାରୁ ଆରମ୍ଭ କରି ରାଜନୈତିକ ଯାତ୍ରା ପର୍ଯ୍ୟନ୍ତ ସବୁଥିରେ ତାଙ୍କ ପାଖରେ ଠିଆ ହୋଇଥିଲେ। ପି.ଟି. ଉଷା ଏବଂ ଶ୍ରୀନିବାସନଙ୍କର ଉଜ୍ଜ୍ୱଳ ନାମକ ଏକ ପୁଅ ଅଛି । କିଛି ମାସ ତଳେ ଉଜ୍ଜ୍ୱଳଙ୍କ ବାହାଘର ହୋଇଥିଲା।

# ଭାରତରେ ନିପା ଭାଇରସ୍‌ରେ ୨ ସଂକ୍ରମିତ




ନୂଆଦିଲ୍ଲୀ,୩୦।୧: ଭାରତରେ ନିପା ଭାଇରସ୍‌ରେ ଦୁଇଜଣ ସଂକ୍ରମିତ ହୋଇଥିବା ଜଣାପଡ଼ିଛି। ନିପା ସଂକ୍ରମଣ ସମ୍ପର୍କରେ ଜଣାପଡ଼ିବା ପରେ ଏସିଆର ଅନେକ ଦେଶରେ ବିଦେଶରୁ ଆସୁଥିବା ଯାତ୍ରୀଙ୍କୁ ବିମାନ ବନ୍ଦରରେ କଡ଼ା ଯାଞ୍ଚ କରାଯାଉଛି। ଏହାକୁ ଦେଖି ବିଶ୍ୱ ସ୍ୱାସ୍ଥ୍ୟ ସଂଗଠନ (ଡବ୍ଲ୍ୟୁଏଚ୍‌ଓ) ଶୁକ୍ରବାର କହିଛି ଯେ, ଭାରତରେ ନିପା ଭାଇରସ ବ୍ୟାପିବାର ସମ୍ଭାବନା କମ୍ ରହିଛି। ତେଣୁ ଯାତ୍ରା କିମ୍ବା ବାଣିଜ୍ୟ କଟକଣାର ଆବଶ୍ୟକତା ନାହିଁ। ଡବ୍ଲ୍ୟୁଏଚ୍‌ଓ ଦ୍ୱାରା ଏହାର ୱେବସାଇଟରେ ଦିଆଯାଇଥିବା ତଥ୍ୟ ଅନୁଯାୟୀ, ନିପା ଭାଇରସ୍ ଯୋଗୁ ମଣିଷରୁ ମଣିଷକୁ ସଂକ୍ରମଣ ବୃଦ୍ଧିର କୌଣସି ପ୍ରମାଣ ନାହିଁ। ଏହାଦ୍ୱାରା ଜାତୀୟ, ଆଞ୍ଚଳିକ ଏବଂ ବିଶ୍ୱସ୍ତରରେ ବିପଦ କମ୍ ରହିଛି। ପଶ୍ଚିମବଙ୍ଗର ଉତ୍ତର ୨୪ ପରଗଣା ଜିଲ୍ଲାରେ ନିପା ଭାଇରସରେ ଦୁଇ ଜଣ ସଂକ୍ରମିତ ହୋଇଥିବା ଜଣାପଡ଼ିଛି।

ଡବ୍ଲ୍ୟୁଏଚ୍‌ଓ କହିଛି ଯେ, ମାମଲାଗୁଡ଼ିକ କେବଳ ଜିଲ୍ଲା ମଧ୍ୟରେ ସୀମିତ ଏବଂ ରୋଗୀମାନଙ୍କର କୌଣସି ଯାତ୍ରା ଇତିହାସ ରିପୋର୍ଟ କରାଯାଇ ନାହିଁ। ଭାରତର ଅନ୍ୟ କୌଣସି ରାଜ୍ୟ କିମ୍ବା ଅନ୍ତର୍ଜାତୀୟ ସ୍ତରରେ ଏହା ବ୍ୟାପିବାର ସମ୍ଭାବନା କମ୍ ରହିଛି। ଯାତ୍ରା କଟକଣା ଲଗାଇବାର କୌଣସି ଆବଶ୍ୟକତା ନଥିବା ବିଶ୍ୱ ସ୍ୱାସ୍ଥ୍ୟ ସଙ୍ଗଠନ ପକ୍ଷରୁ କୁହାଯାଇଛି। ନିପା ଭାଇରସ୍ ବାଦୁଡ଼ିଠାରୁ ମଣିଷକୁ ବ୍ୟାପିଥାଏ।

# କୁଏତ୍‌ରୁ ଦିଲ୍ଲୀ ଆସୁଥିବା ବିମାନକୁ ବୋମା ଧମକ




**ଅହମ୍ମଦାବାଦରେ ଜରୁରୀକାଳୀନ ଅବତରଣ**

ନୂଆଦିଲ୍ଲୀ, ୩୦।୧: କୁଏତରୁ ଶୁକ୍ରବାର ସକାଳେ ଦିଲ୍ଲୀ ଆସୁଥିବା ଇଣ୍ଡିଗୋ ଏୟାରଲାଇନ୍ସର ଏକ ବିମାନକୁ ବୋମାରେ ଉଡ଼େଇ ଦେବା ଓ ଅପହରଣ କରିବାକୁ ଧମକ ପରେ ଅହମଦାବାଦ ବିମାନବନ୍ଦରରେ ଏହା ଜରୁରୀକାଳୀନ ଅବତରଣ କରିଛି। ବିମାନରେ ବୋମା ରହିଥିବା ଏବଂ ଏହାକୁ ଅପହରଣ କରାନିଆଯିବ ବୋଲି ଲେଖା ହୋଇଥିବା ଏକ ଟିସୁ ପେପର ଜଣେ ବିମାନ କର୍ମଚାରୀ ପାଇବା ପରେ ଆତଙ୍କ ଖେଳିଯାଇଥିଲା। ପାଇଲଟ ଏୟାର ଟ୍ରାଫିକ କଣ୍ଟ୍ରୋଲକୁ ସତର୍କ କରିବା ସହିତ ବିମାନକୁ ଅହମଦାବାଦ ବିମାନବନ୍ଦର ଅଭିମୁଖେ ଅବତରଣ ପାଇଁ ନିଆଯାଉଥିବା ସୂଚନା ଦେଇଥିଲେ। ବିମାନରେ ଥିବା ସମସ୍ତ ୧୮୦ ଯାତ୍ରୀଙ୍କୁ ସୁରକ୍ଷିତ ଭାବେ ଖାଲି କରିବା ପରେ ସେମାନଙ୍କ ଜିନିଷପତ୍ର କଡ଼ାକଡ଼ି ଯାଞ୍ଚ କରାଯାଇଥିଲା। ଏହାସହିତ ସମସ୍ତ ଯାତ୍ରୀଙ୍କ ପରିଚୟ ମଧ୍ୟ ଯାଞ୍ଚ କରାଯାଇଛି।

ବିମାନଟି ସକାଳ ୬ଟା ୪୦ ମିନିଟରେ ଅହମଦାବାଦର ସର୍ଦ୍ଦାର ବଲ୍ଲଭଭାଇ ବିମାନବନ୍ଦରରେ ଜରୁରୀ ଅବତରଣ କରିଥିଲା। ତେବେ ବିମାନ ଭିତରୁ କୌଣସି ସନ୍ଦିଗ୍ଧ ଜିନିଷ ମିଳିନାହିଁ ବୋଲି ଯାଞ୍ଚ କରୁଥିବା ଅଧିକାରୀ କହିଛନ୍ତି। ଏୟାରପୋର୍ଟ ପୁଲିସ ଷ୍ଟେସନ ସୂଚନା ଅନୁଯାୟୀ, ବୋମା ନିଷ୍କ୍ରିୟକାରୀ ଦଳ ପୂରା ବିମାନର ଯାଞ୍ଚ କରିଥିଲେ। ଯାଞ୍ଚ ଶେଷ ହେବା ପରେ ବିମାନ ଦିଲ୍ଲୀ ଅଭିମୁଖେ ଉଡ଼ାଣ କରିବ। ଏହାପୂର୍ବରୁ ୧୮ ଜାନୁଆରି ଓ ୨୨ ଜାନୁଆରିରେ ବିମାନକୁ ବୋମାରେ ଉଡ଼େଇ ଦେବାକୁ ଧମକ ମିଳିଥିଲା।

### ହିନ୍ଦୁ ମହାସଭା ଓ ଆର୍‌ଏସ୍‌ଏସ୍‌କୁ ନିନ୍ଦା

# ନେହରୁ ଓ ପଟେଲଙ୍କ ଚିଠିକୁ ପ୍ରକାଶ କଲେ ରମେଶ



ନୂଆଦିଲ୍ଲୀ, ୩୦।୧: ମହାତ୍ମା ଗାନ୍ଧୀଙ୍କ ପୁଣ୍ୟ ତିଥି ଅବସରରେ କଂଗ୍ରେସ ନେତା ଜୟରାମ ରମେଶ ଶୁକ୍ରବାର ଜବାହାରଲାଲ ନେହେରୁ ଓ ସର୍ଦ୍ଦାର ବଲ୍ଲଭଭାଇ ପଟେଲଙ୍କ ଦ୍ୱାରା ଶ୍ୟାମା ପ୍ରସାଦ ମୁଖାର୍ଜୀଙ୍କୁ ଲେଖାଯାଇଥିବା ଦୁଇଟି ଚିଠି ପ୍ରକାଶ କରିଛନ୍ତି। ୧୯୪୮ ମସିହାରେ ଲେଖାଯାଇଥିବା ଏହି ଚିଠିରେ ନେହରୁ ଓ ପଟେଲ ଆର୍‌ଏସ୍‌ଏସ୍, ହିନ୍ଦୁ ମହାସଭାକୁ ତୀବ୍ର ସମାଲୋଚନା କରିବା ସହିତ ଏହାର କାର୍ଯ୍ୟକଳାପ ଉପରେ ପ୍ରଶ୍ନ ଉଠାଇଥିଲେ। କଂଗ୍ରେସ ମହାସଚିବ ରମେଶ କହିଛନ୍ତି, ମହାତ୍ମା ଗାନ୍ଧୀଙ୍କୁ ହତ୍ୟା କରାଯିବାର ଦୁଇଦିନ ପୂର୍ବରୁ ନେହରୁ ଶ୍ୟାମାପ୍ରସାଦଙ୍କୁ ଚିଠି ଲେଖିଥିବା ବେଳେ ଏହାର କିଛି ମାସ ପରେ ଜୁଲାଇ ୧୮ ତାରିଖରେ ସର୍ଦ୍ଦାର ପଟେଲ ଶ୍ୟାମା ପ୍ରସାଦଙ୍କୁ ଚିଠି ଲେଖିଥିଲେ। ରମେଶ ସାମାଜିକ ଗଣମାଧ୍ୟମ 'ଏକ୍ସ'ରେ ଏକ ପୋଷ୍ଟରେ ଲେଖିଛନ୍ତି, ଉଭୟ ଜାତୀୟତାର ଆତ୍ମଘୋଷିତ ରକ୍ଷକଙ୍କୁ ନିନ୍ଦା କରିଥିଲେ। ୧୯୪୮ ମସିହା ଜାନୁଆରି ୩୦ ତାରିଖରେ ମହାତ୍ମା ଗାନ୍ଧୀଙ୍କୁ ନାଥୁରାମ ଗଡସେ୍ ହତ୍ୟା କରିବା ପରେ ନେହରୁ ଅଲ୍ ଇଣ୍ଡିଆ ରେଡିଓରେ ତାଙ୍କର ସମ୍ବୋଧନର ଏକ ଲିଙ୍କ୍ ମଧ ରମେଶ ନିଜ ପୋଷ୍ଟରେ ସେୟାର କରିଛନ୍ତି। ଶ୍ୟାମା ପ୍ରସାଦଙ୍କୁ ଲେଖିଥିବା ଚିଠିରେ ନେହରୁ ଦର୍ଶାଇଥିଲେ ଯେ, କଟକଣା ସତ୍ତ୍ୱେ ହିନ୍ଦୁ ମହାସଭା ପୁଣେ, ଅହମଦନଗର ଓ ଦିଲ୍ଲୀରେ ବୈଠକ କରୁଛି। ନେହରୁ ଚିଠିରେ ଲେଖିଥିଲେ ଯେ, ହିନ୍ଦୁ ମହାସଭା ବୈଠକରେ ମହାତ୍ମା ଗାନ୍ଧୀ ଜଣେ ପ୍ରତିବନ୍ଧକ ଏବଂ ସେ ଯେତେ ଶୀଘ୍ର ମୃତ୍ୟୁବରଣ କରିବେ ତାହା ଦେଶ ପାଇଁ ଭଲ ହେବ ବୋଲି ଭାଷଣ ଦିଆଯାଇଛି। ଆର.ଏସ୍.ଏସ୍. ଆହୁରି ଖରାପ ଭାବରେ ଆଚରଣ କରିଛି ଏବଂ ଆମେ ଏହାର ଅତ୍ୟନ୍ତ ଆପତ୍ତିଜନକ କାର୍ଯ୍ୟକଳାପ ବିଷୟରେ ଅନେକ ସୂଚନା ସଂଗ୍ରହ କରିଛୁ। ରମେଶ ନିଜ ପୋଷ୍ଟରେ ପଟେଲଙ୍କ ଚିଠିର ସ୍କ୍ରିନସଟ୍ ମଧ ସେୟାର କରିଥିଲେ। ଚିଠିରେ ପଟେଲ ଆର୍‌ଏସ୍‌ଏସ୍ ଓ ହିନ୍ଦୁ ମହାସଭା କାର୍ଯ୍ୟକଳାପକୁ ସମାଲୋଚନା କରିଥିଲେ।

### ୟୁରୋପୀୟ ୟୁନିୟନର ବଡ଼ ଆକ୍ସନ

# ଅଲକାଏଦା-ହମାସ ଲିଷ୍ଟରେ ଇରାନ୍ ସେନା ସାମିଲ



ନୂଆଦିଲ୍ଲୀ,୩୦।୧: ୟୁରୋପୀୟ ସଂଘ ଇରାନ ଇସଲାମିକ୍ ରିଭଲ୍ୟୁସନାରୀ ଗାର୍ଡ କର୍ପସ (ଆଇଆରଜିସି)କୁ ଏକ ଆତଙ୍କବାଦୀ ସଂଗଠନ ବୋଲି ଘୋଷଣା କରିଛି। ଇୟୁ ବୈଦେଶିକ ନୀତି ମୁଖ୍ୟ କାଜା କାଲାସ ଗୁରୁବାର ଏହା ଘୋଷଣା କରିଛନ୍ତି। ସେ କହିଛନ୍ତି ଯେ, ଆଇଆରଜିସି ଗତ କିଛି ସପ୍ତାହ ମଧ୍ୟରେ ପ୍ରଦର୍ଶନକାରୀଙ୍କ ବିରୁଦ୍ଧରେ ନିଷ୍ଠୁର କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିଛି। ଫଳରେ ହଜାର ହଜାର ଲୋକଙ୍କର ମୃତ୍ୟୁ ଘଟିଛି। ଏହା ଇୟୁ ବୈଦେଶିକ ମନ୍ତ୍ରୀମାନଙ୍କୁ ନିର୍ଣ୍ଣାୟକ ନିଷ୍ପତ୍ତି ନେବାକୁ ବାଧ କରିଛି।

ବ୍ରସେଲ୍ସରେ ବୈଦେଶିକ ମନ୍ତ୍ରୀମାନଙ୍କ ଏକ ବୈଠକକୁ ଯିବା ସମୟରେ କାଲାସ କହିଥିଲେ, 'ଏବେ ଆଇଆରଜିସି ଅଲ-କାଏଦା, ହମାସ ତାଲିକାରେ ରହିବ। ଯଦି ଆପଣ ଜଣେ ଆତଙ୍କବାଦୀ ପରି ବ୍ୟବହାର କରନ୍ତି, ତେବେ ଆପଣଙ୍କୁ ଜଣେ ଆତଙ୍କବାଦୀ ପରି ବ୍ୟବହାର କରାଯିବା ଉଚିତ। ଇୟୁ ମଧ ୧୫ ଜଣ ଇରାନୀ ଅଧିକାରୀଙ୍କ ଉପରେ ପ୍ରତିବନ୍ଧକ ଲଗାଇଛି। ଯେଉଁଥିରେ ଗୃହମନ୍ତ୍ରୀ ମୋମେନି, ପବ୍ଲିକ ପ୍ରସିକ୍ୟୁଟର ଜେନେରାଲ ମହମ୍ମଦ ମୋଭାହେଦି ଆଜାଦ ଏବଂ ବିଚାରପତି ଇମାନ ଅଫଶାରୀ ମଧ ସାମିଲ। କାଲାସ କହିଛନ୍ତି ଯେ, ଇରାନର ରାସ୍ତାକୁ ଓହ୍ଲାଇଥିବା ପ୍ରଦର୍ଶନକାରୀଙ୍କ ଉପରେ ନିର୍ମମ ଦମନ କରାଯାଇଥିବା ରିପୋର୍ଟର ପରେ ଏହି ପଦକ୍ଷେପ ନିଆଯାଇଛି। ଏହି ପ୍ରତିବାଦରେ ପ୍ରାୟ ୬୦୦୦ ଲୋକଙ୍କ ମୃତ୍ୟୁ ହୋଇଛି। ଆଇଆରଜିସିକୁ ଆତଙ୍କବାଦୀ ସଂଗଠନ ଘୋଷଣା କରିବାକୁ ୨୭ ଇୟୁ ସଦସ୍ୟ ରାଷ୍ଟ୍ର ସମର୍ଥନ କରିଛନ୍ତି।

ଆଇଆରଜିସିକୁ ଆତଙ୍କବାଦୀ ସଂଗଠନ ଭାବରେ ତାଲିକାଭୁକ୍ତ କରିବା ମଧ ୟୁରୋପୀୟ ଦେଶଗୁଡ଼ିକର ମନୋଭାବରେ ଏକ ଗୁରୁତ୍ୱପୂର୍ଣ୍ଣ ପରିବର୍ତ୍ତନକୁ ସୂଚିତ କରୁଛି। ଫ୍ରାନ୍ସ ଏବଂ ଇଟାଲୀ ଭଳି ଦେଶ , ଯେଉଁମାନେ ପୂର୍ବରୁ ଏହି ପଦକ୍ଷେପକୁ ବିରୋଧ କରିଥିଲେ, ସେହି ଦେଶ ମଧ ଏହି ନିଷ୍ପତ୍ତିକୁ ସମର୍ଥନ ଜଣାଇଛନ୍ତି। ଇଟାଲୀ ଏବଂ ସ୍ପେନ୍ ଆଇଆରଜିସି ବିରୁଦ୍ଧରେ କାର୍ଯ୍ୟାନୁଷ୍ଠାନ ପାଇଁ ସମର୍ଥନ ଜଣାଇଛନ୍ତି।

### ଆର୍ଥିକ ସର୍ବେକ୍ଷଣ ୨୦୨୬

# ମହିଳାଙ୍କ ତୁଳନାରେ ଅଧିକ ପୁରୁଷଙ୍କ ଜୀବନ ନେଉଛି ରୋଗ



**ହୃଦଘାତରେ ମରୁଛନ୍ତି ଅଧିକ ପୁରୁଷ**

ନୂଆଦିଲ୍ଲୀ,୩୦।୧: କେନ୍ଦ୍ର ସରକାରଙ୍କ ତଥ୍ୟ ଅନୁଯାୟୀ, ଭାରତରେ ହୃଦରୋଗ ମୃତ୍ୟୁର ପ୍ରମୁଖ କାରଣ। ସରକାର କହିଛନ୍ତି ଯେ, ୨୦୦୪-୦୬ ପରଠାରୁ ହୃଦରୋଗରେ ମୃତ୍ୟୁବରଣ କରୁଥିବା ପୁରୁଷଙ୍କ ସଂଖ୍ୟା ମହିଳାଙ୍କ ତୁଳନାରେ ଅଧିକ। ଗୁରୁବାର ସଂସଦରେ ଉପସ୍ଥାପିତ ଅର୍ଥନୈତିକ ସର୍ଭେରେ ଏହି ସୂଚନା ଦିଆଯାଇଛି। ଏହି ସୂଚନା ଅନୁଯାୟୀ, ମହିଳାଙ୍କ ତୁଳନାରେ ରୋଗ ଯୋଗୁଁ ଅଧିକ ପୁରୁଷ ମୃତ୍ୟୁବରଣ କରୁଛନ୍ତି ।

ମୃତ୍ୟୁର ପ୍ରମୁଖ କାରଣ ହେଉଛି ହୃଦରୋଗ । ସେହିପରି ଭାରତରେ ଦ୍ରୁତ ଗତିରେ ବ୍ୟାପିଥିବା ମଧୁମେହ ଯୋଗୁଁ ମୃତ୍ୟୁ ହୃଦରୋଗ ତୁଳନାରେ କମ୍। ଅଧିକାଂଶ ରୋଗ ମହିଳାଙ୍କ ତୁଳନାରେ ପୁରୁଷଙ୍କ ମୃତ୍ୟୁର କାରଣ। ଅର୍ଥନୈତିକ ସର୍ଭେରେ ୨୦୨୧-୨୩ ବର୍ଷରେ ସମସ୍ତ ବୟସ ଗୋଷ୍ଠୀର ମୃତ୍ୟୁର କାରଣ ବିଶ୍ଳେଷଣ କରାଯାଇଛି। ଏହା ଅନୁଯାୟୀ, ହୃଦରୋଗ ଯୋଗୁଁ ୩୨.୪ ପ୍ରତିଶତ ପୁରୁଷ ଏବଂ ୨୯.୧ ପ୍ରତିଶତ ମହିଳା ମୃତ୍ୟୁବରଣ କରିଛନ୍ତି।

ଶ୍ୱାସକ୍ରିୟା ସଂକ୍ରମଣ ୮.୯% ପୁରୁଷ ଏବଂ ୯.୯ ପ୍ରତିଶତ ମହିଳାଙ୍କ ମୃତ୍ୟୁର କାରଣ ହୋଇଛି । କର୍କଟରେ ୬ ପ୍ରତିଶତ ପୁରୁଷ ଏବଂ ୬.୯% ମହିଳାଙ୍କ ମୃତ୍ୟୁ ହୋଇଛି। ପାଚନ ସମ୍ବନ୍ଧୀୟ ରୋଗରେ ୬.୭% ପୁରୁଷଙ୍କ ମୃତ୍ୟୁ ହୋଇଥିବା ବେଳେ ୩.୨% ମହିଳାଙ୍କ ମୃତ୍ୟୁ ହୋଇଛି। ଜ୍ୱର ଏବଂ ଅନ୍ୟାନ୍ୟ ଅଜଣା ରୋଗ ୪.୧ ପ୍ରତିଶତ ପୁରୁଷ ଏବଂ ୪.୧% ମହିଳାଙ୍କ ମୃତ୍ୟୁର କାରଣ ସାଜିଛି। ସେହିପରି, ୩.୮ ପ୍ରତିଶତ ପୁରୁଷ ଏବଂ ୩.୬ ପ୍ରତିଶତ ମହିଳା ଅଜଣା ଆଘାତ ଏବଂ ସଡ଼କ ଦୁର୍ଘଟଣାରେ ମୃତ୍ୟୁବରଣ କରିଛନ୍ତି। ମଧୁମେହ ଯୋଗୁଁ ୩.୧ ପ୍ରତିଶତ ପୁରୁଷ ଏବଂ ୪.୧ ପ୍ରତିଶତ ମହିଳା ମୃତ୍ୟୁବରଣ କରିଛନ୍ତି। ମୂତ୍ର ରୋଗ ଯୋଗୁଁ ୩.୩ ପ୍ରତିଶତ ପୁରୁଷ ଏବଂ ୨.୬ ପ୍ରତିଶତ ମହିଳା ମୃତ୍ୟୁବରଣ କରିଛନ୍ତି। ଅନ୍ୟାନ୍ୟ କାରଣ ଯୋଗୁଁ ୮.୫ ପ୍ରତିଶତ ପୁରୁଷ ଏବଂ ୧୩.୪ ପ୍ରତିଶତ ମହିଳା ମୃତ୍ୟୁବରଣ କରିଛନ୍ତି।

# ରାହୁଲଙ୍କୁ ଶାହଙ୍କ ସମାଲୋଚନା

ନୂଆଦିଲ୍ଲୀ, ୩୦।୧: ସାଧାରଣତନ୍ତ୍ର ଦିବସ ଅବସରରେ ରାଷ୍ଟ୍ରପତି ଭବନରେ ଆୟୋଜିତ 'ଏଟ୍ ହୋମ୍' କାର୍ଯ୍ୟକ୍ରମରେ ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁଙ୍କ ଦ୍ୱାରା ପ୍ରଦତ୍ତ ଆସାମର ପାରମ୍ପରିକ ଗାମୁଛାକୁ ଲୋକସଭାର ବିରୋଧୀ ଦଳ ନେତା ରାହୁଲ ଗାନ୍ଧି କାନ୍ଧରେ ନପକାଇବା ଘଟଣାକୁ ନେଇ ଶୁକ୍ରବାର ତାଙ୍କୁ ତୀବ୍ର ସମାଲୋଚନା କରିଛନ୍ତି କେନ୍ଦ୍ର ଗୃହ ମନ୍ତ୍ରୀ ଅମିତ ଶାହ।

ଆସାମର ଦିବ୍ରୁଗଡ଼ରେ ଆୟୋଜିତ ଏକ କାର୍ଯ୍ୟକ୍ରମରେ ଯୋଗଦେଇ ଶ୍ରୀ ଶାହ କହିଥିଲେ, ରାହୁଲ ଗାନ୍ଧି ଯାହା ଚାହିଁବେ, ତାହା କରିପାରିବେ। କିନ୍ତୁ ଯେପର୍ଯ୍ୟନ୍ତ ବିଜେପି କ୍ଷମତାରେ ଅଛି, ଉତ୍ତରପୂର୍ବ ରାଜ୍ୟଗୁଡ଼ିକର ସଂସ୍କୃତିକୁ ଅସମ୍ମାନ କରିବାକୁ ତାଙ୍କୁ ଅନୁମତି ମିଳିବ ନାହିଁ। ଅନ୍ୟ ସମସ୍ତେ ରାଷ୍ଟ୍ରପତିଙ୍କ ଦ୍ୱାରା ପ୍ରଦତ୍ତ ଗାମୁଛାକୁ ସମ୍ମାନ ଦେଇ କାନ୍ଧରେ ପକାଇଥିଲେ। ଏମିତିକି ବିଦେଶରୁ ଆସିଥିବା ବିଶିଷ୍ଟ ବ୍ୟକ୍ତିମାନେ ମଧ ଏହାକୁ ସମ୍ମାନ ଦେଇଥିଲେ। କିନ୍ତୁ ରାହୁଲ ଗାନ୍ଧି ହେଉଛନ୍ତି ଏକମାତ୍ର ବ୍ୟକ୍ତି ଯିଏ ଏହାକୁ କାନ୍ଧରେ ପକାଇ ନଥିଲେ। ଏହି ପ୍ରସଙ୍ଗରେ ଏହି କାର୍ଯ୍ୟକ୍ରମରେ ଆସାମ ମୁଖ୍ୟମନ୍ତ୍ରୀ ହିମନ୍ତ ବିଶ୍ୱଶର୍ମା ମଧ ରାହୁଲ ଗାନ୍ଧିଙ୍କୁ ସମାଲୋଚନା କରିଥିଲେ। ସେ କହିଥିଲେ, ଉତ୍ତରପୂର୍ବ ରାଜ୍ୟର ସଂସ୍କୃତିକୁ ସମ୍ମାନ ଦେବା କଥା ରାହୁଲ ଗାନ୍ଧି ଶିଖିବା ଉଚିତ। ନହେଲେ ସେ ଭୋଟ୍ ମାଗିବା କଥା ନୁହେଁ। ଚଳିତ ବର୍ଷ ଆସାମ ବିଧାନସଭା ନିର୍ବାଚନ ଅନୁଷ୍ଠିତ ହେବାକୁ ଥିବା ବେଳେ ରାହୁଲ ଗାନ୍ଧିଙ୍କୁ ଉତ୍ତରପୂର୍ବ ରାଜ୍ୟଗୁଡ଼ିକର ସଂସ୍କୃତି ନେଇ ଏହିଭଳି ଭାବେ ସମାଲୋଚନା କରିଛନ୍ତି ଉଭୟ ଅମିତ ଶାହ ଓ ହିମନ୍ତ ବିଶ୍ୱଶର୍ମା।

### ବଡ଼ ଦାବି କଲେ ଆମରିକା ରାଷ୍ଟ୍ରପତି

# ଋଷ-ୟୁକ୍ରେନ୍ ଯୁଦ୍ଧରେ ଲାଗିବ ବ୍ରେକ୍



ବାଶିଂଟନ୍,୩୦।୧: ଦୀର୍ଘ ମାସ ଧରି ଜାରି ରହିଥିବା ଋଷ-ୟୁକ୍ରେନ୍ ଯୁଦ୍ଧରେ ଲାଗିବ ବ୍ରେକ୍। ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ ଏପରି ଦାବି କରିଛନ୍ତି। କଠୋର ଶୀତରେ ଥରୁଛି ୟୁକ୍ରେନ୍, ହଇରାଣ ହେଉଛନ୍ତି ସେଠାକାର ସାଧାରଣ ଲୋକ। ତେଣୁ ଏହାକୁ ଦୃଷ୍ଟିରେ ରଖି କିଛିଦିନ ପାଇଁ ଯୁଦ୍ଧ ବିରତି କରିବାକୁ ଋଷ ରାଷ୍ଟ୍ରପତି ଭ୍ଲାଦିମିର ପୁଟିନଙ୍କୁ ଅନୁରୋଧ କରିଥିଲେ ଟ୍ରମ୍ପ, ଆଉ ତାଙ୍କର ଏହି ଅନୁରୋଧକୁ ପୁଟିନ୍ ରକ୍ଷା କରିଛନ୍ତି ବୋଲି ଦାବି କରିଛନ୍ତି ଆମେରିକା ରାଷ୍ଟ୍ରପତି।

ଗୁରୁବାର ଦିନ ହ୍ୱାଇଟ୍ ହାଉସରେ ଅନୁଷ୍ଠିତ କ୍ୟାବିନେଟ୍ ବୈଠକରେ ରାଷ୍ଟ୍ରପତି ଟ୍ରମ୍ପ୍ କହିଛନ୍ତି, ସେ ବ୍ୟକ୍ତିଗତ ଭାବରେ ରାଷ୍ଟ୍ରପତି ପୁଟିନଙ୍କୁ ଅନୁରୋଧ କରିଛନ୍ତି ଯେ, ସେ କଠୋର ଶୀତ ସମୟରେ କିଭ୍ ଓ ଅନ୍ୟାନ୍ୟ ସହର ଉପରେ ଆକ୍ରମଣକୁ ଗୋଟିଏ ସପ୍ତାହ ପାଇଁ ସ୍ଥଗିତ ରଖନ୍ତୁ। ଟ୍ରମ୍ପଙ୍କ ଏହି ବୟାନ ଏପରି ଏକ ସମୟରେ ଆସିଛି ଯେତେବେଳେ ଋଷ ବାରମ୍ବାର ୟୁକ୍ରେନର ବିଦ୍ୟୁତ୍ ପ୍ରତିଷ୍ଠାନ ଓ ଅନ୍ୟାନ୍ୟ ଗୁରୁତ୍ୱପୂର୍ଣ୍ଣ ଭିତ୍ତିଭୂମି ଉପରେ ଆକ୍ରମଣ କରୁଛି, ଯାହା ଫଳରେ ସାରା ଦେଶରେ ବ୍ୟାପକ ବିଦ୍ୟୁତ୍ ବିଭ୍ରାଟ ହେଖାଦେଇଛି। ଟ୍ରମ୍ପ୍ ଦାବି କରିଛନ୍ତି ଯେ ରାଷ୍ଟ୍ରପତି ପୁଟିନ୍ ତାଙ୍କ ଅନୁରୋଧରେ ରାଜି ହୋଇଛନ୍ତି, କିନ୍ତୁ ଋଷ ପକ୍ଷରୁ କୌଣସି ସରକାରୀ ପ୍ରତିକ୍ରିୟା ମିଳିପାରିନାହିଁ।

ଅନ୍ୟପଟେ ୟୁକ୍ରେନ୍ ରାଷ୍ଟ୍ରପତି ଭୋଲୋଡିମିର ଜେଲେନ୍ସକି ଚେତାବନୀ ଦେଇ କହିଛନ୍ତି ଋଷ ଆଉ ଏକ ବଡ଼ ଆକ୍ରମଣ ପାଇଁ ପ୍ରସ୍ତୁତ ହେଉଛି। ୟୁକ୍ରେନର ଗୁଇନ୍ଦା ସଂସ୍ଥାଗୁଡ଼ିକରୁ ମିଳିଥିବା ରିପୋର୍ଟ ଅନୁଯାୟୀ, ଋଷ ବଡ଼ ଧରଣର ବିମାନ ଆକ୍ରମଣ ପାଇଁ ଅସ୍ତ୍ରଶସ୍ତ୍ର ଏବଂ ସମ୍ବଳ ସଂଗ୍ରହ କରୁଛି। ଜେଲେନ୍ସକି ଏହା ମଧ ମନେ ପକାଇଛନ୍ତି ଯେ ଋଷ ପ୍ରାୟ ୮୦୦ ଡ୍ରୋନ୍, କ୍ରୁଜ୍ ମିସାଇଲ୍ ଏବଂ ବାଲିଷ୍ଟିକ୍ ମିସାଇଲ୍ ସହିତ ୟୁକ୍ରେନ୍ ଉପରେ ଆକ୍ରମଣ କରିଥିଲା, ବିଶେଷ କରି ଦେଶର ପାୱାର ଗ୍ରୀଡ୍ ଉପରେ ଟାର୍ଗେଟ କରିଥିଲା। ତେବେ ଏହି ସମସ୍ତ ଘଟଣା ଏପରି ସମୟରେ ଘଟୁଛି ଯେତେବେଳେ ଆମେରିକାର ମଧ୍ୟସ୍ଥତାରେ ଋଷ ଓ ୟୁକ୍ରେନ ମଧ୍ୟରେ ଯୁଦ୍ଧବିରତି ଆଲୋଚନା ଚାଲିଛି।



# ଜେଲେନସ୍କିଙ୍କୁ ମସ୍କୋ ଆସିବାକୁ ନିମନ୍ତ୍ରଣ କଲେ ପୁଟିନ

**ଶାନ୍ତି ପ୍ରତିଷ୍ଠା ନେଇ ହେବ ଆଲୋଚନା**

ମସ୍କୋ,୩୦।୧: ଏବେ ମୁହାଁମୁହିଁ କଥା ହେଲେ ୟୁକ୍ରେନ ରାଷ୍ଟ୍ରପତି ଜେଲେନସ୍କି ଏବଂ ଋଷ ରାଷ୍ଟ୍ରପତି ଭ୍ଲାଦିମିର ପୁଟିନ। କାରଣ ଶାନ୍ତି ଆଲୋଚନା ପାଇଁ ଜେଲେନସ୍କିଙ୍କୁ ଡାକିଛି ମସ୍କୋ। ଯୁଦ୍ଧ ବନ୍ଦ ପାଇଁ ଆମେରିକାର ହସ୍ତକ୍ଷେପ ପରେ ମସ୍କୋ ଏପରି ପଦକ୍ଷେପ ନେଇଛି। କ୍ରେମଲିନର କହିବାନୁସାରେ, ଋଷିଆ ଜେଲେନସ୍କିଙ୍କୁ ଶାନ୍ତି ଆଲୋଚନା ପାଇଁ ଡାକିଛି। ଉଭୟ ଯୁଦ୍ଧରେ ବିରାମ ଦେବାକୁ ଚୂଡ଼ାନ୍ତ କଥାବାର୍ତ୍ତା ହେବେ। ତେବେ ଦୁଇ ଦେଶ ପରସ୍ପରର ଶକ୍ତି ଉତ୍ସ ଉପରେ ଆକ୍ରମଣ ବନ୍ଦ କରିବା ପାଇଁ ସହମତି ପ୍ରକାଶ କରିଛନ୍ତି ନା ନାହିଁ ସେନେଇ କ୍ରେମଲିନ୍ କିଛି କହିବାକୁ ମନା କରିଦେଇଛି।

କ୍ରେମଲିନର ମୁଖପାତ୍ର ଡିମିତ୍ରି ପେସକୋଭ୍ କହିଛନ୍ତି ଯେ, ମସ୍କୋ ଜେଲେନସ୍କିଙ୍କୁ ନିମନ୍ତ୍ରଣ କରାଯାଇଛି। ହେଲେ ସେ ମସ୍କୋ ଆସିବେ ନା ନାହିଁକିଛି ସ୍ପଷ୍ଟ କରିନାହାଁନ୍ତି। ଗତ ସପ୍ତାହରେ ଆବୁଧାବିରେ ଆମେରିକାର ମଧ୍ୟସ୍ତତାରେ କିଭ୍ ଏବଂ ମସ୍କୋର ଅଧିକାରୀ ଆଲୋଚନା କରିଥିଲେ। ଯାହା ଯୁଦ୍ଧ ବନ୍ଦ କରିବା ପାଇଁ ସହାୟକ ହେବ ବୋଲି କୁହାଯାଉଥିଲା। ଏହାପରେ ବି ପରସ୍ପର ଉପରେ ରକେଟ୍ ଏବଂ ଡ୍ରୋନ୍ ଆଟାକ୍ କରିଥିଲେ। କିନ୍ତୁ ମସ୍କୋର ଘାତକ ଆକ୍ରମଣ ପରେ ୟୁକ୍ରେନରେ ଶକ୍ତିସଙ୍କଟ ଦେଖାଦେଇଛି। ଯାହା ତାକୁ ଋଷ ଆଗରେ ମୁଣ୍ଡ ନୂଆଁଇବାକୁ ବାଧ କରିବ ବୋଲି ବିଶେଷଜ୍ଞ ଅନୁମାନ କରୁଛନ୍ତି। ୟୁଏସ ଅଧିକାରୀଙ୍କ କହିବାନୁସାରେ, ଶନିବାର ଜେଲେନସ୍କି ଏବଂ ପୁଟିନଙ୍କ ମଧ୍ୟରେ ବୈଠକ ନେଇ ସହମତି ପ୍ରକାଶ ପାଇଛି। ସେମାନେ ଶାନ୍ତି ପ୍ରତିଷ୍ଠାର ଅତି ନିକଟରେ ପହଁଚିଛନ୍ତି। ଏହା ପଛରେ ଆମେରିକାର ବଡ ଭୂମିକା ରହିଛି।

# ବସ୍ତିବାସିନ୍ଦାଙ୍କ ପାଇଁ ତିଆରି ହେବ ୬ ମହଲା କୋଠା

- ୧୬୭ ପରିବାରଙ୍କୁ ଘର ବାଣ୍ଟିଲା ବିଏମ୍‌ସି
- ଲାଗିବ ଲିଫ୍ଟ, ରହିବ ମାର୍କେଟ କମ୍ପ୍ଲେକ୍ସ



**ଭୁବନେଶ୍ୱର,୩୦।୧(ସଂଚାର ବ୍ୟୁରୋ):** ଭୁବନେଶ୍ୱର ମହାନଗର ନିଗମ (ବିଏମ୍‌ସି) ପକ୍ଷରୁ ଆଜି ଚନ୍ଦ୍ରଶେଖରପୁର ବୁଦ୍ଧ ବିହାର ହାଉସିଂ ପ୍ରକଳ୍ପରେ ୧୦ରୁ ଅଧିକ ବସ୍ତିର ୧୬୭ ଜଣ ଯୋଗ୍ୟ ହିତାଧିକାରୀଙ୍କୁ ଗୃହ ନିର୍ମାଣ ଓ ନଗର ଉନ୍ନୟନ ମନ୍ତ୍ରୀ ଡ. କୃଷ୍ଣଚନ୍ଦ୍ର ମହାପାତ୍ର ଲଟେରୀ ମାଧ୍ୟମରେ ପକ୍କା ଘର ଆବଣ୍ଟନ କରିଛନ୍ତି। ଏହି ଉପଲକ୍ଷେ ଆୟୋଜିତ ଏକ କାର୍ଯ୍ୟକ୍ରମରେ ଅନ୍ୟତମ ଅତିଥି ଭାବେ ବିଏମ୍‌ସି ମେୟର ସୁଲୋଚନା ଦାସ, କମିଶନର ତଥା ବିଡିଏ ଉପାଧ୍ୟକ୍ଷ ଚଞ୍ଚଳ ରାଣା, ସ୍ଲମ ସେଟଲମେଣ୍ଟ କମିଟି ଅଧକ୍ଷା ମହାମାୟା ସ୍ୱାଇଁ, ଅତିରିକ୍ତ କମିଶନର ରତ୍ନାକର ସାହୁ ଓ କୈଳାସ ଚନ୍ଦ୍ର ଦାସ ଉପସ୍ଥିତ ଥିଲେ। ଆଜି ପକ୍କା ଘର ପାଇଥିବା ପରିବାରଗୁଡ଼ିକ ସାଲିଆସାହି, ସୁବାଷ ବୋଷ ନଗର ବସ୍ତି, ମହାବୀର ବସ୍ତି, ମାଛ ମାର୍କେଟ ବସ୍ତି, ଜଗନ୍ନାଥ ବିହାର ଗୋପାଳ ବସ୍ତି, ସହିଦ ଲକ୍ଷ୍ମଣ ବସ୍ତି, ପଳାଶୁଣୀ ମୁଣ୍ଡା ସାହି, ମା' ଭଗବତୀ ବସ୍ତି, ମଙ୍ଗଳା ବସ୍ତି ଏବଂ ବିଡିଏ ଅନୁମୋଦିତ ବିଭିନ୍ନ ବସ୍ତିର ବାସିନ୍ଦା। ଏହି ଅବସରରେ ଡ. ମହାପାତ୍ର ଘୋଷଣା କରିଛନ୍ତି ଯେ ଆଗାମୀ ଦିନରେ ବସ୍ତିବାସିନ୍ଦାଙ୍କ ପାଇଁ ଅତ୍ୟାଧୁନିକ ବହୁତଳ ପ୍ରସାଦ ତିଆରି ହେବ। ଏହି ୬ ମହଲା ଆପାର୍ଟମେଣ୍ଟରେ ଲିଫ୍ଟ ସୁବିଧା ରହିବ। ଗଠନ ହେବ ସ୍ୱତନ୍ତ୍ର କମିଟି। ସମ୍ପୃକ୍ତ ବ୍ଲକ ବା ଆପାର୍ଟମେଣ୍ଟର ସମସ୍ତ ଦାୟିତ୍ୱ ଏହି କମିଟି ହାତରେ ରହିବ। ଏହାଛଡ଼ା ସେଠାରେ ମାର୍କେଟ କମ୍ପ୍ଲେକ୍ସ ବି ତିଆରି ହେବ। ବୁଦ୍ଧ ବିହାର ହାଉସିଂ କଲୋନୀ ଭିତରେ ରହୁଥିବା ଲୋକମାନଙ୍କର ଆର୍ଥିକ ଉନ୍ନତି ପାଇଁ ସେମାନଙ୍କୁ ମଧ ମାର୍କେଟ କମ୍ପ୍ଲେକ୍ସ ଗୃହ ପ୍ରଦାନ କରାଯିବ ବୋଲି ମନ୍ତ୍ରୀ କହିଛନ୍ତି।

ସେହିପରି ଶ୍ରୀମତୀ ଦାସ କହିଛନ୍ତି ଯେ ବିଭିନ୍ନ ପ୍ରକଳ୍ପ ପାଇଁ ଉଚ୍ଛେଦ ହୋଇଥିବା କିମ୍ବା ଉଚ୍ଛେଦ ହେବାକୁ ଥିବା ହିତାଧିକାରୀଙ୍କୁ ସରକାର ପର୍ଯ୍ୟାୟ କ୍ରମେ ପକ୍କା ଘର ଯୋଗାଉଛନ୍ତି। ଏଣିକି ଘରର ମାଲିକ ହେଉଛନ୍ତି ହିତାଧିକାରୀ। ସେହି ଘରର ଯତ୍ନ ନେବା ସହ ପରିବେଶକୁ ପରିଷ୍କାର ପରିଚ୍ଛନ୍ନ ରଖିବା ଦାୟିତ୍ୱ ମଧ ହିତାଧିକାରୀମାନଙ୍କର। ଘରର ରକ୍ଷଣାବେକ୍ଷଣ ସହ ପରିବେଶର ସୁରକ୍ଷାକୁ ହିତାଧିକାରୀମାନେ ସୁନିଶ୍ଚିତ କରିବା ପାଇଁ ମେୟର ପରାମର୍ଶ ଦେଇଛନ୍ତି।

ଅନ୍ୟପକ୍ଷରେ ଗୃହ ଆବଣ୍ଟନରେ ସ୍ୱଚ୍ଛତା ପାଇଁ ଲଟେରୀ ମାଧ୍ୟମରେ ଏହା ଦିଆଯାଉଛି। ଯଦି କେହି ଠକକତା କିମ୍ବା ମିଥ୍ୟା କାଗଜପତ୍ର ଦେଇ ଘର ହାତେଇଥିବେ, ତା'ହେଲେ ସେମାନଙ୍କ ବିରୋଧରେ କଠୋର କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି କହିଛନ୍ତି ବିଏମ୍‌ସି କମିଶନର୍ ତଥା ବିଡିଏ ଉପାଧ୍ୟକ୍ଷ ଚଞ୍ଚଳ ରାଣା। ଆଜିର କାର୍ଯ୍ୟକ୍ରମକୁ ଡେପୁଟି କମିଶନର ଅଜୟ କୁମାର ମହାନ୍ତି ଓ ସହକାରୀ କମିଶନର ସତ୍ୟଜିତ୍ ଦାସଙ୍କ ସହ ଟିମ୍ ବିଏମ୍‌ସି ପରିଚାଳନା କରିଥିବା ବେଳେ ଅତିରିକ୍ତ କମିଶନର ରତ୍ନାକର ସାହୁ ଧନ୍ୟବାଦ ଦେଇଥିଲେ।

## ସୁକମାରେ ୪ ମାଓବାଦୀଙ୍କ ଆତ୍ମସମର୍ପଣ

**ସୁକମା,୩୦।୧:** ଛତିଶଗଡ଼ ରାଜ୍ୟର ସୁକମା ଜିଲ୍ଲାର କିଷ୍ଟାରାମ ଏରିଆ କମିଟିରେ ସକ୍ରିୟ ୮ ଲକ୍ଷ ଟଙ୍କାର ପୁରସ୍କାର ଥିବା ଚାରି ମାଓବାଦୀ କ୍ୟାଡର ଶୁକ୍ରବାର ଦିନ ଅଟୋମେଟିକ ଅସ୍ତ୍ରଶସ୍ତ୍ର ପୁଲିସ ଅଧିକାରୀଙ୍କୁ ପ୍ରଦାନ କରି ଆତ୍ମସମର୍ପଣ କରିଛନ୍ତି। ଏମାନଙ୍କ ମଧ୍ୟରୁ ଦୁଇ ମହିଳା ନକ୍ସଲି ସାମିଲ ଅଛନ୍ତି। ପୋଲିସ୍ ଅଧିକାରୀ କହିଛନ୍ତି ଯେ, ସୁକମା ପୁଲିସ୍ ଏବଂ ଆନ୍ଧ୍ରପ୍ରଦେଶର ଅଲ୍ଲୁରି ସୀତାରାମ ରାଜୁ ଜିଲ୍ଲା ପୁଲିସ୍‌ର ସଂଯୁକ୍ତ ପ୍ରୟାସରେ ପୁନା ମାରଗେମ - ପୁନର୍ବାସରୁ ପୁନର୍ଜୀବନ ଅଭିଯାନ ଅନ୍ତର୍ଗତ ବସ୍ତର ରେଞ୍ଜ ପୁଲିସ୍ ମହାନିରୀକ୍ଷକ ସୁନ୍ଦରରାଜ ପଟ୍ଟଲିଙ୍ଗମ, ପୁଲିସ୍ ଅଧୀକ୍ଷକ ସୁକମା କିରଣ ଚହ୍ୱାନ, ପଙ୍କଜ ମୀଣା ଅତିରିକ୍ତ ପୁଲିସ୍ ଅଧୀକ୍ଷକ ଅଲ୍ଲୁରି ସୀତାରାମ ରାଜୁ(ଆନ୍ଧ୍ରପ୍ରଦେଶ), ରୋହିତ ଶାହ ଅତିରିକ୍ତ ପୁଲିସ୍ ଅଧୀକ୍ଷକ ସୁକମା, ରାସୀକୋଣ୍ଟା ରେଞ୍ଜ ସିଆର୍‌ପିଏଫ୍ ଅରବିନ୍ଦ ପି, ଆନନ୍ଦଙ୍କ ଆଗରେ ଦକ୍ଷିଣ ବସ୍ତର ଡିଭିଜନ ଅନ୍ତର୍ଗତ କୋଣ୍ଟା କିଷ୍ଟାରାମ ଏରିଆ କମିଟିରେ ସକ୍ରିୟ ମୋଟ ୮ ଲକ୍ଷ ଟଙ୍କାର ପୁରସ୍କାର ଚାର ମାଓବାଦୀ କ୍ୟାଡର ଆତ୍ମସମର୍ପଣ କରିଛନ୍ତି।

## ଏଆଇସିସି ସଭାପତି ଖଡ଼ଗେଙ୍କୁ ଭେଟିଲେ ଅରୋ ପ୍ରସାଦ



**ଭୁବନେଶ୍ୱର,୩୦।୧(ସଂଚାର ବ୍ୟୁରୋ):** ଅଖିଳ ଭାରତୀୟ କଂଗ୍ରେସ କମିଟିର ରିସର୍ଚ୍ଚ ବିଭାଗର ଜାତୀୟ ସଂଯୋଜକ ଶ୍ରୀ ଅରୋ ପ୍ରସାଦ ମିଶ୍ର ଏଆଇସିସି ସଭାପତି ମଲିକାର୍ଜୁନ ଖଡ଼ଗେଙ୍କୁ ଭେଟିଛନ୍ତି । ଶ୍ରୀ ମିଶ୍ର ଏଆଇସିସି ସଭାପତି ଶ୍ରୀ କାଡ଼ଗେଙ୍କ ବାସଭବନ ୧୦, ରାଜାଜୀ ମାର୍ଗରେ ସାକ୍ଷାତ କରି ପ୍ରାୟ ୩୦ମିନିଟ୍ ରୁ ଉର୍ଦ୍ଧ ସମୟ ଧରି ଆଲୋଚନା କରିଥିଲେ । ଏହି ଆଲୋଚନା ମୁଖ୍ୟତ ସଂଗଠନ ଓ ଦଳର ରଣ କୌଶଳ ଉପରେ ହୋଇଥିବା ସୂଚନା ମିଳିଛି ।ଜାତୀୟ ରିସର୍ଚ୍ଚ ବିଭାଗ ପକ୍ଷରୁ ଅପରାହ୍ନ ୩ଘଟିକା ସମୟରେ ଇନ୍ଦିରା ଭବନ ଠାରେ ଏକ ସାମ୍ବାଦିକ ସମ୍ମିଳନୀ ଅନୁଷ୍ଠିତ ହେଇଥିଲା । ଏହା ପରେ ଆଗାମୀ କାର୍ଯ୍ୟପନ୍ଥା ଓ ରଣ କୌଶଳ ସମ୍ପର୍କରେ ଏଆଇସିସି ସଭାପତିଙ୍କ ସହ ଏକ ଗୁରୁତ୍ୱପୂର୍ଣ୍ଣ ବୈଠକ ବାସଭବନରେ ଅନୁଷ୍ଠିତ ହୋଇଥିଲା। ଏହି ଆଲୋଚନା ସମୟରେ ଓଡିଶାର ସଂଗଠନ ଓ ପିସିସି ସଭାପତି ଭକ୍ତ ଚରଣ ଦାସଙ୍କ ନେତୃତ୍ୱରେ କଂଗ୍ରେସ ସଂଗଠିତ ହୋଇ କିଭଳି ମୁଖ୍ୟ ବିରୋଧୀ ଦଳର ଭୂମିକା ନେବା ସହ ଆଗାମୀ ଦିନରେ କ୍ଷମତାକୁ ଫେରିବାର ଆଶା ସଂଚାର ହେବ କଥା ମଧ ଅବଗତ କରାଇଥିଲେ । ଏହି ଆଲୋଚନା ସମୟରେ କଂଗ୍ରେସ ଓଡିଶାକୁ ନେଇ କିଛି ବଡ ଯୋଜନା କରୁଥିବା ଜଣା ପଡିଛି । ମାତ୍ର କେଇ ଦିନ ପୂର୍ବରୁ ଏଆଇସିସି ସାଧାରଣ ସମ୍ପାଦିକା ତଥା ଲୋକସଭା ସଂସଦ ଶ୍ରୀମତୀ ପ୍ରିୟଙ୍କା ଗାନ୍ଧୀଙ୍କୁ ଭେଟି ଆଲୋଚନା ଓ ଏବେ ଏଆଇସିସି ସଭାପତିଙ୍କ ସହ ବୈଠକ ପରେ ଓଡ଼ିଶା କଂଗ୍ରେସ ପ୍ରତି ଏଆଇସିସି ର ନଜର ଥିବା ଜଣା ପଡିଛି ।

## ଅଗ୍ନିକାଣ୍ଡରେ ଜଣେ ମୃତ

**କୋଲକାତା,୩୦।୧(ସଂଚାର ବ୍ୟୁରୋ):** ଗତ ଦୁଇ ସପ୍ତାହ ମଧ୍ୟରେ କୋଲକାତାରେ ବେଶ କିଛି ଅଗ୍ନିକାଣ୍ଡର ଘଟଣା ଘଟିଛି। ଗୁରୁବାର ମଧ୍ୟରାତ୍ରିରେ ଚିତପୁରର ଏକ ଝୁମ୍ପୁଡି ଅଞ୍ଚଳରେ ଅଗ୍ନିକାଣ୍ଡ ଘଟିଥିଲା। ସୂଚନା ପାଇ ଦୁଇଟି ଦମକଳ ଗାଡ଼ି ଘଟଣାସ୍ଥଳରେ ପହଞ୍ଚିଥିଲା। ଅଗ୍ନିଶମ ବିଭାଗ ସୂତ୍ରରୁ ମିଳିଥିବା ସୂଚନା ଅନୁଯାୟୀ, ଗୋଟିଏ ଘଣ୍ଟା ମଧ୍ୟରେ ନିଆଁକୁ ନିୟନ୍ତ୍ରଣ କରାଯାଇଥିଲା। ଆନନ୍ଦପୁରର ଦୁଇଟି ଗୋଦାମରେ ଅଗ୍ନିକାଣ୍ଡ ଘଟଣା ପରେ ଚିତପୁରର ଏହି ଘଟଣାକୁ ନେଇ ଆତଙ୍କ ବ୍ୟାପିଛି। ପୁଲିସ ସୂତ୍ର ଅନୁଯାୟୀ, ବାସିନ୍ଦାମାନଙ୍କୁ ସୁରକ୍ଷିତ ସ୍ଥାନକୁ ସ୍ଥାନାନ୍ତର କରାଯାଇଥିଲା। କିନ୍ତୁ ନିଆଁରେ ଆନନ୍ଦସାଗର ସାଉ (୪୮) ନାମକ ଜଣେ ବ୍ୟକ୍ତି ଗୁରୁତର ଆହତ ହୋଇଥିଲେ। ତାଙ୍କୁ ଆରଜି କର ମେଡିକାଲ କଲେଜକୁ ନିଆଯାଇଥିଲା, ଯେଉଁଠାରେ ଡାକ୍ତରମାନେ ତାଙ୍କୁ ମୃତ ଘୋଷଣା କରିଥିଲେ।

## ବିଜେପି କର୍ମୀଙ୍କ ଭାଇଙ୍କୁ ହତ୍ୟା, ଜଣେ ଗିରଫ

**କୋଲକାତା,୩୦।୧(ସଂଚାର ବ୍ୟୁରୋ):** ବିଜେପି କର୍ମୀଙ୍କ ଭାଇଙ୍କୁ ରାସ୍ତାରେ ଫିଙ୍ଗି ପିଟି ପିଟି ହତ୍ୟା କରାଯାଇଛି। ବାଙ୍କୁଡାର ଇନ୍ଦାସ ଥାନା ଅନ୍ତର୍ଗତ ଖଟନଗର ଗ୍ରାମରେ ଏହି ଘଟଣା ଘଟିଛି। ମୃତକଙ୍କ ନାମ ସୁଜୟ ରଙ୍ଗ। ବାଙ୍କୁଡାର ଖଟନଗର ଗ୍ରାମର ବାସିନ୍ଦା ସୁଜୟ ରଙ୍ଗଙ୍କ ଭାଇ ପ୍ରସାଦ ରଙ୍ଗ ସେହି ଅଞ୍ଚଳରେ ବିଜେପି କର୍ମୀ ଭାବରେ ପରିଚିତ। ମୃତକଙ୍କ ପରିବାର ଦାବି କରିଛନ୍ତି ଯେ, ସୁଜୟ ରଙ୍ଗଙ୍କ ଭାଇ ପ୍ରସାଦ ରଙ୍ଗ ତାଙ୍କଠାରୁ ଟଙ୍କା ନେଇ ଗୁରୁବାର ରାତିରେ ଗ୍ରାମର କଲୋନୀ ଶିବତଲା ଅଞ୍ଚଳର ଏକ ଦୋକାନକୁ ଯାଇଥିଲେ। ସେହି ସମୟରେ ସ୍ଥାନୀୟ ତୃଣମୂଳ କର୍ମୀ ନୟନ ରାୟ ଏବଂ ପିଣ୍ଟୁ ରାୟ ସୁଜୟ ରଙ୍ଗଙ୍କୁ ଘେରିଯାଇ ପ୍ରବଳ ମାଡ଼ ମାରି ଖସି ପଳାଇଥିଲେ। ପରେ ସୁଜୟଙ୍କୁ ଗୁରୁତର ଆହତ ଅବସ୍ଥାରେ ଉଦ୍ଧାର କରି ଇନ୍ଦାସ ବ୍ଲକ ପ୍ରାଥମିକ ସ୍ୱାସ୍ଥ୍ୟ କେନ୍ଦ୍ରକୁ ନେଇଯାଇଥିଲେ, ଯେଉଁଠାରେ ଡାକ୍ତରମାନେ ତାଙ୍କୁ ମୃତ ଘୋଷଣା କରିଥିଲେ।

● ଆନନ୍ଦପୁରର ନାଜିରାବାଦର ଅଗ୍ନିକାଣ୍ଡ ଘଟଣା

## ମୋମୋ ପ୍ରସ୍ତୁତକାରୀ କମ୍ପାନୀର ଦୁଇ ଅଧିକାରୀ ଗିରଫ



**କୋଲକାତା,୩୦।୧ (ସଂଚାର ବ୍ୟୁରୋ):** ଜତୁଗୃହ ଆନନ୍ଦପୁରର ନଜିରାବାଦ ମୋମୋ ପ୍ରସ୍ତୁତକାରୀ କମ୍ପାନୀ ଏବଂ ଏହାର ସଂଲଗ୍ନ ଡେକୋରେଟରଙ୍କ ଗୋଦାମ। ଏହି ଦୁଇଟି ଗୋଦାମରେ ଅଗ୍ନିକାଣ୍ଡ ଘଟଣା ଗଣତନ୍ତ୍ର ଦିବସରେ ସାମ୍ନାକୁ ଆସିଥିଲା। ଭୟଙ୍କର ଅଗ୍ନିକାଣ୍ଡ ଯୋଗୁଁ ୨୫ ଜଣଙ୍କ ମୃତ୍ୟୁ ଘଟିଛି। ଦେହାଂଶ ଉଦ୍ଧାର କରାଯାଉଛି। ଅନେକ ନିଖୋଜ ଅଛନ୍ତି। ଅଗ୍ନିକାଣ୍ଡ ଘଟଣାରେ ଡେକୋରେଟରଙ୍କ କମ୍ପାନୀର ମାଲିକଙ୍କୁ ପୂର୍ବରୁ ଗିରଫ କରାଯାଇଛି। ଗୁରୁବାର ରାତିରେ ଅଗ୍ନିକାଣ୍ଡ ଘଟଣାରେ ଆଉ ଦୁଇ ଜଣଙ୍କୁ ଗିରଫ କରାଯାଇଛି। ନରେନ୍ଦ୍ରପୁର ପୁଲିସ ସେମାନଙ୍କୁ ଗିରଫ କରିଛି। ଗିରଫ ହୋଇଥିବା ବ୍ୟକ୍ତିମାନେ ମୋମୋ ପ୍ରସ୍ତୁତକାରୀ କମ୍ପାନୀର ଉଚ୍ଚପଦସ୍ଥ ଅଧିକାରୀ ବୋଲି ଜଣା ପଡ଼ିଛି। ଗିରଫମାନଙ୍କୁ ଶୁକ୍ରବାର ବାରୁଇପୁର କୋର୍ଟରେ ହାଜର କରାଯାଇଥିଲା। ନଜିରାବାଦ ଅଗ୍ନିକାଣ୍ଡକୁ ନେଇ ରାଜନୈତିକ ପାରଦ ବଢ଼ିବାରେ ଲାଗିଛି। ଅଗ୍ନିକାଣ୍ଡ ଘଟଣାର ଚାରି ଦିନ ପରେ ମଧ ନିଖୋଜଙ୍କ ଖୋଜା ଚାଲିଛି। ପୁଲିସ ସନ୍ଦେହ କରୁଛି ଯେ, ଭଗ୍ନାବଶେଷ ତଳେ ଏବେ ବି ମୃତଦେହ ଥାଇପାରେ।

**ଏସିଆନ୍ ଇନଡୋର ଆଥଲେଟିକ୍ସ ଚାମ୍ପିଅନସିପ୍**

## କଳିଙ୍ଗ ଷ୍ଟାଡିୟମରେ ଭାରତୀୟ ଦଳର ପ୍ରଶିକ୍ଷଣ ଆରମ୍ଭ



**ଭୁବନେଶ୍ୱର, ୩୦।୧(ସଂଚାର ବ୍ୟୁରୋ):** ଚୀନର ତିଆନଜିନରେ ଫେବୃଆରୀ ୬ରୁ ୮ ତାରିଖ ପର୍ଯ୍ୟନ୍ତ ଆୟୋଜିତ ହେବାକୁ ଥିବା ଏସିଆନ୍ ଇନଡୋର ଆଥଲେଟିକ୍ସ ଚାମ୍ପିଅନସିପ୍ ୨୦୨୬ ପାଇଁ ପ୍ରସ୍ତୁତି ସ୍ୱରୂପ ଓଡ଼ିଶା, ଭୁବନେଶ୍ୱରସ୍ଥିତ କଳିଙ୍ଗ ଷ୍ଟାଡିୟମର ଇନଡୋର ଆଥଲେଟିକ୍ସ ସେଣ୍ଟରରେ ଭାରତୀୟ ଦଳ ପାଇଁ ଏକ ପ୍ରତିଯୋଗିତା-ପୂର୍ବ ପ୍ରଶିକ୍ଷଣ ଶିବିରର ଆୟୋଜନ କରୁଛି। ଏହି ଭାରତୀୟ ଦଳରେ ୧୦୦ ମିଟର ଦୌଡ଼ାଳି ମଣିକାନ୍ତ ହୋବ୍ଲିଧର, ଲଙ୍ଗ୍ ଜମ୍ପର ଉଦୀୟମାନ ତାରକା ମୌମିତା ମଣ୍ଡଳ, ଅନସି ସୋଜନ ଏବଂ ଓଡ଼ିଶାର ହର୍ଡଲର ପ୍ରଜ୍ଞାନ ସାହୁ ପ୍ରମୁଖଙ୍କ ସମେତ ଅନେକ ପ୍ରତିଷ୍ଠିତ ଆଥଲେଟ୍ ସାମିଲ ଅଛନ୍ତି। ପ୍ରସ୍ତୁତି ଶିବିର ଜାନୁଆରୀ ୨୩ରୁ ଆରମ୍ଭ ହୋଇଛି ଏବଂ ଫେବୃଆରୀ ୨ ପର୍ଯ୍ୟନ୍ତ ଚାଲିବ। ଏହି ପ୍ରତିଯୋଗିତାରେ ପ୍ରଦର୍ଶନ ମୂଲ୍ୟାୟନ ପ୍ରକ୍ରିୟା ଅନ୍ତର୍ଭୁକ୍ତ, ଯେଉଁଥିରେ ଆଥଲେଟମାନେ ଏସିଆନ୍ ଚାମ୍ପିଅନସିପ୍ ପୂର୍ବରୁ ନିଜର ପ୍ରଦର୍ଶନର ଆକଳନ କରିବେ। ନିଜ ଘରୋଇ ମାଟିରେ ପ୍ରଶିକ୍ଷଣକୁ ନେଇ ପ୍ରଜ୍ଞାନ ସାହୁ ଖୁସି ବ୍ୟକ୍ତ କରି କହିଛନ୍ତି ଯେ, ଜଣେ ଓଡ଼ିଆ ଭାବରେ ମୁଁ ଏଠାରେ ପ୍ରଶିକ୍ଷଣ ନେଇ ବହୁତ ଖୁସି। ଏଠାକାର 'ମୋଣ୍ଡୋ ଟ୍ରାକ୍' ଅତ୍ୟନ୍ତ ଚମତ୍କାର ଏବଂ ଏହା ଆମ ପ୍ରଶିକ୍ଷଣରେ ବହୁତ ସହାୟକ ହେଉଛି। ସେହିଭଳି ଲଙ୍ଗ୍ ଜମ୍ପର ମୌମିତା ନିଜର ଅନୁଭବ ବାଣ୍ଟି କହିଛନ୍ତି ଯେ, ଜଣେ ଆଥଲେଟ୍ ଭାବରେ ମୋର ଯାତ୍ରା ଏଇଠାରୁ ହିଁ ଆରମ୍ଭ ହୋଇଥିଲା।

ମୁଁ ୨୦୨୧ରୁ ଏଠାରେ ପ୍ରଶିକ୍ଷଣ ନେଉଛି ଏବଂ ଏହା ମୋର ପ୍ରଦର୍ଶନରେ ଅନେକ ସୁଧାର ଆଣିଛି। ମୁଁ ମୋର ପ୍ରଥମ ଏସିଆନ୍ ଇନଡୋର ଆଥଲେଟିକ୍ସ ଚାମ୍ପିଅନସିପ୍ ପାଇଁ ଖୁବ୍ ଉତ୍ସାହିତ ଅଛି।

## ଚିଟ୍‌ଫଣ୍ଡ ଠକେଇ: ତନ୍ମୟ ମିର୍ଦ୍ଧା ଗିରଫ

**କୋଲକାତା,୩୦।୧(ସଂଚାର ବ୍ୟୁରୋ):** ଚିଟ୍‌ଫଣ୍ଡ ଠକେଇ ମାମଲାରେ ଦୀର୍ଘଦିନ ଧରି ପଳାତକ ଅଭିଯୁକ୍ତ ତନ୍ମୟ ମିର୍ଦ୍ଧାକୁ କେନ୍ଦ୍ରୀୟ ତଦନ୍ତ ବ୍ୟୁରୋ (ସିବିଆଇ) ଗିରଫ କରିଛି। ଗୁରୁବାର ଗିରଫଦାରୀକୁ ନିଶ୍ଚିତ କରି ସିବିଆଇ କହିଛି ଯେ, ପଶ୍ଚିମବଙ୍ଗ ଏବଂ ଓଡ଼ିଶାରେ ଚିଟ୍‌ଫଣ୍ଡ ସମ୍ପର୍କିତ ମାମଲାଗୁଡ଼ିକର ତଦନ୍ତ ପାଇଁ ସୁପ୍ରିମକୋର୍ଟଙ୍କ ନିର୍ଦ୍ଦେଶ ପରେ ଜୁନ୍ ୨୩, ୨୦୨୦ ରେ ମାମଲା ରୁଜୁ କରାଯାଇଥିଲା। ସିବିଆଇ ଅନୁଯାୟୀ, ଗିରଫ ଅଭିଯୁକ୍ତ ଏକ୍ସପ୍ରେସ କଲଟିଭେସନ୍ ଲିମିଟେଡ୍, କୋଲକାତାର ଜଣେ ନିର୍ଦ୍ଦେଶକ। ସେ ତାଙ୍କ ସହଯୋଗୀମାନଙ୍କ ସହିତ ନିବେଶ ଉପରେ ଅଧିକ ରିଟର୍ଣ୍ଣର ପ୍ରଲୋଭନ ଦେଖାଇ ଏବଂ ପରେ ଏହି ଟଙ୍କାକୁ ଅପବ୍ୟବହାର କରି ଜନସାଧାରଣଙ୍କଠାରୁ ପ୍ରାୟ ୨.୧୦ କୋଟି ଆଦାୟ କରିବା ପାଇଁ ଷଡ଼ଯନ୍ତ୍ର କରିଥିବା ଅଭିଯୋଗ ହୋଇଛି। ତଦନ୍ତ ସମାପ୍ତ ହେବା ପରେ, ସିବିଆଇ ଫେବୃଆରୀ ୪, ୨୦୨୨ ରେ ମାମଲାରେ ଏକ ଚାର୍ଜସିଟ୍ ଦାଖଲ କରିଥିଲା। କିନ୍ତୁ, ଅଭିଯୁକ୍ତ ତଦନ୍ତରେ ଯୋଗଦେଇ ନଥିଲେ ଏବଂ ପଳାତକ ରହିଥିଲେ। ଯାହା ପରେ ତାଙ୍କୁ ପଳାତକ ଘୋଷଣା କରାଯାଇଥିଲା। ଏହା ପରେ, କୋଲକାତାର ଅତିରିକ୍ତ ମୁଖ୍ୟ ମେଟ୍ରୋପଲିଟାନ୍ ମାଜିଷ୍ଟ୍ରେଟ୍‌ଙ୍କ କୋର୍ଟ ତାଙ୍କ ବିରୁଦ୍ଧରେ ଗିରଫ ପରୱାନା ଜାରି କରିଥିଲେ।

## ଦୁଇ ନାଆରେ ଗୋଡ଼ ଦେଇଛନ୍ତି ସୋଫିଆ

- ବିଧାୟିକା ଭାବେ କଂଗ୍ରେସ କାର୍ଯ୍ୟକ୍ରମ ସହ ଜଡିତ
- ବାପାଙ୍କ ରାଜନୈତିକ ସ୍ୱପ୍ନର ବି ଧରିଛନ୍ତି ମଙ୍ଗ




**ଭୁବନେଶ୍ୱର,୩୦।୧(ସଂଚାର ବ୍ୟୁରୋ):** କଂଗ୍ରେସ ବିଧାୟିକା ସୋଫିଆ ଫିର୍ଦ୍ଦୋସ୍ ଏବେ ଦୁଇ ନାଆରେ ଗୋଡ଼ ଦେଇଛନ୍ତି। ଗୋଟେ ପଟେ କଂଗ୍ରେସ ଦଳର ବିଧାୟିକା ଭାବେ ଦଳର ନୀତିନିୟମ ସହ ସବୁ କାର୍ଯ୍ୟକ୍ରମରେ ସାମିଲ ହେଉଛନ୍ତି। ସେପଟେ କଂଗ୍ରେସରୁ ବହିଷ୍କୃତ ବାପା ମହମ୍ମଦ ମୋକିମଙ୍କ ରାଜନୈତିକ ସ୍ୱପ୍ନର ବି ମଙ୍ଗ ଧରିଛନ୍ତି। ଯୁବ ସମାବେଶ ପରେ ଆଜି ଭୁବନେଶ୍ୱରରେ ମୋକିମ ଫାଉଣ୍ଡେସନ ପକ୍ଷରୁ ଆୟୋଜିତ ମହିଳା ସମାବେଶରେ ମୁଖ୍ୟ ଅତିଥି ସାଜିଥିଲେ ଝିଅ ସୋଫିଆ।

ବାପାଙ୍କ ଲଢ଼େଇରେ ସାମିଲ ହୋଇ ବିଧାୟିକା ସୋଫିଆ ଫିର୍ଦ୍ଦୋସ୍ ଶିକ୍ଷିତ ମହିଳାଙ୍କୁ ରାଜନୀତିକୁ ଆସିବାକୁ ଦେଇଛନ୍ତି ଖୋଲା ଆହ୍ୱାନ। ଏହି ସମାବେଶରେ ସୋଫିଆ ବାପାଙ୍କ ସପକ୍ଷରେ ଯୁକ୍ତି ବାଢ଼ିଛନ୍ତି। ବାପାଙ୍କ ସ୍ୱପ୍ନକୁ ଆଗକୁ ସାକାର କରିବି ବୋଲି କହିବା ସହ ଦଳ ଛାଡି ବାପାଙ୍କ ସହ ଯାଉଥିବା ନେତାଙ୍କୁ ଦଳରେ ରହିବାକୁ ବୁଝାଇବା ପାଇଁ ପ୍ରୟାସ କରୁଛୁ କହିଛନ୍ତି। ଅନ୍ୟପଟେ ସୋଫିଆଙ୍କ ସହ ନଗର କଂଗ୍ରେସ ସଭାପତି ଗିରିବାଳା ବେହେରା ଓ ତିନି କଂଗ୍ରେସ କର୍ପୋରେଟର ଲିଜାରାଣୀ ରାଉତ, ସ୍ୱର୍ଣ୍ଣପ୍ରଭା ପଶାୟତ, ଭାନୁ ସେନାପତି ଉପସ୍ଥିତିକୁ ନେଇ ଚର୍ଚ୍ଚା ଆରମ୍ଭ ହୋଇଛି। କଟକ ନଗର କଂଗ୍ରେସ ସଭାପତି ଗିରିବାଳା ବେହେରା କହିଛନ୍ତି ଯେ ଦଳ ତାଙ୍କ ପ୍ରତି ଅନ୍ୟାୟ କରିଛି। ଆଲୋଚନାକୁ ନ ଡାକି ତାଙ୍କ ସହ ଅବିଚାର କରାଗଲା। ମୋକିମ ବାବୁ ଗଲା ପରେ କଟକ କଂଗ୍ରେସ ଦୁର୍ବଳ ହେବ। ନିଜେ ପରିଶ୍ରମ କରି କଟକରେ କଂଗ୍ରେସକୁ ଉଠେଇଥିଲେ। ମୋକିମଙ୍କୁ ଯେଉଁମାନେ ଭଲ ପାଆନ୍ତି, ସେମାନେ ତାଙ୍କ ସହ ଯାଉଛନ୍ତି ବୋଲି ସେ କହିଛନ୍ତି।

ସଶକ୍ତ ନାରୀ, ସ୍ୱାଧୀନ ଓଡ଼ିଶା ସ୍ଲୋଗାନରେ ମୋକିକ ମହିଳା ସମାବେଶ କରି ନାରୀ ଶକ୍ତିକୁ ତାଙ୍କର ନୂଆ ରାଜନୈତିକ ଲଢ଼େଇରେ ସାମିଲ ହେବାକୁ ଚେଷ୍ଟା କରିଛନ୍ତି। ମାର୍ଚ୍ଚରେ ସେ ନୂଆ ଆଞ୍ଚଳିକ ଦଳ ଗଠନ କରିବେ ବୋଲି କହିବା ସହ ଆଗାମୀ ଦିନରେ ଚାଷୀ ସମାବେଶ କରିବେ ବୋଲି ମୋକିମ କରିଛନ୍ତି। ଆଗକୁ ମଦମୁକ୍ତ ଓଡ଼ିଶା ଗଠନ ପାଇଁ ବିପ୍ଳବ ହେବ ବୋଲି ମଧ ସେ କହିଛନ୍ତି।

# ପ୍ରଥମ ପୃଷ୍ଠାର ଅବଶିଷ୍ଟାଂଶ

### ୨୦ରେ...

ହେବ। ସେହିଦିନ ବିଭାଗୀୟ ଷ୍ଟାଣ୍ଡିଂ କମିଟି ରିପୋର୍ଟ ଗୃହରେ ଉପସ୍ଥାପିତ ହେବ। ମାର୍ଚ୍ଚ ୩୦ ତାରିଖ ପର୍ଯ୍ୟନ୍ତ ବିଭାଗୱାରୀ ଖର୍ଚ୍ଚ ଆଲୋଚନା ପରେ ଆର୍ଥିକ ବର୍ଷ ଶେଷ ଦିନ ଅର୍ଥାତ ମାର୍ଚ୍ଚ ୩୧ ତାରିଖରେ ବ୍ୟୟମଂଜୁରୀ ବିଲ ଗୃହରେ ଆଗତ କରାଯିବ।

ବଜେଟ ଅଧିବେଶନରେ ବିଧାୟକଙ୍କ ଦରମା ବୃଦ୍ଧି ସଂଶୋଧନ ବିଲ ଆଗତ ହେବାର କାର୍ଯ୍ୟକ୍ରମ ରହିଛି। ଗତ ଅଧିବେଶନରେ ବିଧାନସଭାରେ ସର୍ବସମ୍ମତି କ୍ରମେ ବିଧାୟକଙ୍କ ଦରମା ବିଲ ଗୃହର ମଂଜୁରୀ ପାଇଥିଲା। କିନ୍ତୁ ସାଧାରଣରେ ବିଧାୟକଙ୍କ ଦରମା ଓ ଭତ୍ତା ବୃଦ୍ଧିକୁ ନେଇ ଜୋରଦାର ବିରୋଧ ହେବାରୁ ସରକାର ନିଷ୍ପତ୍ତିର ପୁନର୍ବିଚାର କରିବାକୁ ଘୋଷଣା କରିଥିଲେ। ତଦନୁଯାୟୀ ଆସନ୍ତା ଅଧିବେଶନରେ ସଂଶୋଧନ ବିଲ ବିଧାନସଭାରେ ଆଗତ କରାଯିବ। ମିଳୁଥିବା ସୂଚନା ଅନୁଯାୟୀ ବିଧାୟକଙ୍କ ଦରମା ବୃଦ୍ଧି ସମ୍ପର୍କିତ କମିଟି ଯେଉଁ ସୁପାରିଶ କରିଥିଲେ ସେହି ଅନୁଯାୟୀ ବିଧାୟକଙ୍କ ଦରମା ଓ ଭତ୍ତାରେ ସଂଶୋଧନ କରାଯିବ। ସେପରି ହେଲେ ବିଧାୟକଙ୍କ ବର୍ଦ୍ଧିତ ଦରମା ପ୍ରାୟ ଏକ ଲକ୍ଷ ଟଙ୍କା ହ୍ରାସ ପାଇବ ବୋଲି ଦରମା ବୃଦ୍ଧି ସମ୍ପର୍କିତ କମିଟି ଅଧକ୍ଷ ଆକଳନ କରିଛନ୍ତି।

### ୩୨...

କହିଥିଲେ ଯେ ଓଡ଼ିଶାର କଳା, ସାହିତ୍ୟ, ସଂସ୍କୃତି, ଇତିହାସ ସବୁ କ୍ଷେତ୍ରରେ ଗଞ୍ଜାମ ଜିଲ୍ଲା ଅଗ୍ରଣୀ ଭୂମିକା ଗ୍ରହଣ କରିଆସିଛି। ଗଞ୍ଜାମ ଜିଲ୍ଲାର ପ୍ରତି କୋଣଅନୁକୋଣରେ ଭରି ରହିଛି କଳା, ସଂସ୍କୃତି ଓ ନୃତ୍ୟଗୀତର ସମ୍ଭାର। ଏଠାରେ ଆୟୋଜିତ ହୋଇଥିବା ଗୋପାଳପୁର ମହୋତ୍ସବ ସ୍ଥାନୀୟ ଲୋକଙ୍କ ପାଇଁ ଜୀବିକା, ମହିଳା ସ୍ୱୟଂ ସହାୟକ ଗୋଷ୍ଠୀ ଓ ଯୁବବର୍ଗଙ୍କ ପାଇଁ ଅପାର ସୁଯୋଗ ଆଣିଦେଇଛି। ଏହି ମହୋତ୍ସବ କଳାକାର ଓ କାରିଗରମାନଙ୍କୁ ଏକ ମର୍ଯ୍ୟାଦାପୂର୍ଣ୍ଣ ମଞ୍ଚ ପ୍ରଦାନ କରିଆସିଛି। ଗଞ୍ଜାମ ଜିଲ୍ଲାବାସୀ ଜିଲ୍ଲାର ପ୍ରମୁଖ ବେଳାଭୂମିଗୁଡ଼ିକୁ ବେଳାଭୂମି ମହୋତ୍ସବ ସଫେଇ ପଦଯାତ୍ରା ମାଧ୍ୟମରେ ସଫା କରି ରାଜ୍ୟକୁ ସ୍ୱଚ୍ଛ ବେଳାଭୂମି, ସୁନ୍ଦର ଓଡ଼ିଶା ବାର୍ତ୍ତା ପ୍ରଦାନ କରିଛନ୍ତି। ଏଥିପାଇଁ ଜିଲ୍ଲାବାସୀଙ୍କୁ ମୁଖ୍ୟମନ୍ତ୍ରୀ ଧନ୍ୟବାଦ ଦେଇଥିଲେ।

ସେ ଆହୁରି କହିଛନ୍ତି ଯେ ଜିଲ୍ଲାର ପଟିସୋନପୁର ବେଳାଭୂମି, ଲଗାତାର ତୃତୀୟ ଥର ପାଇଁ ବ୍ଲୁ ଫ୍ଲାଗ୍ ପ୍ରମାଣପତ୍ର ଅର୍ଜନ କରିଥିବା ନିଶ୍ଚିତ ଭାବେ ରାଜ୍ୟ ପାଇଁ ଗର୍ବ ଓ ଗୌରବର ବିଷୟ। ଗୋପାଳପୁର ଓ ନୋଳିଆ ନୂଆଗାଁ ବେଳାଭୂମି ପାଇଁ ମଧ ବ୍ଲୁ ଫ୍ଲାଗ୍ ପ୍ରମାଣପତ୍ର ହାସଲ ଦିଗରେ ଉଦ୍ୟମ ଜାରି ରହିଛି ବୋଲି ମୁଖ୍ୟମନ୍ତ୍ରୀ କହିଥିଲେ। ସେ କହିଛନ୍ତି ଯେ ୧୬,୫୫୪ କୋଟି ଟଙ୍କାରେ ଗୋପାଳପୁର ବନ୍ଦରର ସମ୍ପ୍ରସାରଣ ଓ ଉନ୍ନତିକରଣ କାର୍ଯ୍ୟ କରାଯିବ। ଏହାଦ୍ୱାରା ବନ୍ଦରର ପଣ୍ୟ ପରିବହନ କ୍ଷମତା ୫୦ ମିଲିଅନ ମେଟ୍ରିକ୍ ଟନ୍ ହେବ ଓ ୫ ହଜାର ଯୁବକଯୁବତୀଙ୍କ ପାଇଁ ନିଯୁକ୍ତି ସୁନିଶ୍ଚିତ ହେବ। ଜିଲ୍ଲାର ବାହୁଦାଠାରେ ୨୧, ୫୦୦ କୋଟି ଟଙ୍କା ବିନିଯୋଗରେ ଏକ ବୃହତ୍ ବନ୍ଦର ସ୍ଥାପନ ପାଇଁ ପ୍ରଧାନମନ୍ତ୍ରୀ ଘୋଷଣା କରିଛନ୍ତି। ଏହାଦ୍ୱାରା ବନ୍ଦରଭିତ୍ତିକ ଅର୍ଥନୀତି ଆହୁରି ସୁଦୃଢ଼ ହେବ ବୋଲି ଶ୍ରୀ ମାଝୀ ଦୃଢ଼ୋକ୍ତି ପ୍ରକାଶ କରିଛନ୍ତି। ଏହି ଅବସରରେ ମୁଖ୍ୟମନ୍ତ୍ରୀ ମହୋତ୍ସବର ସ୍ମରଣିକା 'ଶାମୁକା', ଗଞ୍ଜାମ ଉପରେ ଏକ କଫି ଟେବୁଲ ବୁକ୍ ଓ ଗଞ୍ଜାମ-୩୬୦ ଆପ୍‌ର ଲୋକାର୍ପଣ କରିଛନ୍ତି।

କାର୍ଯ୍ୟକ୍ରମରେ ମତ୍ସ୍ୟ ଓ ପ୍ରାଣୀ ସମ୍ପଦ ବିକାଶ ମନ୍ତ୍ରୀ ଗୋକୁଳାନନ୍ଦ ମଲ୍ଲିକ, ବାଣିଜ୍ୟ ଓ ପରିବହନ ଏବଂ ଇସ୍ପାତ ଓ ଖଣି ମନ୍ତ୍ରୀ ବିଭୂତି ଭୂଷଣ ଜେନା ଅଭିଭାଷଣ ପ୍ରଦାନ କରିଥିବା ବେଳେ ଖଲ୍ଲିକୋଟ ବିଧାୟକ ପୂର୍ଣ୍ଣଚନ୍ଦ୍ର ସେଠୀ, ଆସ୍କା ବିଧାୟକ ସରୋଜ କୁମାର ପାଢ଼ୀ, ଛତ୍ରପୁର ବିଧାୟକ କୃଷ୍ଣଚନ୍ଦ୍ର ନାୟକ, କବିସୂର୍ଯ୍ୟନଗର ବିଧାୟକ ପ୍ରତାପ ଚନ୍ଦ୍ର ନାୟକ ଓ ଦିଗପହଣ୍ଡି ବିଧାୟକ ସିଦ୍ଧାନ୍ତ ମହାପାତ୍ର ଉପସ୍ଥିତ ଥିଲେ। ଜିଲ୍ଲାପାଳ କୀର୍ତ୍ତି ଭାସନ ଭି ସ୍ୱାଗତ ଭାଷଣ ଦେଇଥିବା ବେଳେ ବ୍ରହ୍ମପୁର ମହାନଗର ନିଗମ ଆୟୁକ୍ତ ପ୍ରଥମେଶ ଅରବିନ୍ଦ ରାଜଶିର୍କେ ଧନ୍ୟବାଦ ଦେଇଥିଲେ।

### ଖିଲାପୀ...

ଏମ୍‌ଏସ୍ ରମଣଙ୍କୁ ନେଇ ଗଠିତ ଖଣ୍ଡପୀଠ ଏହି ଗୁରୁତ୍ୱପୂର୍ଣ୍ଣ ଆଦେଶ ଦେଇଛନ୍ତି। ମାମଲାର ଶୁଣାଣି ଅବସରରେ ରାଜ୍ୟ ସରକାର ଯେଉଁ ରିପୋର୍ଟ ଦେଇଥିଲେ, ତା' ଅଦାଲତଙ୍କୁ ତାଜୁବ୍ କରିଦେଇଥିଲା। ରିପୋର୍ଟରେ ବିଭିନ୍ନ ଖିଲାପକାରୀ ଖଣି ଲିଜ୍‌ଧାରୀଙ୍କ ଉପରେ ପ୍ରାୟ ୪୧ ହଜାର କୋଟିର ଜରିମାନା ଆସୁଥିବା ଦର୍ଶାଯାଇଥିଲା। ଏନେଇ ହାଇକୋର୍ଟ ଉଦ୍‌ବେଗ ପ୍ରକାଶ କରିଛନ୍ତି। ହାଇକୋର୍ଟ ତାଙ୍କ ରାୟରେ କହିଛନ୍ତି ଯେ ଏଭଳି ଲିଜ୍‌ଧାରୀଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ପାଇଁ ଆଇନ ଥିଲେ ମଧ ଏହାକୁ ଦୃଢ଼ ଭାବେ ଲାଗୁ କରାଯାଇନାହିଁ। ତେଣୁ ସେମାନଙ୍କ ବିରୋଧରେ ରାଜ୍ୟ ସରକାର ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାର ଆବଶ୍ୟକତା ରହିଛି ବୋଲି ହାଇକୋର୍ଟ କହିଛନ୍ତି। ରାଜ୍ୟ ସରକାରଙ୍କ ପକ୍ଷରୁ ଏଜିଏ ଦେବାଶିଷ ତ୍ରିପାଠୀ ମାମଲା ପରିଚାଳନା କରୁଥିଲେ।

### ୨୦୫୦...

ଯଦି ବିଶ୍ୱର ହାରାହାରି ତାପମାତ୍ରା ୨ ଡିଗ୍ରୀ ସେଲସିୟସ୍ ବୃଦ୍ଧି ପାଏ, ତା'ହେଲେ ଆସନ୍ତା ୨୦୫୦ ସୁଦ୍ଧା ମୋଟ ଜନସଂଖ୍ୟାର ପ୍ରାୟ ଅଧା ଅତ୍ୟଧିକ ଗ୍ରୀଷ୍ମ ପ୍ରବାହର ଶିକାର ହେବେ। ବିଶେଷକରି କେତେକ ନିର୍ଦ୍ଦିଷ୍ଟ ଦେଶ ଉପରେ ଏହାର ଅଧିକ ପ୍ରଭାବ ପଡ଼ିବ। ସେହି ଦେଶଗୁଡ଼ିକ ମଧ୍ୟରେ ଭାରତ ଅନ୍ୟତମ ଥିବା ବେଳେ ନାଇଜେରିଆ, ଇଣ୍ଡୋନେସିଆ, ବାଂଲାଦେଶ ଓ ପାକିସ୍ତାନ ଭଳି ଅଧିକ ଜନସଂଖ୍ୟା ବିଶିଷ୍ଟ ରାଷ୍ଟ୍ରଗୁଡ଼ିକ ମଧ ସ୍ଥାନ ପାଇଛନ୍ତି। ଏପରିକି କେବଳ ଏସିଆ-ଆଫ୍ରିକା ନୁହେଁ, ବରଂ ଅଷ୍ଟ୍ରିଆ, କାନାଡ଼ା, ନରୱେ ଏବଂ ଆୟରଲ୍ୟାଣ୍ଡ ଭଳି ଅପେକ୍ଷାକୃତ ଥଣ୍ଡା ପଡୁଥିବା ଦେଶରେ ମଧ ଏହାର ପ୍ରଭାବ ପଡ଼ିବ। ଶୀତଳପ୍ରଧାନ ଦେଶଗୁଡ଼ିକର ଘର ଓ ପରିବହନ ବ୍ୟବସ୍ଥା ମୁଖ୍ୟତଃ ଥଣ୍ଡାକୁ ରୋକିବା ପାଇଁ ପ୍ରସ୍ତୁତ ହୋଇଥାଏ। କିନ୍ତୁ ଅତ୍ୟଧିକ ଗରମକୁ ସହିବା ପାଇଁ ସେଠାକାର ଭିତ୍ତିଭୂମି ଅନୁପଯୁକ୍ତ, ଯାହା ଆଗାମୀ ଦିନରେ ଏକ ବଡ଼ ସମସ୍ୟା ସୃଷ୍ଟି କରିବ ବୋଲି ଅଧ୍ୟୟନରେ ଆଶଙ୍କା ପ୍ରକଟ କରାଯାଇଛି।

ଏହି ଅଧ୍ୟୟନର ନେତୃତ୍ୱ ନେଇଥିବା ଡକ୍ଟର ରାଧିକା ଖୋସଲାଙ୍କ କହିବାନୁସାରେ, ତାପମାତ୍ରା ବୃଦ୍ଧି ଯୋଗୁଁ ଶିକ୍ଷା, ସ୍ୱାସ୍ଥ୍ୟ, କୃଷି ଓ ପ୍ରବାସ କ୍ଷେତ୍ରରେ ଅପୂରଣୀୟ କ୍ଷତି ଘଟିବ। ଏଥିସହ କୁଲିଂର ଚାହିଦା ବି ବଢ଼ିବ, ଯାହା କାର୍ବନ ନିର୍ଗମନକୁ ଅଧିକ ବ୍ୟାପକ କରିବାର ଆଶଙ୍କା ରହିଛି। ଏପରି ସ୍ଥିତିକୁ ଏଡ଼ାଇବାକୁ ହେଲେ ଏବେଠାରୁ ତାପମାତ୍ରା ୧.୫ ଡିଗ୍ରୀ ଅତିକ୍ରମ କରିବା ପୂର୍ବରୁ ହିଁ ବିଭିନ୍ନ ଦେଶ ନିଜର ରଣନୀତିରେ ପରିବର୍ତ୍ତନ କରିବା ଦରକାର ବୋଲି ବିଶେଷଜ୍ଞମାନେ ମତ ଦେଇଛନ୍ତି।

### ତିନି...

ଏହି ଆଧାରରେ ସେମାନଙ୍କୁ ଦେଶାନ୍ତର କରାଯାଇଛି ବୋଲି ଜନୈକ ପୁଲିସ ଅଧିକାରୀ କହିଛନ୍ତି। ଏହି ପରିବାରର ମୋଟ ୫ ଜଣ ସଦସ୍ୟ ୧୯୭୦ରେ ଭାରତରେ ଅନୁପ୍ରବେଶ କରିଥିଲେ।

ସେମାନଙ୍କ ମଧ୍ୟରୁ ପୂର୍ବରୁ ଦୁଇ ଜଣ ମୃତ୍ୟୁବରଣ କରିସାରିଛନ୍ତି। ଆଜି ଦେଶାନ୍ତର ହୋଇଥିବା ୩ ଭାଇ ଭଉଣୀଙ୍କ ମଧ୍ୟରୁ ଦୁଇ ଭାଇ ମୁନତାଜ ଓ ଇନ୍‌ସାନ ସଦର ଥାନା ଅନ୍ତର୍ଗତ କପାଳେଶ୍ୱର ପଞ୍ଚାୟତର ଗରାପୁରସ୍ଥିତ ବସ୍ତିରେ ରହୁଥିବା ବେଳେ ଭଉଣୀ ଅମିନା ବିବି ଜମ୍ମୁ ସାମୁଦ୍ରିକ ଥାନା ଅନ୍ତର୍ଗତ ଅରୁଣ ନଗରରେ ରହୁଥିଲେ। ତେବେ ଆଗାମୀ ଦିନରେ ଜିଲ୍ଲାରେ ବସବାସ କରୁଥିବା ମୂଳ ବାଂଲାଦେଶୀମାନଙ୍କୁ ମଧ ଦେଶାନ୍ତର କରାଯିବ ବୋଲି ସ୍ଥାନୟ ପୁଲିସ୍ ପକ୍ଷରୁ କୁହାଯାଇଛି।

### ତିନି...

ଏହି ଆଧାରରେ ସେମାନଙ୍କୁ ଦେଶାନ୍ତର କରାଯାଇଛି ବୋଲି ଜନୈକ ପୁଲିସ ଅଧିକାରୀ କହିଛନ୍ତି। ଏହି ପରିବାରର ମୋଟ ୫ ଜଣ ସଦସ୍ୟ ୧୯୭୦ରେ ଭାରତରେ ଅନୁପ୍ରବେଶ କରିଥିଲେ।
ସେମାନଙ୍କ ମଧ୍ୟରୁ ପୂର୍ବରୁ ଦୁଇ ଜଣ ମୃତ୍ୟୁବରଣ କରିସାରିଛନ୍ତି। ଆଜି ଦେଶାନ୍ତର ହୋଇଥିବା ୩ ଭାଇ ଭଉଣୀଙ୍କ ମଧ୍ୟରୁ ଦୁଇ ଭାଇ ମୁନତାଜ ଓ ଇନ୍‌ସାନ ସଦର ଥାନା ଅନ୍ତର୍ଗତ କପାଳେଶ୍ୱର ପଞ୍ଚାୟତର ଗରାପୁରସ୍ଥିତ ବସ୍ତିରେ ରହୁଥିବା ବେଳେ ଭଉଣୀ ଅମିନା ବିବି ଜମ୍ମୁ ସାମୁଦ୍ରିକ ଥାନା ଅନ୍ତର୍ଗତ ଅରୁଣ ନଗରରେ ରହୁଥିଲେ। ତେବେ ଆଗାମୀ ଦିନରେ ଜିଲ୍ଲାରେ ବସବାସ କରୁଥିବା ମୂଳ ବାଂଲାଦେଶୀମାନଙ୍କୁ ମଧ ଦେଶାନ୍ତର କରାଯିବ ବୋଲି ସ୍ଥାନୟ ପୁଲିସ୍ ପକ୍ଷରୁ କୁହାଯାଇଛି।

### ବରିଷ୍ଠ...

ଦିବସରେ ସମ୍ମତି ସଂଗ୍ରହ ପାଇଁ ପୂର୍ବ ନିର୍ଦ୍ଦେଶ ସତ୍ତ୍ୱେ ଅଧିକାଂଶ ଜିଲ୍ଲାରେ ପ୍ରଗତି ସନ୍ତୋଷଜନକ ହୋଇପାରିନାହିଁ।

୨୦୨୫-୨୬ ଆର୍ଥିକ ବର୍ଷରେ ୫ ହଜାର ଓ ୨୦୨୬-୨୭ ଆର୍ଥିକ ବର୍ଷରେ ୩୦ ହଜାର ହିତାଧିକାରୀଙ୍କୁ ପୁରୀ ବୁଲାଇବା ପାଇଁ ଲକ୍ଷ୍ୟ ଧାର୍ଯ୍ୟ ହୋଇଥିବାରୁ ଜିଲ୍ଲା ପ୍ରଶାସନ ଏବଂ ପର୍ଯ୍ୟଟନ ବିକାଶ ଅଧିକାରୀମାନଙ୍କୁ ଏହି ପ୍ରକ୍ରିୟାକୁ ତ୍ୱରାନ୍ୱିତ କରିବା ସକାଶେ ଆବଶ୍ୟକୀୟ ପଦକ୍ଷେପ ନେବାକୁ କୁହାଯାଇଛି।

### ଏମ୍‌ସିଏଲ୍‌ରେ...

ନିର୍ଦ୍ଦେଶ ଦେଇଥିଲେ। କିନ୍ତୁ ଏହା ଏକ ଗମ୍ଭୀର ମାମଲା ହୋଇଥିବାରୁ ଏହାର ତଦନ୍ତ ସିବିଆଇ ଦ୍ୱାରା କରିବା ସକାଶେ ସଦର ବିଧାୟକ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କୁ ଚିଠି ଲେଖିଥିଲେ।

ଆଜି ହୋଇଥିବା ଚଢ଼ାଉରେ ସିବିଆଇ ଅଧିକାରୀମାନେ ଏମ୍‌ସିଏଲ୍‌ର ବରିଷ୍ଠ ପଦାଧିକାରୀଙ୍କୁ ପଚରାଉଚରା କରିବା ସହ ଗର୍ଜନବାହାଲ, କୁଲ୍‌ଡା ଖଣି ଅଞ୍ଚଳ ସହ କନିକା ରେଲୱେ ସାଇଡିଂରେ ଚଢ଼ାଉ କରିଛନ୍ତି। ଅନ୍ୟପକ୍ଷରେ ଏହି ଚଢ଼ାଉ ନେଇ ସୁନ୍ଦରଗଡ଼ ବିଧାୟକ ଯୋଗେଶ ସିଂ କହିଛନ୍ତି ଯେ ଗତବର୍ଷ ଏପ୍ରିଲରେ ଏହି ଚୋରା ଚାଲାଣର ପର୍ଦ୍ଦାଫାସ ହୋଇଥିଲା।

ସେବେଠାରୁ ଏହି ମାମଲାର ତଦନ୍ତ ସିବିଆଇ ଦ୍ୱାରା କରାଯିବା ସକାଶେ ଦାବି ହୋଇଆସୁଥିଲା। ଏବେ ଏହି ମାମଲାର ତଦନ୍ତ ଦାୟିତ୍ୱ ସିବିଆଇ ପାଖକୁ ଯାଇଥିବାରୁ ଏହି କେନ୍ଦ୍ରୀୟ ସଂସ୍ଥା ନିରପେକ୍ଷ ତଦନ୍ତ କରି ଅଭିଯୁକ୍ତମାନଙ୍କୁ ଗିରଫ କରିବ ବୋଲି ସେ ଦୃଢ଼ୋକ୍ତି ପ୍ରକାଶ କରିଛନ୍ତି।

### ନବୀନଙ୍କୁ...

ବିଜେପି ରୋଷର ଶିକାର ହେବେ। ସମର୍ଥନ ନ କଲେ କଂଗ୍ରେସ ବିଜେଡି-ବିଜେପି ଭାଇ ଭାଇ ବୋଲି ପୂର୍ବ ଅଭିଯୋଗ ପୁଣି ଦୋହରାଇବ। ଅନୁରୂପ ଗୁଗ୍‌ଲି ଭକ୍ତ ଗତ ବିଧାନସଭା ଅଧିବେଶନ କାଳରେ ବିଜେଡି କୋର୍ଟକୁ ପକାଇଥିଲେ। ସେତେବେଳେ ଭକ୍ତ କହିଥିଲେ ଯେ ରାଜ୍ୟ ସରକାରଙ୍କ ବିରୋଧରେ ବିଜେଡି ଅନାସ୍ଥା ପ୍ରସ୍ତାବ ଆଣିଲେ କଂଗ୍ରେସ ଏହାକୁ ସମର୍ଥନ କରିବ। ଯଦି ବିଜେଡି ଅନାସ୍ଥା ନ ଆଣିବ, ତା'ହେଲେ କଂଗ୍ରେସ ଏହି ପ୍ରସ୍ତାବ ଆଣିବ ଓ ସେତେବେଳେ ବିଜେଡି ଏହାକୁ ସମର୍ଥନ କରିବା ଦରକାର।

ଏହି ପ୍ରସଙ୍ଗକୁ ନେଇ ସେତେବେଳେ ରାଜନୀତି ବେଶ୍ ସରଗରମ ହୋଇଥିଲା।

ଅନ୍ୟପକ୍ଷରେ ବର୍ତ୍ତମାନ ଚତୁର୍ଥ ପ୍ରାର୍ଥୀ ଭାବେ ପୂର୍ବତନ କେନ୍ଦ୍ରମନ୍ତ୍ରୀ ଦିଲ୍ଲୀପ ରାୟ ଛିଡ଼ା ହେବା ନେଇ ସଙ୍କେତ ମିଳୁଛି। ଦିଲ୍ଲୀପ ମଧ ଇତିମଧ୍ୟରେ ବିଭିନ୍ନ ଦଳର ନେତାଙ୍କୁ ସାକ୍ଷାତ କରିସାରିଛନ୍ତି।

ତେବେ ଦିଲ୍ଲୀପଙ୍କୁ ବିଜେପି ତା'ର ତୃତୀୟ ପ୍ରାର୍ଥୀ କରିବ ନା ସେ ସ୍ୱାଧୀନ ପ୍ରାର୍ଥୀ ଭାବେ ମଇଦାନକୁ ଓହ୍ଲାଇବେ, ତାହା ଏପର୍ଯ୍ୟନ୍ତ ସ୍ପଷ୍ଟ ହୋଇପାରୁନାହିଁ। ଦିଲ୍ଲୀପ ଯଦି ବିଜେପି ପ୍ରାର୍ଥୀ ହେବେ, ତା'ହେଲେ କଂଗ୍ରେସର ସମର୍ଥନ ତାଙ୍କୁ ମିଳିବା କଷ୍ଟକର ହୋଇପଡ଼ିବ। ଏଭଳି ସ୍ଥିତିରେ କଂଗ୍ରେସ ନିଜର ଭୋଟ ବଞ୍ଚାଇବା ପାଇଁ ପ୍ରାର୍ଥୀ ଦେବାକୁ ଘୋଷଣା କରିଥିବା ବେଳେ ଦଳ ଭିତରେ କିନ୍ତୁ କ୍ରସ ଭୋଟିଂର ଭୟ ରହିଛି। ଅନ୍ୟ ପକ୍ଷରେ ବିଜେଡିର ସମସ୍ତ ୪୮ ବିଧାୟକ ଦଳୀୟ ପ୍ରାର୍ଥୀଙ୍କୁ ଭୋଟ ଦେଇ ସମଦୂରତା ରକ୍ଷା କରିବେ ନା ଅନ୍ୟ ଦଳର ପ୍ରାର୍ଥୀଙ୍କୁ ସମର୍ଥନ କରିବେ, ତାହାକୁ ନେଇ ଆଲୋଚନା ଆରମ୍ଭ ହୋଇଛି। ତେବେ ଏଭଳି ସ୍ଥିତିରେ ଭକ୍ତଙ୍କ ପ୍ରାର୍ଥୀ ଘୋଷଣା ଓ ନବୀନଙ୍କୁ ଭେଟିବା ପ୍ରସ୍ତାବ କିନ୍ତୁ ବିଜେଡି ଓ ଏହାର ସଭାପତିଙ୍କୁ ଅକଳରେ ପକାଇଥିବା ଲକ୍ଷ୍ୟ କରାଯାଉଛି।

## ସମ୍ ନର୍ସିଂ କଲେଜ ପକ୍ଷରୁ ବିଏସ୍‌ସି ନର୍ସିଂ ଏବଂ ଜିଏନ୍‌ଏମ୍‌ର ନୂତନ ଛାତ୍ରଛାତ୍ରୀଙ୍କ ଶପଥ ପାଠ ଓ ବାର୍ଷିକ ଉତ୍ସବ



**ଭୁବନେଶ୍ୱର,୩୦।୧(ସଂଚାର ବ୍ୟୁରୋ):** ଶିକ୍ଷା ଓ ଅନୁସନ୍ଧାନ (ସୋଆ) ପରିଚାଳିତ ସମ୍ ନର୍ସିଂ କଲେଜ (ଏସ୍‌ଏନ୍‌ସି)ର ୨୦୨୫-୨୬ ବ୍ୟାଚ୍‌ର ପ୍ରଥମ ବର୍ଷ ବିଏସ୍‌ସି ନର୍ସିଂ ଏବଂ ଜିଏନ୍‌ଏମ୍ ଛାତ୍ରଛାତ୍ରୀମାନଙ୍କ ଶପଥ ଗ୍ରହଣ କାର୍ଯ୍ୟକ୍ରମ ଓ କଲେଜର ବାର୍ଷିକ ଉତ୍ସବ ଏଠାରେ ଶୁକ୍ରବାର ଆୟୋଜିତ ହୋଇଯାଇଛି। ଏହି କାର୍ଯ୍ୟକ୍ରମରେ ସୋଆ କୁଳପତି ପ୍ରଫେସର ପ୍ରଦୀପ୍ତ କୁମାର ନନ୍ଦ ମୁଖ୍ୟ ଅତିଥି ଭାବେ ଯୋଗ ଦେଇ କହିଥିଲେ ଯେ ନର୍ସମାନେ ହେଉଛନ୍ତି ଦୟା ଓ ସେବାର ପ୍ରତୀକ। ତାଙ୍କ ହାତରେ ମଣିଷର ଜୀବନ ନିର୍ଭର କରେ। ତେଣୁ ସେମାନେ ଯତ୍ନର ସହ ରୋଗୀ ସେବା କରିବା ଆବଶ୍ୟକ। ଏହା ଏକ ମହତ ବୃତ୍ତି ଯାହାକୁ ବୁଲାଇବାକୁ ହେଲେ ନିଜ ଭିତରେ ଦୟା, କରୁଣା ଓ ସେବା ମନୋବୃତ୍ତି ରଖିବା ଜରୁରୀ ବୋଲି ସେ କହିଥିଲେ। ଏହି କାର୍ଯ୍ୟକ୍ରମରେ ଆଇନଜୀବି, ସ୍ୱେଚ୍ଛାସେବୀ ତଥା ମା'ଘର ଫାଉଣ୍ଡେସନ୍ ଟ୍ରଷ୍ଟର ପ୍ରତିଷ୍ଠାତା ସଭାପତି ଶ୍ରୀମତି ଋତୁପର୍ଣ୍ଣା ମହାନ୍ତି ସମ୍ମାନିତ ଅତିଥି ଭାବେ ଯୋଗ ଦେଇ ସମସ୍ତ ନବାଗତ ଛାତ୍ରଛାତ୍ରୀମାନଙ୍କୁ ଅଭିନନ୍ଦନ ଓ ଶୁଭେଚ୍ଛା ଜଣାଇଥିଲେ। କ୍ଲାସ୍ ରୁମ୍ ପାଠ ସହ କ୍ଲିନିକାଲ ଶିକ୍ଷାର ମଧ ଅନେକ ଗୁରୁତ୍ୱ ରହିଛି। ତେଣୁ ସାବଧାନତାର ସହ ରୋଗୀ ସେବା ଉପରେ ସେ ଗୁରୁତ୍ୱାରୋପ କରିଥିଲେ। ସତ୍ୟ, ନିଷ୍ଠା, ସକାରାତ୍ମକ ଚିନ୍ତାଧାରା, ନିଃସ୍ୱାର୍ଥପର ମନୋଭାବ, ଧର୍ମପରାୟଣତା, ଶୃଙ୍ଖଳିତ ଓ ସେବା ମନୋଭାବ ସହ ନିଜର କାର୍ଯ୍ୟ ପ୍ରତି ସମର୍ପିତ ହୋଇ ସେବା କରିବା ଜରୁରୀ ବୋଲି ସେ କହିଥିଲେ।

# ଗଞ୍ଜାମରେ ଗୁଟଖା କଳାବଜାରୀ ଅନିୟନ୍ତ୍ରିତ

- ନିୟମ ଥିଲେ ମଧ୍ୟ କାର୍ଯ୍ୟାନୁଷ୍ଠାନ ନାହିଁ
- ପ୍ରକାଶ ପାଇଲା ସ୍ୱାସ୍ଥ୍ୟ ବିଭାଗର ଦୋମୁହା ନୀତି
- କଳାବଜାରୀରେ ଲକ୍ଷାଧିକ ଲାଭ, ବ୍ୟବସାୟୀ ମାଲାମାଲ




**ଛତ୍ରପୁର,୩୦।୧(ସଂଚାର ବ୍ୟୁରୋ):** ରାଜ୍ୟ ସରକାରଙ୍କ ପକ୍ଷରୁ ଗୁଟଖା, ପାନମସଲା ସହ ଅନ୍ୟାନ୍ୟ ତମାକୁ ଜନିତ ଉତ୍ପାଦର ବିକ୍ରୟ, ସଂଗ୍ରହ ଓ ପରିବହନ ଉପରେ କଡା ପ୍ରତିବନ୍ଧ ଲାଗୁ କରାଯାଇଛି। ସାଧାରଣ ଲୋକଙ୍କ ସ୍ୱାସ୍ଥ୍ୟ ସୁରକ୍ଷାକୁ ମୁଖ୍ୟ ଲକ୍ଷ୍ୟ ରଖି ଏହି ନିର୍ଦ୍ଦେଶବଳୀ ଜାରି ହୋଇଥିଲେ ମଧ ଗଞ୍ଜାମ ଜିଲ୍ଲାରେ ଏହାର ଖୋଲାଖୋଲି ଉଲ୍ଲଂଘନ ହେଉଥିବା ଅଭିଯୋଗ ଆସୁଛି। ସୂଚନା ଅନୁଯାୟୀ, ସ୍ୱାସ୍ଥ୍ୟ ବିଭାଗ ଓ ପୁଲିସର ସମ୍ଭାବ୍ୟ ତତ୍ପରତାକୁ ଆଗୁଆ ଅନୁମାନ କରି ଉଭୟ ହୋଲସେଲ ଓ ଖୁଚୁରା ବ୍ୟବସାୟୀ ସଜାଗ ହୋଇପଡ଼ିଛନ୍ତି। ନିର୍ଦ୍ଦେଶନାମା କାର୍ଯ୍ୟକାରୀ ହେବା ପୂର୍ବରୁ କିଛି ହୋଲସେଲ ଡିଲର ବିପୁଳ ପରିମାଣରେ ଗୁଟଖା ମହଜୁତ କରି କୃତ୍ରିମ ଅଭାବ ସୃଷ୍ଟି କରୁଥିବା ଅଭିଯୋଗ ମିଳୁଛି। ଏହି କୃତ୍ରିମ ଅଭାବର ସୁଯୋଗ ନେଇ ଖୁଚୁରା ବ୍ୟବସାୟୀମାନେ ସାଧାରଣ ଲୋକଙ୍କୁ ଅଧିକ ଦାମରେ ଗୁଟଖା ବିକ୍ରି କରି ଠକୁଥିବା ନଜରକୁ ଆସିଛି। ପୂର୍ବରୁ ୫ କିମ୍ବା ୧୦ ଟଙ୍କାରେ ସହଜରେ ମିଳୁଥିବା ଗୁଟଖା ପ୍ୟାକେଟ୍‌ଗୁଡ଼ିକ ଏବେ କଳାବଜାରରେ ୧୦ରୁ ୨୦ ଟଙ୍କା ପର୍ଯ୍ୟନ୍ତ ବିକ୍ରି ହେଉଥିବା ଅଭିଯୋଗ ରହିଛି।

ଏହି ସମଗ୍ର ଅବୈଧ ବ୍ୟବସାୟ ପଛରେ ଗୋଟିଏ ସଂଗଠିତ ଚକ୍ର କାର୍ଯ୍ୟରତ ଥିବା ଆଶଙ୍କା କରାଯାଉଛି। ଏଭଳି କଳାବଜାରୀ କାର୍ଯ୍ୟକଳାପ ଦ୍ୱାରା ଗୋଟିଏ ପକ୍ଷରୁ ସରକାରଙ୍କ ଆଇନ, ନିୟମ ଓ ନିର୍ଦ୍ଦେଶବଳୀକୁ ଖୋଲାଖୋଲି ଅବମାନନା କରାଯାଉଥିବାବେଳେ, ଅନ୍ୟପଟରେ କିଛି ବ୍ୟବସାୟୀ ଲକ୍ଷାଧିକ ଟଙ୍କାର ଅବୈଧ ଲାଭ ଉଠାଇ ମାଲାମାଲ ହେଉଥିବା ଦେଖାଯାଉଛି। ଏହି ସମୟରେ ବର୍ତ୍ତମାନ ନିୟମରେ କିଛି ପରିବର୍ତ୍ତନ ହୋଇଥିବା ସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ ସ୍ପଷ୍ଟ କରାଯାଇଛି। ନିୟମ ଉପରେ କୋହଳ ଆଣାଯିବାରୁ ଏହାର ଲାଭ ମିଳୁଛି ଗୁଟଖା ଉତ୍ପାଦନକାରୀ କମ୍ପାନୀ ଓ ଅବୈଧ ବ୍ୟବସାୟୀମାନଙ୍କୁ। ଏଭଳି ଢିଲାପଣ ଯଦି ଆଗାମୀ ଦିନରେ ମଧ ଜାରି ରହେ, ତେବେ ସରକାରଙ୍କ ନିଷେଧାଜ୍ଞା କାଗଜରେ ମାତ୍ର ସୀମିତ ରହିଯିବ ବୋଲି ସଚେତନ ମହଲ ଆଶଙ୍କା ପ୍ରକାଶ କରୁଛନ୍ତି।

## ପ୍ରସିଦ୍ଧ ମାଘମଣ୍ଡେଇ ଯାତ୍ରା

**ବୋରିଗୁମ୍ମା,୩୦।୧(ସଂଚାର ବ୍ୟୁର):** କୋରାପୁଟ ଜିଲ୍ଲା ବୋରିଗୁମ୍ମା ଅଞ୍ଚଳ ଆଦିବାସୀଙ୍କ ଓ ବୋରିଗୁମ୍ମା ଇଷ୍ଟଦେବଙ୍କ ପ୍ରସିଦ୍ଧ ବାର୍ଷିକ ମାଘମଣ୍ଡେଇ ଯାତ୍ରା ଅନୁଷ୍ଠିତ ହୋଇଯାଇଛି। ଏହି ମଣ୍ଡେଇ ଯାତ୍ରା ବର୍ଷକୁ ଥରେ ପାଳିତ ହୋଇଥାଏ। ମନ୍ଦିରକୁ ବନ୍ଧୁ ସାଜସଜ୍ଜା, ରଙ୍ଗୀନ ଆଲୋକ, ତୋରଣରେ ସଜ୍ଜିତ କରି ନିଜର ବନ୍ଧୁବାନ୍ଧବଙ୍କୁ ନିମନ୍ତ୍ରଣ କରି ଗ୍ରାମର ପୀଠରେ ଭୈରବଙ୍କ ପୂଜା କରାଯାଇଥିଲା। ପ୍ରତିବର୍ଷ ଭଳି ମାଘପୂର୍ଣ୍ଣମୀ ପରଦିନ ଅର୍ଥାତ ମାଘଷଷ୍ଠୀରେ ମଣ୍ଡେଇ ଯାତ୍ରା କରିବା ପାଇଁ ପୂର୍ବରୁ କମିଟି ପକ୍ଷରୁ ତିଥି ଓ ସମୟ ସ୍ଥିର ହୋଇଥିଲା। ଆଖିପାଖି ଗ୍ରାମରୁ ଶତାଧିକ ଲାଠି, ପାଲିଙ୍କି ଆସି ପୁରୁଣା ବୋରିଗୁମ୍ମା ବାଲିଘରେ ରୁଣ୍ଡ ହୋଇଥିଲେ। ପରେ ଗ୍ରାମର ମୁଖ୍ୟ ଦେବ ଭୈରବଙ୍କ ଆଜ୍ଞାମାଳ ଆସିବା ପରେ ଗ୍ରାମର ସମସ୍ତ ଦେବୀ ଦେବତାଙ୍କୁ ପୂଜାର୍ଚ୍ଚନା କରାଯିବା ପରେ ସମସ୍ତ ଲାଠି ଓ ପାଲିଙ୍କି ଭୈରବ ମନ୍ଦିର ଅଭିମୁଖେ ବାହାରି ଥିଲା।

# ଉପ-କୋଷାଗାର କାର୍ଯ୍ୟାଳୟ ପାଇଁ ଜବରଦଖଲ ଉଚ୍ଛେଦ



**ସତ୍ୟବାଦୀ,୩୦।୧(ସଂଚାର ବ୍ୟୁରୋ):** ସ୍ଥାନୀୟ କୋଟପଦାରେ ଥିବା ଉପ-ନିବନ୍ଧକଙ୍କ କାର୍ଯ୍ୟାଳୟ ସାମ୍ନାରୁ ଜବର ଦଖଲ ଉଚ୍ଛେଦ କରାଯାଇଛି। ସରକାରଙ୍କ ଅନୁମତି କ୍ରମେ ସତ୍ୟବାଦୀ ତହସିଲଦାର ସତ୍ୟବାଦୀ ଉପ-କୋଷାଗାରଙ୍କୁ ୨୦୨୧ ମସିହାରୁ ୩୦ ଡିସିମିଲ ଜମି ପ୍ରଦାନ କରିଥିବା ବେଳେ ଏହି ଜମି ଉପରେ କିଛି ଲୋକ ସମ୍ପୃକ୍ତ ବ୍ୟକ୍ତି ଜୋର ଜବରଦସ୍ତ ଦଖଲରେ ରହିଥିଲେ। ଏମାନଙ୍କୁ ସତ୍ୟବାଦୀ ତହସିଲଦାର ଓ ସତ୍ୟବାଦୀ ଆରଆଇ ବାରମ୍ବାର ନୋଟିସ ଦେବା ସତ୍ତ୍ୱେ ସେମାନେ ପ୍ରଶାସନ ନୋଟିସକୁ ଖାତିରି ନ କରି ଘର କରି ରହି ଆସୁଥିଲେ। ଆଜି ପୁରୀ ଜିଲ୍ଲାପାଳଙ୍କ ନିର୍ଦ୍ଦେଶକ୍ରମେ ସତ୍ୟବାଦୀ ତହସିଲଦାର ସନ୍ତୋଷ ପାଣିଗ୍ରାହୀ, ଅତିରିକ୍ତ ତହସିଲଦାର ଓମ ପ୍ରକାଶ ପରିଡା, ସତ୍ୟବାଦୀ ଥାନା ଅଧିକାରୀ ସୌମ୍ୟରଞ୍ଜନ ମହାଲିକା, ଜିଲ୍ଲା ଅତିରିକ୍ତ କୋଷାଗାର ଅଧିକାରୀ ଜୀବନ ଜ୍ୟୋତି ସାମନ୍ତରାୟ, ସତ୍ୟବାଦୀ ଉପକୋଷାଗାର ଅଧିକାରୀ କୈଳାସ ମାଝି, ସତ୍ୟବାଦୀ ଗ୍ରାମ୍ୟ ନିର୍ମାଣ ବିଭାଗର ସହକାରୀ ଯନ୍ତ୍ରୀଙ୍କ ସହିତ ସତ୍ୟବାଦୀ ଆରଆଇ ପ୍ରଶାନ୍ତ କୁମାର ମାଝି ଓ ଅନ୍ୟ ଅଧିକାରୀ ମାନେ ଘଟଣାସ୍ଥଳରେ ଉପସ୍ଥିତ ରହି ଜବର ଦଖଲ ଉଚ୍ଛେଦ କରିଥିଲେ। ଉଚ୍ଛେଦ କାର୍ଯ୍ୟ ସରିବା ପରେ ଜମି ଚିହ୍ନଟ କରାଯାଇ ତାର ବାଡ କରାଯାଇଥିବା ଜଣାପଡ଼ିଛି। ବହୁ ଶିଘ୍ର ସତ୍ୟବାଦୀ ଉପ-କୋଷାଗାର ନିମାଣ କାର୍ଯ୍ୟ କରାଯିବ ବୋଲି ଗ୍ରାମ୍ୟ ନିର୍ମାଣ ବିଭାଗର ସହକାରୀ ଯନ୍ତ୍ରୀଙ୍କ ଠାରୁ ସୂଚନା ମିଳିଛି।

### ୩ରେ ବିରଜା ମନ୍ଦିରରେ ସାଧାରଣ ଦର୍ଶନ ବନ୍ଦ

# ରାଷ୍ଟ୍ରପତିଙ୍କ ପରିଦର୍ଶନ ଓ ପିଣ୍ଡଦାନ ପାଇଁ ସ୍ୱତନ୍ତ୍ର ବ୍ୟବସ୍ଥା



**ଯାଜପୁର,୩୦।୧(ସଂଚାର ବ୍ୟୁରୋ):** ଭାରତର ମହାମହିମ ରାଷ୍ଟ୍ରପତି ମହୋଦୟାଙ୍କ ଯାଜପୁରର ମା' ବିରଜା ମନ୍ଦିର ପରିଦର୍ଶନ ଓ ପିଣ୍ଡପ୍ରଦାନ କାର୍ଯ୍ୟକ୍ରମ ପରିପ୍ରେକ୍ଷୀରେ ଆସନ୍ତା ତା ୦୩.୦୨.୨୦୨୬ (ମଙ୍ଗଳବାର) ଦିନ ମନ୍ଦିରରେ ସାଧାରଣ ଭକ୍ତମାନଙ୍କ ଦର୍ଶନ ଅସ୍ଥାୟୀଭାବେ ବନ୍ଦ ରହିବ। ଟ୍ରଷ୍ଟ ବୋର୍ଡ କାର୍ଯ୍ୟାଳୟ, ମା' ବିରଜା ମନ୍ଦିର ପକ୍ଷରୁ ଜାରି ହୋଇଥିବା ସର୍ବସାଧାରଣ ବିଜ୍ଞପ୍ତି ଅନୁସାରେ, ସେହିଦିନ ପ୍ରାତଃ ୫.୩୦ ମିନିଟ୍‌ରୁ ଆରମ୍ଭ କରି ମହାମହିମ ରାଷ୍ଟ୍ରପତିଙ୍କ ମନ୍ଦିରରୁ ପ୍ରସ୍ଥାନ ପର୍ଯ୍ୟନ୍ତ ସମସ୍ତ ସାଧାରଣ ଦର୍ଶନାର୍ଥୀଙ୍କ ପାଇଁ ଦର୍ଶନ ବନ୍ଦ ରହିବ। ରାଷ୍ଟ୍ରପତିଙ୍କ ଧାର୍ମିକ କାର୍ଯ୍ୟକ୍ରମକୁ ନିରାପଦ ଓ ସୁଚାରୁ ଭାବେ ସମ୍ପନ୍ନ କରିବା ପାଇଁ ପ୍ରଶାସନ ଓ ମନ୍ଦିର ପକ୍ଷରୁ ବିଶେଷ ସୁରକ୍ଷା ଓ ବ୍ୟବସ୍ଥା ଗ୍ରହଣ କରାଯାଇଛି। ସାଧାରଣ ଭକ୍ତମାନଙ୍କୁ ଏହି ସମୟସୀମା ମଧ୍ୟରେ ମନ୍ଦିର ଦର୍ଶନ ପାଇଁ ନ ଆସିବାକୁ ଓ ପ୍ରଶାସନକୁ ସହଯୋଗ କରିବାକୁ ଟ୍ରଷ୍ଟ ବୋର୍ଡ ପକ୍ଷରୁ ଅନୁରୋଧ କରାଯାଇଛି।

## ଆଦର୍ଶ ଶିକ୍ଷକ ଚକ୍ରଧରଙ୍କ ଦେହାନ୍ତ



**ଧାମନଗର,୩୦।୧(ସଂଚାର ବ୍ୟୁର):** ଧାମନଗର ଏନ୍‌ଏସିଅନ୍ତର୍ଗତ ଦକ୍ଷିଣ ବାଡ଼ ଗ୍ରାମରେ ଥିବା ମହେନ୍ଦ୍ର ନୋଡାଲ ଉଚ୍ଚ ପ୍ରାଥମିକ ବିଦ୍ୟାଳୟର ଅବସରପ୍ରାପ୍ତ ଆଦର୍ଶ ଶିକ୍ଷକ ଚକ୍ରଧର ବାରିକ ୭୯ ବର୍ଷ ବୟସରେ ଗୁରୁବାର ଦେହାନ୍ତ ଘଟିଛି। ସେ ଜଣେ ଶିକ୍ଷାନୁଷ୍ଠାନ, ସାଂସ୍କୃତିକ ତଥା ସାମାଜିକ ପ୍ରତିଷ୍ଠାନ ମାନଙ୍କର ପ୍ରାଣ ପ୍ରତିଷ୍ଠାତା ଓ ଧର୍ମପରାୟଣ ବ୍ୟକ୍ତି ହୋଇଥିବାରୁ ସ୍ଥାନୀୟ ଅଞ୍ଚଳରେ ଶୋକର ଛାୟାଖେଳିଯାଇଛି। ସୂଚନା ଅନୁଯାୟୀ କିଛି ମାସ ହେଲା ଅସୁସ୍ଥ ହୋଇ ଘରୋଇ ଚିକିତ୍ସାଧିନ ଥିବା ବେଳେ ସ୍ୱାସ୍ଥ୍ୟ ଗୁରୁତର ହେବାରୁ ଧାମନଗର ହସ୍ପିଟାଲରେକୁ ନେଇଥିଲେ ସେଠାରେ ଡାକ୍ତର ମୃତ୍ୟୁ ଘୋଷଣା କରିଥିଲେ। ମୃତ୍ୟୁବରଣ ସମୟରେ ପୁତ୍ର, ପୁତବଧୂ, ଝିଅ, ଜ୍ୱାଇଁ, ନାତି, ନାତୁଣୀ, ଭଣଜା, ଭାଣିଜୀ ଓ ବନ୍ଧୁ ବାନ୍ଧବ ଗ୍ରାମବାସୀ ଉପସ୍ଥିତ ଥିଲେ। ମରଶରୀରକୁ ନିଜ ବାଡ଼ିରେ ଶବ ସତ୍କାର କରାଯାଇଥିବା ବେଳେ ସ୍ୱର୍ଗତ ବାରିକଙ୍କ ସାନ ପୁତ୍ର ପଙ୍କଜ କୁମାର ବାରିକ ମୁଖାଗ୍ନି ଦେଇଥିଲେ।

# ବାନ୍ଦିରୀ ବନ୍ଧ ପ୍ରକଳ୍ପ କ୍ଷୁଦ୍ର ଜଳସେଚନ ବିଭାଗକୁ ହସ୍ତାନ୍ତର



**ନୀଳଗିରି,୩୦।୧(ସଂଭାର ବ୍ୟୁରୋ):** ବାଲେଶ୍ୱର ଜିଲ୍ଲା ନୀଳଗିରି ବ୍ଲକ ଅଧିନ ତେଲିପାଳ ଗ୍ରାମ ପଞ୍ଚାୟତ ଠାରେ ଥିବା ବାନ୍ଦିରୀ ବନ୍ଧ ପ୍ରକଳ୍ପଟି ନୀଳଗିରି ସମନ୍ୱିତ ଆଦିବାସୀ ଉନ୍ନୟନ ସଂସ୍ଥା ଅଧିନରେ ଥିବାବେଳେ ବହୁବର୍ଷ ଆଗରୁ ରକ୍ଷଣାବେକ୍ଷଣା ଅଭାବରୁ ଜରଜୀର୍ଣ୍ଣ ଅବସ୍ଥାରେ ପଡ଼ିରହିଥିଲା। ଏହି ବନ୍ଧ ଓ କେନାଲର ନବୀକରଣ ଓ ପୁନଃନିର୍ମାଣ କାର୍ଯ୍ୟର ନିତ୍ୟାନ୍ତ ଆବଶ୍ୟକତାକୁ ଦୃଷ୍ଟିରେ ରଖି ବାଲେଶ୍ୱର ମାନ୍ୟବର ସାଂସଦ ପ୍ରତାପ ଚନ୍ଦ୍ର ଷଡଙ୍ଗୀ କ୍ଷୁଦ୍ର ଜଳସେଚନ ବିଭାଗକୁ ହସ୍ତାନ୍ତର ପାଇଁ ବିଭାଗୀୟ ଅଧିକାରୀଙ୍କୁ ପତ୍ର ମାଧମରେ ନିର୍ଦ୍ଦେଶ ଦେଇଛନ୍ତି।ଉକ୍ତ ପ୍ରକଳ୍ପର ନବୀକରଣ ଓ ପୁନଃନିର୍ମାଣ କରାଗଲେ ତେଲିପାଳ, ଗରଡ଼ିହି, ଧରମପୁର ପ୍ରମୁଖ ତିନୋଟି ପଞ୍ଚାୟତର ୧୫ଟି ଗ୍ରାମରେ ଥିବା ପାଖାପାଖି ୨୭୦ ଏକର ଜମିକୁ ଜଳସେଚିତ ହୋଇପାରିବ। ଏହି ଖବର ମିଳିବା ପରେ ଅଞ୍ଚଳର ସମସ୍ତ ଜନସାଧାରଣ ଏବଂ ଚାଷୀଙ୍କ ମନରେ ଆନନ୍ଦର ଲହରୀ ଖେଳି ଯାଇଥିବା ବେଳେ ଏଭଳି କାର୍ଯ୍ୟ ପାଇଁ ଅଞ୍ଚଳବାସୀ ମାନ୍ୟବର ସାଂସଦଙ୍କୁ ଧନ୍ୟବାଦ ଜଣାଇଛନ୍ତି।

# ଜଳସେଚନ ବିଭାଜନ କାର୍ଯ୍ୟାଳୟରେ ପାଣିପଞ୍ଚାୟତ କମିଟିର ଧାରଣା



**ଫୁଲବାଣୀ,୩୦।୧(ସଂଭାର ବ୍ୟୁରୋ):** କନ୍ଧମାଳ ଜିଲ୍ଲା ଖଜୁରୀପଡ଼ା ବ୍ଲକ ଅନ୍ତର୍ଗତ ସିଦୀଙ୍ଗି ଠାରେ ପିଲା ସାଲୁଙ୍କି ଜଳ ଭଣ୍ଡାର ରହିଛି।ଯାହାର ରକ୍ଷଣ ବେକ୍ଷଣ ଦାୟିତ୍ୱ କନ୍ଧମାଳ ଜଳ ସେଚନ ବିଭାଜନ ନିର୍ବାହୀ ଅଧିକାରୀ ଦ୍ୱାରା ପରିଚାଳିତ ହେଉଛି।ଦୁଇଟି କେନାଲ ମାଧମରେ ଚାଷ ଜମିକୁ ପାଣି ଯୋଗାଇ ବ୍ୟବସ୍ଥା ସୁପରିଚାଳନା ପାଇଁ ପାଣି ପଞ୍ଚାୟତ କମିଟି ଗଠନ କରାଯାଇଛି।ପାଣି ପଞ୍ଚାୟତ କମିଟି ଏବଂ ନିର୍ବାହୀ ଅଧିକାରୀଙ୍କ ଆଲୋଚନା କ୍ରମେ ରକ୍ଷଣ ବେକ୍ଷଣ ମରାମତି କାର୍ଯ୍ୟ ପରିଚାଳନା କରିବା ବ୍ୟବସ୍ଥା ଥିଲେ ମଧ ନିର୍ବାହୀ ଅଧିକାରୀ ଏକାଧିକ ଜିଲ୍ଲା ଦାୟିତ୍ୱରେ ରହି କନ୍ଧମାଳ ଜିଲ୍ଲାକୁ ଅଣଦେଖା କରିବା, ଆଜି ପର୍ଯ୍ୟନ୍ତ କୌଣସି ବୈଠକ ଅନୁଷ୍ଠିତ ନ କରିବା, ଦାୟିତ୍ୱ ନେବା ଠାରୁ ନିୟମିତ ଅଫିସ ନ ଆସିବା, କର୍ମଚାରୀ ମାନଙ୍କ କାର୍ଯ୍ୟକଳାପ ତଦାରଖ ନ କରିବା, ନିର୍ମାଣ ଚାଲିଥିବା କାର୍ଯ୍ୟ ଗୁଡ଼ିକ ପରିଦର୍ଶନ ନ କରିବା ଭଳି ଅନେକ ସମସ୍ୟା ନେଇ ଶୁକ୍ରବାର ଦିନ ଖଜୁରୀପଡ଼ା ପାଣି ପଞ୍ଚାୟତର ଅଧକ୍ଷ ଅମୀୟ କୁମାର ଦେହୁରୀ ଙ୍କ ଆହ୍ୱାନ କ୍ରମେ ସମସ୍ତ ସଦସ୍ୟ ଉପସ୍ଥିତ ରହି ଜଳ ସେଚନ ବିଭାଜନର ମନମାନି କାର୍ଯ୍ୟକୁ ବିରୋଧ କରି ଦିନ ୧୧ ଟା ଠାରୁ ୧୨ ଟା ପର୍ଯ୍ୟନ୍ତ ନିର୍ବାହୀ ଅଧିକାରୀ ଙ୍କ କାର୍ଯ୍ୟାଳୟ ସମ୍ମୁଖରେ ଗଣଧାରଣା ବସିଥିବା ଦେଖିବାକୁ ମିଳିଛି। ଏ ନେଇ ପାଣି ପଞ୍ଚାୟତ ଅଧକ୍ଷ ଅମୀୟ କୁମାର ଦେହୁରୀ ଙ୍କୁ ପଚାରିବାରୁ ସେ କହିଛନ୍ତି ଯେ ନିର୍ବାହୀ ଅଧିକାରୀ ଏକାଧିକ ଜିଲ୍ଲା ଦାୟିତ୍ୱ ନେଇ ଆମ ଜିଲ୍ଲା ପ୍ରତି ଅଣଦେଖା କରୁଛନ୍ତି।

# ତିରୋଧାନ ଦିବସରେ ଗାନ୍ଧିଜୀଙ୍କୁ ଶ୍ରଦ୍ଧାଞ୍ଜଳି

**ବାଲିଅନ୍ତା,୩୦।୧(ସଂଭାର ବ୍ୟୁରୋ):** ବାଲିଅନ୍ତା ନିକୁଞ୍ଜ ବିହାରୀ ମନ୍ଦିର ପରିସରରେ ଗାନ୍ଧୀ ତିରୋଧାନ ଦିବସ ପାଳିତ ହୋଇଯାଉଛି। ଶ୍ରୀଧର ଦାଶ, ଲକ୍ଷ୍ମୀଧର ବେହେରା ଓ ପୂର୍ବତନ ସରପଞ୍ଚ ପ୍ରଶାନ୍ତ ସାହୁ ନିକୁଞ୍ଜ ବିହାରୀ ମନ୍ଦିର ଏବଂ ମହାତ୍ମା ସେତୁ ନିକଟସ୍ଥ ଗାନ୍ଧୀ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ କରିଥିଲେ। ଜାତିର ପିତା ମହାତ୍ମା ଗାନ୍ଧୀଙ୍କ ୭୮ତମ ବଳିଦାନ ଦିବସ ଆଜି ପ୍ରତ୍ୟୁଷରେ ବାଳକାଟିସ୍ଥିତ ଗାନ୍ଧୀପୀଠ (ଯେଉଁଠାରେ ବାପୁଜୀ ଓଡ଼ିଶା ପଦଯାତ୍ରା ସମୟରେ ୧୯୩୪ ମସିହା ମଇ ମାସ ୧୨ ତାରିଖରେ ଅବସ୍ଥାନ କରିଥିଲେ )ରେ ଭକ୍ତିପୂର୍ଣ୍ଣ ପରିବେଶରେ ୧୯୩୪ ଗାନ୍ଧୀ ପଦଯାତ୍ରା ସ୍ମୃତି ସଂଗଠନ ପକ୍ଷରୁ ସଭାପତି ଆଡଭୋକେଟ ମନୋଜ କୁମାର ନାୟକଙ୍କ ପୌରହିତ୍ୟରେ ଗାନ୍ଧିବାଦୀ ବେଣୁଧର ଭୋଇଙ୍କ ଅଧକ୍ଷତାରେ ଅନୁଷ୍ଠିତ ହୋଇଯାଇଅଛି।

## ଶତରୂପା'ର ୭ମ ବାର୍ଷିକ ଉତ୍ସବ ମାର୍ଚ୍ଚରେ

**ଯାଜପୁର,୩୦।୧(ସଂଚାର ବ୍ୟୁରୋ):** ଯାଜପୁର ଜିଲ୍ଲାର ଅଗ୍ରଣୀ ସାହିତ୍ୟ ଅନୁଷ୍ଠାନ 'ଉତ୍କଳ ଶତରୂପା ସାହିତ୍ୟାୟନ'ର ୭ମ ବାର୍ଷିକ ଉତ୍ସବ ଆସନ୍ତା ମାର୍ଚ୍ଚ ମାସରେ ଓଡିଶୋଅଣ୍ଡେଇଗୋଡା ଗ୍ରାମରେ ଅନୁଷ୍ଠିତ ହେବ ବୋଲି କମିଟି ପକ୍ଷରୁ ଆଜି ଅନୁଷ୍ଠିତ ପ୍ରସ୍ତୁତି ବୈଠକରେ ମତ ପ୍ରକାଶ ପାଇଛି। ଅନୁଷ୍ଠାନର ସଭାପତି ଅବସରପ୍ରାପ୍ତ ପ୍ରାଧାପକ ସୁଶାନ୍ତ କୁମାର ପଣ୍ଡାଙ୍କ ଅଧକ୍ଷତାରେ ଅନୁଷ୍ଠିତ ସଭାରେ 'ଶତରୂପା'ର ବରିଷ୍ଠ ଉପଦେଷ୍ଟା ତଥା ସ୍ତମ୍ଭକାର ଡ଼. ରୁଦ୍ରନାରାୟଣ ପୃଷ୍ଟି, କାର୍ଯ୍ୟକାରୀ ସଭାପତି ପ୍ରତାପ ରୁଦ୍ର ପଣ୍ଡା, ସଂଗଠନ ସଂପାଦକ ରମାକାନ୍ତ ସ୍ୱାଇଁ, କାର୍ଯ୍ୟକାରୀ ସଦସ୍ୟ ପ୍ରଦୀପ କୁମାର ସାମଲ, ସୁରେନ୍ଦ୍ର କୁମାର ବେହେରା, ପର୍ଶୁରାମ ସାହୁ, ଅଭୟ କୁମାର ତ୍ରିପାଠୀ ଶର୍ମା, ଚିନ୍ତାମଣି ଦତ୍ତ, ଭାଗବତ ଦତ୍ତ, ଗଜେନ୍ଦ୍ର ନାୟକ ପ୍ରମୁଖ ଅନେକ ସଦସ୍ୟ ଆଲୋଚନାରେ ଅଂଶଗ୍ରହଣ କରିଥିଲେ। ଫେବୃଆରୀ ୧୦ ତାରିଖ ସୁଦ୍ଧା ସ୍ୱରଚିତ ଲେଖା ପଠାଇବାକୁ ସଂପାଦକ ମନୋଜ କୁମାର ନାୟକ ସମସ୍ତଙ୍କୁ ନିବେଦନ କରିଛନ୍ତି। ଏହି ଉତ୍ସବରେ ବିଶିଷ୍ଟ କବି ଓ ଲେଖକଙ୍କୁ ପୁରସ୍କାର ଓ ସମ୍ମାନ ପ୍ରଦାନ କରାଯିବ ବୋଲି କମିଟି ପକ୍ଷରୁ ସୂଚନା ପ୍ରଦାନ କରାଯାଇଛି।

### ● ପ୍ରେସ ଫୋରମ୍‌ର ସଧାରଣ ବୈଠକ

## ନୂତନ ସମ୍ପାଦକ ହେଲେ ଲକ୍ଷ୍ମଣ ବେହେରା

**ଆନନ୍ଦପୁର,୩୦।୧(ସଂଭାର ବ୍ୟୁରୋ):** କେନ୍ଦୁଝର ଜିଲ୍ଲା ଆନନ୍ଦପୁର ପ୍ରେସ ଫୋରମ୍ ପକ୍ଷରୁ ଆଜି ପ୍ରେସ ଫୋରମ୍ କାର୍ଯ୍ୟାଳୟର ସଭା ଗୃହ ଠାରେ ଫୋରମ୍ ର ସଭାପତି ଉମେଶ ଚନ୍ଦ୍ର ପାଢ଼ୀ ଙ୍କ ସଭାପତିତ୍ୱରେ ଏକ ସାଧାରଣ ବୈଠକ ଅନୁଷ୍ଠିତ ହୋଇଯାଇଛି। ଏହି ବୈଠକରେ ଫୋରମ ର ସମସ୍ତ ସଭ୍ୟ ଙ୍କ ଉପସ୍ଥିତି ରେ ସର୍ବ ସମ୍ମତି କର୍ମେ ସାମ୍ବାଦିକ ଲକ୍ଷ୍ମଣ ବେହେରା ଙ୍କୁ ନୂତନ ସମ୍ପାଦକ ଭାବରେ ଚୟନ କରାଗଲା। ଏବଂ ସର୍ବ ସମ୍ମତି କର୍ମେ ଅନ୍ୟ ପଦବୀ ଚୟନ ପାଇଁ ସଭାପତି ସମ୍ପାଦକ ଙ୍କୁ ଦାୟିତ୍ୱ ଦିଆଗଲା। ପ୍ରେସ ଫୋରମ୍ ର ଆଗାମୀ ପଞ୍ଚମ ବାର୍ଷିକ ଉତ୍ସବ ପାଳନ ପାଇଁ ତାରିଖ ଏବଂ ଅତିଥିଙ୍କ ଯୋଗାଯୋଗ ପାଇଁ ସଭାପତି ସମ୍ପାଦକ ଙ୍କୁ ଦାୟିତ୍ୱ ଦିଆଯାଇଥିଲା। ପରି ଶେଷରେ ସମସ୍ତ ସଭ୍ୟ ନୂତନ ସମ୍ପାଦକ ଙ୍କୁ ପୁଷ୍ପଗୁଚ୍ଛ ଦେଇ ଶୁଭେଚ୍ଛା ଜଣାଇ ଥିଲେ।

## ନୂତନ ଜ୍ଞାନକୌଶଳ ଭିତ୍ତି: ଶିକ୍ଷଣ ସାମଗ୍ରୀ କର୍ମଶାଳା

**ଖୋର୍ଦ୍ଧା,୩୦।୧(ସଂଚାର ବ୍ୟୁର):** ଓସେପାର ନିୟମାବଳୀ ଅନୁସାରେ ଗୋଷ୍ଠିଶିକ୍ଷା ଅଧିକାରୀ ଖୋର୍ଦ୍ଧାଙ୍କ ନିର୍ଦ୍ଦେଶରେ ଜାଗୁଳେଇପାଟଣା କ୍ଲଷ୍ଟର ସ୍ତରୀୟ ଦୁଇ ଦିନିଆ ଶିକ୍ଷଣ ସାମଗ୍ରୀ କର୍ମଶାଳା ସ୍ଥାନୀୟ ସରକାରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟ ତରତୁଆଠାରେ କ୍ଲଷ୍ଟର ସିଆରସିସି ସ୍ମରଣୀକା ମହାପାତ୍ରଙ୍କ ନେତୃତ୍ୱରେ ଅନୁଷ୍ଠିତ ହୋଇଯାଇଅଛି।କାର୍ଯ୍ୟକ୍ରମର ଉଦଘାଟନୀ ଉତ୍ସବରେ ମୁଖ୍ୟ ଅତିଥି ଭାବରେ ବିଦ୍ୟାଳୟ ପରିଚାଳନା କମିଟିର ସଭାପତି ଏସ.କେ ମଜିଦ ଯୋଗଦେଇ ନିଜର ବକ୍ତବ୍ୟରେ କହିଥିଲେ ଯେ ଆମ ପିଲାମାନଙ୍କର ଭବିଷ୍ୟତ ଶିକ୍ଷକ/ଶିକ୍ଷୟିତ୍ରୀମାନଙ୍କ ହାତରେ ତେଣୁ ଉଚ୍ଚମାନର ଶିକ୍ଷଣ ସାମଗ୍ରୀ ପ୍ରସ୍ତୁତ କରି ଛାତ୍ରଛାତ୍ରୀମାନଙ୍କୁ ଗୁଣାତ୍ମକ ଶିକ୍ଷା ପ୍ରଦାନ କଲେ ଆମ ପିଲାମାନଙ୍କର ଭବିଷ୍ୟତ ଉର୍ଣ୍ଣତି ହେବ। ବିଦ୍ୟାଳୟର ପ୍ରଧାନ ଶିକ୍ଷକ ହେମନ୍ତ କୁମାର ସାହୁ ନିଜ ବକ୍ତବ୍ୟରେ କହିଥିଲେ ଯେ ଶିକ୍ଷଣ ସାମଗ୍ରୀଗୁଡିକ ଯେପରି ପିଲାମାନଙ୍କ ଶିକ୍ଷଣକାର୍ଯ୍ୟରେ ବ୍ୟବହୃତ ହେଲେ ସେମାନଙ୍କର ସର୍ବାଙ୍ଗୀନ



ଉର୍ଣ୍ଣତି ହୋଇପାରିବ ତାହାକୁ ଦୃଷ୍ଟିରେ ରଖି କାର୍ଯ୍ୟ କରିବା ଆବଶ୍ୟକ। କ୍ଲଷ୍ଟର ସିଆରସିସି ଶିକ୍ଷଣ ସାମଗ୍ରୀର ଆବଶ୍ୟକତା ଏବଂ କାର୍ଯ୍ୟକାରିତା ଉପରେ ଆଲୋକପାତ କରାଇଥିଲେ। କ୍ଲଷ୍ଟରର ଦଶ ଗୋଟି ବିଦ୍ୟାଳୟରୁ ତିରିଶ ଜଣ ଶିକ୍ଷକ/ଶିକ୍ଷୟିତ୍ରୀ ଶିକ୍ଷଣ ସାମଗ୍ରୀ ମେଳାରେ ଭାଗନେଇଥିବା ସ୍ଥଳେ ପାଞ୍ଚଜଣ ଅଭିଜ୍ଞତା ସମ୍ପୂର୍ଣ୍ଣ ଦକ୍ଷ ପ୍ରଶିକ୍ଷକ ବିଭିନ୍ନ ସାମଗ୍ରୀ ପ୍ରସ୍ତୁତ ଶୈଳୀ ଶିଖାଇଥିଲେ।

## ଶକ୍ତିନଗର କଂଗ୍ରେସ କାର୍ଯ୍ୟାଳୟରେ ମହାତ୍ମା ଗାନ୍ଧୀଙ୍କ ତିରୋଧାନ ଦିବସ ପାଳନ



**କଟକ,୩୦।୧(ସଂଚାର ବ୍ୟୁର):** କଟକ ଶକ୍ତିନଗର କଂଗ୍ରେସ କାର୍ଯ୍ୟାଳୟରେ ବରିଷ୍ଠ କଂଗ୍ରେସ ନେତା ତଥା କଟକ ଜିଲ୍ଲା କଂଗ୍ରେସ ର ପ୍ରାକ୍ତନ ବରିଷ୍ଠ ଉପସଭାପତି ଶିଶିର ରଥ ଙ୍କ ନେତୃତ୍ୱରେ ଜାତିର ଜନକ, ଅହିଂସାର ପୂଜାରୀ ମହାତ୍ମା ଗାନ୍ଧୀଙ୍କ ତିରୋଧାନ ଦିବସ ପାଳିତ ହୋଇଯାଇଛି । ଏହି ଅବସରରେ ବାପୁଜୀ ଙ୍କ ଫଟୋ ଚିତ୍ରରେ ମାଲ୍ୟାର୍ପଣ କରାଯାଇ ତାଙ୍କର ଦେଶ ପ୍ରତି ଅବଦାନ ଓ ବଳିଦାନ ସଂପର୍କରେ ଆଲୋଚନା କରାଯାଇଥିଲା । ବାପୁ ଆମକୁ ଅହିଂସା, ଅସହଯୋଗ ଓ ସତ୍ୟାଗ୍ରହ ପରି ତିନିଟି ଅମୋଘ ଅସ୍ତ୍ର ଦେଇଯାଇଛନ୍ତି ।ତେଣୁ ଆଜିର ଯୁବ ସମାଜ ବାପୁ ଙ୍କ ନୀତି ଆଦର୍ଶରେ ଅନୁପ୍ରାଣିତ ହୋଇ ଦେଶ ଜାତି ପାଇଁ କାମ କରିବାକୁ ଆହ୍ୱାନ ଦିଆଯାଇଥିଲା । ଏହି କାର୍ଯ୍ୟକ୍ରମରେ ଜିଲ୍ଲା କଂଗ୍ରେସ ପ୍ରାକ୍ତନ ଉପସଭାପତି ମନୋଜ ବିଶ୍ୱାଳ ଓ ରାଜେଶ ସ୍ୱାଇଁ, ସଦର କଂଗ୍ରେସ ନେତା ରାମଚନ୍ଦ୍ର ଗୋଚ୍ଛାୟତ, କଟକ ନଗର(ଜିଲ୍ଲା)କଂଗ୍ରେସ ର ମୁଖ୍ୟ ମୁଖପାତ୍ର ମାନସ ପରିଡ଼ା, ନଗର ସାଧାରଣ ସମ୍ପାଦକ ନିର୍ମଳ ସ୍ୱାଇଁ ଓ ଜିଲ୍ଲା କଂଗ୍ରେସ ର ପ୍ରାକ୍ତନ ସାଧାରଣ ସମ୍ପାଦକ ଉଗ୍ରସେନ ଭୂୟାଁ, ଙ୍କ ସମେତ ବରିଷ୍ଠ କଂଗ୍ରେସ୍ ନେତା ରଜନୀ ବସ୍ତିଆ, ଋଷି କାଣ୍ଡି, ସନ୍ତୋଷ ବିଶ୍ୱାଳ ଓ ନିହାର ରଞ୍ଜନ ନନ୍ଦ, ପ୍ରମୁଖ ଯୋଗଦେଇ ବାପୁଜୀ ଙ୍କ ପ୍ରତି ଶ୍ରଦ୍ଧାସୁମନ ଅର୍ପଣ କରିଥିଲେ ।

# ଦୁଇ ପ୍ରକଳ୍ପର ଶିଳାନ୍ୟାସ କଲେ ବିଧାୟକ



**ନିଶ୍ଚିନ୍ତକୋଇଲି,୩୦।୧(ସଂଭାର ବ୍ୟୁରୋ):** ନିଶ୍ଚିନ୍ତକୋଇଲି ବ୍ଲକ ଫଗୋଳ ଝାରପଡ଼ା ଠାରେ କେନ୍ଦୁପାଟଣା ଜଳସମ୍ପଦ ବିଭାଗ ଅଧିନ କେନ୍ଦ୍ରାପଡ଼ା କେନାଲ ୮(କ) ଶାଖା ନାଳର ଉନ୍ନତିକରଣ ଓ ସିମେଣ୍ଟ କଂକ୍ରିଟ ଲାଇନିଂ କାର୍ଯ୍ୟର ଶୁଭ ଶିଳାନ୍ୟାସ ଏବଂ ଜିଗ୍ନୀପୁର ଠାରେ କେନ୍ଦ୍ରାପଡ଼ା କେନାଲ ୮(କ-୩) ଶାଖା ନାଳର ଉନ୍ନତିକରଣ ଓ ସିମେଣ୍ଟ କଂକ୍ରିଟ ଲାଇନିଂ କାର୍ଯ୍ୟର ଶୁଭ ଶିଳାନ୍ୟାସ ମାହାଙ୍ଗା ବିଧାୟକ ଶ୍ରୀଯୁକ୍ତ ଶାରଦାପ୍ରସାଦ ପ୍ରଧାନଙ୍କ କରକମଳରେ ଅନୁଷ୍ଠିତ ହୋଇଯାଇଛି।

ଏହି ଦୁଇ ପ୍ରକଳ୍ପର ନିର୍ମାଣ କାର୍ଯ୍ୟ ହେବା ଦ୍ୱାରା ସ୍ଥାନୀୟ ଅଞ୍ଚଳର ବହୁ ଲୋକେ ଚାଷ କାର୍ଯ୍ୟ ଠାରୁ ଆରମ୍ଭ କରି ବିଭିନ୍ନ ପ୍ରକାର ସୁବିଧା ପାଇପାରିବେ ବୋଲି ବିଧାୟକ ଶ୍ରୀ ପ୍ରଧାନ ପ୍ରକାଶ କରିଥିଲେ। ଏହି ଶିଳାନ୍ୟାସ କାର୍ଯ୍ୟକ୍ରମରେ ବିଧାୟକଙ୍କ ସହିତ ପଞ୍ଚାୟତ ସମିତି ଉପାଧକ୍ଷ ନୃସିଂହଚରଣ ମିଶ୍ର, ପୂର୍ବତନ ଉପାଧକ୍ଷ ଅଶୋକ କୁମାର ଓଝା, ସମାଜସେବୀ ରମେଶଚନ୍ଦ୍ର ସ୍ୱାଇଁ, କେନ୍ଦୁପାଟଣା ଜଳସମ୍ପଦ ଉପଖଣ୍ଡ ନିର୍ବାହୀ ଯନ୍ତ୍ରୀ ରାଜେନ୍ଦ୍ର ମଲିକ, କନିଷ୍ଠ ଯନ୍ତ୍ରୀ ସୁଭଦ୍ରା ଓଝା, ଓମ୍ ଜୟ ଜଗନ୍ନାଥ ଜୟଶ୍ରୀରାମ ପ୍ରମୁଖଙ୍କ ସମେତ ବହୁ ସ୍ଥାନୀୟ ଅଞ୍ଚଳବାସୀ ଉପସ୍ଥିତ ଥିଲେ।

## ବୋର ଗାଡି ଧକାରେ ଦୁଇ ମୃତ, ଜଣେ ଗୁରୁତର

**ରାଇଘର,୩୦।୧(ସଂଭାର ବ୍ୟୁରୋ):** ବୋରୱେଲ ଗାଡି ଓଭରଟେକ କରିବା ସମୟରେ ଭାରସ୍ୟାମ ହରାଇ ଚକ ତଳେ ପଡ଼ି ଦୁଇଜଣଙ୍କ ଘଟଣା ସ୍ଥଳରେ ମୃତ୍ୟୁ ହୋଇଥିବା ବେଳେ ଜଣେ ଗୁରୁତର ଅବସ୍ଥାରେ ରାଇଘର ପ୍ରାଥମିକ ଚିକିତ୍ସା ହେଉଥିବା ଜଣାପଡ଼ିଛି।ଅପରାହ୍ନ ପ୍ରାୟ ଚାରିଟା ସମୟରେ ଖିଡିଙ୍ଗମାଳ ଗ୍ରାମର ଲେମ୍ବୁ ଗଣ୍ଡ (୪୫), ସୁରଜ ଗଣ୍ଡ (୧୮), ଟିଂଗର ଗଣ୍ଡ ତିନି ଜଣ ଏକ ବାଇକ ଯୋଗେ ରାଇଘର ସ୍ତିତ ସମ୍ପର୍କୀୟ ଙ୍କ ଘରକୁ ବାହାରିଥିଲେ।ଆସିବା ରାସ୍ତାରେ ନୁଆପାରା ପାଲକାଡଙ୍ଗରି ଛକ ନିକଟରେ ସାମ୍ନା ରେ ଯାଉଥିବା ବୋରୱେଲ ଗାଡି (କେଏ ୦୧ ବିଏ ୯୦୫୦)ଅତିକ୍ରମ କରିବା ସମୟରେ ଭାରସାମ୍ୟ ହରାଇ ପଡ଼ି ଯିବା କାରଣରୁ ଏଭଳି ଘଟଣା ଘଟିଥିବା ଗ୍ରାମବାସୀ ଅନୁମାନ କରି କହୁଥିବା ବେଳେ ଦୁର୍ଘଟଣା ସମୟରେ କେହି ଦେଖିନଥିବାରୁ କାରଣ ଅସ୍ପଷ୍ଟ କହିଛନ୍ତି ଗ୍ରାମବାସୀ।ଏହାପରେ ପୋଲିସ ଖବର ପାଇ ଘଟଣା ସ୍ଥଳରେ ପହଞ୍ଚିଛି। ଗ୍ରାମବାସୀ ଗାଡି ମାଲିକ ଘଟଣା ସ୍ଥଳକୁ ନ ଆସିବା ଯାଏ ଗାଡି କୁ ଛାଡ଼ିବେ ନାହିଁ ବୋଲି କହିବା ସହ ମୃତ ଶରୀର ରଖି ରାସ୍ତାରେ ବସିଥିବା ଦେଖିବାକୁ ମିଳିଛି।

## ମହାତ୍ମା ଗାନ୍ଧୀଙ୍କ ତିରୋଧାନ ଦିବସ ଓ ବୃକ୍ଷରୋପଣ କାର୍ଯ୍ୟକ୍ରମ



**ନୀଳଗିରି,୩୦।୧(ସଂଭାର ବ୍ୟୁରୋ):** ଜାତିର ପିତା ମହାତ୍ମାଗାନ୍ଧୀ ଙ୍କ ତିରୋଧାନ ଦିବସ ନୀଳଗିରି କଂଗ୍ରେସ କମିଟି ପକ୍ଷରୁ କଂଗ୍ରେସ ଭବନ ରେ ଆଜି ପୂର୍ବାହ୍ନ ୧୦ ଘଟିକା ସମୟରେ ପାଳିତ ହୋଇଯାଇଛି। ପ୍ରଥମେ ମହାତ୍ମାଗାନ୍ଧୀ ଙ୍କ ଫୋଟୋ ଚିତ୍ରରେ ମାଲ୍ୟାର୍ପଣ ପରେ ପ୍ରଦୀପ ପ୍ରଜ୍ୱୋଳନ କରାଯାଇଥିଲା। ପରେ କେଶି ହାଇସ୍କୁଲ ପରିସରରେ ଥିବା ମହାତ୍ମାଗାନ୍ଧୀଙ୍କ ପ୍ରତିମୂର୍ତ୍ତି ରେ ମାଲ୍ୟାର୍ପଣ କରାଯାଇଥିଲା। ପୂର୍ବାହ୍ନ ୧୧ ଘଟିକା ସମୟରେ ଏକ ସଭାର ଆୟୋଜନ ହୋଇଥିବା ବେଳେ ରାଜ୍ୟ କିଷାନ କଂଗ୍ରେସ ଉପସଭାପତି ଯଶୋଦା ନନ୍ଦନ ସିଂହ ସଭାପତିତ୍ୱ କରିଥଲେ। ତାଙ୍କ ଅଭିଭାଷଣରେ ଜାତିର ପିତା ମହାତ୍ମାଗାନ୍ଧୀ ଅହିଂଶା ନୀତି ଆଦର୍ଶରେ ଅନୁପ୍ରାଣିତ ହୋଇ ଅହିଂଶା ନୀତିରେ ଦେଶକୁ ଇଂଗ୍ରେଜ ଶାସନ ମୁକ୍ତ କରି ସ୍ୱାଧୀନତା ଆଣିପାରିଥିଲେ। ତେଣୁ ଆମେ ସମସ୍ତେ ଅହିଂଶା ନୀତି ଆଦର୍ଶରେ ଅନୁପ୍ରାଣିତ ହୋଇ ଚାଲିବା ର ଆବଶ୍ୟକତା ରହିଛି ବୋଲି କହିଥିଲେ। ଅପରାହ୍ନ ୩ ଘଟିକା ସମୟରେ କେଶି ହାଇସ୍କୁଲ ଓ କଂଗ୍ରେସ ଭବନ ପରିସରରେ ବୃକ୍ଷରୋପଣ କରାଯାଇଥିଲା। କାର୍ଯ୍ୟକ୍ରମରେ ଉକ୍ତ ବିଦ୍ୟାଳୟର ସମସ୍ତ ଶିକ୍ଷକ ଶିକ୍ଷୟତ୍ରୀ, ଛାତ୍ର ଛାତ୍ରୀ ଯୋଗଦାନ କରି ବୃକ୍ଷ ରୋପଣ କରିଥିଲେ।

# ଆଞ୍ଚଳିକ ପରିବହନ ବିଭାଗର ଜାତୀୟ ସଡ଼କ ସୁରକ୍ଷା




**ପାରାଦ୍ୱୀପ,୩୦।୧(ସଂଭାର ବ୍ୟୁରୋ):** ଆଞ୍ଚଳିକ ପରିବହନ ବିଭାଗ, ଜଗତସିଂହପୁର ତରଫରୁ ପାରାଦୀପ ରେ ଜାତୀୟ ସଡକ ସୁରକ୍ଷା ମାସ ପାଳନ। ଏହି ଅବସରରେ ପାରାଦୀପର ମୁଖ୍ୟ ପ୍ରବେଶ ପଥ ଅଠରବାଙ୍କୀ ଛକ ଠାରେ ନୀଳଚକ୍ର ୟୁଥ୍ ଟ୍ରଷ୍ଟ ପକ୍ଷରୁ ଏକ ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଆୟୋଜିତ ଏହି କାର୍ଯ୍ୟକ୍ରମ ରେ ଜଗତସିଂହପୁର ଆଞ୍ଚଳିକ ପରିବହନ ବିଭାଗ ଅଧିକାରୀ ଦୀପକ କୁମାର ସେଠୀ ଯୋଗଦେଇ ସଡକ ସୁରକ୍ଷା ନିମନ୍ତେ ସଚେତନତା ବାର୍ତ୍ତା ପ୍ରଦାନ କରିଥିଲେ। ମୋଟର ସାଇକେଲ ଚଳାଇବା ବେଳେ ମଦ୍ୟପାନ ଓ ମୋବାଇଲ ଫୋନ୍ ବ୍ୟବହାର ନକରିବା ସହ ହେଲମେଟ୍ ବ୍ୟବହାର କରିବା ଓ କାର୍ ଚଳାଇବା ବେଳେ ସିଟ୍ ବେଲ୍ଟ ପିନ୍ଧିବା ଆଦି ଉପରେ ବିଶେଷ ଧାନ ଦେବାକୁ ସମସ୍ତ ଜନ ସାଧାରଣ ଙ୍କୁ ଅନୁରୋଧ କରିଥିଲେ। ଏହି ଅବସରରେ ଉପସ୍ଥିତ ଅତିଥି ଓ ଜନ ସାଧାରଣ ଙ୍କୁ ସଡକ ସୁରକ୍ଷା ସଚେତନତା କୁ ନେଇ ଶପଥ ପାଠ କରା ଯାଇଥିଲା।

ସଂଚାର THE SANCHAR

**ଗୃହ ନିର୍ମାଣ ଓ ନଗର ଉନ୍ନୟନ ମନ୍ତ୍ରୀଙ୍କ ସମୀକ୍ଷା**

# ପରଖିଲେ ଯୋଜନା କାର୍ଯ୍ୟକାରିତା ଓ ଆର୍ଥିକ ପ୍ରଗତିର ସ୍ଥିତି

- କାର୍ଯ୍ୟରେ ଅବହେଳା ନ କରିବାକୁ ଅଧିକାରୀଙ୍କୁ ସତର୍କ କରାଇଲେ
- କାର୍ଯ୍ୟ କରୁନଥିବା ଅଧିକାରୀଙ୍କ ବିରୋଧରେ ଦେଲେ ଚେତାବନୀ



**ଭୁବନେଶ୍ୱର, ୩୦।୧ (ସଂଚାର ବ୍ୟୁରୋ):** ଆଜି ଖାରବେଳ ଭବନ ଠାରେ ଗୃହ ନିର୍ମାଣ ଓ ନଗର ଉନ୍ନୟନ, ସାଧାରଣ ଉଦ୍ୟୋଗ ମନ୍ତ୍ରୀ ଡା. କୃଷ୍ଣଚନ୍ଦ୍ର ମହାପାତ୍ର ଗୃହ ନିର୍ମାଣ ଓ ନଗର ଉନ୍ନୟନ ବିଭାଗର ବିଭିନ୍ନ ଯୋଜନା ଓ କାର୍ଯ୍ୟକ୍ରମର ପ୍ରଦର୍ଶନ, କାର୍ଯ୍ୟକାରିତା ସ୍ଥିତି ଏବଂ ଆର୍ଥିକ ପ୍ରଗତିର ଏକ ବ୍ୟାପକ ସମୀକ୍ଷା କରିଛନ୍ତି। ଏହି ସମୀକ୍ଷା ମୁଖ୍ୟତଃ 'ମୁଖ୍ୟମନ୍ତ୍ରୀ ସହରୀ ବିକାଶ ଯୋଜନା', 'ସହରୀ ସମୃଦ୍ଧି ଯୋଜନା' ଏବଂ 'ଆହାର' ଯୋଜନା ଭଳି ପ୍ରମୁଖ ସହରୀ ବିକାଶ ପଦକ୍ଷେପଗୁଡ଼ିକ ଉପରେ ଆଧାରିତ ଥିଲା।

ମନ୍ତ୍ରୀ ଏହି ଯୋଜନାଗୁଡ଼ିକର କ୍ଷେତ୍ରସ୍ତରୀୟ ପ୍ରଭାବ ଏବଂ କାର୍ଯ୍ୟନ୍ୱୟନର ଗତି ଅନୁଧାନ କରିଥିଲେ। ସହରାଞ୍ଚଳରେ ପରିମଳ ଏବଂ ସ୍ୱଚ୍ଛତା, ପାର୍କ, ଖୋଲା ସ୍ଥାନ ଏବଂ ପ୍ରମୁଖ ସର୍ବସାଧାରଣ ସେବା କେନ୍ଦ୍ରଗୁଡ଼ିକର ସୌନ୍ଦର୍ଯ୍ୟକରଣ ଉପରେ ବିଶେଷ ଗୁରୁତ୍ୱ ଦିଆଯାଇଥିଲା। ଏଥିସହିତ ମନ୍ତ୍ରୀ ସହରର ରାସ୍ତାଘାଟ ଏବଂ ସର୍ବସାଧାରଣ ସ୍ଥାନର ସଫେଇ ଓ ରକ୍ଷଣାବେକ୍ଷଣର କାର୍ଯ୍ୟକାରିତାକୁ ମଧ ସମୀକ୍ଷା କରିଥିଲେ। ରାଜ୍ୟର ସମସ୍ତ ସହରାଞ୍ଚଳ ସ୍ଥାନୀୟ ସଂସ୍ଥାରେ କଠିନ ଓ ତରଳ ବର୍ଜ୍ୟବସ୍ତୁ ପରିଚାଳନା ବ୍ୟବସ୍ଥାକୁ ବିସ୍ତୃତ ଭାବେ ସମୀକ୍ଷା କରାଯାଇଥିଲା। ଅଧିକାରୀମାନେ ବର୍ଜ୍ୟବସ୍ତୁ ସଂଗ୍ରହ, ପୃଥକୀକରଣ, ପ୍ରକ୍ରିୟାକରଣ ଏବଂ ନିଷ୍କାସନ ବ୍ୟବସ୍ଥା ସମ୍ପର୍କରେ ତଥ୍ୟ ଉପସ୍ଥାପନ କରିଥିଲେ। ସେବା ପ୍ରଦାନର ମାନ ବୃଦ୍ଧି କରିବା ଏବଂ ସମସ୍ତ ପୌରପାଳିକା ଓ ବିଜ୍ଞପିତ ଅଞ୍ଚଳ ପରିଷଦରେ ସମାନ ଭାବେ ବର୍ଜ୍ୟବସ୍ତୁ ପରିଚାଳନା କାର୍ଯ୍ୟକାରୀ କରିବା ଉପରେ ଡା. ମହାପାତ୍ର ଗୁରୁତ୍ୱାରୋପ କରିଥିଲେ। ଏହି ବୈଠକରେ ବିଭାଗର ଆର୍ଥିକ ପ୍ରଦର୍ଶନ, ବଜେଟ୍ ଅର୍ଥର ବିନିଯୋଗ, ବିସ୍ତୃତ ପ୍ରକଳ୍ପ ରିପୋର୍ଟ ର ଠିକ୍ ସମୟରେ ଅନୁମୋଦନ ଏବଂ ବିଭିନ୍ନ ପ୍ରଶାସନିକ ସ୍ତରରେ ବ୍ୟୟ ଅଟକଳ ସମ୍ପର୍କରେ ମଧ ସମୀକ୍ଷା କରାଯାଇଥିଲା। ସୁଲଭ ମୂଲ୍ୟର ଗୃହ ନିର୍ମାଣ, ପ୍ରଧାନମନ୍ତ୍ରୀ ଆବାସ ଯୋଜନା (ସହରୀ), ଭଡ଼ାଘର ପ୍ରକଳ୍ପ ଏବଂ ଟ୍ରାଞ୍ଜିଟ୍ ହାଉସ ଭଳି ପ୍ରମୁଖ ଗୃହ ନିର୍ମାଣ ପଦକ୍ଷେପ ସହିତ 'ଆଦର୍ଶ ଗୋଶାଳା' ପ୍ରକଳ୍ପର କାର୍ଯ୍ୟକାରିତା ଓ ସ୍ଥିତିର ମଧ ଆକଳନ କରାଯାଇଥିଲା। ନୂତନ ଭାବେ ଗଠିତ ୨୮ଟି ବିଜ୍ଞପିତ ଅଞ୍ଚଳ ପରିଷଦର ବିକାଶ ଉପରେ ସ୍ୱତନ୍ତ୍ର ଧାନ ଦିଆଯାଇଥିଲା। ଗ୍ରାମୀଣ-ସହରୀ ପରିବର୍ତ୍ତନ ବିକାଶ କାର୍ଯ୍ୟ, ଅର୍ବାନ ଅଞ୍ଚଳରେ ନାଗରିକ ସୁବିଧା ଏବଂ ଭିତ୍ତିଭୂମିର ସୁଧାର ପାଇଁ ଉଦ୍ଦିଷ୍ଟ, ତାହା ମଧ ସମୀକ୍ଷାର ଏକ ଗୁରୁତ୍ୱପୂର୍ଣ୍ଣ ଅଂଶ ଥିଲା। କେତେକ କ୍ଷେତ୍ରରେ ଭିତ୍ତିଭୂମି ବିକାଶର ମନ୍ଥର ଗତି ଏବଂ ବିଳମ୍ବ ନେଇ ମନ୍ତ୍ରୀ ଅସନ୍ତୋଷ ପ୍ରକାଶ କରିଥିଲେ। ସେ ଅଧିକାରୀମାନଙ୍କୁ କାର୍ଯ୍ୟରେ ଅବହେଳା ନ କରିବାକୁ ସତର୍କ କରାଇ ଦେବା ସହ କାର୍ଯ୍ୟ କରୁନଥିବା ଅଧିକାରୀଙ୍କ ବିରୋଧରେ ବିଭାଗୀୟ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ଚେତାବନୀ ଦେଇଥିଲେ। ଆସନ୍ତା ୧୫ ଦିନ ମଧରେ ସମସ୍ତ ପାରାମିଟରରେ ବାକିଥିବା କାର୍ଯ୍ୟକୁ ତ୍ୱରାନ୍ୱିତ କରିବା ଏବଂ ଦୃଶ୍ୟମାନ ପ୍ରଗତି ନିଶ୍ଚିତ କରିବାକୁ ସେ ବିଭାଗକୁ ନିର୍ଦ୍ଦେଶ ଦେଇଛନ୍ତି।

**କଟକ ମହାନଗର ନିଗମ କାଉନସିଲ ବୈଠକରେ ହୋ ହଲ୍ଲା**

# ଗୃହ ଛାଡ଼ି ପଳାଇଲେ ମେୟର ଓ କମିଶନର




**କଟକ,୩୦।୧ (ସଂଚାର ବିରୋ):** କଟକ ମହାନଗର ନିଗମର ୩୮ତମ ସାଧାରଣ ଅଧିବେଶନରେ ଅନେକ ଗୁରୁତ୍ୱପୂର୍ଣ୍ଣ ପ୍ରସଙ୍ଗକୁ ନେଇ ଆଜି କାଉନସିଲ୍ ବୈଠକରେ ଆଲୋଚନା କରାଯାଇଥିଲା। ଚଳିତ ବର୍ଷର ପ୍ରଥମ କାଉନସିଲ୍ ବୈଠକରେ ମେୟର, କମିଶନର, ଡେପୁଟି ମେୟର, ସମସ୍ତ ୱାର୍ଡର କର୍ପୋରେଟର ତଥା ବିଭିନ୍ନ ବିଭାଗୀୟ ଅଧିକାରୀ ଉପସ୍ଥିତ ଥିଲେ। ନିଜ ୱାର୍ଡରେ ଅଟକି ରହିଥିବା ବିଭିନ୍ନ ଉନ୍ନୟନ ମୂଳକ କାର୍ଯ୍ୟକୁ ନେଇ କଂଗ୍ରେସ କର୍ପୋରେଟର ହୋହାଲ୍ଲା କରିଥିଲେ। ଫଳରେ ଅଧାରୁ କାଉନସିଲ ବୈଠକ ଛାଡି ଚାଲିଗଲେ ମେୟର ଓ କମିଶନର।

ଶୁକ୍ରବାର ବୈଠକରେ ବିଭିନ୍ନ ପ୍ରସଙ୍ଗରେ ଆଲୋଚନା ହେଉଥିବା ବେଳେ ନିଜ ଅଞ୍ଚଳର ସମସ୍ୟା ଦୂର ହେଉନଥିବା କହି ବ୍ୟାନର ଧରି ଗୃହ ମଧରେ କଂଗ୍ରେସ କର୍ପୋରେଟର ଜନାର୍ଦ୍ଦନ ପରିଡ଼ା ପାଟି କରିଥିଲେ। ୫୮ ନମ୍ବର ୱାର୍ଡ କଂଗ୍ରେସ କର୍ପୋରେଟରଙ୍କ ହୋ ହଲ୍ଲା ଓ ପାଟିତୁଣ୍ଡ ଯୋଗୁଁ ବନ୍ଦ ହୋଇଗଲା କାଉନସିଲ ବୈଠକ। ଅଧାରୁ ଗୃହ ଛାଡି ଚାଲିଯାଇଥିଲେ ମେୟର ଓ କମିଶନର। ଏନେଇ ମେୟର କହିଛନ୍ତି ବୈଠକରେ ସବୁକିଛି ଆଲୋଚନା ହୋଇଛି। ସମସ୍ତ ରିଜୁଲେସନ ପାସ ମଧ ହୋଇଛି। ମୁଖ୍ୟତଃ ବଜେଟ ଉପରେ ଆଲୋଚନା କରାଯାଇଥିଲା। ସହରର ବିକାଶ ପାଇଁ ସରକାର ଅର୍ଥ ବ୍ୟୟ ଅଟକଳ ନେଇ ଗୃହରେ ଆଲୋଚନା କରିଥିଲେ ମେୟର। ସହରୀକରଣ ଯୋଜନା ଉପରେ ଅଧିକ ଗୁରୁତ୍ୱ ଦିଆଯାଇଛି। ବିଶେଷକରୀ କେନ୍ଦ୍ରୀୟ ଯୋଜନା ଉପରେ ଆଲୋଚନା କରାଯାଇଛି। ସହରୀ ବିକାଶ ପାଇଁ ୫୦୦ କୋଟିର ବଜେଟ୍ ହୋଇଥିବା ବେଳେ ୬୬କୋଟି ଟଙ୍କା ବର୍ତ୍ତମାନ ସୁଦ୍ଧା ଆସିଛି। ତେବେ ପାଖାପାଖି ୮୫୦ଟି ପ୍ରୋଜେକ୍ଟ କରାଯାଇଛି ଯେଉଁଥିରେ ୩୬୫ଟି

# ଆଇଏଏସ୍ ଉଷା ପାଢ଼ୀଙ୍କୁ ଆଶ୍ୱସ୍ତି

**ନିଃସର୍ତ୍ତ କ୍ଷମା ପ୍ରାର୍ଥନା ପରେ ଅଦାଲତ ଅବମାନନା ମାମଲା ରଦ୍ଦ**



**କଟକ, ୩୦।୧ (ସଂଚାର ବ୍ୟୁରୋ):** ଅଦାଲତ ଅବମାନନା ମାମଲାରୁ ମୁକୁଳିଲେ ବରିଷ୍ଠ ଆଇଏଏସ୍ ଅଧିକାରୀ ଉଷା ପାଢ଼ୀ। ତାଙ୍କ ସହିତ ନଗର ଉନ୍ନୟନ ବିଭାଗର ନିର୍ଦ୍ଦେଶକ ଏବଂ କଟକ ଜିଲ୍ଲାପାଳ ମଧ ଆଶ୍ୱସ୍ତି ପାଇଛନ୍ତି। ଏହି ୩ ବରିଷ୍ଠ ଅଧିକାରୀ କୋର୍ଟଙ୍କ ଆଦେଶ ପାଳନ କରିଥିବା ନେଇ କମ୍ପ୍ଲାଇନ୍ସ ରିପୋର୍ଟ ଦାଖଲ କରିବା ସହ ନିଃସର୍ତ୍ତ କ୍ଷମା ପ୍ରାର୍ଥନା କରିବା ପରେ ଅଦାଲତ ଅବମାନନା ମାମଲାକୁ ରଦ୍ଦ କରିଛନ୍ତି ହାଇକୋର୍ଟ। ଆଠଗଡ଼ ବାସିନ୍ଦା ପିଲୋନା ମହାନ୍ତି ନଗର ଉନ୍ନୟନ ବିଭାଗରେ ୩୩ ବର୍ଷ ଧରି ଅସ୍ଥାୟୀ କର୍ମଚାରୀ ଭାବେ କାର୍ଯ୍ୟ କରୁଥିଲେ। ଚାକିରି ନିୟମିତ କରାଇବା ଲାଗି ସେ ଦାୟର କରିଥିବା ମାମଲାର ଶୁଣାଣି କରି ୨୦୨୪ ମସିହାରେ ହାଇକୋର୍ଟ ତାଙ୍କ ସପକ୍ଷରେ ରାୟ ଦେଇଥିଲେ। ଯାହାକୁ ଡିଭିଜନ ବେଞ୍ଚରେ ଚ୍ୟାଲେଞ୍ଜ କରିଥିଲେ ପ୍ରତିପକ୍ଷ। କିନ୍ତୁ ଗତବର୍ଷ ଜୁଲାଇ ୧୦ରେ ଡିଭିଜନ ବେଞ୍ଚ୍ ପିଲୋନାଙ୍କ ସପକ୍ଷରେ ରାୟ ଶୁଣାଇଲେ। କୋର୍ଟଙ୍କ ରାୟ ୮ ସପ୍ତାହ ଭିତରେ କାର୍ଯ୍ୟକାରୀ କରିବାକୁ ନିର୍ଦ୍ଦେଶ ହୋଇଥିଲା। ହେଲେ ତାହା କାର୍ଯ୍ୟକାରୀ ହେଲାନାହିଁ। ଯାହାକୁ ଚ୍ୟାଲେଞ୍ଜ କରି ଆବେଦନକାରୀ ହାଇକୋର୍ଟରେ ଅଦାଲତ ଅବମାନନା ମାମଲା ଦାୟର କରିଥିଲେ।

**ପାପ ସଂପର୍କରୁ ହୋଇଥିଲା ଅଳକାନନ୍ଦା ହତ୍ୟାକାଣ୍ଡ**

# ରୁମ୍ ମେଟ୍‌କୁ ଆଜୀବନ କାରାଦଣ୍ଡ

**ବିବାହ କଥା ଶୁଣି ବାନ୍ଧବୀଙ୍କୁ ହତ୍ୟା କରିଥିଲେ ଅଭିଯୁକ୍ତ**



**ଭୁବନେଶ୍ୱର,୩୦।୧ (ସଂଚାର ବ୍ୟୁରୋ):** ବହୁଚର୍ଚ୍ଚିତ ଅଳକାନନ୍ଦା ଦାସ ହତ୍ୟାକାଣ୍ଡର ଆସିଛି ରାୟ। ସହପାଠୀ ତଥା ରୁମ୍ ମେଟ ଅନିଶା ମିତ୍ରଙ୍କୁ ଆଜୀବନ କାରାଦଣ୍ଡରେ ଦଣ୍ଡିତ କରିଛନ୍ତି କୋର୍ଟ। ୨୦୧୯ ମସିହା ଜାନୁଆରୀ ମାସ ୨୦ ତାରିଖରେ ଘଟିଥିଲା ଏହି ହତ୍ୟାକାଣ୍ଡ। ଭୁବନେଶ୍ୱର ତୃତୀୟ ଅତିରିକ୍ତ ଜିଲ୍ଲା ଦୌରାଜଜ୍ କୋର୍ଟ ଏହି ଦଣ୍ଡବିଧାନ କରିଛନ୍ତି। ଏହାସହ ୨୦ ହଜାର ଟଙ୍କା ଦେବାକୁ ନିର୍ଦ୍ଦେଶ ଦିଆଯାଇଛି। ୩୦ଟି ଦସ୍ତାବିଜ ଓ ୧୦ ଜଣ ସାକ୍ଷୀଙ୍କ ସାକ୍ଷ୍ୟ ଆଧାରରେ ଏହି ଦଣ୍ଡବିଧାନ ହୋଇଛି। ବିଚାର ବେଳେ ଅଭିଯୁକ୍ତ ଜଣଙ୍କର ମନ୍ଦ ଉଦ୍ଦେଶ୍ୟ ସମ୍ପର୍କରେ ହୃଦୟଙ୍ଗମ କରିଛନ୍ତି ବିଚାରପତି। ଅଳକାନନ୍ଦାଙ୍କ ବିବାହ ଠିକ ହେବା ପରେ ଉତ୍ୟକ୍ତ ହୋଇ ଉଠିଥିଲେ ରୁମ୍ ମେଟ ଅନିଶା। ଏ ନେଇ ପୂର୍ବରୁ ମୃତକଙ୍କ ଭଉଣୀ ମଧ ଗଣମାଧମ ସମ୍ମୁଖରେ ସଙ୍ଗିନ ଅଭିଯୋଗ ଆଣିଥିଲେ। ଭଉଣୀ ମଧୁଛନ୍ଦା ଦେଇଥିବା ପ୍ରତିକ୍ରିୟା ମୁତାବକ ଲିଙ୍ଗରାଜ ଥାନା ଅନ୍ତର୍ଗତ ଗୌରୀ ନଗରରେ ଦୀର୍ଘ ୧୦ ବର୍ଷ ଧରି ଏକାସଙ୍ଗେ ଘରଭଡ଼ା ନେଇ ରହୁଥିଲେ ଅଳକାନନ୍ଦା ଓ ଅନିଶା। ଦୁହିଙ୍କ ଭିତରେ ଭଲ ପାଇବା ବେଶ ନିବିଡ ଥିଲା। ବନ୍ଧୁ ଭାବେ ଦୁହେଁ ଦୁହିଁଙ୍କୁ ଭଲ ପାଉଥିଲେ। ହଠାତ ଅଳକାଙ୍କ ବିବାହ ଠିକ ହୋଇଥିଲା। ଯେଉଁଥି ପାଇଁ ତାଙ୍କୁ ବାଲେଶ୍ୱର ବାହାରି ଯିବାର ଥିଲା। କିନ୍ତୁ ଅନିଶା ଚାହୁଁଥିଲେ, ମୃତକ ଜଣଙ୍କ ବିବାହ ନକରନ୍ତୁ। ଯେଉଁଥିପାଇଁ ସେ ତାଙ୍କୁ ପୂର୍ବରୁ ବାରଣ କରିଥିଲେ। କଥା ନମାନିବାରୁ ମାଡ଼ ମଧ ମାରିଥିଲେ ଓ ପରେ ହତ୍ୟା କରିବାକୁ ମଧ ପଛାଇ ନଥିଲେ। ଯେଉଁଥିରୁ ଅଭିଯୁକ୍ତ ଜଣଙ୍କ ଅନୈତିକ ସମ୍ପର୍କ ରଖିବାକୁ ଇଚ୍ଛୁକ ଥିବା ତଦନ୍ତ ବେଳେ ଜାଣିବାକୁ ପାଇଥିଲା ପୁଲିସ। ସମ୍ପୂର୍ଣ୍ଣ ଘଟଣାକୁ ହୃଦୟଙ୍ଗମ କରିବା ସହ ସାକ୍ଷ୍ୟ ପ୍ରମାଣ ଆଧାରରେ ଅଭିଯୁକ୍ତଙ୍କୁ କୋର୍ଟ ଆଜୀବନ କାରାଦଣ୍ଡରେ ଦଣ୍ଡିତ କରିଛନ୍ତି।

# ଅନୁଭବଙ୍କୁ ହାଇକୋର୍ଟ ଝଟକା

- କୋର୍ଟରେ ଚାଲିବ ମାମଲା



**କଟକ, ୩୦।୧ (ସଂଚାର ବ୍ୟୁରୋ):** ପୂର୍ବତନ ସାଂସଦ ତଥା ଅଭିନେତା ଅନୁଭବ ମହାନ୍ତିଙ୍କ ଅଡୁଆ ବଢ଼ିଲା। ପ୍ରଥମ ପତ୍ନୀ ବର୍ଷା ପ୍ରିୟଦର୍ଶିନୀଙ୍କୁ ମାନସିକ ନିର୍ଯାତନା ଦେବା ମାମଲାରେ ତାଙ୍କ ଆବେଦନକୁ ଶୁକ୍ରବାର ଖାରଜ କରି ଦେଇଛନ୍ତି ହାଇକୋର୍ଟ। ଫଳରେ ଏବେ ତାଙ୍କ ନାଁରେ ନିମ୍ନ ଅଦାଲତରେ ଚାଲିବ ମାମଲା। ବର୍ଷା ଓ ଅନୁଭବ ପାରିବାରିକ ବିବାଦ ଚାଲିଥିଲା ବେଳେ ବର୍ଷା ଅନୁଭବଙ୍କ ଘରେ ରହୁଥିଲେ। ସେହି ସମୟରେ ଅନୁଭବ ଓ ତାଙ୍କର ଦୁଇ କର୍ମଚାରୀଙ୍କ ବିରୋଧରେ ଏତଲା ଦେଇଥିଲେ ବର୍ଷା। ତାଙ୍କୁ ଏହି ତିନିଜଣ ମାନସିକ ନିର୍ଯାତନା ଦେଉଥିବା ନେଇ ସେ କଟକ ପୁରୀଘାଟ ଥାନାରେ ଏତଲା ଦେଇଥିଲେ। ତାଙ୍କ ଅଭିଯୋଗ ଆଧାରରେ ବିଭିନ୍ନ ଦଫା ଲଗାଇ ମାମଲା ରୁଜୁ କରିଥିଲା ପୁଲିସ। ତେବେ ଏହି ମାମଲାକୁ ଖାରଜ କରିବାକୁ ଅନୁଭବ ନିମ୍ନ ଅଦାଲତରେ ଡିସ୍‌ଚାର୍ଜ ପିଟିସନ ଦାୟର କରିଥିଲେ। ନିମ୍ନ ଅଦାଲତ ଅନୁଭବଙ୍କ ଆବେଦନକୁ ଖାରଜ କରିବା ସହ ଚାର୍ଜଫ୍ରେମ ପାଇଁ ନିର୍ଦ୍ଦେଶ ଦେଇଥିଲେ। ନିମ୍ନ ଅଦାଲତଙ୍କ ସେହି ନିର୍ଦ୍ଦେଶକୁ ଖାରଜ କରିବାକୁ ଅନୁଭବ ହାଇକୋର୍ଟଙ୍କ ଦ୍ୱାରସ୍ଥ ହୋଇଥିଲେ। ମାମଲାରୁ ବାଦ ଦେବା ପାଇଁ ଅନୁଭବ କରିଥିବା ଡିସଚାର୍ଜ ପିଟିସନ ଉପରେ ନିମ୍ନ ଅଦାଲତଙ୍କ ରାୟକୁ କାଏମ ରଖିଛନ୍ତି ହାଇକୋର୍ଟ। ଅନୁଭବଙ୍କ ଆବେଦନକୁ ହାଇକୋର୍ଟ ଖାରଜ କରିଦେବା ସହିତ ତାଙ୍କ ପ୍ରଥମ ପତ୍ନୀ ତଥା ଅଭିନେତ୍ରୀ ବର୍ଷା ପ୍ରିୟଦର୍ଶିନୀଙ୍କ ପକ୍ଷରୁ ଦାୟର ମାମଲାର ବିଚାର ନିମ୍ନ ଅଦାଲତରେ ଚାଲିବ ବୋଲି ସ୍ପଷ୍ଟ କରିଛନ୍ତି। ଅନୁଭବ ଓ ତାଙ୍କର ଅନ୍ୟ ଦୁଇ କର୍ମଚାରୀ ସୁଜିତ ଦଳେଇ ଏବଂ ଖଗେନ୍ଦ୍ର ସାହୁଙ୍କ ବିରୋଧରେ ଚାର୍ଜ ଫ୍ରେମ କରିବା ସହ ବିଚାର ଚାଲିବ ବୋଲି ହାଇକୋର୍ଟ ରାୟ ଶୁଣାଇଛନ୍ତି।

# ରାଜ୍ୟକୁ ବିକଶିତ କରିବାର ସଂକଳ୍ପ ନେବା: ମନମୋହନ

- ସାଂସଦ ପ୍ରାର୍ଥୀଙ୍କ ସମେତ ରାୟଗଡ଼ାର ଅନେକ କଂଗ୍ରେସ ନେତାଙ୍କ ଯୋଗଦାନ
- ଅଭିନାଶ ଗମାଙ୍ଗୋ ନିଜ ସମର୍ଥକଙ୍କ ଗହଣରେ ବିଜେପିରେ ହେଲେ ସାମିଲ



**ଭୁବନେଶ୍ୱର, ୩୦।୧ (ସଂଚାର ବ୍ୟୁରୋ):** ବିଜେପିର ବିଚାରଧାରାରେ ଅନୁପ୍ରାଣିତ ହୋଇ ସରକାରଙ୍କ ବିକାଶମୂଳକ କାର୍ଯ୍ୟରେ ଆସ୍ଥା ପ୍ରକଟ କରି ଆଜି ରାୟଗଡ଼ା ଜିଲ୍ଲାର ଅନେକ କଂଗ୍ରେସ ନେତା ଓ କର୍ମୀ ବିଜେପିରେ ସାମିଲ ହୋଇଛନ୍ତି। ରାଜ୍ୟ ସଭାପତି ମନମୋହନ ସାମଲ ଏବଂ ରାଜ୍ୟ ପ୍ରଭାରୀ ବିଜୟ ପାଲ ସିଂହ ତୋମାର ସମସ୍ତ ନୂତନ ସଦସ୍ୟଙ୍କୁ ଉତ୍ତରୀୟ ପ୍ରଦାନ କରି ଓ ଦଳୀୟ ଟୋପି ପିନ୍ଧାଇ ସ୍ୱାଗତ ଜଣାଇଥିଲେ। ଶ୍ରୀ ସାମଲ ଏହି ଅବସରରେ ରାଜ୍ୟ ତଥା ଦେଶକୁ ବିକଶିତ କରିବାର ସଙ୍କଳ୍ପ ନେବାକୁ ସମସ୍ତଙ୍କୁ କହିଥିଲେ।

ଆଜି ରାଜ୍ୟ କାର୍ଯ୍ୟାଳୟଠାରେ ଅନୁଷ୍ଠିତ ମିଶ୍ରଣ ପର୍ବରେ କୋରାପୁଟ ସଂସଦୀୟ କ୍ଷେତ୍ରରୁ ସ୍ୱାଧୀନ ପ୍ରାର୍ଥୀ ଭାବେ ପ୍ରତିଦ୍ୱନ୍ଦ୍ୱିତା କରିଥିବା ଅଭିନାଶ ଗମାଙ୍ଗୋ ନିଜ ସମର୍ଥକଙ୍କ ଗହଣରେ ବିଜେପିରେ ଯୋଗଦାନ କରିଛନ୍ତି । ଏହି ଅବସରରେ ରାୟଗଡା ଗୁଣୁପୁର ନିର୍ବାଚନମଣ୍ଡଳୀର ଯୁବ କଂଗ୍ରେସ ନେତ୍ରୀ ରୁନା ବାଉରୀ, କରୁଣାକର ଶବର, ସଞ୍ଜୀବ କୁମାର ଶବର, ବରିଷ୍ଠ ନେତା ଅମର କୁମାର ଶବର, ପିତାମ୍ବର ଶବର, ମୁରଲୀ ଶବର, ଜଳନ୍ଧର ଶବର, ବରିଷ୍ଠ ନେତ୍ରୀ ଗୌରୀ ଶବର, ରଶ୍ମିତା ଶବର, ବବି ଶବର, ହାରାବତୀ ଶବର, ଯୁବନେତା ଶିବ ଖିଲା, ବାବୁଲି ଖିଲା, ଆଦର୍ଶ ନାୟକ, ମୋସେସ ପିତାର ନାଗ, ରାହୁଲ ଖିଲା, ବିପିନ ଖରା, ସୁଶୀଲ ଗୁଂଠ, ଜେମ୍ସ ଖରା, ଆକାଶ ଚପାଡି ପ୍ରମୁଖ ଆନୁଷ୍ଠାନିକ ଭାବେ ବିଜେପିରେ ସାମିଲ ହୋଇଛନ୍ତି। ଏହି ମିଶ୍ରଣ ଦ୍ୱାରା ରାୟଗଡ଼ା ଜିଲ୍ଲାରେ ଦଳୀୟ ସଂଗଠନ ବୃଦ୍ଧି ପାଇଛି। ସମସ୍ତେ ମିଳିମିଶି ଲୋକଙ୍କ ମୌଳିକ ସମସ୍ୟାର ସମାଧାନ କରି ରାଜ୍ୟ ଓ ଦେଶକୁ ବିକଶିତ କରିବା ଅଭିମୁଖେ ଆଗେଇ ନେବାକୁ ଆମେ ସଂକଳ୍ପ ନେବା ବୋଲି ରାଜ୍ୟ ସଭାପତି ଶ୍ରୀ ସାମଲ କହିଛନ୍ତି। ଏହି ଅବସରରେ ରାଜ୍ୟ ଉପସଭାପତି ଅଶୋକ ମିଶ୍ର, ରାଜ୍ୟ ସାଧାରଣ ସଂପାଦକ ବିରଞ୍ଚି ନାରାୟଣ ତ୍ରିପାଠୀ, ରାଜ୍ୟ ସଂପାଦିକା ସ୍ମୃତି ପଟ୍ଟନାୟକ, ରାୟଗଡା ଜିଲ୍ଲା ପ୍ରଭାରୀ ତଥା ପୂର୍ବତନ ବିଧାୟକ କେ.ନାରାୟଣ ରାଓ, ରାୟଗଡା ଜିଲ୍ଲା ସଭାପତି ଗୋପି ଆନନ୍ଦ ପ୍ରମୁଖ ଉପସ୍ଥିତ ଥିଲେ।

- ଫାଟିଲା ପ୍ରେସର କୁକର

# ଉଡ଼ିଲା ସ୍କୁଲ ଆଜବେଷ୍ଟସ୍, ୨ ରୋଷେୟା ଗୁରୁତର

**ଆଠଗଡ଼ ୩୦।୧ (ସଂଚାର ବ୍ୟୁରୋ):** ସ୍କୁଲରେ ଚାଲିଥିଲା ରୋଷେଇ। ହଠାତ୍ ହେଲା ଭୀଷଣ ଶବ୍ଦ। ଉଡ଼ିଗଲା ଆଜବେଷ୍ଟସ୍। ଦୁଇଜଣ ମହିଳା ହେଲେ ଗୁରୁତର। ଆଠଗଡ଼ ବ୍ଲକ୍ ଅଧୀନସ୍ଥ ଗୋବିନ୍ଦପୁର ଉଚ୍ଚ ପ୍ରାଥମିକ ବିଦ୍ୟାଳୟରେ ମଧାହ୍ନ ଭୋଜନ ରୋଷେଇ ଚାଲିଥିବା ବେଳେ ଏଭଳି ଅଘଟଣ ଘଟିଛି । ପ୍ରେସର କୁକର ଫାଟି ଦୁଇ ଜଣ ପାଚିକା ଗୁରୁତର ହୋଇଥିବା ବେଳେ ଉଡ଼ିଯାଇଛି ଘର ଆଜବେଷ୍ଟସ୍। ଗୁରୁତରଙ୍କୁ ଆଠଗଡ଼ ମେଡିକାଲରେ ଭର୍ତ୍ତି କରାଯାଇଛି। ସୂଚନାଯୋଗ୍ୟ ଯେ, ଶୁକ୍ରବାର ଆଠଗଡ଼ ବ୍ଲକ୍ ଅଧୀନସ୍ଥ ଗୋବିନ୍ଦପୁର ଉଚ୍ଚ ପ୍ରାଥମିକ ବିଦ୍ୟାଳୟରେ ମଧାହ୍ନ ଭୋଜନ ପାଇଁ ରୋଷେଇ ଚାଲିଥିଲା। ପ୍ରେସର କୁକରରେ ଆଳୁ ସିଝିବା ସମୟରେ ହଠାତ ପ୍ରେସର କୁକରଟି ବିସ୍ଫୋରଣ ହୋଇଥିଲା। ଫଳରେ ସେଠାରେ ରୋଷେଇ କରୁଥିବା ଗୋବିନ୍ଦମାଧବପୁର ଗ୍ରାମର ତୁଳସୀ ବେହେରା ଓ ଚଞ୍ଚଳା ନାୟକ ଦୁଇଜଣ ଗୁରୁତର ହୋଇଛନ୍ତି। ଦୁଇ ଗୁରୁତରଙ୍କୁ ଆଠଗଡ ମେଡିକାଲରେ ଭର୍ତ୍ତି କରାଯାଇଛି। ଏଭଳି ଘଟଣା ସାଧାରଣରେ ବିସ୍ମୟ ଭାବ ସୃଷ୍ଟି କରିଛି। ଏନେଇ ପୁଲିସ ଅଧିକ ତଦନ୍ତ ଜାରି ରଖିଥିବା ଜଣାପଡ଼ିଛି।

**ଅନ୍ତର୍ଜାତୀୟ ଐର ଖାରବେଳ ମହୋତ୍ସବର ଦ୍ୱିତୀୟ ସନ୍ଧ୍ୟା**

# ଶୀତୁଆ ରାତିରେ ଲୋକଙ୍କୁ ବାନ୍ଧି ରଖିଲା ଗୋଟିପୁଅ ନୃତ୍ୟ



'ଛୋଟ ମୋର ଗାଁଟି' ନୃତ୍ୟ ମାଧ୍ୟମରେ ମିଳିଲା ଗ୍ରାମ୍ୟ ଜୀବନର ଅନୁଭୂତି

**ଭୁବନେଶ୍ୱର,୩୦।୧ (ସଂଚାର ବ୍ୟୁରୋ):** ଶୀତୁଆ ରାତିରେ ମନମୋହିଛି ପଦ୍ମଶ୍ରୀ ସଚିରାଉତରାୟଙ୍କ 'ଛୋଟ ମୋର ଗାଁଟି...'ର ନୃତ୍ୟ ପରିବେଷଣା। ସହରି ଲୋକଙ୍କ ମନରେ ଭରିଦେଇଛି ଗ୍ରାମ୍ୟ ଜୀବନର ନିଆରା ଅନୁଭୂତି। ଏହା ସହ ଗୋଟିପୁଅ ନୃତ୍ୟ ଦର୍ଶକଙ୍କୁ ମନ୍ତ୍ରମୁଗ୍ଧ କରିଦେଇଛି।

ଆଜି ସ୍ଥାନୀୟ ଖଣ୍ଡଗିରୀ ପାଲ୍ଲୀକାଠାରେ ଐର ଖାରବେଳ ମହୋତ୍ସବ କମିଟି ଏବଂ ଅଗ୍ରଣୀ ସାଂସ୍କୃତିକ ଅନୁଷ୍ଠାନ ଅନୁଚିନ୍ତନମର ମିଳିତ ଆନୁକୂଲ୍ୟରେ ଖଣ୍ଡଗିରି କୁମ୍ଭମେଳା ଅବସରରେ ଅନ୍ତର୍ଜାତୀୟ ଐର ଖାରବେଳ ମହୋତ୍ସବ ୨୦୨୬ର ଦ୍ୱିତୀୟ ସନ୍ଧ୍ୟାକୁ ମହୋତ୍ସବ କମିଟି ଅଧକ୍ଷ ତଥା ଏକାମ୍ର ବିଧାୟକ ବାବୁ ସିଂ ଓ ମୁଖ୍ୟଅତିଥି ଭାବେ ଓଡ଼ିଶା ବିଧାନସଭା ମୁଖ୍ୟ ସଚେତକ ସରୋଜ ପାଢ଼ୀ ଯୋଗଦେଇ ଉଦଘାଟିତ କରିଥିଲେ। ଏହି ଅବସରରେ ମହୋତ୍ସବ କମିଟି ଅଧକ୍ଷ ତଥା ଏକାମ୍ର ବିଧାୟକ ବାବୁ ସିଂ କହିଛନ୍ତି ଯେ, ଅନ୍ତର୍ଜାତୀୟ ଐର ଖାରବେଳ ମହୋତ୍ସବ ଆସନ୍ତା କାଲି ଉଦଯାପିତ ହେବ। ଓଡିଶା ଗୌରବାବହ ଇତିହାସ ସହ ଉତ୍ତର ପିଢ଼ିକୁ ଯୋଡି ଉତ୍କଳୀୟ ସାଂସ୍କୃତିକ ମାନଚିତ୍ରକୁ ସୁଦୃଢ କରାଇବା ଏହାର ମୂଳ ଲକ୍ଷ୍ୟ। ଅଶ୍ଳୀଳ ପରମ୍ପରା ବିରୁଦ୍ଧରେ ଲଢ଼ି ଓଡିଶା ସଂସ୍କୃତିକୁ ଅକ୍ଷୁର୍ଣ୍ଣ ରଖିବା ଆମର ଉଦେଶ୍ୟ। ଏଥିରେ ଦେଶ ଓ ବିଦେଶର ବହୁ ସୁନାମ ଧନ୍ୟ କଳାକାର ଯୋଗ ଦେଇଛନ୍ତି। ଆଜି ମଞ୍ଚରେ ପଦ୍ମଶ୍ରୀ ସଚିରାଉତରାୟଙ୍କ 'ଛୋଟ ମୋର ଗାଁଟି...' ନୃତ୍ୟ ସହରୀ ଲୋକଙ୍କୁ ଗ୍ରାମ୍ୟ ଜୀବନ ଅନୁଭୂତି ଦେଇଥିଲା, ନୁପୁର ଡାନ୍ସ ଏକାଡେମୀ ପକ୍ଷରୁ ପାଟ୍ରିଓଟିକ ଟ୍ରାଡିସନାଲ, ଆରାଧନା ଡାନ୍ସ ଏକାଡେମୀ ପକ୍ଷରୁ ଗୋଟିପୁଅ ନୃତ୍ୟ, ମୋଇନୁଲ ହାକକ୍ୱେ ପକ୍ଷରୁ ମିନି ଆଟ୍ ଗୋୱାଟି, ମୟୂରଭଞ୍ଜର ଲୋକ ନୃତ୍ୟ, ପଲ୍ଲୀ ନୃତ୍ୟ ଆଦି ପରିବେଷଣ କରିଥିଲେ ବିଭିନ୍ନ ଅନୁଷ୍ଠାନ ବୋଲି ଶ୍ରୀ ସିଂ କହିଥିଲେ।

**ମନ୍ତ୍ରୀଙ୍କ ଘରେ ସହାୟକଙ୍କ ମୃତଦେହ ଉଦ୍ଧାର ଘଟଣା**

# ମୃତ୍ୟୁ ସନ୍ଦେହଜନକ, ଚାଲିଛି ପୁଲିସର ଛାନ୍‌ଭିନ୍

**ଭୁବନେଶ୍ୱର,୩୦।୧ (ସଂଚାର ବ୍ୟୁରୋ):** ଯୋଗାଣ ମନ୍ତ୍ରୀ କୃଷ୍ଣଚନ୍ଦ୍ର ପାତ୍ରଙ୍କ ଘରୁ ତାଙ୍କ ସହାୟକଙ୍କ ମୃତଦେହ ସନ୍ଦେହଜନକ ଅବସ୍ଥାରେ ଉଦ୍ଧାର ହୋଇଛି। ମୃତକ ହେଲେ ବଲାଙ୍ଗୀର ଜିଲ୍ଲା ବେଲପାହାଡ଼ ଅଞ୍ଚଳର ଶଙ୍କର୍ଷଣ ନାଗ(୪୬)। ତେବେ ତାଙ୍କର କିଭଳି ଓ କେଉଁ କାରଣରୁ ମୃତ୍ୟୁ ଘଟିଲା ତାହା ସନ୍ଦେହ ଘେରରେ ରହିଛି। ବିଦ୍ୟୁତ୍ ଆଘାତରେ ଶଙ୍କର୍ଷଣଙ୍କ ମୃତ୍ୟୁ ଘଟିଥିବା କୁହାଯାଉଥିବା ବେଳେ ପ୍ରକୃତ କାରଣ ଏବେ ବି ଅସ୍ପଷ୍ଟ ରହିଛି। ଏନେଇ କ୍ୟାପିଟାଲ୍ ଥାନା ପୁଲିସ ଏକ ଅପମୃତ୍ୟୁ ମାମଲା ରୁଜୁ କରି ଘଟଣାର ତଦନ୍ତ କରୁଛି। ସୂଚନା ମୁତାବକ, ଶଙ୍କର୍ଷଣ କିଛିଦିନ ହେବ ଯୋଗାଣ ମନ୍ତ୍ରୀଙ୍କ ସହାୟକ ଭାବେ କାର୍ଯ୍ୟ କରୁଥିଲେ। ସେ ମନ୍ତ୍ରୀଙ୍କ ପରିବାର ସହ ରହି ଆସୁଥିଲେ। ସକାଳୁ କାମ କରିବା ପାଇଁ ସେ ଏକ ପ୍ରକୋଷ୍ଠକୁ ଯାଇଥିଲେ। ଦିନ ପାଖାପାଖି ୯ଟା ସମୟରେ ଅନ୍ୟ କର୍ମଚାରୀ ସେହି ପ୍ରକୋଷ୍ଠକୁ ଯିବା ବେଳକୁ ଶଙ୍କର୍ଷଣ ସଂଜ୍ଞାହୀନ ଅବସ୍ଥାରେ ତଳେ ପଡ଼ିରହିଥିବା ଦେଖିବାକୁ ପାଇଥିଲେ। ତାଙ୍କୁ ଏଭଳି ଅବସ୍ଥାରେ ଦେଖି ତୁରନ୍ତ ଚିକିତ୍ସା ପାଇଁ କ୍ୟାପିଟାଲ୍ ହସ୍ପିଟାଲ୍ ନିଆଯାଇଥିଲା। ହେଲେ ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ଖବର ପାଇ କ୍ୟାପିଟାଲ୍ ଥାନା ପୁଲିସ ଘଟଣାସ୍ଥଳରେ ପହଞ୍ଚି ମୃତଦେହକୁ ଜବତ କରି ବ୍ୟବଚ୍ଛେଦ ପାଇଁ ପଠାଇଛି। ପରେ ପୁଲିସ ମନ୍ତ୍ରୀଙ୍କ କ୍ୱାର୍ଟର୍ସକୁ ଯାଇ ତାଙ୍କ ପରିବାରଲୋକଙ୍କ ସହ ଆଲୋଚନା କରିଥିଲା। କେମିତି ଓ କେତେବେଳେ ଶଙ୍କର୍ଷଣଙ୍କ ମୃତ୍ୟୁ ଘଟିଲା? କେଉଁ କାରଣରୁ ସଂଜ୍ଞାହୀନ ହେଲେ? ସମସ୍ତ ଦିଗକୁ ନେଇ ପଚରାଉଚରା କରିବା ସହ ସେଠାରେ ଉପସ୍ଥିତ କିଛି କର୍ମଚାରୀଙ୍କ ବୟାନ ମଧ ରେକର୍ଡ କରିଛି। ପ୍ରାଥମିକ ତଦନ୍ତରୁ ବିଦ୍ୟୁତ୍ ଆଘାତରେ ଶଙ୍କର୍ଷଣଙ୍କ ମୃତ୍ୟୁ ଘଟିଥିବା କୁହାଯାଉଛି। ବ୍ୟବଚ୍ଛେଦ ରିପୋର୍ଟ ଆସିବା ପରେ ମୃତ୍ୟୁର ପ୍ରକୃତ କାରଣ ଜଣାପଡ଼ିବ ବୋଲି ପୁଲିସ କହିଛି।

**ଖଣ୍ଡଗିରିରେ ବିଶ୍ୱାସ ବନାମ ବିଜ୍ଞାନର ଲଢ଼େଇ**

# ଅନ୍ଧବିଶ୍ୱାସ ରୋକିବାକୁ ବୈଦିକ ଧର୍ମ ପରିଷଦ ବୈଠକ



**ଭୁବନେଶ୍ୱର,୩୦।୧ (ସଂଚାର ବ୍ୟୁରୋ):** ଖଣ୍ଡଗିରି ମାଘ ମେଳାରେ ଚାଲିଛି ବିଶ୍ୱାସ ବନାମ ବିଜ୍ଞାନର ଲଢେଇ। ମାଳ ମାଳ ସାଧୁ ଓ ବାବାଙ୍କ ମଧରେ ଚାଲିଛି ପ୍ରତିଯୋଗିତା। କିଏ ଡାକୁଛି, ଆସ ଆସ କାହାର କ'ଣ ରିଷ୍ଟ ଅଛି, ଅଧାରେ ଅଟକିବା କାମ ବି ଚାଲିବ। ଯିଏ ଆସିବ ବାଟ ଫିଟିବ। କିଏ ପୁଣି ବିଭୂତି କି କଦଳୀ ଦେଇ ନିଃସନ୍ତାନ ସମସ୍ୟା ଦୂର କରୁଛି। ଭୁବନେଶ୍ୱର ସହ କଟକ, ପୁରୀ, ନୟାଗଡ଼, ଯାଜପୁର, ଗଞ୍ଜାମ, ଏପରିକି ପଶ୍ଚିମବଙ୍ଗ, ଉତ୍ତରପ୍ରଦେଶରୁ ଆସୁଛନ୍ତି ଭକ୍ତ। କିଏ ଆଗେ ଭେଟିବ, କିଏ ପ୍ରଥମେ ପରାମର୍ଶ ନେବ, ଏଥିପାଇଁ ସକାଳୁ ଆସି ଜଗୁଛନ୍ତି। ସନ୍ଧ୍ୟା ଓ ରାତିକୁ ଆସୁଛନ୍ତି ଭିଆଇପି।

ଦାମୀ ଗାଡ଼ି ଆସି ଖଣ୍ଡଗିରି ପାହାଡ଼ ପାଦଦେଶରେ ଲାଗୁଛି। ଭିଆଇପିମାନେ ଆସି ସାଧୁଙ୍କୁ ଭେଟି ଭାଗ୍ୟ ଭବିଷ୍ୟତ ବୁଝୁଛନ୍ତି। ସାଧୁଙ୍କୁ ମୋଟା ଅଙ୍କର ଟଙ୍କା ବି ଦେଉଛନ୍ତି। ଖଣ୍ଡଗିରି ମାଘମେଳା ଅବସରରେ ଏଭଳି ଦୃଶ୍ୟ ଏବେ ଦେଖିବାକୁ ମିଳୁଛି। ମେଳାରେ ଅନ୍ଧବିଶ୍ୱାସ ଓ ଗୁଣିଗାରେଡ଼ିର ସ୍ୱରୂପ ଦେଖିବାକୁ ମିଳୁଛି। ଯେଉଁମାନେ ଅନ୍ଧବିଶ୍ୱାସକୁ ପ୍ରଶ୍ରୟ ଦିଆଯିବନି ବୋଲି ନିୟମ କରିଥିଲେ, ସେମାନେ ଏବେ ଚୁପ୍ ବସିଛନ୍ତି। ପୁଲିସ ଓ ବିଏମସି ମଧ ଆଖି ବୁଜିଦେଇଛି। ଚଳିତ ବର୍ଷ ମେଳାକୁ ଜଣେ ନାଗାବାବା ଆସିଛନ୍ତି। ତାଙ୍କ ବିଭୂତି ଖାଇଲେ ନିଃସନ୍ତାନ ଦମ୍ପତି ସନ୍ତାନ ଜନ୍ମ କରିବେ ବୋଲି ଦାବି କରିଛନ୍ତି। ସେହିପରି ଆଉ ଜଣେ ହେଲେ କଦଳୀ ବାବା। ଯିଏ କି ମନ୍ତୁରା କଦଳୀ ବାଣ୍ଟୁଛନ୍ତି। ମନ୍ତୁରା କଦଳୀ ଖାଇଲେ, ସବୁ ମନସ୍କାମନା ପୂରଣ ହେବ ବୋଲି ଦାବି କରୁଛନ୍ତି। ଏଭଳି କିଛି ସାଧୁଙ୍କ ପାଇଁ ପ୍ରକୃତ ସାଧୁ ଲୁଚିଯାଉଥିବା ଅଭିଯୋଗ ହୋଇଛି।

ଏହି ପ୍ରସଙ୍ଗ ଉପରେ ମେଳା ଆୟୋଜକ ଓ ବିଶ୍ୱ ସନାତନ ବୈଦିକ ଧର୍ମ ପରିଷଦର କର୍ମକର୍ତ୍ତା ଆଜି ଆଲୋଚନା କରିଛନ୍ତି। ପରିଷଦକୁ ଏ ସମ୍ପର୍କରେ କିଛି ସାଧୁ ଆସି ଅବଗତ କରିବା ପରେ ଏକ ଗୁରୁତ୍ୱପୂର୍ଣ୍ଣ ବୈଠକ ଆୟୋଜିତ ହୋଇଥିଲା। ବୈଠକରେ ଭଣ୍ଡ ଓ ଅନ୍ଧବିଶ୍ୱାସ କି ଗୁଣିଗାରେଡ଼ିକୁ କିପରି ରୋକାଯିବ ସେ ଉପରେ ଗୁରୁତ୍ୱ ଦିଆଯାଇଥିଲା। ପୂର୍ବରୁ ଏନେଇ ବିଏମସିକୁ ଫେରାଦ ହୋଇଥିଲା। ଖଣ୍ଡଗିରିରେ କୌଣସି ଅପସଂସ୍କୃତିକୁ ପ୍ରବେଶ କରାଇ ଦିଆଯିବନି ବୋଲି ଏସଓପି ଆଣିବାକୁ ଦାବି ବି ହୋଇଥିଲା। ବିଏମସି ନିର୍ଦ୍ଦେଶନାମା ମଧ ଜାରି କରିଥିଲା। ମାତ୍ର ଏହା କାର୍ଯ୍ୟକାରୀ ହେଉନି। ଆସନ୍ତାକାଲି ଏହା ଉପରେ ପୁଣିଥରେ ବୈଠକ ବସି ପୁଲିସ ଓ ବିଏମସି ଅଧିକାରୀଙ୍କୁ ଏ ବିଷୟରେ ଅବଗତ କରାଯିବ ବୋଲି ପରିଷଦର ଅଧକ୍ଷ ବାବା ପଞ୍ଚଦେବ କହିଛନ୍ତି।

# ଅଡୁଆରେ ପୁରୀ ଜିଲ୍ଲାପାଳ

- ଅଦାଲତ ଅବମାନନା ନୋଟିସ ଜାରି

**କଟକ,୩୦।୧ (ସଂଚାର ବ୍ୟୁରୋ) :** ଓଡିଶା ହାଇକୋର୍ଟଙ୍କ ନିର୍ଦ୍ଦେଶ ପାଳନ ନକରି ଅଡୁଆରେ ପଡ଼ିଛନ୍ତି ପୁରୀ ଜିଲ୍ଲାପାଳ। ପୁରୀ ଜିଲ୍ଲାପାଳଙ୍କୁ ହାଇକୋର୍ଟ ଅଦାଲତ ଅବମାନନା ନୋଟିସ ଜାରି କରିଛନ୍ତି। ଜିଲ୍ଲାପାଳ ହାଇକୋର୍ଟଙ୍କ ନିର୍ଦ୍ଦେଶ ପାଳନ କରି ନଥିବାରୁ ତାଙ୍କୁ ଅଦାଲତ ଅବମାନନା ମାମଲାରେ କାହିଁକି ଦଣ୍ଡିତ କରାଯିବ ନାହିଁ ସେ ନେଇ ଜବାବ ତଲବ କରିଛନ୍ତି ହାଇକୋର୍ଟ। ପ୍ରସ୍ତାବିତ କୋଣାର୍କ ବାଲୁଖଣ୍ଡ ଅଭୟାରଣ୍ୟ ପ୍ରସଙ୍ଗରେ ହାଇକୋର୍ଟଙ୍କ ନିର୍ଦ୍ଦେଶ ପାଳନ ହୋଇନଥିବା ନେଇ ଯେଉଁ ଅଭିଯୋଗ ହୋଇଛି, ସେ ନେଇ ତିନି ସପ୍ତାହ ମଧରେ ଜବାବ ଦାଖଲ ପାଇଁ ନିର୍ଦ୍ଦେଶ ଦେଇଛନ୍ତି ଅଦାଲତ। ୧୯୮୭ ମସିହାରେ ପ୍ରସ୍ତାବିତ କୋଣାର୍କ ବାଲୁଖଣ୍ଡ ଅଭୟାରଣ୍ୟ ପାଇଁ ଜାରି ହୋଇଥିଲା ବିଜ୍ଞପ୍ତି। ବିଜ୍ଞପ୍ତିର ଦୀର୍ଘ ବର୍ଷ ପରେ ବି ଜମି ଅଧିଗ୍ରହଣ ହୋଇନାହିଁ, ଏପରିକି ଜମି ମାଲିକମାନଙ୍କୁ କୌଣସି କ୍ଷତିପୂରଣ ମଧ ମିଳିନାହିଁ। ତେବେ ପ୍ରସ୍ତାବିତ ଅଭୟାରଣ୍ୟ ସମ୍ପର୍କରେ ଚୂଡାନ୍ତ ନିଷ୍ପତ୍ତି ନେବାପାଇଁ ୨୦୨୪ ମସିହାରେ ନିର୍ଦ୍ଦେଶ ଦେଇଥିଲେ ଓଡିଶା ହାଇକୋର୍ଟ। ଗତ ଡିସେମ୍ବର ସୁଦ୍ଧା ଚୂଡାନ୍ତ ନିଷ୍ପତ୍ତି ନେବାକୁ ହାଇକୋର୍ଟ ମହଲତ ମଧ ଦେଇଥିଲେ। କିନ୍ତୁ ତାହା କାର୍ଯ୍ୟକାରୀ ହୋଇ ନଥିବାରୁ କ୍ଷତିଗ୍ରସ୍ତ ଜମି ମାଲିକମାନେ ହାଇକୋର୍ଟଙ୍କ




ପ୍ରତିଷ୍ଠାତା: ଡାକ୍ତର ଦାମୋଦର ରାଉତ
Published by Sri Rudra Pratap Das at Plot No.312, Flat No.003,Green High Appartment, Kharvel Nagar, Bhubaneswar, Dist-Khorda-751001 and Owned by Sri Saroj Kumar Nayak of Plot No.495, Nilakantha Nagar, Nayapalli, Bhubaneswar-751012 and printed by Sri Sudhir Kumar Panda at Nijukti Khabar Prakashan, TS 3/191, Mancheswar Industrial Estate, Bhubaneswar-751010, Dist-Khurda (Odisha) Ph. No. 8093008776
Editor: Himanshu Bhusan Kar
ସମ୍ପାଦକ: ହିମାଂଶୁ ଭୂଷଣ କର
Chief Editor: Ajit Kumar Dash
ମୁଖ୍ୟ ସମ୍ପାଦକ: ଅଜିତ କୁମାର ଦାଶ






# ୯,୬୫୦ ଟଙ୍କା କମିଲା ସୁନା

ଭୁବନେଶ୍ୱର, ୩୦।୧: ଗୁରୁବାର ବଡ଼ ଧରଣର ବୃଦ୍ଧି ପରେ ଶୁକ୍ରବାର ସୁନା ମୂଲ୍ୟରେ ହ୍ରାସ ଘଟିଛି। ଭୁବନେଶ୍ୱରରେ ୨୪ କ୍ୟାରେଟ୍ ସୁନାର ୧୦ ଗ୍ରାମ ପିଛା ମୂଲ୍ୟ ୯୬୫୦ ଟଙ୍କା ହ୍ରାସ ପାଇ ୧,୬୯,୨୦୦ ଟଙ୍କାକୁ ହ୍ରାସ ପାଇଛି। ୨୨ କ୍ୟାରେଟ୍ ସୁନାର ୧୦ ଗ୍ରାମ ପିଛା ଦାମ୍ ୮୮୫୦ ଟଙ୍କା ହ୍ରାସ ପାଇ ୧,୫୫,୧୦୦ ଟଙ୍କା ହୋଇଛି। ଗତକାଲି ୨୨ କ୍ୟାରେଟ୍ ଓ ୨୪ କ୍ୟାରେଟ୍ ସୁନା ଦାମ୍‌ରେ ଯଥାକ୍ରମେ ୧୦,୮୦୦ ଟଙ୍କା ଓ ୧୧,୭୭୦ ଟଙ୍କାର ବୃଦ୍ଧି ଘଟିଥିଲା। ଫଳରେ ସୁନା ଦର ସର୍ବକାଳୀନ ରେକର୍ଡ ସ୍ତରରେ ପହଞ୍ଚିଯାଇଥିଲା। ଚଳିତ ମାସ ୨୩ ପରଠାରୁ ଲଗାତାର ଭାବେ ସୁନା ଦର ବଢୁଥିଲା। ଆଜି ଭୁବନେଶ୍ୱରରେ ରୁପା ବି ଶସ୍ତା ହୋଇଛି। ରୁପା କେଜି ୧୦ହଜାର ଟଙ୍କା ଶସ୍ତା ହୋଇ ୪,୧୫,୦୦୦ ଟଙ୍କାକୁ ହ୍ରାସ ପାଇଛି। ତା' ପୂର୍ବରୁ ୬ ଦିନରେ ରୁପା କେଜି ୮୫ ହଜାର ଟଙ୍କା ବଢ଼ିଥିଲା। ଗତକାଲି ଏହି ଦର ସର୍ବକାଳୀନ ରେକର୍ଡ ସ୍ତର ୪,୨୫,୦୦୦ ଟଙ୍କାରେ ପହଞ୍ଚିଯାଇଥିଲା। ଆମେରିକା ଶୁଳ୍କ, ଭୂରାଜନୈତିକ ସଙ୍କଟ, ବାଣିଜ୍ୟ କଟକଣା, ଶକ୍ତିଶାଳୀ ଡଲାର ଭଳି ବିଭିନ୍ନ କାରଣ ପ୍ରଭାବରେ ସୁନା ଓ ରୁପା ଉଭୟ ମହଙ୍ଗା ହେଉଛି। ଅନ୍ତର୍ଜାତୀୟ ବଜାରରେ ସୁନାର ଆଉନ୍ସ ପିଛା ଦର ୫,୫୧୧.୭୯ ଡଲାର ରହିଛି। ପ୍ରଥମ ଥର ପାଇଁ ସୁନା ୫୦୦୦ ଡଲାରରୁ ଉପରେ ଦେଖିବାକୁ ମିଳିଛି। ସେହିପରି, ରୁପାର ଆଉନ୍ସ ପିଛା ଦର ମଧ୍ୟ ୧୧୮ ଡଲାର ରହିଛି। ରୁପା ଅଧିକ ରିଟର୍ଣ୍ଣ ଦେଉଥିବାରୁ ସୁନାରେ ନିବେଶ କରୁଥିବା ନିବେଶକମାନେ ଏବେ ବିପୁଳ ରାଶି ରୁପାରେ ନିବେଶ କରୁଛନ୍ତି। ଫଳରେ ଏହି ମୂଲ୍ୟବାନ ଧାତୁର ଚାହିଦା ବଢ଼ିବା ସହ ବଜାରରେ ତାହାର ଅଭାବ ଦେଖାଦେଇଛି। ଶିଳ୍ପ ଜଗତରେ ମଧ୍ୟ ରୁପାକୁ ବିପୁଳ ମାତ୍ରାରେ ବ୍ୟବହାର କରାଯାଉଛି।

## ୧୦ ବର୍ଷରେ ୩ ଗୁଣା ବୃଦ୍ଧି




# ଗୃହ ଋଣ ଜିଡିପିର ୧୧%

ନୂଆଦିଲ୍ଲୀ, ୩୦।୧: ଜୀବନରେ ନିଜର ଘର ଖଣ୍ଡିଏ କରିବା ଏବେବି ଭାରତୀୟମାନଙ୍କ ସବୁଠୁ ବଡ଼ ସ୍ୱପ୍ନ ହୋଇରହିଛି। ସେହି ସ୍ୱପ୍ନ ସାକାର କରିବା ଲାଗି ଅଧିକାଂଶ ଲୋକ ନିଜ ଆର୍ଥିକ ସାମର୍ଥ୍ୟ ବାହାରକୁ ଯାଇ ଋଣ କରୁଛନ୍ତି। ତାହାର ପ୍ରଭାବରେ ଗତ ୧୦ ବର୍ଷରେ ଗୃହ ଋଣ ଚାହିଦାରେ ୩ ଗୁଣା ବୃଦ୍ଧି ଘଟି ୩୭ ଲକ୍ଷ କୋଟି ଟଙ୍କା ହୋଇଯାଇଛି। ଗୃହ ଋଣ ପରିମାଣ ଦେଶର ମୋଟ ଘରୋଇ ଉତ୍ପାଦ (ଜିଡିପି)ର ୧୧ ପ୍ରତିଶତରେ ପହଞ୍ଚିଛି। ୨୦୧୫ ମାର୍ଚ୍ଚ ବେଳକୁ ମୋଟ୍ ଗୃହ ଋଣ ୧୦ ଲକ୍ଷ କୋଟି ଟଙ୍କା ପାଖାପାଖି ଥିଲା ଓ ଜିଡିପିକୁ ତାହାର ଅବଦାନ ମାତ୍ର ୮ ପ୍ରତିଶତ ରହିଥିଲା ବୋଲି ଅର୍ଥନୈତିକ ସର୍ଭେ ରିପୋର୍ଟରୁ ଜଣାପଡ଼ିଛି। ଦେଶର ଅର୍ଥନୈତିକ ଅଭିବୃଦ୍ଧିଠାରୁ ଗୃହ ଋଣରେ ବୃଦ୍ଧି ଅଧିକ ରହିଛି। ଜାତୀୟ ଆୟ ଓ ଋଣରେ ମଧ୍ୟ ଏହାର ସିଂହଭାଗ ଅଂଶ ରହିଛି। ଏଥିରୁ ଗୋଟିଏ କଥା ବୁଝାପଡୁଛି ଯେ ଅଧିକାଂଶ ଲୋକ ନିଜ ଘର ସ୍ୱପ୍ନକୁ ଋଣ ଜରିଆରେ ପୂରଣ କରୁଛନ୍ତି। ଅନ୍ୟାନ୍ୟ ଋଣଠାରୁ ଗୃହ ଋଣ ସମ୍ପୂର୍ଣ୍ଣ ଭିନ୍ନ। ଏହାର ପରିଶୋଧ ଅବଧି ୧୫-୨୫ ବର୍ଷ ପର୍ଯ୍ୟନ୍ତ ଲମ୍ବା ରହିଥାଏ। ତେଣୁ ଏହି ଋଣ ନେବା ପୂର୍ବରୁ ଲୋକମାନେ ନିଜ ଆୟ, ସଞ୍ଚୟ, ପିଲାଙ୍କ ପାଠପଢ଼ା ଓ ଅନ୍ୟାନ୍ୟ ଖର୍ଚ୍ଚ ଆଦି ବିଚାରକୁ ନେବା ପରେ ଆଗକୁ ବଢ଼ିଥାନ୍ତି। ସେଥିପାଇଁ ଏହି ଋଣ ଲୋକଙ୍କ ଭିତରେ ଆର୍ଥିକ ସଚେତନତା ଅଧିକ ଥିବାର ଏକ ପ୍ରମାଣ ବୋଲି କୁହାଯାଇପାରିବ। ଏହାର ପ୍ରଭାବରେ ଲୋକମାନେ ନିଜର ଅବସରକାଳୀନ ପାଣ୍ଠି, ପିଲାଙ୍କ ପାଠପଢ଼ା, ବୀମା ଓ ନିବେଶ ଆଦିର ଆଗୁଆ ଯୋଜନା କରିବା ସହ ସେଗୁଡ଼ିକୁ ସଂଗଠିତ କରିପାରୁଛନ୍ତି। ପୂର୍ବରୁ ଲୋକମାନେ ନିଜର ଜୀବନସାରାର ସଞ୍ଚିତ ରାଶି କିମ୍ବା ପରିବାରର ଟଙ୍କା କିମ୍ବା ଅଣସଂଗଠିତ କ୍ଷେତ୍ରରୁ ଧାର କରଜ କରି ଘର କିଣୁଥିଲେ। ଏବେ କିନ୍ତୁ ଲୋକମାନେ ଲମ୍ବା ସମୟର ଇଏମ୍‌ଆଇ ଜରିଆରେ ଘର କିଣୁଛନ୍ତି। ଏକକାଳୀନ ମୋଟା ଅଙ୍କର ରାଶି ଦେବା ବଦଳରେ ଲୋକମାନେ ମାସିକିଆ କିସ୍ତିରେ ଘର କିଣିବାକୁ ପସନ୍ଦ କରୁଛନ୍ତି।

# ଭାରତୀୟ ଆଇଟି କର୍ମଚାରୀଙ୍କୁ ଆତ୍ମହତ୍ୟା ଆଡ଼କୁ ଟାଣି ନେଉଛି ଏଆଇ ଚିନ୍ତା

ନୂଆଦିଲ୍ଲୀ, ୩୦।୧: ଭାରତୀୟ ଆଇଟି କର୍ମଚାରୀଙ୍କ ପାଇଁ ଅବସାଦ ଆଣୁଛି ଆର୍ଟିଫିସିଆଲ୍ ଇଣ୍ଟେଲିଜେନ୍ସ ବା ଏଆଇ। ଚିନ୍ତା ଏତେ ଘାରୁଛି ଯେ, ଭାରତୀୟ ଆଇଟି କର୍ମଚାରୀମାନେ ଆତ୍ମହତ୍ୟା ମୁହଁକୁ ଠେଲି ହୋଇଯାଉଛନ୍ତି ବୋଲି ରିପୋର୍ଟ ପ୍ରକାଶ ପାଇଛି। ଏଆଇ ଦ୍ୱାରା ଚିନ୍ତା ଏବଂ କାର୍ଯ୍ୟ କରିବାର ସମୟ ଉଭୟ କର୍ମଚାରୀଙ୍କ ମାନସିକ ସ୍ୱାସ୍ଥ୍ୟ ଉପରେ ପ୍ରଭାବ ପକାଉଛି ବୋଲି 'ରେଷ୍ଟ ଅଫ ଓ୍ୱାର୍ଲ୍ଡ' ରିପୋର୍ଟରୁ ଜଣାପଡ଼ିଛି। ଏହି ସବୁ ଚିନ୍ତା କର୍ମଚାରୀଙ୍କ ମଧ୍ୟରେ ଆତ୍ମହତ୍ୟାକୁ ପ୍ରୋତ୍ସାହିତ କରୁଛି। ତେବେ ଏନେଇ ସ୍ପଷ୍ଟ ତଥ୍ୟ ନାହିଁ। ଏଆଇର ଚିନ୍ତା କଣ କେବଳ ଆଇଟି କର୍ମଚାରୀଙ୍କୁ ଘାରୁଛି ନା ଅନ୍ୟ ସେକ୍ଟରରେ ଏହାର ପ୍ରଭାବ ରହିଛି, ସେନେଇ ବିଶେଷ ତଥ୍ୟ ନାହିଁ ବୋଲି ରିପୋର୍ଟରେ କୁହାଯାଇଛି।

ବିଭିନ୍ନ ଗଣମାଧ୍ୟମର ଖବରକୁ ନେଇ ରିପୋର୍ଟରେ ଉଲ୍ଲେଖ ରହିଛି ଯେ, ୨୦୧୭-୨୦୨୫ ମଧ୍ୟରେ ୨୨୭ ଆଇଟି କର୍ମଚାରୀ ଆତ୍ମହତ୍ୟା କରିଥିବା ସୂଚନା ମିଳିଛି। ସେମାନଙ୍କ ମଧ୍ୟରେ, ଚେନ୍ନାଇର ଏକ ସଫ୍ଟୱେର କମ୍ପାନିର ମ୍ୟାନେଜର ଛାତରୁ ଡେଇଁ ଆତ୍ମହତ୍ୟା କରିଥିଲେ। କାର୍ଯ୍ୟ ଚାପ ଯୋଗୁଁ ସେ ଏଭଳି ଚରମ ନିଷ୍ପତ୍ତି ନେଇଥିଲେ ବୋଲି ପୋଲିସ କହିଥିଲା। ସେହିଭଳି ପୁଣେରେ ଜଣେ ୩୬ ବର୍ଷୀୟ ଆଇଟି କର୍ମଚାରୀ ନଦୀକୁ ଡେଇଁ ଜୀବନ ହାରିଥିଲେ। ଆଉ ଜଣେ ୩୮ ବର୍ଷୀୟ ସଫ୍ଟୱେର ଇଞ୍ଜିନିୟର ନିଜକୁ କରେଣ୍ଟ ଦେଇ ଆତ୍ମହତ୍ୟା କରିଥିଲେ। କାର୍ଯ୍ୟ ଚାପ ଯୋଗୁଁ ସେ ନିଜ ଜୀବନ ଶେଷ କରିବା ଭଳି ଚରମ ନିଷ୍ପତ୍ତି ନେଇଥିଲେ।ଇଣ୍ଡିଆନ୍ ଇନଷ୍ଟିଚ୍ୟୁଟ୍ ଅଫ୍ ଟେକ୍ନୋଲୋଜି ଖଡ଼ଗପୁର କମ୍ପ୍ୟୁଟର ସାଇନ୍ସ



ଏବଂ ଇଞ୍ଜିନିୟରିଂର ବରିଷ୍ଠ ପ୍ରଫେସର ଜୟନ୍ତ ମୁଖୋପାଧ୍ୟାୟ ରେଷ୍ଟ ଅଫ୍ ୱାର୍ଲ୍ଡକୁ କହିଛନ୍ତି ଯେ, ଏଆଇ ଯୋଗୁଁ ଟେକ୍ କର୍ମଚାରୀମାନେ "ସେମାନଙ୍କ ଚାକିରି ବିଷୟରେ ଏକ ବିରାଟ ଅନିଶ୍ଚିତତା"ର ସମ୍ମୁଖୀନ ହେଉଛନ୍ତି। ଏହା କମ୍ପାନୀଗୁଡ଼ିକୁ ଖର୍ଚ୍ଚ ହ୍ରାସ କରିବା ପାଇଁ ପ୍ରଯୁକ୍ତିବିଦ୍ୟାରେ ନିବେଶ କରିବାକୁ ପ୍ରେରଣା ଦେଇଛି। ରିପୋର୍ଟରେ କୁହାଯାଇଛି ଯେ, ପ୍ରବେଶ-ସ୍ତରୀୟ ଚାକିରିଗୁଡ଼ିକ ସର୍ବାଧିକ ବିପଦରେ ଅଛି ଏବଂ ଭାରତର ଆଇଟି ଶିଳ୍ପ ମଧ୍ୟ ଏଥିରୁ ମୁକ୍ତ ନୁହେଁ। ୨୦୨୫ରେ, ଆମେରିକାର ଟେକ୍ନୋଲୋଜି କ୍ଷେତ୍ର ୧.୫ ଲକ୍ଷ ଚାକିରି ହ୍ରାସ କରିଥିଲା। କର୍ଣ୍ଣେଲ ବିଶ୍ୱବିଦ୍ୟାଳୟର ଆଇଟି ସହାୟକ ପ୍ରଫେସର ଆଦିତ୍ୟ ବଶିଷ୍ଠଙ୍କ ଅନୁସାରେ, ଗ୍ରାହକ ସେବା ପ୍ରତିନିଧି ଭଳି ଚାକିରି ପ୍ରଥମେ ପ୍ରଭାବିତ ହୋଇପାରେ। ଆର୍ଟିଫିସିଆଲ୍ ଇଣ୍ଟେଲିଜେନ୍ସର ଚାପ ଏବଂ ଆମେରିକା-ଭାରତ ବାଣିଜ୍ୟିକ ସମ୍ପର୍କର ଉତ୍ତେଜନା ମଧ୍ୟରେ ଟିସିଏସ ଗତ ବର୍ଷ ଅକ୍ଟୋବରରେ ପ୍ରାୟ ୨୦ ହଜାର କର୍ମଚାରୀଙ୍କୁ ଛଟେଇ କରିଥିଲା। କମ୍ପାନୀ ଏଆଇ ଏବଂ ସ୍ୱୟଂଚାଳିତ ସେବା ଆଡକୁ ଅଗ୍ରସର ହେଉଥିବାରୁ ଏହା ମାର୍ଚ୍ଚ ୨୦୨୬ ସୁଦ୍ଧା ଏହାର ବିଶ୍ୱସ୍ତରୀୟ କର୍ମଚାରୀଙ୍କ ଦୁଇ ପ୍ରତିଶତ ହ୍ରାସ କରିବାକୁ ଯୋଜନା କରୁଛି।

ରିପୋର୍ଟରେ କୁହାଯାଇଛି ଯେ, କାର୍ଯ୍ୟ ଘଣ୍ଟା ବୃଦ୍ଧି ଯୋଗୁଁ କର୍ମଚାରୀମାନେ ଏକାକୀ ହୋଇଯାଉଛନ୍ତି ଏବଂ ଯେଉଁମାନେ ନିଯୁକ୍ତି ପାଉଛନ୍ତି ସେମାନେ ନିରନ୍ତର ଚାକିରି ହରାଇବାର ଆଶଙ୍କାରେ ଅଛନ୍ତି। ଏହି ସବୁ ପ୍ରସଙ୍ଗ ଉପରେ ଅଧିକ ଧ୍ୟାନ ଦେଉଥିବା କର୍ମଚାରୀଙ୍କ ମଧ୍ୟରୁ କେତେକ ଆତ୍ମହତ୍ୟା କରିବା ଭଳି ଚରମ ନିଷ୍ପତ୍ତି ନିଅନ୍ତି ବୋଲି 'ରେଷ୍ଟ ଅଫ ଓ୍ୱାର୍ଲ୍ଡ'ରିପୋର୍ଟ କରିଛି। ଏଆଇ ଦ୍ୱାରା ପରିଚାଳିତ ଏକ ନୂତନ ଦୁନିଆ ସହିତ ଖାପ ଖୁଆଇବାକୁ ଚେଷ୍ଟା କରୁଥିବା କର୍ମଚାରୀମାନେ ମଧ୍ୟ ଦୀର୍ଘ ସମୟ ପର୍ଯ୍ୟନ୍ତ ତିଷ୍ଠିପାରିବେ ନାହିଁ। ଭବିଷ୍ୟତରେ ଏଆଇ ଦୁନିଆରେ ଆଇଟି କ୍ଷେତ୍ରରେ କାମ କରିବା ପାଇଁ ବହୁତ କମ୍ ଲୋକଙ୍କର ଆବଶ୍ୟକତା ପଡିବ ବୋଲି ବିଶେଷଜ୍ଞମାନେ ଆକଳନ କରିଛନ୍ତି।

# ଫେବୃଆରୀ ପହିଲାରୁ ମହଙ୍ଗା ହେବ ସ୍ମାର୍ଟଫୋନ୍

ନୂଆଦିଲ୍ଲୀ, ୩୦।୧: ପାଖେଇ ଆସୁଛି ବଜେଟ୍ ୨୦୨୬। ଫୋନ କିଣିବାକୁ ଯାଉଥିଲେ ଏହି ଖବର ଆପଣଙ୍କ ପାଇଁ। ମନରେ ଗୋଟିଏ ପ୍ରଶ୍ନ ଯେ, ବଜେଟ୍ ଘୋଷଣା ପରେ ସ୍ମାର୍ଟଫୋନ୍ ମୂଲ୍ୟ ବୃଦ୍ଧି ହେବ ନା ହ୍ରାସ ପାଇବ ? ପ୍ରତିବର୍ଷ ପରି, ଆଶା ଅଧିକ ଯେ ବଜେଟ୍ କିଛି ଆଶ୍ୱସ୍ତି ପ୍ରଦାନ କରିବ ଏବଂ ଦୈନନ୍ଦିନ ଅତ୍ୟାବଶ୍ୟକୀୟ ଜିନିଷଗୁଡ଼ିକୁ ଶସ୍ତା କରିବ। ସ୍ମାର୍ଟଫୋନ୍ ଏବେ ଆଉ ବିଳାସପୂର୍ଣ୍ଣ ସାମଗ୍ରୀ ହୋଇ ନାହିଁ, ବର୍ତ୍ତମାନ ଏହା ଏକ ମୌଳିକ ଆବଶ୍ୟକତା। ଗତ ବର୍ଷ ମଧ୍ୟରେ ଅନେକ ଭାରତୀୟ ବ୍ରାଣ୍ଡ ଭାରତୀୟ ସ୍ମାର୍ଟଫୋନ୍ ବଜାରରେ ପ୍ରବେଶ କରିଛନ୍ତି, ଯାହା ଚୀନ୍ କମ୍ପାନୀଗୁଡ଼ିକ ପାଇଁ ଏକ କଡ଼ା ଟକ୍କର। ଚୀନ୍ କମ୍ପାନୀଗୁଡ଼ିକ ମୂଲ୍ୟ ସ୍ଥିର ରଖିଥିବା ବେଳେ, ବର୍ଷ ଶେଷରେ ସାମସଙ୍ଗ କିଛି ମଡେଲର ମୂଲ୍ୟ ବୃଦ୍ଧି କରିଛି। ଆଗାମୀ ବଜେଟ୍ ପରେ ଏହାର ମୂଲ୍ୟ ବୃଦ୍ଧି ହେବ କି ନାହିଁ ସେ ବିଷୟରେ ଚିନ୍ତା ସୃଷ୍ଟି କରିଛି। ଇଣ୍ଡିଆ ଟିଭି ଅନୁଯାୟୀ, ଶିଳ୍ପ ବିଶେଷଜ୍ଞମାନେ କହିଛନ୍ତି ଯେ କୃତ୍ରିମ ବୁଦ୍ଧିମତ୍ତାର ବର୍ଦ୍ଧିତ ବିଶ୍ୱ ଚାହିଦା ମେମୋରୀ ଚିପ୍ସ ଭଳି ଅତ୍ୟାବଶ୍ୟକୀୟ ଉପାଦାନର ଅଭାବ ସୃଷ୍ଟି କରିଛି, ଯାହା ବିଶ୍ୱ ଯୋଗାଣ ଶୃଙ୍ଖଳା ଉପରେ ଚାପ ସୃଷ୍ଟି କରିଛି। ଏହା ସ୍ମାର୍ଟଫୋନ୍ ନିର୍ମାତାମାନଙ୍କ ପାଇଁ ଉତ୍ପାଦନ ଖର୍ଚ୍ଚ ବୃଦ୍ଧି କରିଛି, ଯାହା ଫଳରେ ମୂଲ୍ୟ ବୃଦ୍ଧି ନକରି ଖର୍ଚ୍ଚ ହ୍ରାସ କରିବା ଆଶା କମ୍। ଏହା ସହିତ, କମ୍ପାନୀଗୁଡ଼ିକ ସ୍ମାର୍ଟଫୋନକୁ ଅତ୍ୟଧିକ ମହଙ୍ଗା କରିବାରୁ ଏଡ଼ାଇ ଯାଉଛନ୍ତି, କାରଣ ଉଚ୍ଚ ମୂଲ୍ୟ ବଜାର ଗତିଶୀଳତାକୁ ବାଧା ଦେଇପାରେ ଏବଂ ଚାହିଦାକୁ ପ୍ରଭାବିତ କରିପାରେ। 'ରିୟଲମି'ର ପୂର୍ବତନ ସିଇଓ କହିଛନ୍ତି ଯେ, ଭାରତର ପ୍ରଯୁକ୍ତିବିଦ୍ୟା କ୍ଷେତ୍ର ଏକ ଗୁରୁତ୍ୱପୂର୍ଣ୍ଣ ସ୍ଥିତିରେ ଅଛି। ସେ କହିଛନ୍ତି ଯେ ଏଆଇ-ଇଣ୍ଟିଗ୍ରେଟେଡ୍ ଡିଭାଇସଗୁଡ଼ିକର ଚାହିଦା ବୃଦ୍ଧି ପାଇବା ଯୋଗୁଁ ଫୋନର ମୂଲ୍ୟ ବୃଦ୍ଧି ପାଇଛି।



ବିଶେଷଜ୍ଞମାନେ କହିଛନ୍ତି ଯେ, ଭାରତକୁ କ୍ୟାମେରା ମଡ୍ୟୁଲ୍, ବ୍ୟାଟେରୀ, ପ୍ରିଣ୍ଟେଡ୍ ସର୍କିଟ୍ ବୋର୍ଡ (ପିସିବି) ଏବଂ ଅନ୍ୟାନ୍ୟ ଜରୁରୀ ଅଂଶ ଭଳି ପ୍ରମୁଖ ସ୍ମାର୍ଟଫୋନ୍ ଉପାଦାନ ନିର୍ମାଣ କରି ମୂଲ୍ୟ ବୃଦ୍ଧି କରିବା ଉଚିତ୍। ଗବେଷଣା ଏବଂ ବିକାଶ, ସିଷ୍ଟମ୍ ଡିଜାଇନ୍ ଏବଂ ସଫ୍ଟୱେର୍-ଆଧାରିତ ନବସୃଜନ ଉପରେ ମଧ୍ୟ ଗୁରୁତ୍ୱାରୋପ କରାଯିବା ଆବଶ୍ୟକ। ବର୍ତ୍ତମାନ, ଅଧିକାଂଶ ସ୍ମାର୍ଟଫୋନ୍ ଭାରତରେ ଏକତ୍ରିତ ହେଉଛି। କିନ୍ତୁ ଅତ୍ୟାବଶ୍ୟକୀୟ ଅଂଶ ଏବେ ବି ଆମଦାନୀ ହେଉଛି। ଶିଳ୍ପ ବିଶେଷଜ୍ଞମାନେ କହିଛନ୍ତି ଯେ, ବଜେଟରେ ଲକ୍ଷ୍ୟଭେଦ କର। ପ୍ରୋତ୍ସାହନ ଏବଂ ନୀତିଗତ ସମର୍ଥନ ଏହି ଉପାଦାନଗୁଡ଼ିକର ଘରୋଇ ଉତ୍ପାଦନକୁ ବୃଦ୍ଧି କରିପାରିବ। ଏପରି ପଦକ୍ଷେପ ଖର୍ଚ୍ଚ ନିୟନ୍ତ୍ରଣ କରିବାରେ, ସ୍ମାର୍ଟଫୋନ୍ ମୂଲ୍ୟ ସ୍ଥିର କରିବାରେ ଏବଂ କିଛି କ୍ଷେତ୍ରରେ ମୂଲ୍ୟ ହ୍ରାସ କରିବାରେ ମଧ୍ୟ ସାହାଯ୍ୟ କରିପାରିବ।

# ଡିଜିଟାଲ ନିଶାରେ ଯୁବପିଢ଼ି

ନୂଆଦିଲ୍ଲୀ, ୩୦।୧: ସର୍ଭେ ରିପୋର୍ଟରେ ଭାରତରେ ଯୁବପିଢ଼ିଙ୍କ ଡିଜିଟାଲ୍ ନିଶା ଏବଂ ସ୍କ୍ରିନ୍-ସମ୍ବନ୍ଧୀୟ ମାନସିକ ସ୍ୱାସ୍ଥ୍ୟ ସମସ୍ୟା ଦ୍ରୁତ ଗତିରେ ବଢୁଥିବା କୁହାଯାଉଛି। ବିଶେଷ କରି ଛୋଟ ପିଲା ଓ କିଶୋରକିଶୋରୀମାନେ ଏହା ଦ୍ୱାରା ଅଧିକ ପ୍ରଭାବିତ ହେଉଛନ୍ତି। ରିପୋର୍ଟରେ ଚେତାବନୀ ଦିଆଯାଇଛି ଯେ ସ୍ମାର୍ଟଫୋନ୍, ସୋସିଆଲ ମିଡିଆ, ଗେମିଂ ଏବଂ ଅନଲାଇନ୍ ପ୍ଲାଟଫର୍ମକୁ ଅତ୍ୟଧିକ ବ୍ୟବହାର କରିବା ଦ୍ୱାରା ତାହା ସୁସ୍ଥତା, ଶିକ୍ଷା ଫଳାଫଳକୁ ପ୍ରଭାବିତ କରୁଛି। ତେଣୁ ଏଥିପାଇଁ ବୟସ-ଭିତ୍ତିକ ପ୍ରବେଶ କଟକଣା ଲଗାଇବା ଉପରେ ବିଚାର କରିବାକୁ ସର୍ଭେରେ ପ୍ରସ୍ତାବ ଦିଆଯାଇଛି।ସର୍ଭେରେ ଡିଜିଟାଲ୍ ନିଶାକୁ ଡିଜିଟାଲ୍ ଡିଭାଇସ୍ ଏବଂ ଅନଲାଇନ୍ କାର୍ଯ୍ୟକଳାପର ନିରନ୍ତର, ଅତ୍ୟଧିକ କିମ୍ବା ବାଧ୍ୟତାମୂଳକ ବ୍ୟବହାରର ଏକ ଧାରା ବୋଲି କୁହାଯାଇଛି। ଏହା ଦ୍ୱାରା ମାନସିକ ଯନ୍ତ୍ରଣା ବଢୁଛି। ଏହାଦ୍ୱାରା ଏକାଗ୍ରତା କମ୍ ହେଉଥିବା ବେଳେ ଠିକ୍ ଭାବେ ନିଦ ହେଉନାହିଁ। ଏହା ପ୍ରତ୍ୟକ୍ଷ ଯୋଗାଯୋଗକୁ ନିରୁତ୍ସାହିତ କରୁଥିବା ବେଳେ ସାମାଜିକ କାର୍ଯ୍ୟକଳାପକୁ ମଧ୍ୟ ଦୁର୍ବଳ କରୁଛି। ଡିଜିଟାଲ ନିଶା କେବଳ ସାମାଜିକ କିମ୍ବା ବ୍ୟକ୍ତିଗତ ଭାବେ କ୍ଷତିକାରକ ନୁହେଁ, ବରଂ ଆର୍ଥିକ ଦୃଷ୍ଟିରୁ ମଧ୍ୟ ହାନିକାରକ। ଅନଲାଇନ୍ ଖର୍ଚ୍ଚ, ଗେମିଂ ଓ ସାଇବର ଠକେଇରୁ ପ୍ରତ୍ୟକ୍ଷ ଆର୍ଥିକ କ୍ଷତି ହେଉଛି। ଲୋକମାନେ ନିଜ ଜୀବନସାରାର ରୋଜଗାର ହରାଉଛନ୍ତି। ଡିଜିଟାଲ୍ ବ୍ୟବହାର ଚିନ୍ତା, ଚାପ, ଅବସାଦ ଏବଂ ନିଦ୍ରା ରୋଗ ସହିତ ଘନିଷ୍ଠ ଭାବରେ ଜଡିତ। ବିଶେଷକରି ଶିକ୍ଷାଗତ ଚାପ ଥିବା ଛାତ୍ରଛାତ୍ରୀମାନଙ୍କ ମଧ୍ୟରେ ଏହାର ପ୍ରଭାବ ଅଧିକ ରହିଥିବା ସର୍ଭେ ରିପୋର୍ଟରେ କୁହାଯାଇଛି।

ଏହି ରିପୋର୍ଟରେ ସୋସିଆଲ ମିଡିଆ ନିଶା ଉପରେ ବିଶେଷ ଚିନ୍ତା ପ୍ରକାଶ କରାଯାଇଛି ଯାହା ଚିନ୍ତା, ଅବସାଦ, କମ ଆତ୍ମସମ୍ମାନ, ସାଇବର ବୁଲିଂ ଚାପ ଏବଂ ଅଧିକ ଆତ୍ମହତ୍ୟା ହାର ସହିତ ଜଡିତ ବୋଲି କୁହାଯାଇଛି। ୧୫-୨୪ ବର୍ଷର ପିଲାମାନେ ଏହାର ଅଧିକ ଶିକାର ହେଉଛନ୍ତି। ଏହି ସମସ୍ୟାର ସମାଧାନ ଲାଗି ସର୍ଭେରେ କେତେକ ପ୍ରସ୍ତାବ ମଧ୍ୟ ଦିଆଯାଇଛି। ସାଇବର-ସୁରକ୍ଷା ଶିକ୍ଷା, ସହକର୍ମୀ-ପରାମର୍ଶଦାତା କାର୍ଯ୍ୟକ୍ରମ, ସ୍କୁଲରେ ବାଧ୍ୟତାମୂଳକ ଶାରୀରିକ କାର୍ଯ୍ୟକଳାପ, ସ୍କ୍ରିନ-ଟାଇମ୍ ପରିଚାଳନା ଉପରେ ଅଭିଭାବକଙ୍କ ତାଲିମ, ବୟସ-ଉପଯୁକ୍ତ ଡିଜିଟାଲ୍ ପ୍ରବେଶ ନୀତି ଏବଂ କ୍ଷତିକାରକ



ବୟସ ଆଧାରିତ କଟକଣା ପାଇଁ ପ୍ରସ୍ତାବ

ବିଷୟବସ୍ତୁ ହୋଷ୍ଟ କରୁଥିବା ଅନଲାଇନ୍ ପ୍ଲାଟଫର୍ମଗୁଡ଼ିକୁ ପରିଚାଳନା କରିବାକୁ କୁହାଯାଇଛି। ପରିବାରଗୁଡ଼ିକୁ ସ୍କ୍ରିନ୍-ଟାଇମ୍ ସୀମା, ଡିଭାଇସ୍-ମୁକ୍ତ ଘଣ୍ଟା ଏବଂ ସେୟାର କରାଯାଇଥିବା ଅଫଲାଇନ୍ କାର୍ଯ୍ୟକଳାପ ଗ୍ରହଣ କରିବାକୁ ଉତ୍ସାହିତ କରାଯିବା ଉଚିତ ବୋଲି କୁହାଯାଇଛି।

ଫ୍ରାନ୍ସ, ସ୍ପେନ୍, ଫିନଲ୍ୟାଣ୍ଡ, ଜାପାନ, ବ୍ରାଜିଲ୍, ଅଷ୍ଟ୍ରେଲିଆ, ଦକ୍ଷିଣ କୋରିଆ ଏବଂ କିଛି ଆମେରିକୀୟ ରାଜ୍ୟ ସମେତ ଅନେକ ଦେଶ ମଧ୍ୟ ଛାତ୍ରଙ୍କ ବିଭ୍ରାନ୍ତିକୁ ହ୍ରାସ କରିବା ଏବଂ ଛାତ୍ରଛାତ୍ରୀଙ୍କ ମଙ୍ଗଳକୁ ସୁରକ୍ଷା ଦେବା ପାଇଁ ଶ୍ରେଣୀଗୃହରେ ସ୍ମାର୍ଟଫୋନ୍ ବ୍ୟବହାରକୁ ପ୍ରତିବନ୍ଧକ, ସୀମା କିମ୍ବା କର୍ଫ୍ୟୁ ମାଧ୍ୟମରେ ପ୍ରତିବନ୍ଧକ ଲଗାଇଛନ୍ତି। ଭାରତରେ ଡିଜିଟାଲ ଡାଏଟ୍‌କୁ ପ୍ରୋତ୍ସାହିତ କରିବାକୁ ସର୍ଭେରେ କୁହାଯାଇଛି।



## ଆଜିର ସୁନା ଦର

ତେବେ ଯଦି ଆପଣ ଆଜି ସୁନା କିଣିବାକୁ ଚାହୁଁଛନ୍ତି ବା ଯୋଜନା କରିଛନ୍ତି ତେବେ ପ୍ରଥମେ ଜାଣି ନିଅନ୍ତୁ ଆଜିର ସୁନା ଦର। ଆଜି ଭାରତୀୟ ବଜାରରେ ୨୪ କ୍ୟାରେଟ ସୁନା ୧,୫୮,୬୨୦ ଟଙ୍କା ରହିଛି। ସେହିପରି ୨୨ କ୍ୟାରେଟ ସୁନା ଦର ୧,୪୫,୪୦୦ ଟଙ୍କା ଛୁଇଁଛି। ସେହିପରି ରାଜଧାନୀ ଭୁବନେଶ୍ୱରରେ ୨୪ କ୍ୟାରେଟ୍ ସୁନା ମୂଲ୍ୟ ୧୦ ଗ୍ରାମ ପିଛା ୧,୫୮,୬୨୦ ଟଙ୍କା ରହିଥିବା ବେଳେ ୨୨ କ୍ୟାରେଟ୍ ସୁନାର ମୂଲ୍ୟ ହଜାର ୧,୪୫,୪୦୦ ଟଙ୍କାକୁ ପହଞ୍ଚିଛି। ସେହିପରି ମୁମ୍ବାଇରେ ୨୪ କ୍ୟାରେଟ୍ ମୂଲ୍ୟ ୧,୫୮,୬୨୦ ଟଙ୍କା ଓ ୨୨ କ୍ୟାରେଟ୍ ମୂଲ୍ୟ ୧,୪୫,୪୦୦ ଟଙ୍କା ରହିଛି। ନୂଆଦିଲ୍ଲୀରେ ୨୪ କ୍ୟାରେଟ୍ ୧,୫୯,୮୬୦ ଟଙ୍କା ଓ ୨୨ କ୍ୟାରେଟ୍ ୧,୪୬,୫୫୦ ଟଙ୍କା ରହିଛି। ଦକ୍ଷିଣ ଭାରତର ପ୍ରମୁଖ ସହର ଚେନ୍ନାଇରେ ୨୪ କ୍ୟାରେଟ ମୂଲ୍ୟ ୧,୫୯,୮୨୦ ଟଙ୍କା ଥିବା ବେଳେ ୨୨ କ୍ୟାରେଟ ମୂଲ୍ୟ ୧,୪୬,୫୦୦ ଟଙ୍କା ରହିଛି। ପୂର୍ବ ଭାରତର ପ୍ରମୁଖ ସହର କୋଲକାତାରେ ଯଥାକ୍ରମେ ୧,୫୮,୬୨୦ ଓ ୧,୪୫,୪୦୦ ଟଙ୍କା ରହିଛି। ଅନ୍ୟପଟେ ରୁପା ମୂଲ୍ୟ କିଲୋ ପିଛା ୩,୩୫,୦୦୦ ଟଙ୍କା ହୋଇଛି।



## ଆଜିର ପେଟ୍ରୋଲ, ଡିଜେଲ୍ ଦର

ଗାଡ଼ିରେ ପେଟ୍ରୋଲ କିମ୍ବା ଡିଜେଲ ପକାଇବା ପୂର୍ବରୁ ଜାଣି ନିଅନ୍ତୁ ଦର। ପ୍ରତିଦିନ ତେଲର ନୂଆ ଦର ନିର୍ଦ୍ଧାରଣ କରାଯାଇଥାଏ। ଆଜି ଭୁବନେଶ୍ୱରରେ ପେଟ୍ରୋଲ ଦର ୧୦୧.୧୬ ଟଙ୍କା ରହିଥିବା ବେଳେ ଡିଜେଲ ଦାମ୍ ପ୍ରତି ଲିଟର ପିଛା ୯୨.୭୪ ପଇସା ରହିଛି। ସେହିପରି ଦିଲ୍ଲୀରେ ପେଟ୍ରୋଲ ଲିଟର ପିଛା ୯୪ ଟଙ୍କା ୭୭ ପଇସା ଓ ଡିଜେଲ ଦର ୮୭ ଟଙ୍କା ୬୭ ପଇସା ହୋଇଛି। ମୁମ୍ବାଇରେ ପେଟ୍ରୋଲ ଲିଟର ପିଛା ୧୦୩ ଟଙ୍କା ୫୪ ପଇସା ହୋଇଥିବା ବେଳେ ଡିଜେଲ ଲିଟର ପିଛା ୯୦.୦୩ ଟଙ୍କା ରହିଛି। ସେହିପରି କୋଲକାତାରେ ପେଟ୍ରୋଲ ଦର ୧୦୫. ୪୧ ଟଙ୍କା ଥିବାବେଳେ ଡିଜେଲ ଦର ୯୨ ଟଙ୍କା ୦୨ ପଇସା ରହିଛି। ଚେନ୍ନାଇରେ ପେଟ୍ରୋଲ ଦର ୧୦୦ ଟଙ୍କା ୮୦ ପଇସା ଥିବା ବେଳେ ଡିଜେଲ ଦାମ ୯୨ ଟଙ୍କା ୩୯ ପଇସା ରହିଛି।

# ଶିକ୍ଷକ ଶିକ୍ଷୟିତ୍ରୀଙ୍କ ତାଲିମ ଶିବିରର ଅର୍ଥ ବାଟମାରଣା



**କଳାହାଣ୍ଡି, ୩୦।୧(ସଂଚାର ବ୍ୟୁରୋ):** ନୂଆ ଶିକ୍ଷାନୀତି ୨୦୨୦ ଅନ୍ତର୍ଗତ ନୂଆ ପାଠ୍ୟକ୍ରମ ବହି ନେଇ କଳାହାଣ୍ଡି ଜିଲ୍ଲା ମ. ରାମପୁର ବ୍ଲକ ଶିକ୍ଷା ଅଧୀନ ଶିକ୍ଷୟିତ୍ରୀ ଓ ଶିକ୍ଷକଙ୍କ ୫ ଦିନିଆ ତାଲିମ ଶିବିର ଆଜି ତୃତୀୟ ଦିବସରେ ପହଂଚିଛିବ୍ଲକ କଲୋନୀ ଉପ୍ର ବିଦ୍ୟାଳୟରେ ଅନୁଷ୍ଠିତ ଏହି ଶିବିର ପାଇଁ ସରକାରୀ ଅର୍ଥ ବାଟମାରଣା କରାଯାଉଛି। ଶିବିର ପାଇଁ ଉଦିଷ୍ଟ ପ୍ରତିଦିନ ୪ ଜଣ ସାଧନ କର୍ମୀ ବଦଳରେ ଦୁଇଜଣ ଶିକ୍ଷକ ଦେବାଶିଷ ବିଶି ଓ ଗୁଣନିଧି ମାଝୀ ତାଲିମ ଦେଉଛନ୍ତି। ସେହିପରି ୫୦ ଜଣ ତାଲିମ ଗ୍ରହୀତା, ୪ ଜଣ ତାଲିମ ଦାତା ଓ ଜଣେ ସହଯୋଗୀ କର୍ମଚାରୀ ଏପରି ମୋଟ ୫୫ ଜଣ ଙ୍କ ପାଇଁ ମଧ୍ୟାହ୍ନ ଭୋଜନ ପାଇଁ ପ୍ରତି ଜଣ ପାଇଁ ଦୈନିକ ୧ ଶହ ଟଙ୍କାସହିତ ଜି ଏସ ଟି ଅଲଗା ପ୍ରବଧାନ କରାଯାଇଛି। ନିମ୍ନ ମାନର ଭୋଜନ ପରସା ଯାଉଛି। ଯାହାର ବଜାର ମୂଲ୍ୟ ୩୦/ ୪୦ ଟଙ୍କା ରୁ କମ ହେବ। ୫୫ ଜଣ ପାଇଁ ୫ ଦିନ କୁ ୨୭ ହଜାର ୫ ଶହ ଟଙ୍କା ମଞ୍ଜୁରୀ ହେଉଛି। ଏହାର ୬୦ ପ୍ରତିଶତ ମଞ୍ଜୁରୀ ଅର୍ଥ ବ୍ୟୟ କରା ଯାଉନି। ସେହିପରି ଦୈନିକ ଜଣକୁ ଚାହା ଓ ସ୍ନାକ୍ସ ପାଇଁ ୨୦ ଟଙ୍କା ଖର୍ଚ୍ଚ ପ୍ରବଧାନ ରହିଛି। ତାହାର ୫୦ ପ୍ରତିଶତ ଖର୍ଚ୍ଚ ରଖାଯାଉଛି, କଲମ, ପେଡ, ଟି ଏଲ ଏମ ବାବଦକୁ ୬୦ ଟଙ୍କା ସରକାର ଟଙ୍କା ପ୍ରଦାନ ପାଇଁ କୁହାଯାଇଛିପୁଣି ଜେରକ୍ସ ପାଇଁ ଅଲଗା ପାଣ୍ଠି ମଞ୍ଜୁରୀ ହେଉଛି। ପୁଣି ସିଏ ସମସ୍ତଙ୍କୁ ସବୁରୀ ଟଙ୍କା ନେଉଥିବା, ସାଧନ କର୍ମୀ ଖର୍ଚ୍ଚ ଅଲଗା ରହିଛି। ଖାଦ୍ୟ ପେୟ, ଉପକରଣ ଅର୍ଥକୁ ସଦ ବିନିଯୋଗ ନ କରି ଅର୍ଥ ବାଟ ମାରଣା ଯୋଜନା କରୁଥିବା ଜଣା ପଡ଼ିଛି। ଏ ନେଇ ରାସ୍ତା ଘାଟରେ ଆଲୋଚନା ହେବା ପରେ କିଛି ଗଣ ମାଧ୍ୟମ ପ୍ରତିନିଧି ତାଲିମ କେନ୍ଦ୍ର ଯିବା ପାଇଁ ଗତ ବୁଧବାର ଦିନ ଅଗ୍ରିମ ସୂଚନା ଦେଇ ବିଇଓ ଓ ଏବିଇଓ ଙ୍କୁ ଅବଗତ କରାଇଥିଲେ। ଆଜି ଏଥିରେ ପରିବର୍ତ୍ତନ ନ ହେବା ଖବର ପାଇ ସ୍ଥାନୀୟ ଅନେକ ଗଣମାଧ୍ୟମ ପ୍ରତିନିଧି ତାଲିମ କେନ୍ଦ୍ର ପହଞ୍ଚି କେନ୍ଦ୍ର ସହାୟକ କର୍ମଚାରୀ ଚିନ୍ମୟ ସାହୁଙ୍କୁ ପଚାରି ଥିଲେ। ସେ ଏ ନେଇ ବିତଣ୍ଡା ଯୁକ୍ତି କରି ବିଇଓ ଓ ଏବିଇଓ ଙ୍କୁ ଟାଣି ଥିଲେ। ଏ ନେଇ ଏବିଇଓ ଜୟସେନ ନିଆଳ ବିଇଓ ଅଫିସ ଆସନ୍ତୁ ବୋଲି କହି ଥିଲେ। ତତକ୍ଷଣାତ ଗଣମାଧ୍ୟମ ପ୍ରତିନିଧି ମାନେ କାର୍ଯ୍ୟାଳୟ ଯାଇଥିଲେବିଇଓ ପବିତ୍ର ଗୁଡ଼ିଆ ଓ ଅନ୍ୟ କେହି ଅଧିକାରୀ ଉପସ୍ଥିତ ନ ଥିଲେ। ସମସ୍ତେ ମୋବାଇଲ ଯୋଗେ କଲ୍ କରିଥିଲେ ମଧ୍ୟ କଲ୍ ଉଠାଇ ନ ଥିଲେ। ଅପରାହ୍ନରେ ଏବିଇଓ ଗଣମାଧ୍ୟମ ପ୍ରତିନିଧି ମାନଙ୍କୁ ବ୍ୟକ୍ତିଗତ ସାକ୍ଷାତ ପାଇଁ କହିଥିଲେ। ସାମୁହିକ ଗଣମାଧ୍ୟମ ପ୍ରତିନିଧିଙ୍କୁ ଉପେକ୍ଷା କରି ବ୍ୟକ୍ତିଗତ ଆଲୋଚନା ଘଟଣା ଅଞ୍ଚଳରେ ଆଲୋଡନ ସୃଷ୍ଟି କରିଛି।

## ଭାରତ ରଙ୍ଗ ମହୋତ୍ସବ: ୨ରୁ ପାଞ୍ଚଗୋଟି ଭାଷାରେ ହେବ ନାଟକ ପରିବେଷଣ




**ପାରାଦ୍ୱୀପ,୩୦।୧(ସଂଚାର ବ୍ୟୁରୋ):** ରାଷ୍ଟ୍ରୀୟ ନାଟ୍ୟ ବିଦ୍ୟାଳୟ, ପାରାଦୀପ ବନ୍ଦର, ଓ ବନ୍ଦର ନଗରୀର ଅଗ୍ରଣୀ ଅନୁଷ୍ଠାନ କାନମାସର ମିଳିତ ଆନୁକୁଲ୍ୟରେ ଫେବୃଆରୀ ୨ ତାରିଖ ଠାରୁ ୬ ତାରିଖ ପର୍ଯ୍ୟନ୍ତ ଆନ୍ତର୍ଜାତିକ ନାଟ୍ୟ ମହୋତ୍ସବ ଭାରତ ରଙ୍ଗ ମହୋତ୍ସବ ଜୟଦେବ ସଦନ ଠାରେ ଆୟୋଜିତ ହେବାକୁ ଯାଉଛି। ଏହି ମହୋତ୍ସବ ଭାରତର ୪୩ ଗୋଟି ସହରରେ ଆୟୋଜିତ ହେବ ଏବଂ ସେଥି ମଧ୍ୟରୁ ପାରାଦୀପ ଅନ୍ୟତମ ଯାହାକି ପାରାଦୀପ ବାସିଙ୍କ ପାଇଁ ଗୌରବର ବିଷୟ ବୋଲି ଆଜି ଅଫିସର୍ କ୍ଲବ ଠାରେ ଆୟୋଜିତ ସାମ୍ବାଦିକ ସମ୍ମିଳନୀରେ କାନମାସର ବରିଷ୍ଠ ସଦସ୍ୟ ତଥା ବନ୍ଦର ସି ଏମ ଇ ସୁଶିଲ ନାହକ, ସମ୍ପାଦକ ଶ୍ରୀମନ ମିଶ୍ର ପ୍ରକାଶ କରିଛନ୍ତି। ଏହି ଅବସରରେ ରଙ୍ଗ ମହୋତ୍ସବର ପୋଷ୍ଟର ପ୍ରଦର୍ଶିତ ହୋଇଥିଲା। ଆସନ୍ତା ୨ ତାରିଖ ଦିନ ଉଦ୍ଘାଟନୀ ସନ୍ଧ୍ୟାରେ ପ୍ରସିଦ୍ଧ କଳାକାର କେ ଶ୍ରୀନିବାସ ରାଓ, ବନ୍ଦର ଅଧକ୍ଷ ପି ଏଲ ହରନାଧ, ସିନେ କଳାକାର ସମରେଶ ରାଉତରାୟ, ସ୍ତମ୍ଭକାର ଗୌରହରି ଦାସ, ପାରାଦୀପ ରିଫାଇନରୀ ମୁଖ୍ୟ କୌସିକ ବସୁ ଆନୁଷ୍ଠାନିକ ଭାବେ ମହୋତ୍ସବଟିକୁ ଉଦଘାଟନ କରିବେ। ଏହି ମହୋତ୍ସବରେ ଭୁବନେଶ୍ୱର, କଲିକତା, ମୁମ୍ବାଇ ଓ ଶ୍ରୀଲଙ୍କାର ନାଟ୍ୟ ଅନୁଷ୍ଠାନ ମାନେ ଓଡ଼ିଆ, ଉର୍ଦ୍ଦୁ, ହିନ୍ଦୀ, ବଙ୍ଗଳା ଓ ଶିଂହଲି ଭାଷାରେ ନାଟକ ପରିବେଷଣ କରିବେ।

## ବିଦ୍ୟାଳୟରେ ବାର୍ଷିକ ସ୍କୁଲ ମହୋତ୍ସବ



**ବାଲିଅନ୍ତା,୩୦।୧(ସଂଚାର ବ୍ୟୁରୋ):** ବାଲିଅନ୍ତା ବ୍ଲକ ଶିଶିଲୋ ପଞ୍ଚାୟତ ସରକାରୀ ଉଚ୍ଚ ବିଦ୍ୟାଳୟରେ ଆଜି ବାର୍ଷିକ କ୍ରୀଡା ପୁରସ୍କାର ବିତରଣ ଉତ୍ସବ ଓ ବିଜୟ ରାମ ପ୍ରହରାଜ ମେଧାବୃତ୍ତି ସମ୍ମାନ - ୨୦୨୫ / ୨୬ ଅନୁଷ୍ଠିତ ହୋଇଯାଇଛି। ଏନେଇ ଆୟୋଜିତ ସଭାରେ ଜୟଦେବ ବିଧାୟକ ନବ କିଶୋର ମଲ୍ଲିକ ମୁଖ୍ୟ ଅତିଥି, ବିଦ୍ୟାଳୟ ପରିଚାଳନା କମିଟି ସଭାପତି ଡାକ୍ତର ରାଧାନାଥ ପ୍ରହରାଜ, ଗୋଷ୍ଠୀ ଶିକ୍ଷା ଅଧିକାରୀ ଭକ୍ତ ବତ୍ସଳ ମହାପାତ୍ର, ପୂର୍ବତନ ସରପଞ୍ଚ ମାନସ କୁମାର ନାୟକ, ମଣ୍ଡଳ ସଭାପତି ବ୍ରହ୍ମାନନ୍ଦ ସ୍ୱାଇଁ, ପୂର୍ଣ୍ଣ ଚନ୍ଦ୍ର ସ୍ୱାଇଁ, ମାଗୁଣି ସେଠି, ସ୍ଥାନୀୟ ସରପଞ୍ଚ ଦୁର୍ଯ୍ୟୋଧନ ମଲ୍ଲିକ, ପ୍ରାକ୍ତନ ଶିକ୍ଷକ ପ୍ରତାପ ଚନ୍ଦ୍ର ପ୍ରଧାନ, ପୂର୍ଣ୍ଣଚନ୍ଦ୍ର ମଲ୍ଲିକ, ସିଆରସିସି ବାଗିରଥି ସାହୁ ପ୍ରମୁଖ ସମ୍ମାନିତ ଅତିଥି ଭାବେ ଯୋଗ ଦେଇଥିଲେ।

## ଗାନ୍ଧିଜୀଙ୍କ ତିରୋଧାନ ଦିବସ ପାଳିତ




**ଧାମନଗର,୩୦।୧(ସଂଚାର ବ୍ୟୁରୋ):** ଧାମନଗର ସ୍ଥିତ ମହତାବ ସେବାସଦନ ପରିସରରେ ଜାତିର ପିତା ମହାତ୍ମାଗାନ୍ଧୀଙ୍କ ୭୮ ତମ ତିରୋଧାନ ଦିବସ ପାଳନ ଅବସରରେ ଏକ ସ୍ମୃତିଚାରଣ ସଭା ଅନୁଷ୍ଠିତ ହୋଇଯାଇଛି। ଗାନ୍ଧୀ ଜନକଲ୍ୟାଣ ସମିତି ଆନୁକୂଲ୍ୟରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମ ସମାଜସେବୀ ସଞ୍ଜୟ କୁମାର ମିଶ୍ରଙ୍କ ଆବାହକତ୍ୱ ରେ ହୋଇଥିଲା। ବରିଷ୍ଠ ସାମ୍ବାଦିକ ବାସୁଦେବ ତ୍ରିପାଠୀଙ୍କ ସଭାପତିତ୍ୱ ରେ ଅନୁଷ୍ଠିତ ସ୍ମୃତିଚାରଣ ସଭାରେ ଶିକ୍ଷାବିତ ରସାନନ୍ଦ ମହାପାତ୍ର, ପ୍ରମୋଦ କୁମାର ନାୟକ, ଅଭିମନ୍ୟୁ ମଲ୍ଲିକ, ନାରାୟଣ ଚନ୍ଦ୍ର ନାୟକ, ଅବସରପ୍ରାପ୍ତ ବ୍ୟାଙ୍କ କର୍ମଚାରୀ ଅକ୍ଷୟ କୁମାର ସାହୁ, ସାମ୍ବାଦିକ ପ୍ରମୋଦ କୁମାର ସ୍ୱାଇଁ, ରଜତ ପଣ୍ଡା, ସମାଜସେବୀ ଅରୂପ କୁମାର ନନ୍ଦ, ପ୍ରଭାତ ପଣ୍ଡା, ମାନସ ରଞ୍ଜନ ମହାପାତ୍ର ପ୍ରମୁଖ ଯୋଗଦେଇ ଗାନ୍ଧିଜୀଙ୍କ ତ୍ୟାଗପୂତ ଜୀବନ ଓ ଅହିଂସା ଆନ୍ଦୋଳନ ସମ୍ପର୍କରେ ବକ୍ତବ୍ୟ ପ୍ରଦାନ କରିଥିଲେ।ଗାନ୍ଧୀ ଦର୍ଶନ ରେ ଅନୁପ୍ରାଣିତ ହେବାସହ ଗାନ୍ଧୀ ମାର୍ଗ କୁ ଅନୁସରଣ କଲେ ସମାଜରୁ ଭ୍ରଷ୍ଟାଚାର ଦୁର ହେବାସହ ସୁନ୍ଦର ସମାଜ ଗଠନ ହୋଇପାରିବ ବୋଲି ବକ୍ତା ମାନେ ମତବ୍ୟକ୍ତ କରିଥିଲେ। ଶେଷରେ ହରିହର ସାହୁ ଧନ୍ୟବାଦ ଅର୍ପଣ କରିଥିଲେ। ଧାମନଗରରେ ଏକ ଗାନ୍ଧୀ ପାର୍କ ଓ ମହାତ୍ମାଗାନ୍ଧୀଙ୍କ ଏକ ପୂର୍ଣ୍ଣାବୟବ ପ୍ରତିମୂର୍ତ୍ତି ନିର୍ମାଣ କରିବା ପାଇଁ ଏହି ସଂଗଠନ ଆଜିଠାରୁ କାର୍ଯ୍ୟ କରିବ ବୋଲି ନିଷ୍ପତ୍ତି ନିଆଯାଇଥିଲା। ଏଥିପାଇଁ ସରକରୀ ଜମି ଯୋଗାଇ ଦେବାକୁ ସଂଗଠନର ସଭ୍ୟ ମାନେ ଧାମନଗର ତହସିଲଦାରଙ୍କୁ ଭେଟି ଏକ ସ୍ମାରକପତ୍ର ପ୍ରଦାନ କରିଥିଲେ।

## ୨୯୪ ଶିକ୍ଷୟିତ୍ରୀ ଶିକ୍ଷକଙ୍କୁ ତାଲିମ ପ୍ରଦାନ

**ଦିଗପହଣ୍ଡି,୩୦।୧(ସଂଚାର ବ୍ୟୁରୋ):** ଗଞ୍ଜାମ ଜିଲା ଦିଗପହଣ୍ଡି ବ୍ଲକ୍ ଗୋଷ୍ଠୀ ଶିକ୍ଷାଧିକାରୀଙ୍କ କାର୍ଯ୍ୟାଳୟ ପକ୍ଷରୁ ଓଡିଶା ପାଠ୍ୟକ୍ରମ ଆଧାର ବିଦ୍ୟାଳୟ ଶିକ୍ଷା-୨୦୨୫ ଓ ୨୦୨୦ ଜାତୀୟ ଶିକ୍ଷା ନୀତି ଆନୁକୂଲ୍ୟରେ ପ୍ରବୋଧନ ତାଲିମ ଶିବିର ଉଦ୍‌ଯାପିତ ହୋଇଛି। ୨ଟି ପର୍ଯ୍ୟାୟରେ ୨୯୪ ଶିକ୍ଷୟିତ୍ରୀ ଶିକ୍ଷକଙ୍କୁ ପ୍ରଶିକ୍ଷକ ପ୍ରଦୀପ ମହାପାତ୍ର, ଅନିଲ ସାହୁ, ସୁବ୍ରତ ପଣ୍ଡା, ବାସୁଦେବ ବେହେରା, ଶ୍ରୀକାନ୍ତ ସାମନ୍ତରାୟ, ମନୋଜ ବେହେରା, କୁରା ସେଠୀ ପ୍ରମୁଖ ତାଲିମ ପ୍ରଦାନ କରିଥିଲେ। ଦିଗପହଣ୍ଡି ସ୍ଥିତ ବଡ଼ଖେମୁଣ୍ଡି ହାଇସ୍କୁଲ, ଭୀଷ୍ମଗିରି ଗ୍ରାମ ବାଳକ ପ୍ରାଥମିକ ବିଦ୍ୟାଳୟ ଏବଂ ବମୋକେଇ ଗ୍ରାମ ସ୍ଥିତ ଶିବାନନ୍ଦ ନୋଡାଲ ହାଇସ୍କୁଲରେ ଆୟୋଜିତ ଶିବିରରେ ପର୍ଯ୍ୟାୟ କ୍ରମେ ଶିକ୍ଷୟିତ୍ରୀ ଶିକ୍ଷକଙ୍କୁ ତାଲିମ ପ୍ରଦାନ କରାଯାଇଥିଲା। ଉଦ୍‌ଯାପନୀ କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବେ ବ୍ଲକ୍ ଗୋଷ୍ଠୀ ଶିକ୍ଷାଧିକାରୀ ଡ.ଶଙ୍କର ନାରାୟଣ ବେଜ, ସମ୍ମାନିତ ଅତିଥି ଭାବେ ସହଗୋଷ୍ଠୀ ଶିକ୍ଷାଧିକାରୀ ବାଳା ମାଝୀ, ବିଶ୍ୱବା ପାଇକ, ରସାନନ୍ଦ ଘଡେଇ ଏବଂ ଗୋଷ୍ଠୀ ସମ୍ବଳ ଶିକ୍ଷକ ସୁଶାନ୍ତ ପ୍ରଧାନ ଯୋଗ ଦେଇଥିଲେ।

● ଜିଲ୍ଲାସ୍ତରୀୟ ଶହୀଦ ଦିବସ ପାଳିତ

## ସ୍ୱାଧୀନତା ପାଇଁ ପ୍ରାଣବଳି ଦେଇଥିବା ଶହୀଦମାନଙ୍କ ପ୍ରତି ଭକ୍ତିପୂତ ଶ୍ରଦ୍ଧାଞ୍ଜଳି ଜ୍ଞାପନ ଓ 'ଦୁଇ ମିନିଟ ନୀରବ ପ୍ରାର୍ଥନା'




**ବାରିପଦା,୩୦।୧(ସଂଚାର ବ୍ୟୁରୋ):** ମୟୂରଭଞ୍ଜ ଜିଲ୍ଲା ପ୍ରଶାସନ ତରଫରୁ ଆଜି ପୂର୍ବାହ୍ନ ୧୧ ଘଟିକା ସମୟ ରେ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ସ୍ଥିତ ସମ୍ମିଳନୀ କକ୍ଷଠାରେ ଜିଲ୍ଲା ସ୍ତରୀୟ ଶହୀଦ ଦିବସ -୨୦୨୬ ପାଳିତ ହୋଇଯାଇଛି। ଜାତିର ପିତା ମହାତ୍ମା ଗାନ୍ଧୀଙ୍କ ତିରୋଧାନ ଦିବସ ପାଳନ ତଥା ଭାରତର ସ୍ୱାଧୀନତା ପାଇଁ ଯେଉଁ ମହାମନୀଷୀ ଗଣ ଦେଶମାତୃକା ପାଇଁ ତା'ଙ୍କ ପ୍ରାଣବଳି ଦେଇଥିଲେ ସେମାନଙ୍କ ଅମର ଆତ୍ମା ପ୍ରତି ଭକ୍ତିପୂତ ଶ୍ରଦ୍ଧାଞ୍ଜଳି ଜ୍ଞାପନ ପରିପ୍ରେକ୍ଷୀରେ ପ୍ରତି ବର୍ଷ ଜାନୁଆରୀ ୩୦ ତାରିଖ କୁ ଶହୀଦ ଦିବସ ଭାବେ ପାଳନ ହୋଇଥାଏ। ଏହି ଅବସରରେ ବାରିପଦା ଉପଜିଲ୍ଲାପାଳ ଡ଼. ଦୟାସିନ୍ଧୁ ପରିଡାଙ୍କ ଅଧକ୍ଷତାରେ ଏକ ନୀରବ ପ୍ରାର୍ଥନା ସଭା ଆୟୋଜିତ ହୋଇଥିଲା। ଦେଶ ପାଇଁ ପ୍ରାଣବଳି ଦେଇ ଶହୀଦ ହୋଇଥିବା ମହାମନୀଷୀ ବୀର ମହାପୁରୁଷ ମାନଙ୍କ ଅମର ଆତ୍ମା ପ୍ରତି ଭକ୍ତିପୂତ ଶ୍ରଦ୍ଧାଞ୍ଜଳି ଜ୍ଞାପନ ସହ 'ଦୁଇ ମିନିଟ ନୀରବ ପ୍ରାର୍ଥନା 'କରାଯାଇଥିଲା। ଅନୁଷ୍ଠିତ ଉକ୍ତ କାର୍ଯ୍ୟକ୍ରମରେ ବାରିପଦା ତହସିଲଦାର ସପନ କୁମାର ସାହୁ ପ୍ରମୁଖଙ୍କ ସମେତ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟର ବିଭିନ୍ନ ଉପବିଭାଗର ଡେପୁଟି କଲେକ୍ଟର, ସହକାରୀ ଜିଲ୍ଲାପାଳ, ଅନ୍ୟାନ୍ୟ ଅଧିକାରୀ ଓ କର୍ମଚାରୀମାନେ ଯୋଗ ଦେଇ ନୀରବ ପ୍ରାର୍ଥନାରେ ଅଂଶ ଗ୍ରହଣ କରିଥିଲେ। କାର୍ଯ୍ୟକ୍ରମକୁ ଜିଲ୍ଲା ସୂଚନା ଓ ଲୋକସମ୍ପର୍କ ଅଧିକାରୀ ବିକାଶ ରଞ୍ଜନ ମହାନ୍ତି ପରିଚାଳନା କରିଥିଲେ ଏବଂ ଉକ୍ତ କାର୍ଯ୍ୟାଳୟର କନିଷ୍ଠ ରାଜସ୍ୱ ସହକାରୀ ଲଳିତ ରଞ୍ଜନ ନାଏକ ଓ କର୍ମଚାରୀ ଲିଜ଼ତ ପ୍ରଧାନ ପରିଚାଳନାରେ ସହଯୋଗ କରିଥିଲେ ।

## ମହାତ୍ମା ଗାନ୍ଧୀଙ୍କ ତିରୋଧାନ ଦିବସ ପାଳିତ



**ନାଉଗାଁ,୩୦।୧(ସଂଚାର ବ୍ୟୁରୋ):** ଜଗତସିଂହପୁର ଜିଲ୍ଲା ନାଉଗାଁ ବ୍ଲକର ବିଭିନ୍ନ ସ୍ଥାନରେ ଶୁକ୍ରବାର ଜାତିର ପିତା ମହାତ୍ମା ଗାନ୍ଧୀଙ୍କ ତିରୋଧାନ ଦିବସ ପାଳିତ ହୋଇଯାଇଛି। ଏହି ଅବସରରେ ସ୍ଥାନୀୟ ଶ୍ରୀ ଜଗନ୍ନାଥ ମହାବିଦ୍ୟାଳୟରେ ଥିବା ମହାତ୍ମା ଗାନ୍ଧୀଙ୍କ ପ୍ରତିମୂର୍ତ୍ତିରେ ମହାବିଦ୍ୟାଳୟର ଅଧାପକ ହୃଦାନନ୍ଦ ସ୍ୱାଇଁ, ଅଧାପକ ଚୈତନ୍ୟ ଚରଣ ପରିଡ଼ା, ତୁଷାରକାନ୍ତ ଦାସ, ରମେଶ ଚନ୍ଦ୍ର ଦାସ, ବିକ୍ରମ ବେହେରା, ରଶ୍ମୀରଞ୍ଜନ ମହାନ୍ତିଙ୍କ ସମେତ ଅନ୍ୟ କର୍ମଚାରୀ ଓ ଛାତ୍ରଛାତ୍ରୀମାନେ ସାମିଲ ହୋଇ ପୁଷ୍ପମାଲ୍ୟ ଅର୍ପଣ କରିବା ସହିତ ମହାତ୍ମା ଗାନ୍ଧୀଙ୍କ ଦେଶ ପାଇଁ ବାଳିଦାନ ଓ ତାଙ୍କର ଆଦର୍ଶ ଜୀବନ ଦର୍ଶନ ଉପରେ ଆଲୋଚନା କରିଥିଲେ।

## ଖୋ ଖୋ ପ୍ରତିଯୋଗିତା ପାଇଁ ଓଡ଼ିଶା ଦଳରେ ଦୁଇ ଭାଇ



**ବାରିପଦା,୩୦।୧(ସଂଚାର ବ୍ୟୁରୋ):** କୁରୁକ୍ଷେତ୍ର, ହରିୟାଣା ଠାରେ ଅନୁଷ୍ଠିତ ହେବାକୁ ଥିବା ୩୫ ତମ ସର୍ବ କନିଷ୍ଠ ଜାତୀୟ ଖୋ ଖୋ ପ୍ରତିଯୋଗିତାରେ ଓଡିଶା ଦଳରେ ସ୍ଥାନ ପାଇ ନିଜ ବିଦ୍ୟାଳୟ, ଅଞ୍ଚଳ ତଥା ଜିଲ୍ଲା ପାଇଁ ଗୌରବ ଆଣିଛନ୍ତି ଦୁଇ ଭାଇ ଲବ ଓ କୁଶ ଓ ଜଗତସିଂହପୁର ଠାରେ ଅନୁଷ୍ଠିତ ୧୭ ତମ ରାଜ୍ୟ ସ୍ତରୀୟ ପ୍ରତିଯୋଗିତାରେ ଉତ୍କୃଷ୍ଟ ଖେଳର ପ୍ରଦର୍ଶନ କରି ଦୁହେଁ ଓଡିଶା ଦଳରେ ସ୍ଥାନ ପାଇଛନ୍ତି ଓ ମୟୁରଭଞ୍ଜ ଜିଲ୍ଲା କୁଳିଅଣା ବ୍ଲକ ଅନ୍ତର୍ଗତ ଚାଲୁଣିଆ ଗ୍ରାମ ନିବାସୀ ରାମଚନ୍ଦ୍ର ମୁର୍ମୁ ଓ ରାଇମଣୀ ମୁର୍ମୁ ଙ୍କ ଦୁଇ ପୁତ୍ର ଲବ ଓ କୁଶ ସ୍ଥାନୀୟ ମୁର୍ଗାବାଡି ସ୍ଥିତ ପି ଏମ ଶ୍ରୀ କେନ୍ଦ୍ରୀୟ ବିଦ୍ୟାଳୟରେ ୮ମ ଶ୍ରେଣୀରେ ପଢୁଛନ୍ତି ଓ ଖବର ପାଇ ପରିବାର ସଦସ୍ୟ ଙ୍କ ସମେତ ଗ୍ରାମବାସୀ ଓ ବିଦ୍ୟାଳୟ କତୃପକ୍ଷ ଉଭୟଙ୍କୁ ଅଭିନନ୍ଦନ ଜଣାଇବା ସହ ଜାତୀୟ ସ୍ତରରେ ସଫଳତା କାମନା କରିଛନ୍ତି।

## ଧର୍ମପ୍ରାଣ ମହିଳା ଚମ୍ପକଲତା ଜେନାଙ୍କ ପରଲୋକ

**ଯାଜପୁର, ୩୦।୧(ସଂଚାର ବ୍ୟୁରୋ):** ବଡ଼ ବାଲିକୁଦା ଅଞ୍ଚଳ ଜନକ ଗ୍ରାମର ପରିଚିତ ସମାଜସେବୀ ଶ୍ରୀ ହରେକୃଷ୍ଣ ଜେନାଙ୍କ ଧର୍ମପତ୍ନୀ ଓ ଧର୍ମପରାୟଣ, ପରୋପକାରୀ ସ୍ୱଭାବର ଅଧିକାରିଣୀ ଶ୍ରୀମତୀ ଚମ୍ପକଲତା ଜେନାଙ୍କ ପରଲୋକ ଘଟିଛି। ମୃତ୍ୟୁବେଳେ ତାଙ୍କୁ ୭୫ ବର୍ଷ ବୟସ୍ ହୋଇଥିଲା।ସେ ଜଣେ ମିଷ୍ଟ ଭାଷୀ, ସହୃଦୟ ଓ ଧାର୍ମିକ ଚିନ୍ତାଧାରାର ମହିଳା ଭାବେ ଅଞ୍ଚଳରେ ପରିଚିତ ଥିଲେ। ସମାଜସେବା ଓ ପରୋପକାରମୂଳକ କାର୍ଯ୍ୟରେ ତାଙ୍କର ସକ୍ରିୟ ଭୂମିକା ସମସ୍ତଙ୍କ ମନରେ ସ୍ମରଣୀୟ ରହିବ।ତାଙ୍କର ପରଲୋକ ଖବର ପ୍ରଚାର ପାଉଥିବା ସହିତ ସ୍ଥାନୀୟ ଅଞ୍ଚଳର ବହୁ ମାନ୍ୟଗଣ୍ୟ ବ୍ୟକ୍ତି ତାଙ୍କ ଜନକସ୍ଥିତ ବାସଭବନକୁ ପହଞ୍ଚି ଶେଷ ଦର୍ଶନ କରିବା ସହ ସ୍ୱର୍ଗତ ଆତ୍ମାର ସଦଗତି କାମନା କରିଥିଲେ। ଗ୍ରାମ ଶ୍ମଶାନରେ ସମସ୍ତ ଶ୍ରଦ୍ଧାନୁଭୂତି ମଧ୍ୟରେ ତାଙ୍କର ଶେଷକୃତ୍ୟ ସମ୍ପନ୍ନ ହୋଇଥିଲା। କନିଷ୍ଠପୁତ୍ର ଶୈଳେନ୍ଦ୍ର ଜେନା ମୁଖାଗ୍ନୀ ଦେଇଥିଲେ। ଶେଷ ସମୟରେ ପୁତ୍ର, ପୁତ୍ରବଧୁ, କନ୍ୟା, ନାତି-ନାତୁଣୀ ସହ ପରିବାରବର୍ଗ ଉପସ୍ଥିତ ଥିଲେ। ଅଞ୍ଚଳବାସୀଙ୍କ ମଧ୍ୟରେ ତାଙ୍କର ପରଲୋକ ଗଭୀର ଶୋକର ସୃଷ୍ଟି କରିଛି।

## ଶ୍ରୀ ଅଚ୍ୟୁତ ଇଂଲିଶ ମିଡିୟମ ସ୍କୁଲର ବାର୍ଷିକ ଉତ୍ସବ



**ନାଉଗାଁ,୩୦।୧(ସଂଚାର ବ୍ୟୁରୋ):** ଜଗତସିଂହପୁର ଜିଲ୍ଲା ନାଉଗାଁ ବ୍ଲକ ଅନ୍ତର୍ଗତ ଗଙ୍ଗଦାହାଟସ୍ଥିତ ଶ୍ରୀ ଅଚ୍ୟୁତ ଇଂଲିଶ ମିଡିୟମ ସ୍କୁଲରେ ମହାପୁରୁଷ ଶ୍ରୀ ଅଚ୍ୟୁତଙ୍କ ଜନ୍ମ ଜୟନ୍ତୀ ଓ ଦ୍ୱାଦଶ ବାର୍ଷିକ ଉତ୍ସବ ଗୁରୁବାର ଅନୁଷ୍ଠିତ ହୋଇଯାଇଛି। ସ୍କୁଲର ମାର୍ଗଦର୍ଶକ ତିହୁଡାସ୍ଥିତ ଗୁରୁକୃପା କୁଟୁରୀର ବାବା ସତ୍ୟାନନ୍ଦ ଦାସ ମହାରାଜ ଯୋଗ ଦେଇ ପ୍ରଦୀପ ପ୍ରଜ୍ଜ୍ୱଳନ କରି କାର୍ଯ୍ୟକ୍ରମକୁ ଉଦ୍‌ଘାଟନ କରିବା ସହ ଆଧାତ୍ମିକ ଜ୍ଞାନ ଏବଂ ଧାର୍ମିକ ଶାସ୍ତ୍ରରୁ ଶିକ୍ଷା ଗ୍ରହଣ କରିବା ପାଇଁ ସମସ୍ତ ପିଲା, ପିତାମାତା ଏବଂ ଶିକ୍ଷକମାନଙ୍କୁ ପରାମର୍ଶ ଦେଇଥିଲେ। ସ୍କୁଲ ପରିଚାଳନା ସମିତିର ସଭାପତି ସଭାପତି ନିରଞ୍ଜନ ବେହୁରାଙ୍କ ପୌରୋହିତ୍ୟରେ ଆୟୋଜିତ କାର୍ଯ୍ୟକ୍ରମରେ ଭାବେ ମୁଖ୍ୟ ଅତିଥି ଭାବେ ପଞ୍ଚାୟତିରାଜ ଓ ପାନୀୟ ଜଳ ବିଭାଗର ସ୍ୱତନ୍ତ୍ର ସଚିବ ଓ ଅର୍ଥ ପରାମର୍ଶଦାତା ମନୁନାଥ ସେଠୀ, ମୁଖ୍ୟବକ୍ତା ଭାବେ ବିଜେପି ଜିଲ୍ଲା ସଭାପତି ପ୍ରତାପ କୁମାର ମିଶ୍ର, ସମ୍ମାନୀତ ଅତିଥି ଭାବେ ବିଜେପି ରାଷ୍ଟ୍ରୀୟ କାର୍ଯ୍ୟକାରଣୀ ସଦସ୍ୟ ଉପେନ୍ଦ୍ରନାଥ ବିଶ୍ୱାଳ, ତହସିଲଦାର ଅକ୍ଷୟ କୁମାର ବଡୁ, ଗଙ୍ଗଦାସ୍ଥିତ ଶ୍ରୀ ଶ୍ରୀ ମଉଳା ଭଣଜା ଉଚ୍ଚ ମାଧମିକ ବିଦ୍ୟାଳୟର ଅଧକ୍ଷ ଅଧିକାରୀ ଲେଙ୍କା, ସମାଜସେବୀ ପ୍ରତାପ ପରିଡ଼ା, ଅଭିଶେଷ ସ୍ୱାଇଁ, ସ୍କୁଲ ପରିଚାଳନା ସମିତିର ଉପସଭାପତି ବିଜୟ କୁମାର ବେହେରା, ସମାଜସେବୀ ସନ୍ତୋଷ କୁମାର ସ୍ୱାଇଁ, ପ୍ରବୀର ନାୟକ, ବିନୟ ଭୂଷଣ ସ୍ୱାଇଁ, ସିଆରସିସି ପତାମ୍ବର ପରିଡ଼ା ପ୍ରମୁଖ ଯୋଗ ଦେଇ ସ୍କୁଲରେ ଶିକ୍ଷାଦାନ ସମୟରେ ଶିକ୍ଷକଙ୍କ ଭୂମିକା ଯେତିକି ଗୁରୁତ୍ୱପୂର୍ଣ୍ଣ ପିଲାଙ୍କୁ ଜଣେ ଉତମ ଚରିତ୍ରବାନ ମଣିଷ ଗଠନ କରିବା ଦିଗରେ ପିତାମାତାଙ୍କର ଭୂମିକା ଗୁରୁତ୍ୱପୂର୍ଣ୍ଣ ବୋଲି ମତବ୍ୟକ୍ତ କରିଥିଲେ। ଏହି କାର୍ଯ୍ୟକ୍ରମରେ ଅନୁଷ୍ଠାନ ପକ୍ଷରୁ ଅତିଥିମାନଙ୍କୁ ଉତରୀୟ ମାନପତ୍ର ଓ ଦିଆଯାଇ ସମ୍ବର୍ଦ୍ଧିତକରାଯାଇଥିଲା।

## ୩୩ତମ ରାଜ୍ୟସ୍ତରୀୟ ଶାରଳା କପ୍ ଫାଇନାଲରେ ଆଦିତ୍ୟ ଇଲେଭେନ

**କାକଟପୁର/ଅସ୍ତରଙ୍ଗ,୩୦।୧(ସଂଚାର ବ୍ୟୁରୋ):** ପୁରୀ ଜିଲ୍ଲା ଅସ୍ତରଙ୍ଗ ବ୍ଲକ ପଛ ପଡ଼ିଆ ନରେନ୍ଦ୍ର ଷ୍ଟାଡିୟମ ରେ ୩୩ତମ ଶାରଳା କପ୍ ପ୍ରଥମ ସେମିଫାଇନାଲ ମ୍ୟାଚ ରେ ପରସ୍ପର କୁ ଭେଟିଥିଲେ ଯଦୁପୁର କ୍ରିକେଟ କ୍ଲବ ଭୁବନେଶ୍ୱର ବନାମ ଆଦିତ୍ୟ ଇଲେଭେନ ଭୁବନେଶ୍ୱର ମଧ୍ୟରେ। ପ୍ରଥମେ ଟସ ଜିତି ଯଦୁପୁର କ୍ରିକେଟ କ୍ଲବ ନିର୍ଦ୍ଧାରିତ ୨୦ଓଭର ରେ ୮ଉଇକେଟ ହରାଇ ୧୭୫ରନ ସଂଗ୍ରହ କରିଥିଲା। ଯଦୁପୁର କ୍ରିକେଟ କ୍ଲବ ବିକ୍ରମ ସାମଲ ୩୮ବଲ ରେ ୪୯ରନ ସଂଗ୍ରହ କରିଥିଲେ। ୧୭୬ରନ ବିଜୟଲକ୍ଷ୍ୟ କୁ ପିଛା କରି ଆଦିତ୍ୟ ଇଲେଭେନ ୧୮.୫ ଓଭର ରେ ୬ଉଇକେଟ ହରାଇ ୧୭୬ରନ ସଂଗ୍ରହ କରି ଚଳିତ ବର୍ଷ ପ୍ରଥମ ଦଳ ଭାବେ ଫାଇନାଲ ଖେଳିବାକୁ ମନୋନୀତ ହୋଇଛି। ଆଦିତ୍ୟ ଇଲେଭେନ ର ରାକେଶ ପାତ୍ର ୨୬ବଲ ରେ ୪୪ରନ ସଂଗ୍ରହ କରିଥିଲେ। ସେମିଫାଇନାଲ ମ୍ୟାଚ ରେ ଅତିଥି ଭାବେ ସମାଜସେବୀ ତଥା ମୋ ଗାଁ -ମୋ ଗର୍ବ ଆବାହକ ଅରୁଣ କୁମାର ବିଶ୍ୱାଳ, ମିଶ୍ର ଟ୍ୟୁଟୋରିଆଲ ଅଧକ୍ଷ ଅୟସକାନ୍ତ ମିଶ୍ର, ଅଭିଜ୍ଞ ତଥା ଯୁବ ଖବର ଦାତା ମଳୟ ବେହେରା, ନରେନ୍ଦ୍ର ଛାଟୋଇ, ଟୁଲୁ ବେହେରା, ସମାଜସେବୀ ଦେବାଶିଷ ବାରିକ, ପ୍ରତିଷ୍ଠାତା ନଟକିଶୋର ମହାନ୍ତି, ଉପଦେଷ୍ଟା ଦିବାକର ଛାଟୋଇ, ସଭାପତି ଯୁଗଳ କିଶୋର ମହାନ୍ତି, ଉପ ସଭାପତି ପ୍ରକାଶ ଚନ୍ଦ୍ର ବେହେରା ପ୍ରମୁଖ ଉପସ୍ଥିତ ରହି ସେମିଫାଇନାଲ ମ୍ୟାଚର ମ୍ୟାନ ଅଫ ଦି ମ୍ୟାଚ ରାକେଶ ପାତ୍ର ଙ୍କୁ ଟ୍ରଫି ଶହ ଅର୍ଥ ରାଶି ପ୍ରଦାନ କରିଥିଲେ।କିନ୍ତୁ ସବୁଠୁ ଆକର୍ଷଣ ସେମିଫାଇନାଲ ରେ ପରାଜୟ ଦଳ ଯଦୁପୁର କ୍ରିକେଟ କ୍ଲବ ଭୁବନେଶ୍ୱର କୁ ପ୍ରତିଷ୍ଠାତା ନଟ କିଶୋର ମହାନ୍ତି ୧୦ହଜାର ଟଙ୍କା ପୁରସ୍କାର ରାଶି ପ୍ରଦାନ କରିଥିଲେ।

## ଶ୍ରୀ ଅନ୍ନ ଅଭିଯାନ କାର୍ଯ୍ୟକ୍ରମରେ ମାଣ୍ଡିଆ ମଣ୍ଡି ଉଦ୍‌ଘାଟିତ



**ଫୁଲବାଣୀ,୩୦।୧(ସଂଚାର ବ୍ୟୁରୋ):** ରିଖି ଶ୍ରୀ ଅନ୍ନ ଅଭିଜାନ କାର୍ଯ୍ୟକ୍ରମ ର ରାଇକିଆ କୃଷି ଉତ୍ପାଦନ ରାଇକିଆ ଙ୍କ ତରଫରୁ ସ୍ୱାତୀ ସଙ୍ଗଠନ ସହଯୋଗରେ ରାଇକିଆ ସ୍ଥିତ ଆର.ଏମ୍.ସି. ଠାରେ ମାଣ୍ଡିଆ କିଣାବିକା ପାଇଁ ଏକ ମଣ୍ଡି ରାଇକିଆ କୃଷି ଉତ୍ପାଦନ ସଙ୍ଗଠନ ଓ ଏଫ.ଏ. ସ୍ୱାତୀ ଅନୁଷ୍ଠାନ ଙ୍କ ତତ୍ତ୍ୱାବଧାନରେ ଉଦ୍ଘାଟନ ହୋଇଯାଇଛି। ମୁଖ୍ୟ ଅତିଥିଭାବେ ରାଇକିଆ ଗୋଷ୍ଠିଉନ୍ନୟନ ଅଧିକାରି ସବ୍ୟସାଚି ସାହୁ ଯୋଗଦେଇ ମଣ୍ଡିକୁ ଉଦ୍ଘାଟନ କରିଥିଲେ। ମାଣ୍ଡିଆ ଚାଷକୁ ଆଗାକୁ ବଢାଇବା ପାଇଁ ରାଜ୍ୟ ସରକାର ଏହି ମଣ୍ଡିର ବ୍ୟବସ୍ଥା କରି ଚାଷି ମାନଙ୍କୁ ଉପଯୁକ୍ତ ମୂଲ୍ୟ ଦେବା ପାଇଁ ଚେଷ୍ଟା କରୁଥିବା ବେଳେ (ଏଫ୍.ଏ.କ୍ୟୁ ମାନର) ମାଣ୍ଡିଆ କିଲୋ ପ୍ରତି କିଣା ଦର ୪୮ ଟଙ୍କା ୮୬ ପଇସା ରଖିଛନ୍ତି। ସହାକାରୀ କୃଷି ଅଧିକାରୀ ସୁଦିପ୍ତା ପ୍ରଧାନ ଚାଷି ମାନଙ୍କୁ ଏ ଦିଗରେ ଉତ୍ସାହିତ କରିବା ପାଇଁ ମାଣ୍ଡିଆ କିପରି ଗ୍ରାମାଂଚଳ ଲୋକଙ୍କ ଖାଦ୍ୟ ରୁ ଆଜି ସହରାଂଚଳ ଲୋକଙ୍କ ଖାଦ୍ୟ ପାଲଟି ଯାଇଛି ତାହା ଉପସ୍ଥାପନା କରିଥିଲେ। ଏଥି ସହିତ ଓାସନ୍ ର ଜିଲ୍ଲା ଅଧିକାରି ସୁକଦେବ ନାୟକ ଚାଷି ଅମଳ କରୁଥିବା ସମସ୍ତ ମାଣ୍ଡିଆ କିପରି ମଣ୍ଡିକୁ ଆସିପାରିବ ତାହା ଗୁରୁତ୍ୱ ଦେଇଥିଲେ। ଏହି କାର୍ଯ୍ୟକ୍ରମରେ ଆର.ଏମ୍.ସି. ର ପରିଚାଳନା ନିର୍ଦ୍ଦେଶକ ସୁରେଶ ଚନ୍ଦ୍ର ବେହେରା, ତଡିଙ୍ଗିଆ ସରପଞ୍ଚ ଅଶୋକ କୁମାର ପ୍ରଧାନ ରାଇକିଆ କୃଷି ଉତ୍ପାଦନ ସଙ୍ଗଠନ ର ସଂପାଦକ ସରିତା ପ୍ରଧାନ, ମୁଖ୍ୟ କାର୍ଯ୍ୟନିର୍ବାହି ଅଧିକାରୀ ବିଶ୍ୱରଞ୍ଜନ ଦଳବେହେରା ପ୍ରମୁଖ ଉପସ୍ଥିତ ରହି ମାଣ୍ଡିଆ ର ସଠିକ୍ ମାନ ରଖିବା ପାଇଁ ଚାଷି ମାନେ କଣ କଣ ପଦକ୍ଷେପ ନେଇପାରିବେ ତାହା ବୁଝାଇଥିଲେ। ଅନୁଷ୍ଠାନର ସଂପାଦକ ହରିଶଙ୍କର ରାଉତ ଉପସ୍ଥିତ ରହି ଚାଷି ମାନଙ୍କୁ ଅଧିକ ସଂଗଠିତ କରିବା ପାଇଁ ଆହ୍ୱାନ ଦେଇଥିଲେ।।

ଗୁଣ୍ଡରୀ ପଞ୍ଚାୟତ ଗସ୍ତରେ ଲାଞ୍ଜିଗଡ଼ ବିଧାୟକ

## ଗୁଣ୍ଡରୀରେ ନୂତନ ବଜାର ଉଦ୍‌ଘାଟିତ

**ଲାଞ୍ଜିଗଡ଼,୩୦।୧(ସଂଚାର ବ୍ୟୁରୋ):** ଆଜି ଦିନିକିଆ ଲାଞ୍ଜିଗଡ଼ ବ୍ଲକ ଗୁଣ୍ଡରୀ ପଞ୍ଚାୟତ ଗସ୍ତରେ ଆସି ବିଭିନ୍ନ କାର୍ଯ୍ୟକ୍ରମରେ ସାମିଲ ହୋଇଛନ୍ତି ଲାଞ୍ଜିଗଡ଼ ବିଧାୟକ ପ୍ରଦୀପ କୁମାର ଦିଶାରୀ। ଆଜି ବିଧାୟକ ଶ୍ରୀ ଦିଶାରୀ ଗୁଣ୍ଡୁରୀ ପଞ୍ଚାୟତର ଦୁର୍ଗମ ଗମପେନୁ ଗାଁକୁ ଯିବା ସହିତ ସେଠାରେ ନବନିର୍ମିତ ଅତିରିକ୍ତ ଶ୍ରେଣୀଗୃହର ଉଦଘାଟନ କରିଥିଲେ। ବିଧାୟକଙ୍କ ସହିତ ସମ୍ମାନିତ ଅତିଥି ଭାବେ ଲାଞ୍ଜିଗଡ଼ ବ୍ଲକ ଅଧକ୍ଷା କମଳା ପାତ୍ର, ଉପାଧକ୍ଷ ସଞ୍ଜୀବ କୁମାର ନାୟକ, ବିଡିଓ ଶଶାଙ୍କ ପାତ୍ର, ଗୋଷ୍ଠୀ ଶିକ୍ଷାଧିକାରୀ ରଷିଆ ମେହେର, ଅତିରିକ୍ତ ଗୋଷ୍ଠୀ ଶିକ୍ଷାଧିକାରୀ ସୁଢ଼ଳଦେବ ମୁଣ୍ଡ, କ୍ଲଷ୍ଟର ସଂଯୋଜକ ମନୋଜ ସାହୁ, ସରପଞ୍ଚ ହରିପ୍ରିୟା ମାଝୀ, ସମିତିସଭ୍ୟା ପଦ୍ମିନୀ ରାଉତ, ନାଏବ ସରପଞ୍ଚ କାନ୍ତି ମାଝୀ ପ୍ରମୁଖ ସାମିଲ ଥିଲେ। ବିଦ୍ୟାଳୟର ପ୍ରଧାନ ଶିକ୍ଷକ ଶୃତିରଞ୍ଜନ ରଥ ଓ ସହକାରୀ ଶିକ୍ଷକ ଦାମୋଦର ସା କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ସେହିପରି ଗୁଣ୍ଡୁରୀଠାରେ ନବନିର୍ମିତ ନୂତନ ବଜାରଗୃହକୁ ବିଧାୟକ ଲୋକାର୍ପଣ କରିଥିଲେ।ଏହି ଅବସରରେ ବିଧାୟକଙ୍କ ସହିତ ଉପରୋକ୍ତ ସମସ୍ତ ଅଧିକାରୀ ଉପସ୍ଥିତ ଥିଲେ। ଏଥିରେ ପୂର୍ବତନ ଜିଲ୍ଲା ପରିଷଦ ସଭ୍ୟ ଉପେନ୍ଦ୍ର ରାଉତ, ପୂର୍ବତନ ବ୍ଲକ ଉପାଧକ୍ଷ ଜଗଦୀଶ ବେନିଆଁ, ସମାଜସେବୀ ହରିଶଙ୍କର ପାତ୍ର, ତରୁଣ କୁମାର ଦାସ, କପୁରଚନ ମାନୀ, ରାମ ନାଏକ, ବିଜୟ ରାଉତ, ହରେକୃଷ୍ଣ ସାହୁ, ଗୋବିନ୍ଦ ଦୋରା, ରବୀନ୍ଦ୍ର ମାଝୀ, ବରୁଣ ମାଝୀ ପ୍ରମୁଖ ଉପସ୍ଥିତ ଥିଲେ।

## କଂଗ୍ରେସ ନୂତନ ସଭାପତିଙ୍କୁ ସମ୍ବର୍ଦ୍ଧନା ଲାଗି ପ୍ରସ୍ତୁତି ବୈଠକ

**ଲାଞ୍ଜିଗଡ଼,୩୦।୧(ସଂଚାର ବ୍ୟୋରୋ):** ଆଗକୁ ପାଞ୍ଚାୟତ ନିର୍ବାଚନକୁ ଦୃଷ୍ଟିରେ ରଖି କଳାହାଣ୍ଡି ଜିଲ୍ଲା ଲାଞ୍ଜିଗଡ଼ ବ୍ଲକ କଂଗ୍ରେସ ତାର ରଣ କୌଶଳ ପ୍ରସ୍ତୁତ କରୁଛି।ଏହି ପରିପ୍ରେକ୍ଷୀରେ ନୂତନ ସଭାପତି ଚୟନ ସହ କାର୍ଯ୍ୟକାରୀ ସଭାପତି, ଯୁବ ସଭାପତି, ପଞ୍ଚାୟତ ସଭାପତି କଂଗ୍ରେସ ବିଗୁଲ ବଜାଇଛି। ଗତ ଜାନୁୟାରୀ ୧୮ ତାରିଖରେ ବରିଷ୍ଠ ନେତୃତ୍ୱ ଗୋବିନ୍ଦ ପ୍ରଧାନୀଙ୍କୁ କଂଗ୍ରେସ ବ୍ଲକ ଦାଇତ୍ୱ ଭାର ପ୍ରଦାନ କରିବା ପରେ ଲାଞ୍ଜିଗଡ଼ କଂଗ୍ରେସ କର୍ମୀ ମହଲରେ ପ୍ରବଳ ଉତ୍ସାହ ଦେଖିବାକୁ ମିଳିଛି। ଆଜି ଏହି ଅବସରରେ ଲାଞ୍ଜିଗଡ଼ ବ୍ଲକ କଂଗ୍ରେସ ପକ୍ଷରୁ ନୂତନ ସଭାପତିଙ୍କୁ ସମ୍ବର୍ଦ୍ଧନା ପାଇଁ ବିଶ୍ୱନାଥପୁର ଠାରେ ଲାଞ୍ଜିଗଡ଼ ବ୍ଲକ କଂଗ୍ରେସ ସମ୍ପାଦକ ଗଣେଶ ବେହେରାଙ୍କ ସଭାପତିତ୍ୱରେ ଏକ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି। ଏଥିରେ ପୂର୍ବତନ ମନ୍ତ୍ରୀ ବଳଭଦ୍ର ମାଝୀ, ଲାଞ୍ଜିଗଡ଼ ବ୍ଲକ ସଭାପତି ଗୋବିନ୍ଦ ପ୍ରଧାନୀ, କଂଗ୍ରେସ ଜିଲ୍ଲା ଉପସଭାପତି ମନୋଜ ରାଉତ, ପ୍ରଦିପ ମାଝୀ, ରାଜିବ ଗାନ୍ଧୀ ସେବା ସମିତି ସଭାପତି ମୁଲୁ ମାଝୀ, ପୂର୍ବତନ ଅଧକ୍ଷ ଫକିର ମାଝୀ, ଜୋନ୍ ୧ ସଭାପତି ପୂର୍ଣ୍ଣଚନ୍ଦ୍ର ଗଉଡ଼, ବିଶ୍ୱନାଥପୁର କଂଗ୍ରେସ ସଭାପତି ନରେନ୍ଦ୍ର ପ୍ରଧାନୀ, ଗୋପାଳ ଖୁରାଙ୍କ ସମେତ କଂଗ୍ରେସ ନେତା ଓ କର୍ମୀ ମାନେ ଉପସ୍ଥିତ ରହି ବିଜେପି ରାଜ୍ୟ ଓ କେନ୍ଦ୍ର ଉପରେ ବର୍ଷିଥିଲେ।

## ଜେଲ ଅନ୍ତେବାସୀଙ୍କ ଚାଷ



**ଫୁଲବାଣୀ,୩୦।୧(ସଂଚାର ବ୍ୟୁରୋ):** ଜୀବନରେ କିଛି ମଣିଷ ଅପରାଧ କରି ଦଣ୍ଡ ଭୋଗିବାକୁ ଜେଲ୍ ଯାଉଛନ୍ତି। ଜେଲ୍ କୁ ଯିବା ପରେ ମାନସିକ ଚିନ୍ତାରେ ରୁହନ୍ତି। କିନ୍ତୁ ଫୁଲବାଣୀ ମଣ୍ଡଳ କାରାଗାର ରେ ଅନ୍ତେବାସୀ ଙ୍କ ପାଇଁ ବିବିନ୍ନ କାର୍ଯ୍ୟକ୍ରମ କରାଯାଉଛି। ନିଜକୁ ସୁଧାରିବା ପାଇଁ ମାନସିକ ଚିନ୍ତାରୁ ମୁକ୍ତ ପାଇଁ ସଦା ସର୍ବଦା ବିବିନ୍ନ କାର୍ଯ୍ୟରେ ନିୟୋଜିତ କରାଯାଉଛି। ଯେମିତିକି ପନିପରିବା ଚାଷ ସହ ନିଜକୁ ଫିଟ ରଖିବା ପାଇଁ ଯୋଗ ଶିକ୍ଷା ମଧ ଦିଅ ଯାଇଚି। ଯାହାଫଳରେ ଅନ୍ତେ ବାସୀ ଦୁଇ ପଇସା ରୋଜଗାର କରିବା ସହ ବହୁ ଖୁସି ରେ ରହିଛନ୍ତି ଏହି କାରାଗାରରେ । ଯଦି କେହି ଅପରାଧ କରେ ସେହି ଅପରାଧି ଙ୍କୁ ଜେଲ ଯିବାକୁ ପଡେ। ଜେଲ ଯିବା ପରେ ସେଇ ଅପରାଧି ମାନସିକ ଚିନ୍ତା ରେ ନ ରହୁ ଓ ନିଜକୁ କିଭଳି ସୁଦ୍ଧାର ଆଣିବା ପାଇଁ ଫୁଲବାଣୀ ମଣ୍ଡଳ କାରାଗାର ର ଅଧିକାରୀ ବିଭିନ୍ନ ପ୍ରୟାସ କରିଛନ୍ତି। ଏହି ଅନ୍ତେ ବାସି ଯେବେ ସମାଜକୁ ଫେରିବେ ନିଜେ କିଭଳି ସ୍ୱାବଲମ୍ବୀ ହୋଇ ପାରିବେ ସେଥିପାଇଁ ଜେଲ୍ ଅଧିକାରୀ ପ୍ରୟାସ କରିଛନ୍ତି। ଅନ୍ତେବାସୀ ଙ୍କୁ ନେଇ ବିଭିନ୍ନ ପ୍ରକାରର ଚାଷ କରୁଛନ୍ତି। ଯେମିତିକି ଫୁଲ କୋବି ବନ୍ଧା କୋବି ଗାଜର, ମୂଳା, ବିଂଶ, ଶାଗ ଏହିଭଳି ବିବିନ୍ନ ପରିବା ଚାଷ କରିବା ସହ ବାହାରକୁ ନେଇ ବିକ୍ରି କରୁଛନ୍ତି। ଏହି ପନିପରିବା ଲୋକେ ନେବା ପାଇଁ ଆଗ୍ରହ ପ୍ରକାଶ କରୁଛନ୍ତି। ଜେଲ ଭିତରେ ଛତୁ ଚାଷ ଓ ଜିଆ ଖତ ମଧ କରାଯାଉଛି। ଏହି ଚାଷ କରି ଦୁଇ ପଇସା ଭଲ ରୋଜଗାର କରିବା ସହ। ସମାଜର ମୁଖ୍ୟ ସ୍ରୋତକୁ ଫେରିବା ପରେ ଏହି କାମ କରି ନିଜେ ଚଳି ପାରିବେ ଏହା ହେଉଛି ମୁଖ୍ୟ ଉଦ୍ଦେଶ୍ୟ।

ସଂଚାର SANCHAR ଶନିବାର ୩୧ ଜାନୁଆରୀ ୨୦୨୬



# ସ୍ୱାସ୍ଥ୍ୟ



# ପଇଡ଼ ପାଣି ପିଅନ୍ତୁ ସୁସ୍ଥ ରୁହନ୍ତୁ

ଆଜିକାଲିକା ଲୋକଙ୍କ ଜୀବନଶୈଳୀରେ ଅନେକ ପରିବର୍ତ୍ତନ ଦେଖିବାକୁ ମିଳୁଛି। ଯାହା ଖାଦ୍ୟପେୟରେ ଅନିର୍ଦ୍ଧିଷ୍ଟ କାରଣ ପାଇଁ ଏପରି ପରିବର୍ତ୍ତନ ହେଉଛି। ଯାହା ପରବର୍ତ୍ତୀ ସମୟରେ ସ୍ୱାସ୍ଥ୍ୟ ଉପରେ ନକରାତ୍ମକ ପ୍ରଭାବ ପକାଉଛି। ପ୍ରତ୍ୟେକ ଲୋକ ଏପରି ସ୍ଥିତିରୁ ବାହାରିବା ପାଇଁ ଉପାୟ ଖୋଜିଥାଆନ୍ତି। ଯେମିତି ବିନା ସାଇଡ୍ ଇଫେକ୍ଟରେ ଏବଂ ସହଜରେ ରକ୍ଷା ପାଇପାରିବେ। ପଇଡ଼ ପାଣି ଏପରି ଏକ ହର୍ବାଲ ଡ୍ରିଙ୍କ୍ସ ଯାହାକୁ ଆୟୁର୍ବେଦ ଅନୁସାରେ ମହୌଷଧି ଭାବେ ବିବେଚନା କରାଯାଏ। ପଇଡ଼ ପାଣି ପ୍ରାକୃତିକ ଗୁଣରେ ଭରପୁର ହୋଇଥିବାରୁ ଏହା ଆମ ସ୍ୱାସ୍ଥ୍ୟ ପାଇଁ ଲାଭକାରୀ ହୋଇଥାଏ।

ପଇଡ଼ ପାଣିରେ ଅନେକ ପୋଷକ ତତ୍ତ୍ୱ ରହିଛି। ଏଥିରେ ସୋଡିୟମ୍,ପୋଟାସିୟମ୍, କ୍ୟାଲସିୟମ୍ ଏବଂ ମ୍ୟାଗ୍ନେସିୟମ୍ ଭରପୁର ମାତ୍ରାରେ ରହିଛି। ଏଥିସହ ଏଥିରୁ ଇଲେକ୍ଟ୍ରୋଲାଇଟ୍ସ ମଧ୍ୟ ମିଳିଥାଏ। ଯଦି ଆପଣଙ୍କର ଡିହାଇଡ୍ରେସନ୍ ହେଉଛି ତେବେ ଏହାକୁ ରୋକିବା ପାଇଁ ପଇଡ଼ ପାଣି ପିଇପାରିବେ। ତେବେ ଏହି ପାଣି ପିଇବାର ସଠିକ୍ ସମୟ, ଉପାୟ ଏବଂ ଏହାର ଲାଭ ସମ୍ପର୍କରେ ଆସନ୍ତୁ ଜାଣିବା।

**ପେଟ ଏବଂ ପାଚନ ପ୍ରକ୍ରିୟା ପାଇଁ ଲାଭଦାୟକ:** ନଡ଼ିଆ ପାଣି ପିଇବା ଦ୍ୱାରା ଆପଣଙ୍କ ପାଚନ ପ୍ରକ୍ରିୟା ମଜବୁତ ହୋଇଥାଏ ଏବଂ ପେଟ ସମସ୍ୟାରୁ ମୁକ୍ତି ମିଳିଥାଏ। ଯେଉଁମାନେ ଏସିଡିଟି, ଗ୍ୟାସ ଏବଂ କୋଷ୍ଠକାଠିନ୍ୟରେ ପୀଡିତ, ସେମାନଙ୍କ ପାଇଁ ନଡ଼ିଆ ପାଣି ଏକ ପ୍ରାକୃତିକ ଉପଚାର ଭାବରେ କାର୍ଯ୍ୟ କରେ। ଏଥିରେ ଅନେକ ଏନଜାଇମ ରହିଥିବାରୁ ଏହା ଅନ୍ତନଳୀ ସ୍ୱାସ୍ଥ୍ୟ ପାଇଁ ଲାଭଦାୟକ ହୋଇଥାଏ।

**ହାର୍ଟ ଏବଂ ରକ୍ତଚାପ ପାଇଁ ଲାଭଦାୟକ:** ହାର୍ଟ ରୋଗୀଙ୍କ ପାଇଁ ନଡ଼ିଆ ପାଣି ବେଷ୍ଟ ହୋଇଥାଏ। ଏହି ନ୍ୟାଚୁରାଲ ଡ୍ରିଙ୍କ୍ସ ପିଇବାର ଅଭ୍ୟାସ କରିବା ଦ୍ୱାରା ହାର୍ଟ ସମ୍ବନ୍ଧୀୟ ସମସ୍ୟାରୁ ମୁକ୍ତି ମିଳିଥାଏ ଏବଂ ହାର୍ଟ ରୋଗର ଆଶଙ୍କାକୁ କମ୍ କରିଥାଏ। ନଡ଼ିଆ ପାଣିରେ ଥିବା ପୋଟାସିୟମ୍ ରକ୍ତଚାପକୁ ମଧ୍ୟ ନିୟନ୍ତ୍ରଣ କରିବାରେ ସାହାଯ୍ୟ କରିଥାଏ।

**ତ୍ୱଚା ଏବଂ ତ୍ୱଚା ପାଇଁ ଫଳପ୍ରଦ:** କେବଳ ସ୍ୱାସ୍ଥ୍ୟ ପାଇଁ ନୁହେଁ ପଇଡ଼ ପାଣି ପିଇବା ଦ୍ୱାରା ତ୍ୱଚା ଏବଂ ତ୍ୱଚା ପାଇଁ ଲାଭଦାୟକ ହୋଇଥାଏ। ଏହି ପାଣି ପିଇବା ଦ୍ୱାରା ତ୍ୱଚା ଏବଂ କେଶ ଜନିତ ସମସ୍ୟାକୁ ଦୂର କରିବାରେ ସହାୟକ କରେ।

ସକାଳେ ଖାଲି ପେଟରେ ପଇଡ଼ ପାଣି ପିଇବା ଉଚିତ୍। ଯାହା ଆପଣଙ୍କ ମେଟାବୋଲେଜିୟମକୁ ବୃଦ୍ଧି କରିବାରେ ସାହାଯ୍ୟ କରେ। ବିଶେଷ କରି ନିୟମିତ ବ୍ୟାୟାମ କରୁଥିବା ବ୍ୟକ୍ତିଙ୍କ ପାଇଁ ପଇଡ଼ ପାଣି ଜରୁରୀ। ଏହାକୁ ସୀମିତ ପରିମାଣରେ ଏହି ଡ୍ରିଙ୍କ୍ସକୁ ପିଇବା ଉଚିତ୍। କିନ୍ତୁ ଯେଉଁମାନେ ଡାଇବେଟିସ୍ ରୋଗରେ ପୀଡିତ ସେମାନେ ପଇଡ଼ ପାଣି ପିଇବା ପୂର୍ବରୁ ଡ଼ାକ୍ତରଙ୍କ ପରାମର୍ଶ ନେବା ଆବଶ୍ୟକ। ଆପଣମାନେ ପ୍ରତିଦିନ ଗୋଟିଏରୁ ଦୁଇ ଗ୍ଲାସ୍ ପଇଡ଼ ପାଣି ପିଇପାରିବେ। ଏହି ସବୁ ସମସ୍ୟା ଥିଲେ ପ୍ରତିଦିନ ସୀମିତ ପରିମାଣରେ ପଇଡ଼ ପାଣି ପିଇବାର ଅଭ୍ୟାସ କରନ୍ତୁ। ଯେଉଁମାନଙ୍କ ଡାଇବେଟିସ୍ ସମସ୍ୟ ରହିଛି ସେମାନେ ଡ଼ାକ୍ତରଙ୍କ ପରାମର୍ଶ ନେଇ ପଇଡ଼ ପାଣି ପିଅନ୍ତୁ।

# ପ୍ରତିଦିନ ବ୍ରେକ୍‌ଫାଷ୍ଟରେ ସାମିଲ କରନ୍ତୁ ଓଟ୍ସ



ସୁସ୍ଥ ଶରୀର ପାଇଁ ସକାଳର ବ୍ରେକଫାଷ୍ଟ ଜରୁରୀ ହୋଇଥାଏ। ସକାଳ ଖାଦ୍ୟ ଯେତିକି ହେଲଦି ହେବ ଶରୀର ସେତେ ସୁସ୍ଥ ରହିବ। ତେଣୁ ସକାଳ ବ୍ରେକଫାଷ୍ଟରେ ହେଲଦି ଖାଦ୍ୟ ଗୁରୁତ୍ୱପୂର୍ଣ୍ଣ। ବର୍ତ୍ତମାନ ସମୟରେ ଅନେକ ଲୋକ ସେମାନଙ୍କ ଖାଇବା ପିଇବା ପ୍ରତି ଖୁବ୍ ସଚେତନ ହୋଇ ଉଠିଛନ୍ତି। ତେଣୁ ଉତ୍ତମ ଖାଦ୍ୟ ସୁସ୍ଥ ଶରୀର ଗଠନ କରିବାରେ ସାହାଯ୍ୟ କରିଥାଏ। ସକାଳ ଖାଇବା ପାଇଁ ଓଟ୍ସ ଏକ ଉତ୍ତମ ବିକଳ୍ପ। ଓଟ୍ସକୁ ସକାଳ ବ୍ରେକଫାଷ୍ଟରେ ଖାଇବା ଦ୍ୱାରା ଅନେକ ସ୍ୱାସ୍ଥ୍ୟଗତ ଲାଭ ମିଳିଥାଏ। ଓଟ୍ସରେ କ୍ୟାଲସିୟମ୍, ପୋଟାସିୟମ୍, ମ୍ୟାଗ୍ନେସିୟମ୍ ଏବଂ ଭିଟାମିନ୍ 'ବି' ଭରପୂର ରହିଥାଏ। ଯାହା ଆପଣଙ୍କ ଶରୀର ପାଇଁ ଅତ୍ୟନ୍ତ ଜରୁରୀ ହୋଇଥାଏ। ତାହେଲେ ଆସନ୍ତୁ ସକାଳର ବ୍ରେକ୍ଫାଷ୍ଟରେ ଓଟ୍ସ ଖାଇବାର ଲାଭ ସମ୍ପର୍କରେ ଜାଣିବା।

**ପେଟ ସମସ୍ୟା ଦୂର କରିବାରେ ସାହାଯ୍ୟ କରେ:** ଯଦି ଆପଣ ପେଟ ସମ୍ବନ୍ଧୀୟ ସମସ୍ୟାର ସମ୍ମୁଖୀନ ହେଉଛନ୍ତି ଯେପରିକି କୋଷ୍ଠକାଠିନ୍ୟ, ଗ୍ୟାସ୍, ପେଟ ଫୁଲିବା ଇତ୍ୟାଦି ତେବେ ଆପଣ ସକାଳ ବ୍ରେକ୍ଫାଷ୍ଟରେ ଓଟ୍ସ ଖାଇବା ଉଚିତ୍। କାରଣ ଓଟ୍ସରେ ଫାଇବର ଭରପୂର ହୋଇଥାଏ, ଯାହା ପେଟ ସମ୍ବନ୍ଧୀୟ ସମସ୍ୟାକୁ ଭଲ କରିବାରେ ବହୁତ ସାହାଯ୍ୟ କରିଥାଏ। ଓଟ୍ସ ଖାଇବା ଦ୍ୱାରା ଆପଣଙ୍କ ପେଟ ସମସ୍ୟା ଦୂର ହୋଇଥାଏ, ଯାହା ଦ୍ୱାରା କୋଷ୍ଠକାଠିନ୍ୟ କିମ୍ବା ଗ୍ୟାସର ସମସ୍ୟା କମ୍ ହୋଇଥାଏ।

**ବ୍ଲଡ ସୁଗାରକୁ ନିୟନ୍ତ୍ରଣ କରେ:** ଡାଇବେଡିସ୍ ରୋଗୀଙ୍କ ପାଇଁ ଓଟ୍ସ ଖାଇବା ଅତ୍ୟନ୍ତ ଲାଭଦାୟକ ବୋଲି ବିବେଚନା କରାଯାଏ। ଓଟ୍ସରେ ବହୁତ କମ୍ ଗ୍ଲାଇସେମିକ୍ ଇଣ୍ଡେକ୍ସ ରହିଥାଏ, ଯାହା ଆପଣଙ୍କ ବ୍ଲଡ ସୁଗାର ଲେବଲକୁ ନିୟନ୍ତ୍ରଣ କରିଥାଏ। ଏଥିରେ ଥିବା ହାଇ ଫାଇବର ଏବଂ କାର୍ବୋହାଇଡ୍ରେଟ୍ ଗ୍ଲୁକୋଜ ବ୍ଲଡ ସୁଗାରକୁ ନିୟନ୍ତ୍ରଣ କରିବାରେ ବହୁତ ସାହାଯ୍ୟ କରେ।

**କୋଲେଷ୍ଟ୍ରଲ କମ୍ କରେ:** ଯଦି ଆପଣ ଖରାପ କୋଲେଷ୍ଟ୍ରଲ ଦ୍ୱାରା ଅସୁବିଧାରେ ପଡୁଛନ୍ତି। ତେବେ ଏହା ଆପଣଙ୍କ ଖାଦ୍ୟରେ ପରିବର୍ତ୍ତନ କରିବା ଏବଂ ଆପଣଙ୍କ ଖାଦ୍ୟରେ ଓଟ୍ସ ଅନ୍ତର୍ଭୁକ୍ତ କରିବା ସବୁଠାରୁ ଭଲ ହେବ। ଏଥିରେ ଥିବା ଫାଇବର ବ୍ଲଡରେ ଥିବା ଖରାପ କୋଲେଷ୍ଟ୍ରଲ୍ ଲେବଲ୍କୁ କମ୍ କରିଥାଏ। କୋଲେଷ୍ଟ୍ରଲକୁ ନିୟନ୍ତ୍ରଣ କରିବା ଦ୍ୱାରା, ଏବଂ ହାର୍ଟ ସମ୍ବନ୍ଧୀୟ ରୋଗ ହେବାର ଆଶଙ୍କା କମିଯାଏ। ଏଥିରେ ଏଷ୍ଟେରୋଲାକ୍ଟୋନ ମିଳିଥାଏ ଯାହା ହାର୍ଟ ସମସ୍ୟାରୁ ମୁକ୍ତି ଦେବାରେ ସାହାଯ୍ୟ କରିଥାଏ।

**ସ୍କିନ୍ ସମସ୍ୟା ପାଇଁ ଭଲ ହୋଇଥାଏ:** ଓଟ୍ସ କୋଲାଜେନ୍ ଉତ୍ପାଦନ କରେ ଯାହା ସ୍କିନ୍ ପାଇଁ ଅତ୍ୟନ୍ତ ଲାଭଦାୟକ ହୋଇଥାଏ। ଏହାର ବ୍ୟବହାର କରିବା ଦ୍ୱାରା ସ୍କିନ୍‌ରେ କୁଣ୍ଡେଇ ହେବା, ଫୁଲିବା ଏବଂ ଘାଆ ଭଳି ସମସ୍ୟା ସୃଷ୍ଟି ହୁଏ ନାହିଁ। ଏହାକୁ ବାରମ୍ବାର ବ୍ୟବହାର କରିବା ଦ୍ୱାରା ସ୍କିନ୍ ସମ୍ବନ୍ଧୀୟ ଅନେକ ସମସ୍ୟା ଦୂର ହୋଇପାରେ।

ଲୋକମାନେ ସେମାନଙ୍କର ବ୍ରେକ୍ଫାଷ୍ଟରେ ଅନେକ ଉପାୟରେ ଓଟ୍ସ ଅନ୍ତର୍ଭୁକ୍ତ କରିପାରିବେ। ତେବେ ଆପଣ ଏହାକୁ ଫଳ, ପନିପରିବା, ବାଦାମ ଏବଂ ଅନ୍ୟାନ୍ୟ ଜିନିଷ ସହିତ ଖାଇପାରିବେ। ଆପଣ ଏଥିରେ ଚିଲା, ଖିଚିଡି, ଓଟ୍ସ ଡୋସା ଏବଂ ଇଡଲି ମଧ୍ୟ ତିଆରି କରିପାରିବେ। ତେବେ ଏପରି ଭାବେ ଆପଣ ଓଟ୍ସକୁ ନିଜ ପ୍ରତିଦିନ ଡାଏଟ୍‌ରେ ସାମିଲ କରିପାରିବେ। ଯାହାଫଳରେ ଆପଣ ଏହି ସବୁ ସମସ୍ୟାରୁ ମୁକ୍ତି ପାଇପାରିବେ।



# ତମ୍ବା ପାତ୍ରରେ ପାଣି ପିଇବା ହିତକର

ଭାରତୀୟ ପରମ୍ପରାରେ ତମ୍ବା ପାତ୍ରରେ ପାଣି ପିଇବା ଖୁବ ଭଲ ବୋଲି କୁହାଯାଇଥାଏ। ଆର୍ଯ୍ୟୁବେଦରେ ମଧ୍ୟ ତମ୍ବାର ଗୁଣକୁ ମାନ୍ୟତା ଦିଆଯାଇଥାଏ। ତମ୍ବାରେ ଥିବା ଆଣ୍ଟି ବ୍ୟାକ୍ଟେରିଆଲ, ଆଣ୍ଟି ଅକ୍ସିଡାଣ୍ଟ ଏବଂ ଆଣ୍ଟି ଇନଫ୍ଲାମେଟରୀ ଗୁଣ ସ୍ୱାସ୍ଥ୍ୟ ପାଇଁ ଲାଭଦାୟକ। କିନ୍ତୁ ଏହା ସମସ୍ତଙ୍କ ପାଇଁ ଭଲ ହୋଇନଥାଏ। ତେବେ ଆସନ୍ତୁ ଏହା ବିଷୟରେ ଅଧିକ ଜାଣିବା। ଏହି ପାଣି ପିବା ଦ୍ୱାରା କେଉଁ ରୋଗ ଠିକ୍ ହୁଏ ଜାଣନ୍ତୁ। ଏଥିରେ ଗ୍ୟାସ, ଏସିଡିଟି, କୋଷ୍ଠକାଠିନ୍ୟ, ଏନିମିଆ ଏବଂ ଅର୍ଥରାଇଟିସ ଭଳି ଅନେକ ରୋଗରୁ ମିଳିଥାଏ ମୁକ୍ତି। ତମ୍ବାରେ ଥିବା ଆଣ୍ଟି ବ୍ୟାକ୍ଟେରିଆଲ, ଆଣ୍ଟି ଅକ୍ସିଡାଣ୍ଟ ଏବଂ ଆଣ୍ଟି ଇନଫ୍ଲାମେଟରୀ ଗୁଣ ପାଚନ ଶକ୍ତିକୁ ମଜବୁତ କରିଥାଏ। ଏଥିସହ ବଡିକୁ ଡିଟକ୍ସ ମଧ୍ୟ କରିଥାଏ। ରାତି ସାରା ତମ୍ବା ପାତ୍ରରେ ରହିଥିବା ପାଣି ସକାଳୁ ଖାଲି ପେଟରେ ପିଇଲେ, ଏନିମିଆରୁ ମୁକ୍ତି ମିଳିଥାଏ। ଏହା ବ୍ୟତୀତ ଏହି ପାଣି ଥାଇରଏଡ୍ ହର୍ମୋନକୁ ବାଲାନ୍ସ କରିବାରେ ସହଯୋଗ କରିଥାଏ। ଏହା ମେଟାବଲିଜିମକୁ ଠିକ୍ ରଖିଥାଏ। ଶରୀର ଭିତରେ ଥିବା ହର୍ମୋନାଲ ଅସନ୍ତୁଳନକୁ କମ୍ କରିବାରେ ସହାୟକ ହୋଇଥାଏ।

ଯଦି ଆପଣ ଦୈନନ୍ଦିନ ତମ୍ବା ପାତ୍ରରେ ରଖାଯାଇଥିବା ପାଣି ପିଉଛନ୍ତି କିମ୍ବା ଏହାକୁ ଆପଣଙ୍କ ନିଜ ଜୀବନରେ ସାମିଲ କରିବାକୁ ଭାବୁଛନ୍ତି, ତେବେ ଏହି ଭୁଲଗୁଡ଼ିକ ଠାରୁ ଦୂରେଇ ରୁହନ୍ତୁ। ବିଶେଷଜ୍ଞଙ୍କ ମତରେ ପ୍ରତିଦିନ ତମ୍ବା ପାତ୍ରରେ ରଖାଯାଇଥିବା ପାଣି ସ୍ୱାସ୍ଥ୍ୟ ପ୍ରତି ଲାଭଦାୟକ, କିନ୍ତୁ ଆପଣ କେବେ ବି ସେହି ପାତ୍ରରେ ଗରମ ପାଣି କିମ୍ବା ଲେମ୍ବୁ ମିଶାଇ ପିଇଅନ୍ତୁ ନାହିଁ କାରଣ ଏହା ତମ୍ବା ସହିତ ପ୍ରତିକ୍ରିୟା ସୃଷ୍ଟି କରିଥାଏ। ଦିନରେ ଅଧିକ ପରିମାଣରେ ତମ୍ବା ଆବୃତ ପାଣି ପିଇବା ଦ୍ୱାରା ପେଟର ଜଳା-ପୋଡା,ବାନ୍ତି ଏବଂ ପେଟ ଯନ୍ତ୍ରଣା ହୋଇପାରେ। ତେବେ ଏପରି କରିବା ଠାରୁ ଦୂରରେ ରୁହନ୍ତୁ ଆଉ ନିଜକୁ ସୁସ୍ଥ ରଖନ୍ତୁ।

ଗର୍ଭବତୀ ଏବଂ ସ୍ତନପାନ କରାଉଥିବା ମହିଳା ଏହି ପାଣି ନ ପିଇବା ଆବଶ୍ୟକ। ଯେଉଁ ଲୋକଙ୍କର ପେଟରେ ଜଳାପୋଡା ବା ଗଭୀର ରକ୍ତସ୍ରାବର ରୋଗ ହୋଇଥାଏ, ସେମାନେ ତମ୍ବା ପାତ୍ରର ପାଣି ପିଅନ୍ତୁନି। ତମ୍ବା ପାତ୍ରରେ ପାଣି ପିଇବାର ମୁଖ୍ୟ ଅସୁବିଧା ହେଉଛି ତମ୍ବା ବିଷାକ୍ତତାର ଆଶଙ୍କା, ଯାହା ଶରୀରରେ ଅତ୍ୟଧିକ ତମ୍ବା ଯୋଗୁଁ ହୋଇଥାଏ। ଏହା ବାନ୍ତି, ପେଟ ଯନ୍ତ୍ରଣା, ମୁଣ୍ଡ ବୁଲାଇବା, ବାନ୍ତି ଏବଂ ଡାଇରିଆ ଭଳି ସମସ୍ୟା ସୃଷ୍ଟି କରିପାରେ।



# ଶରୀର ପାଇଁ କେଉଁ ଡାଲି ସବୁଠୁ ଭଲ ?

ସବୁ ଭାରତୀୟ ଲୋକଙ୍କ ପ୍ରିୟ ଖାଦ୍ୟ ହେଉଛି ଭାତ ଓ ଡାଲି। କାର୍ଯ୍ୟରତ ଲୋକ ହେଉ କିମ୍ବା ସାମାନ୍ୟ ଲୋକ, ସମସ୍ତଙ୍କର ପସନ୍ଦ ହୋଇଥାଏ। ଯେକୌଣସି ବ୍ୟକ୍ତିଙ୍କୁ ଯଦି ଶୀଘ୍ର ଖାଦ୍ୟ ରାନ୍ଧିବାର ଥାଏ ତେବେ ଭାତ ଓ ଡାଲି ତିଆରି କରିଦିଅନ୍ତି। ବହୁତ ଲୋକ ଅଛନ୍ତି ଯେଉଁମାନେ କାମରେ ବ୍ୟସ୍ତତା ଯୋଗୁଁ ସକାଳେ ବା ଅପରାହ୍ନରେ ନୁହେଁ ବରଂ ରାତିରେ ବି ଭାତ, ଡାଲି ସହ କଣ ଟିକେ ଲଗେଇ ଖାଇ ଦିଅନ୍ତି। ତେବେ ଆପଣ ବିଭିନ୍ନ ପ୍ରକାର ଡାଲି ଖାଇଥିବେ। ଡାଲି ପ୍ରତିଦିନ ଭାରତୀୟ ଖାଦ୍ୟର ଏକ ଅତ୍ୟାବଶ୍ୟକ ଅଂଶ। ମୁଗ, ଚଣା, ମସୁର ଏବଂ ହରଡ଼ ଭଳି ଡାଲି ପ୍ରତ୍ୟେକ ଘରେ ଖିଆଯାଏ, କିନ୍ତୁ ଆପଣ କ'ଣ ଜାଣନ୍ତି ଯେ ପ୍ରତ୍ୟେକ ଡାଲିର ଏକ ଭିନ୍ନ ପୁଷ୍ଟିକର ଏବଂ ସ୍ୱାସ୍ଥ୍ୟ ପ୍ରଭାବ ଥାଏ? ଆମେ ପ୍ରାୟତଃ ସ୍ୱାଦ କିମ୍ବା ଅଭ୍ୟାସ ଅନୁସାରେ ଡାଲି ବାଛୁ, କିନ୍ତୁ ସଠିକ୍ ଡାଲି ବାଛିବା ଆମର ପାଚନ, ହୃଦୟ ସ୍ୱାସ୍ଥ୍ୟ, ଓଜନ ଏବଂ ରକ୍ତ ଶର୍କରା ଉପରେ ମଧ୍ୟ ପ୍ରଭାବ ପକାଇପାରେ। ମସୁର ଡାଲି ପ୍ରୋଟିନ୍, ଫାଇବର ଏବଂ ଅତ୍ୟାବଶ୍ୟକୀୟ ଖଣିଜ ପଦାର୍ଥରେ ଭରପୂର, କିନ୍ତୁ ପ୍ରତ୍ୟେକ ମସୁର ଡାଲି ଶରୀର ଉପରେ ଭିନ୍ନ ଭିନ୍ନ ପ୍ରଭାବ ପକାଇଥାଏ। ଉଦାହରଣ ସ୍ୱରୂପ, କିଛି ମସୁର ଡାଲି ହଜମ କରିବାକୁ ସହଜ ଏବଂ ଅନ୍ତନଳୀ ସ୍ୱାସ୍ଥ୍ୟ ପାଇଁ ଭଲ ବୋଲି ବିବେଚନା କରାଯାଏ। ତେଣୁ ଆସନ୍ତୁ ଜାଣିବା କେଉଁ ସମସ୍ୟା ପାଇଁ ଲାଭଦାୟକ। ପୁଷ୍ଟିସାର ବିଶେଷଜ୍ଞଙ୍କ କହିବା ଅନୁସାରେ ବିଭିନ୍ନ ଡାଲି ଆମ ସ୍ୱାସ୍ଥ୍ୟ ଉପରେ କିପରି ଭିନ୍ନ ଭିନ୍ନ ପ୍ରଭାବ ପକାଇଥାଏ। ତେଣୁ, ଆପଣ ଆପଣଙ୍କର ଅସୁସ୍ଥତା ଏବଂ ସ୍ୱାସ୍ଥ୍ୟ ଉପରେ ଆଧାର କରି ଡାଲି ବାଛିବା ଉଚିତ। ତେବେ ଆସନ୍ତୁ ଜାଣିବା କେଉଁ ଡାଲି କେଉଁ ସମସ୍ୟା ପାଇଁ ସର୍ବୋତ୍ତମ ଏବଂ କାହିଁକି।

**ହୃଦୟ ସ୍ୱାସ୍ଥ୍ୟ:** ଯଦି ଆପଣଙ୍କର ହୃଦୟ ସ୍ୱାସ୍ଥ୍ୟ ଖରାପ, ତେବେ ଆପଣ ଚଣା ଖାଇବା ଉଚିତ। ଏଥିରେ ପୋଟାସିୟମ୍, ଫାଇବର ଏବଂ ମ୍ୟାଗ୍ନେସିୟମ୍ ଭରପୂର ମାତ୍ରାରେ ରହିଛି। ଏଗୁଡ଼ିକ ହୃଦୟ ସ୍ୱାସ୍ଥ୍ୟକୁ ଉନ୍ନତ କରିବାରେ ଏବଂ ଓଜନ କାର୍ଯ୍ୟକୁ ଉନ୍ନତ କରିବାରେ ସାହାଯ୍ୟ କରେ।

**ପିସିଓଏସ୍:** ଯଦି ଆପଣଙ୍କର ପିସିଓଏସ୍ ଅଛି, ତେବେ ଆପଣ ସମ୍ପୂର୍ଣ୍ଣ ମୁଗ ଡାଲି ଖାଇବା ଖାଆନ୍ତୁ। ଏହା ଆପଣଙ୍କ ଓଜନ କମ କରାଇବାରେ ବହୁତ ସାହାଯ୍ୟ କରିବ। ଏଗୁଡ଼ିକୁ ଖାଇବା ଦ୍ୱାରା ଯନ୍ତ୍ରଣା ହ୍ରାସ ପାଇଥାଏ ଏବଂ ହରମୋନ ସନ୍ତୁଳନରେ ସାହାଯ୍ୟ ମିଳିଥାଏ।

**ମଧୁମେହ ରୋଗୀ:** ଯଦି ଆପଣଙ୍କର ମଧୁମେହ ଅଛି, ତେବେ ମସୁର ଡାଲି ଆପଣଙ୍କ ପାଇଁ ସର୍ବୋତ୍ତମ ବିକଳ୍ପ। ଏଥିରେ ଫାଇବର ଭରପୂର, ଯାହା ଇନସୁଲିନ୍ ସମ୍ବେଦନଶୀଳତାକୁ ହ୍ରାସ କରିବାରେ ସାହାଯ୍ୟ କରେ ଏବଂ ଶର୍କରା ସ୍ତରକୁ ନିୟନ୍ତ୍ରଣରେ ରଖେ।

**ପାଚନ ଶକ୍ତି ଖରାପ:** ଯଦି ଆପଣଙ୍କର ଅନ୍ତନଳୀ ସ୍ୱାସ୍ଥ୍ୟ ଖରାପ, ତେବେ ଧୋଇ ହୋଇଥିବା ମୁଗ ଡାଲି ଲାଭଦାୟକ ହୋଇପାରେ। ଏହା ଶୀଘ୍ର ହଜମ ହୁଏ ଏବଂ ପାଚନ ଶକ୍ତି ଉନ୍ନତ କରେ। ଏଥିସହ ଯଦି ଆପଣ ଏହି ଟିପ୍ସକୁ ଫଲୋ କରନ୍ତି, ତେବେ ନିଶ୍ଚିତ ଭାବରେ ଆପଣଙ୍କୁ ଲାଭ ମିଳିବ।

# ପ୍ରତିଦିନ କେତେ ତେଲ ଖାଇବା ଦରକାର ?



ଭାରତୀୟ ଖାଦ୍ୟ ଗୁଡ଼ିକରେ ତେଲର ଗୁରୁତ୍ୱ ଖୁବ୍ ଅଧିକ ରହିଛି। ହେଲେ ଆବଶ୍ୟକତାଠୁ ଅଧିକ ତେଲ ଶରୀର ପାଇଁ କ୍ଷତିକାରକ। ଜଣେ ସୁସ୍ଥ ବ୍ୟକ୍ତି ମାସକୁ ୫୦୦- ୨୦୦ ମିଲିଲିଟର ତେଲ ବ୍ୟବହାର କରିବା ଉଚିତ। ସେହିପରି ରିଫାଇନ୍ ବଦଳରେ ସୋରିଷ ତେଲ କାହିଁକି ଉତ୍ତମ ସେକଥା ବି ଅନେକ ଜାଣନ୍ତି ନାହିଁ। ଗତ କିଛି ବର୍ଷ ମଧ୍ୟରେ ରନ୍ଧା ତେଲକୁ ନେଇ ଅନେକ ଗବେଶଣା ସାମ୍ନାକୁ ଆସିଛି। ଯେଉଁଥିରେ ଖରାପ ତେଲକୁ ହୃଦୟ ପାଇଁ କ୍ଷତିକାରକ ବୋଲି କୁହାଯାଇଛି। ତେଣୁ ଏକଥା ଜାଣିବା ଜରୁରି ଯେ, ପ୍ରତିଦିନ ଆମେ କେଉଁ ପ୍ରକାରର ତେଲ ବ୍ୟବହାର କରୁଛୁ ଏବଂ ଏହା ସ୍ୱାସ୍ଥ୍ୟ ଉପରେ କିଭଳି ପ୍ରଭାବ ପକାଏ।

ଏକ ହୃଦ୍ରୋଗ ବିଶେଷଜ୍ଞ କହିଛନ୍ତି, 'ସବୁବେଳେ ସୀମିତ ମାତ୍ରାରେ ତେଲ ସେବନ କରିବା ଜରୁରି। ସେହିପରି ଜଣେ ସୁସ୍ଥ ବ୍ୟକ୍ତି ପ୍ରତିଦିନ ୩ରୁ ୪ ଚାମଚ (୧୫-୨୦ ମିଲିଲିଟର) ତେଲରୁ ଅଧିକ ଖାଇବା ଅନୁଚିତ। ଏହାର ଅର୍ଥ ହେଉଛି, ଜଣେ ସୁସ୍ଥ ବ୍ୟକ୍ତିଙ୍କ ପାଇଁ ମାସକୁ ୫୦୦-୬୦୦ ମିଲିଲିଟର ତେଲ ଯଥେଷ୍ଟ।ସେହିପରି ୪ ଜଣିଆ ପରିବାର ଲାଗି ୨ ଲିଟରରୁ ଅଧିକ ତେଲ ବ୍ୟବହାର କରିବା ଅନାବଶ୍ୟକ। ସୋରିଷ, ସୋୟା, ଅଲିଭ, ନଡ଼ିଆ ତେଲ ବ୍ୟତୀତ ବଜାରରେ ଅନେକ ତେଲ ମିଳିଥାଏ। ଏଭଳି ସ୍ଥିତିରେ ପ୍ରଶ୍ନ ଉଠେଯେ, ଏଥିରୁ କେଉଁ ତେଲ ସ୍ୱାସ୍ଥ୍ୟ ଲାଗି ହିତକର। ତେବେ ସୋରିଷ, ସୂର୍ଯ୍ୟମୁଖୀ ଏବଂ ଅଲିଭ୍ ତେଲ ହୃଦୟ ସ୍ୱାସ୍ଥ୍ୟ ଲାଗି ଉତ୍ତମ ବିକଳ୍ପ। ହେଲେ ହୃଦୟ ସ୍ୱାସ୍ଥ୍ୟ ଲାଗି ସୋରିଷ ତେଲ। ସେହିପରି ହୃଦୟ ପାଇଁ ସୂର୍ଯ୍ୟମୁଖୀ ତେଲ ମଧ୍ୟ ଭଲ, କିନ୍ତୁ ଭାରତୀୟ ଖାଦ୍ୟ ଲାଗି ନୁହେଁ। ସେହିଭଳି ରନ୍ଧା ତେଲରେ ରିଫାଇନ୍ ତେଲ ବ୍ୟବହାର କମ୍ କରିବା ଭଲ। ଏହି ତେଲ ଅଧିକ ତାପମାତ୍ରା ଏବଂ ରାସାୟନିକ ପ୍ରକ୍ରିୟାକରଣ ଏହା ଦ୍ୱାରା ଏଥିରେ ବିଷାକ୍ତ ତତ୍ତ୍ୱ ସୃଷ୍ଟି ହୋଇପାରେ। ଦୀର୍ଘ ସମୟ ଏହାର ସେବନ ଦ୍ୱାରା ଶରୀରରେ ଖରାପ କୋଲେଷ୍ଟ୍ରୋଲ ପଡ଼ିପାରେ ଏବଂ ଏହା ହୃଦ୍ରୋଗର ବଡ଼ କାରଣ ବୋଲି କୁହାଯାଉଛି।ସେହିଭଳି ସବୁଦିନ ଅଧିକ ଡିପ୍ ଫ୍ରାଏ ଖାଦ୍ୟ ଖାଇବା ଶରୀର ପାଇଁ ବେଶ୍ କ୍ଷତିକାରକ ହୋଇଥାଏ। ଏହାଦ୍ୱାରା ମୋଟାପଣ, ମଧୁମେହ, ସହ ହୃଦ୍ଘାତ ହେବା ଆଶଙ୍କା ଦ୍ୱିଗୁଣ ବଢ଼ିଯାଏ। ତେବେ ଜଣେ ସୁସ୍ଥ ଲୋକ ମାସକୁ ୫୦୦-୬୦୦ ମିଲିଲିଟର ତେଲ ଖାଇବା ଦରକାର। ସେହିପରି ହୃଦୟ ସ୍ୱାସ୍ଥ୍ୟକୁ ଭଲ ରଖିବା ପାଇଁ ସଠିକ୍ ତେଲ ଓ ସୀମିତ ମାତ୍ରାରେ ତେଲ ବ୍ୟବହାର କରିବା ଜରୁରି ବୋଲି ଡାକ୍ତର କହିଛନ୍ତି । ତେବେ ଛାଣିବା ହେଉ କି ରାନ୍ଧିବା ପାଇଁ ତେଲକୁ ଥରେ ବ୍ୟବହାର କରିବା ଦରକାର।

ସଂଚାର SANCHAR

## ନୂତନ ପାଠ୍ୟକ୍ରମ ନେଇ ଶିକ୍ଷକ ତାଲିମ କାର୍ଯ୍ୟକ୍ରମ



**ଭେଡ଼େନ,୩୦।୧(ସଂଚାର ବ୍ୟୁରୋ):** ଭେଡ଼େନ ବ୍ଲକ ସ୍ତରୀୟ 'ଓଡ଼ିଶା ପାଠ୍ୟକ୍ରମ ରୂପରେଖ- ବିଦ୍ୟାଳୟ ଶିକ୍ଷା, ୨୦୨୫' ନାମକ ପଞ୍ଚଦିବସୀୟ ଶିକ୍ଷକ ତାଲିମ କାର୍ଯ୍ୟକ୍ରମ ସ୍ଥାନୀୟ ପଂଚାୟତ ବାଳିକା ଉଚ୍ଚ ବିଦ୍ୟାଳୟ, ଭେଡ଼େନ ଠାରେ ଗୋଷ୍ଠୀ ଶିକ୍ଷା କାର୍ଯ୍ୟାଳୟ ତରଫରୁ ଆରମ୍ଭ ହୋଇଯାଇଛି। ଏହି ପଞ୍ଚ ଦିବସୀୟ ଶିକ୍ଷକ ତାଲିମ କାର୍ଯ୍ୟକ୍ରମ ଉଦ୍ଘାଟନୀ ସଭାରେ ସ୍ଥାନୀୟ ପଂଚାୟତ ବାଳିକା ଉଚ୍ଚ ବିଦ୍ୟାଳୟ, ଭେଡ଼େନର ପ୍ରଧାନ ଶିକ୍ଷକ ଶ୍ରୀଯୁକ୍ତ [illegible] ଭୋଇ ସଭା ପତିତ୍ୱ କରିଥିବା ବେଳେ ଶିକ୍ଷକ ତାଲିମ କାର୍ଯ୍ୟକ୍ରମକୁ ଅତିରିକ୍ତ ଗୋଷ୍ଠୀ ଶିକ୍ଷା ଅଧିକାରୀ ଶ୍ରୀମତୀ ହେମବତୀ ନେହେରୁ ଆନୁଷ୍ଠାନିକ ଭାବରେ ଶୁଭାରମ୍ଭ କରିଥିଲେ। ପ୍ରଥମ ପର୍ଯ୍ୟାୟରେ ୧୦୨ ଜଣ ଶିକ୍ଷକ ଶିକ୍ଷୟିତ୍ରୀ ତାଲିମ ଗ୍ରହଣ କରୁଥିବା ବେଳେ, ଆହୁରି ତିନୋଟି ପର୍ଯ୍ୟାୟରେ ସମୁଦାୟ ୪୦୬ ଜଣ ଶିକ୍ଷକ ଶିକ୍ଷୟିତ୍ରୀ ତାଲିମ ଗ୍ରହଣ କରିବେ। ଏହି ଶିକ୍ଷକ ତାଲିମ କାର୍ଯ୍ୟକ୍ରମରେ ସାଧନ କର୍ମୀ ଭାବରେ ସରକାରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟ, ଖଗସିପାଳିର ସହକାରୀ ଶିକ୍ଷକ ଶ୍ରୀଯୁକ୍ତ ଲଳିତ କୁମାର ସାହୁ, ସରକାରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟ, ଧାତୁକପାଲିର ସହକାରୀ ଶିକ୍ଷକ ଶ୍ରୀଯୁକ୍ତ ଦୁର୍ଗା ପ୍ରସାଦ ଷଡଙ୍ଗୀ ଓ ସରକାରୀ ପ୍ରାଥମିକ ବିଦ୍ୟାଳୟ, ନନ୍ଦିକୀପୁରର ସହକାରୀ ଶିକ୍ଷକ ଶ୍ରୀଯୁକ୍ତ ରାଜୀବ ଭଞ୍ଜନ ପ୍ରମୁଖ ତାଲିମ ପ୍ରଦାନ କରିବା ସହିତ ଭେଡ଼େନ କ୍ଲଷ୍ଟର ର ସିଆରସିସି ଶ୍ରୀଯୁକ୍ତ ଭାରଦ୍ୱାଜ ପଧାନ ପଞ୍ଚ ଦିବସୀୟ ଶିକ୍ଷକ ତାଲିମ ଶିବିରର ତାଲିମ ସଂଯୋଜକ ଭାବରେ କାର୍ଯ୍ୟ ତୁଲାଉଛନ୍ତି। ଆସନ୍ତା ୨୦୨୬-୨୭ ଶିକ୍ଷା ବର୍ଷରୁ ପଢ଼ା ଯିବାକୁ ଥିବା ନୂତନ ପାଠ୍ୟକ୍ରମ କିପରି ସୁଚାରୁ ରୂପେ ବିଦ୍ୟାଳୟରେ ଠିକ ଭାବରେ ପଢ଼ାଯାଇ ପାରିବ ତାହା ହେଉଛି ଏହି ଶିକ୍ଷକ ତାଲିମ କାର୍ଯ୍ୟକ୍ରମର ମୁଖ୍ୟ ଉଦ୍ଦେଶ୍ୟ। ଜାତୀୟ ଶିକ୍ଷାନୀତି-୨୦୨୦ ଅନୁସାରେ ନୂତନ ପାଠ୍ୟକ୍ରମ ଆରମ୍ଭ କରିବାରେ ସର୍ବ ଭାରତୀୟ ସ୍ତରରେ ଓଡ଼ିଶା ହେଉଛି ପ୍ରଥମ ରାଜ୍ୟ।

## ବଢୁଛି ଚୋରି, ଅପହରଣ; ନିଷ୍କ୍ରିୟ ପୁଲିସ ପ୍ରଶାସନ

**ସତ୍ୟବାଦୀ,୩୦।୧(ସଂଚାର ବ୍ୟୁରୋ):** ସତ୍ୟବାଦୀ ଥାନା ଅଞ୍ଚଳରେ ଦିନକୁ ଦିନ ଆଇନ ଶୃଙ୍ଖଳା ବିଗିଡ଼ିବାରେ ଲାଗିଛି। ଆଜି ସତ୍ୟବାଦୀ ବ୍ଲକ ପଞ୍ଚପଡ଼ ଅଚ୍ଚେଇ ଜଗନ୍ନାଥ ମନ୍ଦିର ପୂଜକ ଭାସ୍କର ଦାକ୍ଷିତ ପୂଜା ସାରି ଫେରୁଥିବା ବେଳେ ଲୁଟେରା ମାନେ ତାଙ୍କ ବେକରୁ ସୁନା ଚେନ ଛିଣ୍ଡାଇ ନେଇଯାଇଥିଲେ। ସେହି ସମୟରେ ବୀରଗୋବିନ୍ଦପୁରର ମମତା ଆଚାର୍ଯ୍ୟ ଓ ଅନ୍ୟ ମାନେ ଜଗନ୍ନାଥ ମନ୍ଦିର ଦର୍ଶନ କରିବାକୁ ଆସିଥିବା ବେଳେ ଲୁଟେରା ମାନେ ମମତାଙ୍କ ବେକରୁ ମଧ ସୁନା ଚେନ ଝାମ୍ପି ନେଇଯାଇଥିବା ଅଭିଯୋଗ ହୋଇଛି। ଖବର ପାଇ ସତ୍ୟବାଦୀ ପୋଲିସ ସୌମ୍ୟରଞ୍ଜନ ମହାଳିକ ଘଟଣା ସ୍ଥଳରେ ପହଞ୍ଚି ତଦନ୍ତ ଆରମ୍ଭ କରିଛନ୍ତି। ଦୁଇ ଜଣ ଯୁବକଙ୍କୁ ସନ୍ଦେହ କରି ଅଟକ ରଖିଥିବା ଜଣାପଡ଼ିଛି। ସେହିପରି ଅହମଦପୁର ଗ୍ରାମରେ ଶେଖ ଫାରୁଖଙ୍କ ଘରୁ ଚୋରି ହୋଇଥିବା ନେଇ ଆଉ ଏକ ଅଭିଯୋଗ ହୋଇଛି। ତାଙ୍କ ଘରୁ ରାତିରେ ଲୁଟେରାମାନେ ସୁନା, ରୂପା ଓ ଟଙ୍କା ଲୁଟିନେଇଥିବା ଥାନାରେ ସେ ଲିଖିତ ଅଭିଯୋଗ କରିଥିବା ଜଣାପଡ଼ିଛି। ତେବେ ସତ୍ୟବାଦୀ ପୋଲିସ କେତେ ଶୀଘ୍ର ଅପରାଧୀ ମାନଙ୍କୁ ଧରିବାରେ ସକ୍ଷମ ହେଉଛି, ତାହା ଦେଖିବାକୁ ରହିଲା। ଅପରାଧୀଙ୍କ ଉପରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିଛନ୍ତି ଜନସାଧାରଣ।

## ବିଶାଳ ହିନ୍ଦୁ ଓ ସନ୍ଥ ସମ୍ମିଳନୀ

**ତାଳଚେର,୩୦।୧(ସଂଚାର ବ୍ୟୁରୋ):** ତାଳଚେର ବ୍ଲକ କର୍ଣ୍ଣପୁର ଗ୍ରାମର ସୀତାରାମ ଆଶ୍ରମ ଠାରେ ବିଶାଳ ସନ୍ଥ ଓ ହିନ୍ଦୁ ସମ୍ମିଳନୀ ଅନୁଷ୍ଠିତ ହୋଇଯାଇଅଛି। ଉକ୍ତ ସମ୍ମିଳନୀରେ ପରମପୂଜ୍ୟ ସନ୍ଥ ଶ୍ରୀ ସଚ୍ଚିଦାନନ୍ଦ ମହାରାଜା ଅଧକ୍ଷତା କରିଥିଲେ। ପୂଜ୍ୟ ମଠାଧୀଶ ଅବଧୂତ ଇନ୍ଦ୍ରମଣି ମହାରାଜ, ବାବା ପ୍ରଭୁପାଦ ଦାସ ମହାରାଜ, ବ୍ରହ୍ମଚାରୀ ଶିବ ପ୍ରସାଦ ମହାରାଜ, ସ୍ୱାମୀ ଅଖଣ୍ଡା ନନ୍ଦପୁରୀ ମହାରାଜ, ସ୍ୱାମୀ ବଳଭଦ୍ର ଦାସ ମହାରାଜ ଓ ଶତାଧୀକ ସାଧୁ ମହାତ୍ମା ଯୋଗ ଦେଇ ଆର୍ଶିବାଦ ଓ ମାର୍ଗଦର୍ଶନ ପ୍ରଦାନ କରିଥିଲେ। ସନାତନ ପରମ୍ପରା, ବୈଦିକ ସଭ୍ୟତା, ବେଦ ଓ ଉପନିଷଦ ରେ ଥିବା ଜ୍ଞାନ ପରମ୍ପରା, ହିନ୍ଦୁ ସମାଜ ର ଏକତ୍ୱ ଭାବ, ସାମାଜିକ ସମରସତା ଓ ଦୁର୍ଲଭ ମାନବ ଜନ୍ମ କୁ ସଫଳ କରିବା ସମ୍ବନ୍ଧରେ ଅମୂଲ୍ୟ କଥାମୃତ ବର୍ଣ୍ଣନ କରିଥିଲେ।

# ତମାଖୁ-ଗୁଟଖା ଓ ସିଗାରେଟ କଳାବଜାରୀ

## ମାଲାମାଲ ହେଉଛନ୍ତି ଗୋଦାମ ବ୍ୟବସାୟୀ

**କଳାହାଣ୍ଡି,୩୦।୧(ସଂଚାର ବ୍ୟୁରୋ):** ରାଜ୍ୟ ସରକାର ସମସ୍ତ ଗୁଟଖା, ପାନମସଲା, ସିଗାରେଟ,ଜର୍ଦା, ଖଇନି ଓ ତମାଖୁ ତଥା ନିକୋଟିନଯୁକ୍ତ ସମସ୍ତ ଉତ୍ପାଦର ବିକ୍ରି ଉପରେ ସମ୍ପୂର୍ଣ୍ଣ ନିଷେଧାଦେଶ ଜାରି କରିଛନ୍ତି । ବ୍ୟାନ ଖବର ପ୍ରଚାରିତ ହେବା ପରେ ଖାଉଟି ହେଉଛନ୍ତି ଠକାମୀର ଶିକାର ହେଉଛନ୍ତି। ଗୋଦାମ ବ୍ୟବସାୟୀ ମାଲାମାଲ ହେଉଛନ୍ତି।
ଜିଲ୍ଲାରେ ହୋଲସେଲ ବେପାରୀ ଏବେ ଚୋରାରେ ଖୁଚୁରା ବିକ୍ରେତାମାନଙ୍କୁ ଦୁଇ ଗୁଣା ଦରରେ ବୀକ୍ରି କରି ମାଲେମାଲ ହେଉଥିବା ଦେଖିବାକୁ ମିଳୁଛି । ପୂର୍ବରୁ ଯେଉଁମାନେ ଏହି ବ୍ୟବସାୟ କରୁଥିଲେ ସେମାନେ ଗୁଟଖା, ଖଇନି, ସିଗାରେଟ ଆଦିର ଦର ଦୁଇ ଗୁଣରୁ ଅଧିକ କରି କଳା ବଜାରରେ ବିକ୍ରି କରି ମାଲାମାଲ ହେଉଛନ୍ତି।
ବର୍ତ୍ତମାନ ଜିଲ୍ଲାର ବିଭିନ୍ନ ଅଞ୍ଚଳରେ ଖାଲାଖୋଲି ତମାଖୁ ବିକ୍ରି ହେଉ ନ ଥିବାବେଳେ ତମାଖୁ ସେବନରେ ଅଭ୍ୟସ୍ତ ଗ୍ରାହକ ଏବେ ବିକଳ୍ପ ଖୋଜୁଥିବାରୁ ଏହାର ସୁଯୋଗ ନେଇ ହୋଲସେଲ ବେପାରୀ କଳାବଜାର ଆରମ୍ଭ କରିଦେଇଛନ୍ତି। ଫଳରେ ଖୁଚୁରା ଦୋକାନୀ ଦୁଇ ଗୁଣରୁ ଅଧିକ ଦରରେ ଲୋକଙ୍କୁ ତମାଖୁ ବିକ୍ରି କରିବାକୁ ବାଧ ହେଉଛନ୍ତି। କାରଣ ଆଗରୁ କେବଳ ଗୁଟଖା ଉପରେ ନିଷେଧାଦେଶ ଜାରି ହୋଇଥିଲା। ଏବେ ନିକୋଟିନଯୁକ୍ତ ସମସ୍ତ ପଦାର୍ଥ ନିଷିଦ୍ଧ କରିବା ଫଳରେ କଳାବଜାରରେ ଅଧିକ ଦରରେ ବିକ୍ରି ହେଉଛି।
ଯେଉଁ ହୋଲସେଲ୍ ବ୍ୟବସାୟୀମାନେ ଏସବୁ ସାମଗ୍ରୀକୁ ଗଚ୍ଛିତ ରଖିଥିଲେ ସେମାନେ ଦରକୁ ବଢ଼ାଇ ଦେଇଛନ୍ତି। ଦୋକାନୀମାନେ ଲୁଚାଛପାରେ ଏହାକୁ ବିକ୍ରି କରୁଛନ୍ତି। ବିଭିନ୍ନ ନାମୀ ଓ ବେନାମୀ କମ୍ପାନିର ତମାଖୁ ବିକ୍ରି ହେଉଛି।
ଫଳରେ ହୋଲସେଲ ବେପାରୀଙ୍କୁ ଧରପଗଡ଼ର କରିବାର ଆବଶ୍ୟକତା ରହିଛି।
ନଚେତ ସରକାରଙ୍କ ଏହି ଏହି ଗୁଟଖା ବ୍ୟାନ ନୀତିରେ ମଧବିତ୍ତ, ଗରିବ ଖଟିଖିଆ ଶୋଷଣ ହେଉଛନ୍ତି ଓ ଧନୀ ବେପାରୀ ମାଲାମାଲ ହେଉଛନ୍ତି। ଜିଲ୍ଲା ପୋଲିସ ପ୍ରଶାସନ ପକ୍ଷରୁ ଗୁଟଖା ବ୍ୟବସାୟୀଙ୍କ ଗୋଦାମ ଉପରେ ଚଢ଼ଉ କରିବା ପାଇଁ ସର୍ବ ସାଧାରଣରେ ଦାବି ହେଉଛି ।

## ବିଦ୍ୟାଳୟରେ ଶହୀଦ ଦିବସ ପାଳନ



**ବୈଶିଙ୍ଗା,୩୦।୧(ସଂଚାର ବ୍ୟୁରୋ):** ହେମପୁରସ୍ଥିତ କୈଳାସ ଚନ୍ଦ୍ର ସରକାରୀ ଉଚ୍ଚ ବିଦ୍ୟାଳୟ ଏବଂ ଖୁଣ୍ଟାପୁରସ୍ଥିତ ଶ୍ରୀ ସତ୍ୟସାଇ ସରକାରୀ ଉଚ୍ଚ ବିଦ୍ୟାଳୟ ଉଭୟରେ ପ୍ରଧାନଶିକ୍ଷକ ସମରଜିତ ମହାପାତ୍ର ଙ୍କ ନେତୃତ୍ୱ ରେ ସହୀଦ ଦିବସ ପାଳିତ ହୋଇଯାଇଛି। ୧୯୪୮ ମସିହା ଆଜିର ଦିନରେ ରାଷ୍ଟ୍ର ପିତା ମହାତ୍ମା ଗାନ୍ଧିଜୀଙ୍କୁ ଧର୍ମାନ୍ଧ ଯୁବକ ନାଥୁରାମ ଗଡ଼ସେ ହତ୍ୟା କରିଥିଲେ। ଦେଶ ସ୍ୱାଧୀନତା ର ମହାନାୟକଙ୍କ ଏହି ନିଧନ ଦିବସ କୁ ସମଗ୍ର ଦେଶ ସହୀଦ ଦିବସ ରୂପେ ପାଳନ କରିଥାଏ। ପ୍ରାରମ୍ଭରେ ରେ ଗାନ୍ଧିଜୀ ଙ୍କ ଫୋଟୋ ଚିତ୍ର ରେ ସମସ୍ତେ ପୁଷ୍ପାର୍ଘ୍ୟ ପ୍ରଦାନ କରିଥିଲେ। ଉଭୟ ବିଦ୍ୟାଳୟ ର ଶିକ୍ଷକ ଶିକ୍ଷୟିତ୍ରୀ ଙ୍କ ସମେତ ଛାତ୍ରଛାତ୍ରୀମାନେ ଗାନ୍ଧିଜୀ ଙ୍କ ବ୍ୟକ୍ତିତ୍ୱ ର ବିଭିନ୍ନ ଦିଗ, ଧର୍ମାନ୍ଧାତା ଓ ସାମ୍ପ୍ରଦାୟିକତା ର କୁପରିଣାମ ସମ୍ପର୍କ ରେ ଆଲୋଚନା କରିଥିଲେ। ଉଗ୍ରଜାତୀୟତାବାଦ ରେ ଜର୍ଜରିତ ସାମ୍ପ୍ରତିକ ବିଶ୍ୱ ରେ ଗାନ୍ଧିଜୀ ଙ୍କ ବିଚାର ଆଜି ମଧ ପ୍ରାସଙ୍ଗିକ ବୋଲି ବକ୍ତା ମାନେ ମତ ଦେଇଥିଲେ। ସୁନ୍ଦର ବକ୍ତବ୍ୟ ରଖିଥିବା ଛାତ୍ରଛାତ୍ରୀ ଙ୍କୁ ଏହି ଅବସରରେ ପୁରସ୍କୃତ କରାଯାଇଥିଲା । କାର୍ଯ୍ୟକ୍ରମ କୁ ସଫଳ କରିବାରେ ତୁଷାରକାନ୍ତ ପାତ୍ର, ଜ୍ୟୋସ୍ନାରାଣୀ ଜେନା, ପ୍ରଭାତୀ ପ୍ରଧାନ, ରାଜନନ୍ଦିନୀ ପାତ୍ର, ମୁକୁନ୍ଦ ସେନାପତି, ତୃଷ୍ଣା ଦାସ, ସ୍ନିଗ୍ଧା ଲେଙ୍କା, ଶୁଭସ୍ମିତା ସାମନ୍ତରାୟ, ସବିତା ବାରିକ, ଶୁଭଲକ୍ଷ୍ମୀ ମାଝୀ, ରାଧୁ ସିଂ ଓ ଜଗନ୍ନାଥ ମହାନ୍ତ ପ୍ରମୁଖ ସହଯୋଗ କରିଥିଲେ ।

# ଗରମ ପେଜ ପଡ଼ି ୫ବର୍ଷର ଶିଶୁ ଗୁରୁତର




**ବାଲିପାଟଣା,୩୦।୧(ସଂଚାର ବ୍ୟୁରୋ):** ଆଜି ତତଲା ପେଜ ଉପରେ ଢାଳି ହୋଇ ଯିବାରୁ ଜଣେ ୫ ବର୍ଷର ଶିଶୁପୁତ୍ର ଗୁରୁତର ହୋଇଛି। ଭୁବନେଶ୍ୱର ଉପକଣ୍ଠ ବାଲିପାଟଣା ଥାନା ଆଇତଳଙ୍ଗ ଗ୍ରାମ ରେ ଏହି ଅଭାବନୀୟ ଘଟଣା ଘଟିଛି। ସୂଚନା ଯୋଗ୍ୟ ଏହି ଗ୍ରାମ ର ମଣ୍ଟୁ ଭୋଇ ଙ୍କ ୫ବର୍ଷ ର ପୁଅ ଆଜି ସକାଳୁ ଶିଶୁ ଜଣ ଙ୍କ ଘରେ ଖେଳୁଥିଲେ। ମାଆ ଭାତ ରାନ୍ଧି ପେଜ ଗାଳି ଢାଳିବାକୁ ନେଉଥିବା ବେଳେ ସାବଧାନତା ହେତୁ ଶିଶୁ ଜଣଙ୍କ ଦୌଡ଼ି ପେଜ କରେଇ ରେ ମାଡ଼ ହୋଇ ତଳେ ପଡ଼ି ଯାଇଥିଲେ। ମହିଳା ଙ୍କ ହାତରୁ ପେଜ ଜେଗା ଖସି ପଡ଼ି ଶିଶୁ ଉପରେ ଗରମ ପେଜ ଢାଳି ହୋଇଯାଇଥିଲା। ଫଳରେ ଶିଶୁ ଟିର ପିଠି, କାନ୍ଧ, ପେଟ, ସହ ଶରୀର ବିଭିନ୍ନ ସ୍ଥାନ ସିଝି ଯାଇଛି।ତୁରନ୍ତ ତାଙ୍କୁ ଉଦ୍ଧାର କରି ବାଲିପାଟଣା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର କୁ ଅଣାଯାଇଥିଲା। ଅବସ୍ଥା ଗୁରୁତର ହେବା ରୁ ଅଧିକ ଚିକିତ୍ସା ନିମନ୍ତେ ତାଙ୍କୁ କ୍ୟାପିଟାଲ ହସ୍ପିଟାଲ ପଠାଯାଇଥିଲା। ଚିକିତ୍ସା ଦାୟିତ୍ୱରେ ଥିବା ଡାକ୍ତର ଙ୍କ ସୂଚନା ଅନୁସାରେ ପିଲାଟି ଶରୀର ୪୦ ଶତକଡା ପୋଡି ଯାଇଛି। ଚିକିତ୍ସା ପରେ ଶିଶୁ ଟିର ଅବସ୍ଥା ଏବେ ଭଲ ଥିବା ଜଣା ପଡ଼ିଛି।

## ସହରରେ କଳାବଜାରୀ ହେଉଛି ପାନ ମସଲା

**ସୁବର୍ଣ୍ଣପୁର,୩୦।୧(ସଂଚାର ବ୍ୟୁରୋ):** ରାଜ୍ୟରେ ଗୁଟଖା, ତମାଖୁ ବ୍ୟାନ କରାଯିବାକୁ ବିତିଗଲା ପ୍ରାୟ ୧୦ ଦିନ। ହେଲେ ଏବେ ବି ଖୁଲମଖୁଲା ଭାବେ ମିଳୁଛି ଗୁଟଖା। ଘୋଷଣା ଯେତେ ଜୋରଦାର ବାସ୍ତବ ଚିତ୍ର ସେତେ ଭୟଙ୍କର ପାଲଟିଛି। ନା ଚଢ଼ାଉ କରାଯାଉଛି, ନା ଯାଞ୍ଚ କରାଯାଉଛି। ଏପରିକି ତମାଖୁ ଭୟ ଯୋଗୁଁ କଳାବଜାରୀ ମଧ କରାଯାଉଛି। ତେବେ ସୋନପୁର ସହର ସମେତ ଏହାର ଆଖପାଖ ଅଞ୍ଚଳରେ ଦୋକାନ ମାନଙ୍କରେ କଳାବଜାରୀ ଆରମ୍ଭ ହୋଇଯାଇଛି। ଗତ କିଛି ଦିନ ଧରି ବ୍ୟାନ୍ ହେବ ବୋଲି ଆଗରୁ ଆଭାସ ମିଳିଥିବାରୁ, କେତେକ ଦୋକାନୀ ଓ ବ୍ୟବସାୟୀ କୋଟି କୋଟି ଟଙ୍କାର ଗୁଟଖା–ତମାଖୁ ସାମଗ୍ରୀ ଷ୍ଟକ୍ କରି ରଖିଥିବା ଅଭିଯୋଗ ଆସୁଛି। ଯେଉଁ ଜିନିଷ ୨୦ ଟଙ୍କାରେ ୪ଟା ରହିଥିଲା, ତାହା ଏବେ ୨୦ ଟଙ୍କାରେ ୩ଟି ତମାଖୁ ମିଳୁଛି। ଏପରିକି ଲୋକମାନେ ଏବେ ଉହଳ ବିକଳ ହୋଇ ସେସବୁ କିଣୁଛନ୍ତି। ଗ୍ରାହକଙ୍କ ମତରେ, ଯେତେବେଳେ ଏକ ଅଭ୍ୟାସ ରହିଛି, ତାହା ଧୀରେ ଧୀରେ କମାଇବେ। ତେଣୁ ଯେଉଁଠି ମିଳୁଛି, ଯେତେ ଟଙ୍କା ଦେଇ ବି କିଣିବେ।

# ଦର୍ଶନ ଏକାଡେମୀ ଛାତ୍ରଛାତ୍ରୀଙ୍କ ପାଇଁ କ୍ଷେତ୍ର ପରିଦର୍ଶନ କାର୍ଯ୍ୟକ୍ରମ



**ସୁନ୍ଦରଗଡ଼,୩୦।୧(ସଂଚାର ବ୍ୟୁରୋ):** ବିଦ୍ୟାଳୟର ଛାତ୍ରଛାତ୍ରୀଙ୍କ ଦକ୍ଷତା ବୃଦ୍ଧି, ପୁଷ୍ଟିକର ଖାଦ୍ୟ, ଜଳବାୟୁ ପରିବର୍ତ୍ତନ, ପରିବେଶ ସଂରକ୍ଷଣ ଉପରେ ପ୍ରାୟୋଗିକ ଜ୍ଞାନ ଆହରଣ ନିମନ୍ତେ ଦର୍ଶନ ଏକାଡେମୀ, ସୁନ୍ଦରଗଡ଼ର ଛାତ୍ରଛାତ୍ରୀ ମାନେ ଜିଲ୍ଲାର ଅଗ୍ରଣୀ ସ୍ୱେଚ୍ଛାସେବୀ ଅନୁଷ୍ଠାନ "ସେବକ", ରଙ୍ଗିଆମୁଣ୍ଡା କୁ କ୍ଷେତ୍ର ପରିଦର୍ଶନରେ ଆସିଥିଲେ। ଏହି ଶିକ୍ଷାଗତ ପରିଦର୍ଶନର ଉଦ୍ଦେଶ୍ୟ ଥିଲା ଛାତ୍ର ଛାତ୍ରୀମାନଙ୍କୁ ଶ୍ରେଣୀଗୃହ ଶିକ୍ଷା ବ୍ୟତୀତ ପରିବେଶ ସୁରକ୍ଷା, ସ୍ଥାୟୀ ବିକାଶ ଏବଂ ପୁଷ୍ଟିକର ଜୀବନ ଶୈଳୀ ଭଳି ବାସ୍ତବ ଜୀବନର ପ୍ରସଙ୍ଗ ସହିତ ଜଡ଼ିତ କରିବା, ଯାହା ଦ୍ୱାରା ସେମାନେ ଏହି ବିଷୟଗୁଡ଼ିକୁ ବ୍ୟବହାରିକ ଭାବରେ ବୁଝିପାରିବେ। ସେବକର କାର୍ଯ୍ୟକ୍ରମ ନିର୍ଦ୍ଦେଶକ ଦିଗାମ୍ବର ଉପାଧ୍ୟାୟଙ୍କ ନେତୃତ୍ୱରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ଦର୍ଶନ ଏକାଡେମୀର ୧୫୦ ଜଣ ଛାତ୍ରଛାତ୍ରୀ ଓ ଶିକ୍ଷକ ଶିକ୍ଷୟିତ୍ରୀ ମାନେ ଅଂଶଗ୍ରହଣ କରିଥିଲେ। କାର୍ଯ୍ୟକ୍ରମର ପ୍ରାରମ୍ଭିକ ପର୍ଯ୍ୟାୟରେ ସେବକର ସ୍ନିଗ୍ଧାରାଣୀ ମହାକୁଲ ସେବକର ଆରମ୍ଭ, ଏହାର କାର୍ଯ୍ୟକ୍ରମ, ପରିବେଶ ସଂରକ୍ଷଣ ଉପରେ ଚାଲିଥିବା ବିଭିନ୍ନ ଅଭିନବ ଅଭିଯାନ ମଧରେ ଗ୍ରୀନ ମେମୋରୀ କ୍ୟାମ୍ପେନ, ବୃକ୍ଷ ରକ୍ଷା ବନ୍ଧନ, ସିଡ ବଲ କ୍ୟାମ୍ପେନ ଉପରେ ବିସ୍ତୃତ ଉପସ୍ଥାପନା ରଖିଥିଲେ। ଏହା ପରେ ସେବକର ଭାଗ୍ୟଶ୍ରୀ ଜେନା ବିଭିନ୍ନ ପୁଷ୍ଟିଶସ୍ୟର ସ୍ୱାସ୍ଥ୍ୟ କ୍ଷେତ୍ରରେ ଭୂମିକା ଉପରେ ଆଲୋକପାତ କରିଥିଲେ।

## ପଶ୍ଚିମ ସୋମନାଥଙ୍କ ପୀଠରେ ଗଙ୍ଗା ଜଳସାୟୀ

**ସୁବର୍ଣ୍ଣପୁର,୩୦।୧(ସଂଚାର ବ୍ୟୁରୋ):** ଓଡ଼ିଶାର ଦ୍ୱିତୀୟ ବାରାଣାସୀ ଭାବରେ ଖ୍ୟାତ ଅଷ୍ଟଶମ୍ଭୁ ଙ୍କ ସହର ସୁବର୍ଣ୍ଣପୁର ଠାରେ ଅଧିଷ୍ଠିତ ବାବା ପଶ୍ଚିମ ସୋମନାଥ ଙ୍କ ଠାରେ ଆଜି ଗଙ୍ଗାଜଳ ର ଜଳସାୟୀ ଅନୁଷ୍ଠିତ ହୋଇଯାଇଛି। ମନ୍ଦିର ମାଳିନୀ ସହରରେ ଏହି ପବିତ୍ର ମାଘ ମାସ ଶୁକ୍ଳ ପକ୍ଷ ଦ୍ୱାଦଶୀ ତିଥିରେ ପଶ୍ଚିମ ସୋମନାଥ ବାବା ଙ୍କ ପୀଠରେ ଏହି ଗଙ୍ଗା ଜଳାଭିଷେକ ହଜାର ହଜାର ଶ୍ରଦ୍ଧାଳୁ ଓ ଭକ୍ତଙ୍କ ମଧରେ ଏକ ଅପୂର୍ବ ଭକ୍ତି ଭାବ ସୃଷ୍ଟି ହୋଇଥିଲା। ଏହି ଗଙ୍ଗା ଜଳାଭିଷେକ ପାଇଁ ୧୨ହଜାର ଲିଟର ଗଙ୍ଗା ଜଳ ସୁଦୁର ଗଙ୍ଗାନଦୀ ରୁ ଟ୍ୟାଙ୍କର ଯୋଗେ ଅଣାଯାଇ ପଶ୍ଚିମ ସୋମନାଥ ଙ୍କଠାରେ ଜଳାଭିଷେକ କରାଯାଇଛି। ଏଥିପାଇଁ ହଜାର ହଜାର ଶ୍ରଦ୍ଧାଳୁଂକ ଭିଡ଼ ଦେଖିବାକୁ ମିଳିଥିଲା। ମନ୍ଦିର ପରିଚାଳନା କମିଟି ପକ୍ଷରୁ ଶ୍ରଦ୍ଧାଳୁଂକ ଙ୍କ ପାଇଁ ଅନ୍ନ ପ୍ରସାଦ ବ୍ୟବସ୍ଥା କରାଯାଇଥିଲା। ମନ୍ଦିର ସାମ୍ନାରେ ସୁଗାୟୀକା ଅଳକା ଦାଶ ଙ୍କ ଦ୍ୱାରା ପାରାୟଣ ପରିବେଷଣ ହୋଇଥିଲା।

## ଶହୀଦ ପାର୍କରେ ଗାନ୍ଧୀଙ୍କ ପ୍ରତିମୂର୍ତ୍ତିରେ ଶ୍ରଦ୍ଧାଞ୍ଜଳି



**ବାଲେଶ୍ୱର,୩୦।୧(ସଂଚାର ବ୍ୟୁରୋ):** ଜାତିର ଜନକ ଅହିଂସା ବିଚାରଧାରାର ପ୍ରବର୍ତ୍ତକ ମହାତ୍ମା ଗାନ୍ଧୀଙ୍କ ମହାପ୍ରୟାଣ ଦିବସରେ ସ୍ମୃତି ଶ୍ରଦ୍ଧାଞ୍ଜଳି ପାଇଁ ତା ୩୦-୦୧-୨୦୨୬ ସକାଳେ ସିନେମାଛକସ୍ଥିତ ଶହୀଦ୍ ପାର୍କଠାରେ ଗାନ୍ଧୀଙ୍କ ପ୍ରତିମୂର୍ତ୍ତିରେ ପୁଷ୍ପପ୍ରଦାନ କରି ଶ୍ରଦ୍ଧାଞ୍ଜଳି ଅର୍ପଣ କରାଯାଇଥିଲା। ଅନୁଷ୍ଠାନର ବରିଷ୍ଠ ସଦସ୍ୟ ସମାଜସେବୀ ସୁରେନ୍ଦ୍ରନାଥ ପଣ୍ଡା ଗାନ୍ଧୀଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ କରିଥିଲେ। ଆଜିର ଦିନ କେବଳ ଭାରତବର୍ଷ ନୁହେଁ ସମଗ୍ର ବିଶ୍ୱକୁ ଚକିତ କରିଦେଇଥିଲା, ଯେତେବେଳେ ଅହିଂସାର ପୂଜାରୀ ଗାନ୍ଧିଜୀଙ୍କୁ ପ୍ରାର୍ଥନା ସଭାକୁ ଯିବାବେଳେ ଆତତାୟୀ ଗଡ଼ଶେ ଗୁଳିମାରି ହତ୍ୟା କରିଥିଲେ। ସମଗ୍ର ବିଶ୍ୱ ଗାନ୍ଧୀଜୀଙ୍କ ବିଚାରଧାରାକୁ ସର୍ବଶ୍ରେଷ୍ଠ ବୋଲି ମାନିଥିବାବେଳେ ତାଙ୍କ ଆଦର୍ଶରେ ବିଶ୍ୱରେ ଶାନ୍ତିପ୍ରତିଷ୍ଠା ହୋଇପାରିବ ବୋଲି ଶ୍ରଦ୍ଧାଞ୍ଜଳି ସଭାରେ ବକ୍ତାମାନେ ମତପ୍ରକାଶ କରିଥିଲେ। ଏହି ଶ୍ରଦ୍ଧାଞ୍ଜଳି ସଭାରେ ଅନ୍ୟମାନଙ୍କ ମଧରେ ଆବାହକ ମଣ୍ଡଳୀର ସଦସ୍ୟ, ପ୍ରତାପ ସିଂହ, ଅନୁପ ସ୍ୱାଇଁ, ଦିଲ୍ଲୀପ ଚକ୍ରବର୍ତ୍ତୀ, ଅର୍ଚ୍ଚନା ନନ୍ଦୀ ପ୍ରମୁଖ ଯୋଗଦେଇ ଶ୍ରଦ୍ଧାସୁମନ ପ୍ରଦାନ କରିଥିଲେ।

## ନୂତନ ଏସଡିପିଓ ଅନିରୁଦ୍ଧ ମୁଦୁଲି ଯୋଗଦେଲେ



**ଧାମନଗର,୩୦।୧(ସଂଚାର ବ୍ୟୁରୋ):** ଧାମନଗର ନୂତନ ଏସ ଡି ପି ଓ ଜାନୁଆରୀ ୨୮ ତାରିଖରେ କାର୍ଯ୍ୟାଳୟ ରେ ଯୋଗ ଦେଇ କାର୍ଯ୍ୟଭାର ଗ୍ରହଣ କରିଛନ୍ତି। ଏସ ଡି ପି ଓ ତ୍ରିଲୋଚନ ସେଠୀଙ୍କ ପଦଉନ୍ନତିରେ କଟକ ଭିଜିଲାନ୍ସ ବିଭାଗ ଅତିରିକ୍ତ ଏସପି ଭାବେ ଯୋଗ ଦେବା ପରେ ତାଙ୍କ ସ୍ଥାନରେ ନୂତନ ଏସ ଡି ପି ଓ ଭାବେ ଅନିରୁଦ୍ଧ ମୁଦୁଲି ଯୋଗ ଦେଇଛନ୍ତି। ଯୋଗ ଦେବା ପରେ କାର୍ଯ୍ୟାଳୟ ରେ ଥିବା ଏ ଏସ ଆଇ ପାରଥସାରଥୀ ବିଶ୍ୱାଳ ଓ ଅନ୍ୟ କର୍ମଚାରୀ ସ୍ୱାଗତ କରିଥିବା ବେଳେ ଏହି ଅବସରରେ ଧାମନଗର ଥାନା ଆଇ ଆଇ ସି ରଞ୍ଜନ କୁମାର ସେଠୀଙ୍କ ସମେତ ଅନ୍ୟ ଅଧିକାରୀ ପୁଷ୍ପଗୁଚ୍ଛ ପ୍ରଦାନ ପୂର୍ବକ ସ୍ୱାଗତ କରିଥିବା ବେଳେ ଧାମନଗର ଏସ ଡି ପି ଓ ଅଧିନରେ ଥିବା ସମସ୍ତ ଥାନା ଅଧିକାରୀ ନୂତନ ସାରଙ୍କୁ ସୌଜନ୍ୟମୂଳକ ସାକ୍ଷାତ କରିଥିବା ସୂଚନା ମିଳିଛି। ସେହିପରି ଶୁକ୍ରବାର ଧାମନଗର ଅଞ୍ଚଳର ସମାଜସେବୀ, ବୁଦ୍ଧିଜୀବୀ ତଥା ବିରେନ୍ଦ୍ର କୁମାର ଜେନା, ସେକ ଜାଫର ଅଲ୍ଲୀ, ସେକ ଅବଦୁଲ ହାକିମ, ଗୋଲାମ ଜିଲାନି ହବିବି, ସେକ ହମିଦ ପ୍ରମୁଖ ଅଫିସରେ ପହଞ୍ଚି ପୁଷ୍ପଗୁଚ୍ଛ ପ୍ରଦାନ ପୂର୍ବକ ସ୍ୱାଗତ ଓ ଶୁଭେଚ୍ଛା ଜଣେଇବା ସହ ସୌଜନ୍ୟମୂଳକ ସାକ୍ଷାତ କରି ଅଞ୍ଚଳର ପରିସ୍ଥିତି ନିୟନ୍ତ୍ରଣ ସମ୍ପର୍କରେ ଆଲୋଚନା କରିଛନ୍ତି। ମୁଁ ନୂଆ ଆସିଛି ଧାମନଗର ଅଞ୍ଚଳରେ ଶାନ୍ତି ଶୃଙ୍ଖଳା ରକ୍ଷା ନିମନ୍ତେ ଆପଣ ମାନଙ୍କର ସହଯୋଗ ଆବଶ୍ୟକ ବୋଲି ଏସ ଡି ପି ଓ ଶ୍ରୀ ମୁଦୁଲି ତାଙ୍କ ପ୍ରତିକ୍ରିୟାରେ କାମନା କରିଛନ୍ତି।

## ଲୁଇସିଂ ସରକାରୀ ଉଚ୍ଚ ବିଦ୍ୟାଳୟର ବାର୍ଷିକ ଉତ୍ସବ



**କନ୍ଧମାଳ,୩୦।୧(ସଂଚାର ବ୍ୟୁରୋ):** କନ୍ଧମାଳ ଜିଲ୍ଲା ଫିରିଙ୍ଗିଆ ବ୍ଲକ ଅନ୍ତର୍ଗତ ସରକାରୀ ଉଚ୍ଚ ବିଦ୍ୟାଳୟ ଲୁଇସିଂ ଠାରେ ବାର୍ଷିକ ଉତ୍ସବ ମହାଆଡମ୍ବରରେ ପାଳିତ ହୋଇଯାଇଛି। ଉକ୍ତ ଉତ୍ସବଟି ବିଦ୍ୟାଳୟ ପ୍ରଧାନ ଶିକ୍ଷକ ଶ୍ରୀରାମ ଚନ୍ଦ୍ର ବେହେରାଙ୍କ ପୌରହିତରେ ଅନୁଷ୍ଠିତ ହୋଇଥିବା ବେଳେ ଏଥିରେ ମୁଖ୍ୟ ଅତିଥି ଭାବେ ଫୁଲବାଣୀ ସମନ୍ୱିତ ଆଦିବାସୀ ଉନ୍ନୟନ ସଂସ୍ଥା ପ୍ରକଳ୍ପ ପ୍ରଶାସକ ତଥା ଜିଲ୍ଲା ସୂଚନା ଓ ଲୋକସମ୍ପର୍କ ବିଭାଗ ଅଧିକାରୀ ଏବଂ ଜିଲ୍ଲା ସଂସ୍କୃତି ଅଧିକାରୀ ଶ୍ରୀ ଗଦାଧର ପାତ୍ର ଯୋଗଦେଇ ଥିବାବେଳେ ମୁଖ୍ୟବକ୍ତା ଭାବେ ଫିରିଙ୍ଗିଆ ଗୋଷ୍ଠୀ ଶିକ୍ଷା ଅଧିକାରୀ ଆଲୋକ କୁମାର ପ୍ରଧାନ, ସମ୍ମାନୀତ ଅତିଥି ରୂପେ ଫୁଲବାଣୀ ବିଧାୟକ ପ୍ରତିନିଧି ଅଶୋକ ତ୍ରିପାଠୀ, ସ୍ଥାନୀୟ ସରପଞ୍ଚ ଶ୍ରୀ ସୁଦର୍ଶନ କହଁର, ଆଇନଜୀବୀ ବନ ମହାନ୍ତି, ପୂର୍ବତନ ବିଧାୟକ ଅଙ୍ଗଦ କହଁର, ବାଲନ୍ଦାପଡା ଉଚ୍ଚ ମାଧମିକ ବିଦ୍ୟାଳୟ ଅଧକ୍ଷ ଦୀପ୍ତି ରଞ୍ଜନ ନନ୍ଦ, ପଞ୍ଚସଖା ସେତୁ ସଭାପତି ଆଲୋକ କହଁର, ପଞ୍ଚାୟତ କାର୍ଯ୍ୟନିର୍ବାହି ଅଧିକାରୀ ଜିତେନ୍ଦ୍ର କୁମାର ପରିଡ଼ା ପ୍ରମୁଖ ଯୋଗ ଦେଇଥିଲେ। ପ୍ରଥମେ ବରିଷ୍ଠ ଶିକ୍ଷକ ପ୍ରଭାକର ସାମଲ ବାର୍ଷିକ ବିବରଣୀ ପଠନ କରିଥିଲେ। ଲୁଇସିଂ ସିଆରସିସି ମଦନମୋହନ ସେଠୀ ଛାତ୍ରଛାତ୍ରୀ ମାନଙ୍କୁ ମାର୍ଗ ଦର୍ଶନ କରିଥିବା ବେଳେ ପଞ୍ଚସଖା ସେତୁ ସଭାପତି ଆଲୋକ କହଁର ବିଦ୍ୟାଳୟର ବିଭିନ୍ନ ଅଭାବ ଓ ଅସୁବିଧା ଗୁଡିକୁ ଉପସ୍ଥାପନ କରିଥିଲେ।

## ଭିବି- ଜି ରାମ ଜି ଅଧିନିୟମର କାର୍ଯ୍ୟକାରିତା ଉପରେ କର୍ମଶାଳା



**ସୁବର୍ଣ୍ଣପୁର,୩୦।୧(ସଂଚାର ବ୍ୟୁରୋ):** ସୁବର୍ଣ୍ଣପୁର ଜିଲ୍ଲାର ଟାଉନ ହଲ ଠାରେ ବିକଶିତ ଭାରତ - ରୋଜଗାର ଏବଂ ଆଜିବିକା ମିଶନ (ଗ୍ରାମୀଣ) ନିମନ୍ତେ ଗ୍ୟାରେଣ୍ଟି: ଭିବି- ଜି ରାମ ଜି ଅଧିନିୟମ ୨୦୨୫ ର କାର୍ଯ୍ୟକାରିତା ଉପରେ କର୍ମଶାଳା ଅନୁଷ୍ଠିତ ହୋଇଥିଲା। ଭାରତ ସରକାରଙ୍କ ପ୍ରବର୍ତ୍ତିତ ବିକଶିତ ଭାରତ 'ଜୀ ରାମ ଜୀ' ଯୋଜନାର ସଫଳ କାର୍ଯ୍ୟାନ୍ୱୟନ ଓ ଜନସଚେତନତାକୁ ନେଇ ଓଡିଶା ରାଜ୍ୟ ପଞ୍ଚାୟତିରାଜ ଓ ପାନୀୟଜଳ ବିଭାଗର ବିଭାଗୀୟ ମନ୍ତ୍ରୀ, ରବି ନାରାୟଣ ନାଏକ, ସାଂସଦ, ବଲାଙ୍ଗୀର, ସଂଗୀତା କୁମାରୀ ସିଂହ ଦେଓ, ବୀରମହାରାଜପୁର ବିଧାୟକ ଇଂ ରଘୁନାଥ ଜଗଦଲା, ଜିଲ୍ଲାପାଳ ନୃପରାଜ ସାହୁ କର୍ମଶାଳା/ ସଚେତନତା କାର୍ଯ୍ୟକ୍ରମରେ ଯୋଗ ଦେଇଥିଲେ। କର୍ମଶାଳାରେ ମୁଖ୍ୟ ଉନ୍ନୟନ ଅଧିକାରୀ - ତଥା - ନିର୍ବାହୀ ଅଧିକାରୀ, ଜିଲ୍ଲାପରିଷଦ, ଅଶ୍ୱିନୀ କୁମାର ମେହେର ଉପସ୍ଥିତ ଅତିଥିଙ୍କ ସହିତ ଉପସ୍ଥିତ ସମସ୍ତଙ୍କୁ ସ୍ୱାଗତ ଜଣାଇଥିଲେ। ତାପରେ ନୂତନ ଯୋଜନା ଲକ୍ଷ୍ୟ, ଉଦ୍ଦେଶ୍ୟ ଓ ନିୟମାବଳୀ ବିଷୟରେ ଉପସ୍ଥିତ ସମସ୍ତଙ୍କୁ ଅବଗତ କରାଇ କହିଥିଲେ ଯେ ଯୋଜନା କାର୍ଯ୍ୟକାରୀ ହେବା ଦ୍ୱାରା ୧୦୦ ଦିନ ପରିବର୍ତ୍ତେ ୧୨୫ ଦିନର ନିଶ୍ଚିତ ଶ୍ରମଭିତ୍ତିକ ନିଯୁକ୍ତି ସହିତ ଗ୍ରାମାଞ୍ଚଳର ଆବଶ୍ୟକୀୟ ଭିତ୍ତିଭୂମି ନିର୍ମାଣ,ଜଳସୁରକ୍ଷା,ଜୀବିକା ରେ ଉନ୍ନତି,ପ୍ରାକୃତିକ ବିପର୍ଯ୍ୟୟ ପ୍ରଶମନ,ବେରୋଜଗାରୀ ଭତ୍ତା ପାଇଁ ଦୃଢ଼ ପଦକ୍ଷେପ, ଠିକ ସମୟରେ ମଜୁରୀ ପ୍ରଦାନ ଏବଂ ବିଳମ୍ବ ପାଇଁ କ୍ଷତିପୂରଣ, ଗ୍ରାମସଭା ଦ୍ୱାରା ବିକଶିତ ଗ୍ରାମ ପଞ୍ଚାୟତ ଯୋଜନାର ପ୍ରକଳ୍ପ ଚୟନ ଓ ଅନୁମୋଦନ, ସମସ୍ତ ଯୋଜନାର ସମନ୍ୱୟ ସହ ପ୍ରଯୁକ୍ତିବିଦ୍ୟା ଓ କୃତ୍ରିମ ବୁଦ୍ଧିମତା ମାଧମରେ ସଶକ୍ତିକରଣ କରାଯିବା ସହିତ କାର୍ଯ୍ୟକାରିତା ର ତଦାରଖ ଓ ପର୍ଯ୍ୟାଲୋଚନା କରିବା ପାଇଁ ଏହି ଯୋଜନା ର ଲକ୍ଷ୍ୟ ରହିଛି ବୋଲି ଉଭୟ ମାନ୍ୟବର ବିଧାୟକ ଓ ମାନ୍ୟବର ସାଂସଦ ତାଙ୍କ ବକ୍ତବ୍ୟରେ କହିଥିଲେ।

## ଖୋଖୋ ପ୍ରଶିକ୍ଷକ ଅନିଲ ସାହୁଙ୍କୁ ସମ୍ବର୍ଦ୍ଧନା



**ସୁନ୍ଦରଗଡ଼,୩୦।୧(ସଂଚାର ବ୍ୟୁରୋ):** ସୁନ୍ଦରଗଡ଼ ଜିଲ୍ଲାର ସୁଦକ୍ଷ ଖୋଖୋ ପ୍ରଶିକ୍ଷକ ନିଜ ବିଚକ୍ଷଣ ତାଲିମ ବଳରେ ଏକାଧିକ ଖେଳାଳି ସୃଷ୍ଟି କରି ରାଜ୍ୟ ତଥା ଜାତୀୟସ୍ତରରେ ଭାଗ ନେଇ ବିଜୟୀ ହେଇ ଜିଲ୍ଲା ତଥା ରାଜ୍ୟ ପାଇଁ ଗୌରବ ଆଣି ପାରିଛନ୍ତି। ତାଙ୍କର ଏଭଳି ସଫଳତାକୁ ଦେଖି ଏନଏସ ଇଣ୍ଡିଆ ଖୋଖୋ ଉଚ୍ଚ ପ୍ରଦର୍ଶନ କେନ୍ଦ୍ର ପୁରୀ ପରିସରରେ ଅନୁଷ୍ଠିତ ଖୋଖୋ ଟ୍ରାଇ-ସିରିଜ୍ ୨୦୨୬ ସମ୍ବର୍ଦ୍ଧନା ଉତ୍ସବରେ ରାଜ୍ୟସ୍ତରୀୟ ଖୋଖୋ ପ୍ରଶିକ୍ଷକ ଅନିଲ ସାହୁଙ୍କୁ ସମ୍ବର୍ଦ୍ଧନା ଦିଆଯାଇଛି। ଉତ୍ସବରେ ମୁଖ୍ୟ ଅତିଥି ଭାବେ ଏନଏସ ସିଏସଆର ମୁଖ୍ୟ ବିକାଶ ଯଦବେନ୍ଦୁ, ସମ୍ମାନିତ ଅତିଥି ଭାବେ କେ.କେ.ଏଫ.ଆଇ. ର ଉପ ସଭାପତି ତଥା ଓଡ଼ିଶା ଖୋଖୋ ସଂଘର ସାଧାରଣ ସମ୍ପାଦକ ପ୍ରଦ୍ୟୁମ୍ନ ମିଶ୍ର, ଆନ୍ଧ୍ର ପ୍ରଦେଶ ଖୋଖୋ ଆସୋସିଏସନର ସଭାପତି ପ୍ରସାଦ ରାଓ, ପୁରୀ ଜିଲ୍ଲା କ୍ରୀଡ଼ା ଅଧିକାରୀ ଚନ୍ଦନ କୁମାର ସାହୁ, ପୁରୀ ପ୍ରୋ ସାଣ୍ଟୋଶ କୁମାର ସେଠୀ ଯୋଗ ଦେଇ ଅନିଲଙ୍କ ତୃଣମୂଳ ସ୍ତର ତାଲିମ ଓ ସଫଳତାକୁ ପ୍ରଶଂସା କରିଛନ୍ତି। ଶ୍ରୀ ସାହୁ ଦୀର୍ଘ ୧୦ ବର୍ଷରୁ ସୁନ୍ଦରଗଡ଼ ଜିଲ୍ଲାର ଖୋଖୋ ଖେଳାଳି ମାନଙ୍କୁ ପ୍ରଶିକ୍ଷଣ ଦେଇ ୪୦ ରୁ ଅଧିକ ଖେଳାଳି ରାଜ୍ୟ ସ୍ତରୀୟ ଓ ଜାତୀୟ ସ୍ତରୀୟ ପଦକ ହାସଲ କରିଛନ୍ତି।

# କୋରେଇ ବିଧାୟକ ପାଇଁ ବିରୋଧୀ ଶିବିର ହେଉଛି ଖାଲି



**ଯାଜପୁର ରୋଡ଼, ୨୯।୧(ସଂଚାର ବ୍ୟୁରୋ):** ସାଧାରଣ ନିର୍ବାଚନ ପରେ ଶାସକ ବିଜେପିର ଦେଢବର୍ଷର ସୁଶାସନରେ ଅନୁପ୍ରାଣିତ ହୋଇ ବିଜେପି ଆଡକୁ ଢଳୁଛନ୍ତି ଅନ୍ୟଦଳର ପଞ୍ଚାୟତ ପ୍ରତିନିଧି ଏବଂ କର୍ମୀ। ଗତ କିଛିଦିନ ହେବ ଅନେକ କର୍ମୀ ଏବଂ ପ୍ରତିନିଧି କୋରେଇ ବିଜେପିରେ ସାମିଲ ହୋଇଥିବାବେଳେ ଆଜି କୋରେଇ ବିଜେପି ପକ୍ଷରୁ ବ୍ୟାସନଗର ସ୍ଥିତ ବିଧାୟକଙ୍କ ବାସଭବନ ଠାରେ ଏକ ମିଶ୍ରଣ ପର୍ବ କୋରେଇ ବ୍ଲକ୍ ଅନ୍ତର୍ଗତ ଅସନଝର ଗ୍ରାମପଞ୍ଚାୟତର ସରପଞ୍ଚ ମମତା ମଞ୍ଜରୀ ସ୍ୱାଇଁ, ବିଜେପି ଅସନଝର ଶକ୍ତିକେନ୍ଦ୍ର ସଭାପତି ପ୍ରହଲ୍ଲାଦ ଜେନା, ବିଜେପି ଅସନଝର ଶକ୍ତିକେନ୍ଦ୍ର ଯୁବମୋର୍ଚ୍ଚା ସଭାପତି ସୁରେଶ କୁମାର ବେହେରାଙ୍କ ନେତୃତ୍ୱରେ ଅନୁଷ୍ଠିତ ହୋଇଥିଲା। କୋରେଇ ନିର୍ବାଚନ ମଣ୍ଡଳୀ ଅନ୍ତର୍ଗତ ଅସନଝର ଗ୍ରାମ ପଞ୍ଚାୟତର ଶତାଧିକ ବିଜୁ ଜନତା ଦଳର ଆଗଧାଡିର କର୍ମୀ ଆଜି ମାନନୀୟ ପ୍ରଧାନମନ୍ତ୍ରୀ ଶ୍ରୀ ନରେନ୍ଦ୍ର ମୋଦୀଙ୍କ ବିକଶିତ ଭାରତ ଓ ବିକଶିତ ଓଡିଶାର ସ୍ୱପ୍ନ ତଥା ମାନନୀୟ ଲୋକପ୍ରିୟ ମୁଖ୍ୟମନ୍ତ୍ରୀ ଶ୍ରୀ ମୋହନ ଚରଣ ମାଝୀଙ୍କ ସୁଶାସନ, ସ୍ୱଚ୍ଛ କାର୍ଯ୍ୟଶୈଳୀ ସର୍ବପରି କୋରେଇର ବିଧାୟକ ଶ୍ରୀଯୁକ୍ତ ଆକାଶ ଦାସନାୟକଙ୍କ ସ୍ୱଚ୍ଛ ନୀତି, ଆଦର୍ଶ ତଥା ବିକଶିତ କୋରେଇ ଗଠନ ଚିନ୍ତାଧାରାରେ ଅନୁପ୍ରାଣିତ ହୋଇ ବିଜେପିରେ ଆନୁଷ୍ଠାନିକ ଭାବେ ଯୋଗଦାନ କରିଛନ୍ତି। ସମସ୍ତ ଆଗନ୍ତୁକ ଅସନଝର ପଞ୍ଚାୟତ ପ୍ରତିନିଧି ଓ କର୍ମୀଙ୍କୁ ବିଧାୟକ ବିଜେପି ଦଳକୁ ସ୍ୱାଗତ କରିବା ସହ ଦଳୀୟ ଟୋପି ଓ ଉତରୀୟ ପକାଇ ଭାରତୀୟ ଜନତା ପାର୍ଟିରେ ସାମିଲ କରାଇଥିଲେ। ବିଧାୟକ ଆକାଶ ଦାସନାୟକ ମିଶ୍ରଣ ପର୍ବ ପରେ କୋରେଇ ବିଜେପି ଆହୁରି ଅଧିକ ଶକ୍ତିଶାଳୀ ହେଲା ଏବଂ ଅସନଝର ଗ୍ରାମ ପଂଚାୟତରେ ବିଜେପି ସ୍ଥିତି ସୁଦୃଢ଼ ହେଲା କହିବା ସହ କୋରେଇ ବିକାଶ ପାଇଁ କରିଥିବା ସଂକଳ୍ପ ନିଶ୍ଚିତ ପୂରଣ କରିବେ ବୋଲି ପ୍ରତିଶୃତି ଦେଇଥିଲେ । ଆଜି ମିଶ୍ରଣ ପର୍ବ ଅସନଝର ପଂଚାୟତ ବିଜେଡିକୁ ଶକ୍ତ ଝଟ୍‌କା ଦେଇଛି ବୋଲି ରାଜନୈତିକ ମହଲରେ ଆଲୋଚନା କରାଯାଉଛି ।

## 'ବନାଗ୍ନି' ଶୀର୍ଷକ ଚିତ୍ରାଙ୍କନ ପ୍ରତିଯୋଗିତା

**ବୈଶିଙ୍ଗା,୩୦।୧(ସଂଚାର ବ୍ୟୁରୋ):** ସ୍ଥାନୀୟ ରାଧାକୃଷ୍ଣ ସରକାରୀ ଉଚ୍ଚ ବିଦ୍ୟାଳୟ ପରିସରରେ ଏକ ବିଦ୍ୟାଳୟସ୍ତରୀୟ ଚିତ୍ରାଙ୍କନ ପ୍ରତିଯୋଗିତା ଅନୁଷ୍ଠିତ ହୋଇଯାଇଛି। ଏହି ପ୍ରତିଯୋଗିତାର ମୁଖ୍ୟ ବିଷୟବସ୍ତୁ ଥିଲା 'ବନାଗ୍ନି' ନିରାକରଣ। ସାମ୍ପ୍ରତିକ ପରିସ୍ଥିତିରେ ଜଙ୍ଗଲ ନିଆଁ ବା ବନାଗ୍ନି ପରିବେଶ ପାଇଁ ଏକ ବଡ଼ ଆହ୍ୱାନ ସୃଷ୍ଟି କରିଥିବା ବେଳେ, ଏହା ଉପରେ ଛାତ୍ରଛାତ୍ରୀଙ୍କ ମଧରେ ସଚେତନତା ସୃଷ୍ଟି କରିବା ଥିଲା ଏହି କାର୍ଯ୍ୟକ୍ରମର ମୁଖ୍ୟ ଉଦ୍ଦେଶ୍ୟ। ଏହି ପ୍ରତିଯୋଗିତାରେ ବିଦ୍ୟାଳୟର ବହୁ



ସଂଖ୍ୟକ ଛାତ୍ରଛାତ୍ରୀ ଅଂଶଗ୍ରହଣ କରିଥିଲେ। ପିଲାମାନେ ନିଜ ତୁଳୀ ଓ ରଙ୍ଗ ମାଧମରେ ବନାଗ୍ନିର ଭୟାବହତା ଏବଂ ଜଙ୍ଗଲ ସୁରକ୍ଷାର ବାର୍ତ୍ତାକୁ ଖୁବ୍ ସୁନ୍ଦର ଭାବରେ ଚିତ୍ରିତ କରିଥିଲେ। କାର୍ଯ୍ୟକ୍ରମ ଶେଷରେ ଶ୍ରେଷ୍ଠ ପ୍ରଦର୍ଶନ କରିଥିବା ପ୍ରତିଯୋଗୀମାନଙ୍କୁ ବିଦ୍ୟାଳୟ ତରଫରୁ ପୁରସ୍କୃତ କରାଯାଇଥିଲା। ବିଦ୍ୟାଳୟର ଶିକ୍ଷକ ଓ ଶିକ୍ଷୟିତ୍ରୀମାନେ ଏହି କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ।